ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୪/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Friday, April 24/2026 Page 16 ₹ 7.00

୫୨ଶ ଭାଗ ୧୪୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 149 ମୂଲ୍ୟ ₹୭/-





ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମଠାରେ ଗୁରୁବାର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ'ର ୬ଷ୍ଠ ସଂସ୍କରଣରେ ମୁଖ୍ୟ ଅତିଥି ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ । ନିକଟରେ ଅଛନ୍ତି ମୁଖ୍ୟବକ୍ତା ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ।

# ଶୂନରୁ ଶିଖରକୁ ପହଞ୍ଚିଥିବା ବ୍ୟକ୍ତି ପ୍ରେରଣାର ଉତ୍ସ: ମୁଖ୍ୟମନ୍ତ୍ରୀ

## 'ବିଜନେସ୍ ଏମିନେନ୍ସ ଆୱାର୍ଡ'ର ୬ଷ୍ଠ ସଂସ୍କରଣ

### ୧୮ ଉଦ୍ୟୋଗୀ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୨୩।୪ (ଅନୁରାଧା ମହାରଣା)**

ଶୂନରୁ ଆରମ୍ଭ କରି ଯେଉଁମାନେ ସଫଳତାର ଶିଖରକୁ ପହଞ୍ଚନ୍ତି, ସେମାନେ ସମାଜ ପାଇଁ ପ୍ରେରଣାର ଉତ୍ସ । 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ 'ବିଜନେସ୍ ଏମିନେନ୍ସ ଆୱାର୍ଡ'ର ୬ଷ୍ଠ ସଂସ୍କରଣରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇଥିଲେ । ଚଳିତବର୍ଷ ମଧ୍ୟ ବିଭିନ୍ନ ଉଦ୍ୟୋଗରେ ସଫଳତା ହାସଲ କରିଥିବା ୧୮ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଆଦ୍ୟାଶା ସ୍ୱାଗତ ଭାଷଣରେ କହିଥିଲେ, କୋଭିଡ୍ ସମୟରେ ବିଭିନ୍ନ ଶିଳ୍ପ ଓ ଉଦ୍ୟୋଗ ଜଗତ ଅନେକ ଆହ୍ୱାନ ଦେଇ ଗତି କରୁଥିବାବେଳେ ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ 'ବିଜନେସ୍ ଏମିନେନ୍ସ ଆୱାର୍ଡ'ର ପରିକଳ୍ପନା କରାଯାଇଥିଲା । ପୂର୍ବରୁ କେବଳ ଭୁବନେଶ୍ୱର ଓ କଟକରେ ଉଦ୍ୟୋଗ ଜଗତ ସୀମିତ ଥିବାବେଳେ ବର୍ତ୍ତମାନ ସାରା ଓଡ଼ିଶାରେ ଉଦ୍ୟୋଗ ବିସ୍ତାର ହେଉଛି ଏବଂ ଏଭଳି ଉଦ୍ୟୋଗୀଙ୍କୁ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ପ୍ରୋତ୍ସାହିତ କରାଯାଉଛି ।

ଶିଳ୍ପମନ୍ତ୍ରୀ ସ୍ୱାଇଁ କହିଲେ, ଓଡ଼ିଶା ଆଜି ଅର୍ଥନୈତିକ, ବ୍ୟବସାୟିକ ତଥା ଶିଳ୍ପ ଯାତ୍ରାରେ ଆଗକୁ ବଢୁଛି । ସରକାରଙ୍କର ଶିଳ୍ପ ଅନୁକୂଳ କାର୍ଯ୍ୟ, ଷ୍ଟ୍ରିମଲାଇନ୍ଡ ପ୍ରୋସେସେସ, ଲ୍ୟାଣ୍ଡ ବ୍ୟାଙ୍କ୍ ଏବଂ ସେକ୍ଟର୍-ସ୍ପେସିଫିକ ଇନିସିଏଟିଭ ଦ୍ୱାରା ରାଜ୍ୟରେ ପୁଞ୍ଜିନିବେଶ ପୂର୍ବାପେକ୍ଷା ଆହୁରି ସହଜ ହୋଇପାରିଛି । ଆମେ ପାରମ୍ପରିକ ଶିଳ୍ପ ସହିତ ନ୍ୟୁ-ଏଜ୍ ଇଣ୍ଡଷ୍ଟ୍ରିଜ, ପରିବେଶ ଅନୁକୂଳ ଓ ଲେବର୍ ଇଣ୍ଟେନସିଭ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦେଇ ଗତ ୨୨ ମାସ ଭିତରେ ଏଚ୍‌ଏଲ୍‌ସିଏ ଏବଂ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ମାଧ୍ୟମରେ ୪୩୩ଟି ଶିଳ୍ପ ପ୍ରକଳ୍ପ ସହିତ ପାଖାପାଖି ୮ ଲକ୍ଷ ୩୮ ହଜାର କୋଟି ଟଙ୍କାର ପୁଞ୍ଜିନିବେଶକୁ ଅନୁମୋଦନ ଦେଇସାରିଛୁ । ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ମାଧ୍ୟମରେ ରାଜ୍ୟକୁ ଆସିଥିବା ପୁଞ୍ଜିନିବେଶର ପ୍ରସ୍ତାବ ମଧ୍ୟରୁ ପ୍ରାୟ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ୧୪୮ଟି ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ ହୋଇସାରିଲାଣି । ଏହାଦ୍ୱାରା ରାଜ୍ୟରେ ପ୍ରାୟ ୨ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇପାରିଛି । ବୃହତ ଶିଳ୍ପକୁ ଆଧାର କରି ଅନେକ ଡାଉନଷ୍ଟ୍ରିମ ଓ ଆନ୍‌ସିଲାରି ଇଣ୍ଡଷ୍ଟ୍ରି ଏବଂ ଏମ୍‌ଏସ୍‌ଏମ୍‌ଇ ଓ ଷ୍ଟାର୍ଟଅପ୍ ଉଦ୍ୟୋଗ ଆରମ୍ଭ ହେବାକୁ ଯାଉଛି । ☞ପୃଷ୍ଠା–୭

# ଭାରତ 'ନର୍କକୁଣ୍ଡ' : ଟ୍ରମ୍ପ୍

**ୱାଶିଂଟନ, ୨୩।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ନିଜ ବିବାଦୀୟ ସୋସିଆଲ ମିଡିଆ ପୋଷ୍ଟ ପାଇଁ ଚର୍ଚ୍ଚାକୁ ଆସିଛନ୍ତି । ଆମେରିକାରେ ଜନ୍ମଗତ ନାଗରିକତା ନିୟମକୁ ଶେଷ କରିବା ପାଇଁ ଅଭିଯାନ ଚଳାଇଥିବା ଟ୍ରମ୍ପ୍ ଜଣେ ରାଜନୈତିକ ସମୀକ୍ଷକ ମାଇକେଲ ସାଭେଜ୍‌ଙ୍କ ଲେଖାକୁ ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଶେୟାର କରିଛନ୍ତି । ଉକ୍ତ ପୋଷ୍ଟରେ ଉଲ୍ଲେଖ କରାଯାଇଛି ଯେ, ଭାରତ ଓ ଚାଇନା ଭଳି 'ନର୍କକୁଣ୍ଡ' ସମାନ ଦେଶରୁ ଲୋକମାନେ କେବଳ ନାଗରିକତା ପାଇବା ଆଶାରେ ଆମେରିକା ଆସି ପିଲା ଜନ୍ମ କରୁଛନ୍ତି । ଏହି ନିୟମ ବଳରେ ସେହି ପିଲାମାନେ ସହଜରେ ଆମେରିକୀୟ ନାଗରିକ ହୋଇଯାଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ସେମାନେ ନିଜର ପୂରା ପରିବାରକୁ ଆମେରିକା ନେଇ ଆସୁଛନ୍ତି ।

ଆମେରିକା ସମ୍ବିଧାନର ୧୪ତମ ସଂଶୋଧନ ଅନୁଯାୟୀ, ଆମେରିକା ମାଟିରେ ଜନ୍ମିତ ଯେକୌଣସି ଶିଶୁ ସ୍ୱାଭାବିକ ଭାବେ ସେଠାକାର ନାଗରିକତା ପାଇଥାଏ । ଟ୍ରମ୍ପ୍ ଏହି ନିୟମକୁ ରଦ୍ଦ କରିବାକୁ ଚାହୁଁଛନ୍ତି । ଟ୍ରମ୍ପ ଶେୟାର କରିଥିବା ପୋଷ୍ଟରେ କୁହାଯାଇଛି ଯେ, କାଲିଫର୍ନିଆର ☞ପୃଷ୍ଠା–୭

# ମେ' ୧୫ରୁ ସିବିଏସ୍‌ଇ ଦ୍ୱିତୀୟ ବୋର୍ଡ ପରୀକ୍ଷା

**ଭୁବନେଶ୍ୱର,୨୩।୪ (ସୁଚିସ୍ମିତା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ)ର ଦ୍ୱିତୀୟ ଦଶମ ବୋର୍ଡ ପରୀକ୍ଷା ମେ' ୧୫ରୁ ଆରମ୍ଭ ହେବ । ଏନେଇ ଗୁରୁବାର ସିବିଏସ୍‌ଇ ପକ୍ଷରୁ ବିଜ୍ଞପ୍ତି ଓ ପରୀକ୍ଷା ସୂଚୀ ପ୍ରକାଶ ପାଇଛି । ଏହି ପରୀକ୍ଷା ମେ' ୨୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ଟା ୩୦ରୁ ୧ଟା ୩୦ ଯାଏ ଚାଲିବ । ପ୍ରଥମ ଦିନ ଅର୍ଥାତ ୧୫ ତାରିଖରେ ଗଣିତ ପରୀକ୍ଷା ରହିଛି । ୧୬ ତାରିଖରେ ଇଂଲିଶ, ୧୮ରେ ବିଜ୍ଞାନ ଓ ୧୯ରେ ବିଭିନ୍ନ ଭାଷା ପରୀକ୍ଷା ଅନୁଷ୍ଠିତ ହେବ । ଛାତ୍ରୀଛାତ୍ର ହିନ୍ଦୀ, ଉର୍ଦ୍ଦୁ, ପଞ୍ଜାବୀ, ବଙ୍ଗଳା, ତାମିଲ, ତେଲୁଗୁ , ମରାଠୀ, ଗୁଜରାଟୀ, ମଣିପୁରି, ମାଲାୟଲମ, ଓଡ଼ିଆ, ଅସମିଆ, କନ୍ନଡ଼ ଏବଂ ଆରବି ଆଦି ଭାରତୀୟ ଭାଷା ବିଷୟରେ ପରୀକ୍ଷା ଦେଇପାରିବେ । ସେହିପରି ଫରାସୀ, ଜର୍ମାନ, ସ୍ପାନିସ ଏବଂ ଜାପାନୀ ପରି ବିଦେଶୀ ଭାଷାରେ ମଧ୍ୟ ପରୀକ୍ଷା ଅନୁଷ୍ଠିତ ହେବ । ୨୦ ତାରିଖରେ ଚିତ୍ରକଳା, ସଂସ୍କୃତ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତା ପରୀକ୍ଷା ଏବଂ ଶେଷ ଦିନ ଅର୍ଥାତ ୨୧ତାରିଖରେ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ହେବ । ସିବିଏସ୍‌ଇ ଦ୍ୱିତୀୟ ବୋର୍ଡ ପରୀକ୍ଷା ବ୍ୟବସ୍ଥା ୨୦୨୬ ମସିହାଠାରୁ ଲାଗୁ କରାଯାଇଛି । ଏହା ସମ୍ପୂର୍ଣ୍ଣ ଇଚ୍ଛାଧୀନ । ☞ପୃଷ୍ଠା–୭

**ଆଜିର ସମ୍ପାଦକୀୟ**

ହର୍ମୁଜରୁ ତାଇୱାନ

# ଭାରତରେ ବଢୁଛି ଅତି-ଧନୀଙ୍କ ସଂଖ୍ୟା

**ନୂଆଦିଲ୍ଲୀ, ୨୩।୪ (ଆଇଏଏନ୍‌ଏସ୍)**



ଭାରତରେ ଅତି ଧନୀ ବ୍ୟକ୍ତି ବା 'ଅଲଟ୍ରା-ରିଚ୍' ଲୋକଙ୍କ ସଂଖ୍ୟାରେ ବଡ଼ଧରଣର ବୃଦ୍ଧି ପରିଲକ୍ଷିତ ହୋଇଛି । ଗୁରୁବାର ପ୍ରକାଶିତ 'ନାଇଟ୍ ଫ୍ରାଙ୍କ୍' ରିପୋର୍ଟ ଅନୁଯାୟୀ, ଭାରତରେ ଅଲଟ୍ରା-ହାଇ-ନିଟ୍-ୱର୍ଥ ଇଣ୍ଡିଭିଜୁଆଲ (ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ) ବ୍ୟକ୍ତିଙ୍କ ସଂଖ୍ୟା (ଯେଉଁମାନଙ୍କ ସମ୍ପତ୍ତି ପ୍ରାୟ ୨୫୦ କୋଟି ଟଙ୍କାରୁ ଅଧିକ) ବର୍ତ୍ତମାନ ୧୯,୮୭୭ ରହିଛି । ୨୦୩୧ ସୁଦ୍ଧା ଏହି ସଂଖ୍ୟା ୨୭% ବୃଦ୍ଧି ପାଇ ୨୫,୨୧୭ରେ ପହଞ୍ଚିବାର ସମ୍ଭାବନା ଅଛି । ବିଶ୍ୱସ୍ତରରେ ଅତି-ଧନୀ ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ଭାରତ ଏବେ ଷଷ୍ଠ ସ୍ଥାନରେ ରହିଛି । ନାଇଟ୍ ଫ୍ରାଙ୍କ୍ ରିପୋର୍ଟ ହେଉଛି ବିଶ୍ୱର ସମ୍ପତ୍ତି, ବିଳାସପୂର୍ଣ୍ଣ ନିବେଶ ଏବଂ ରିଅଲ ଇଷ୍ଟେଟ ବଜାର ଉପରେ ଆଧାରିତ ଏକ ପ୍ରମୁଖ ବାର୍ଷିକ ରିପୋର୍ଟ । ଏହି ରିପୋର୍ଟ ମୁଖ୍ୟତଃ ନାଇଟ୍ ଫ୍ରାଙ୍କ୍ ଏଲ୍‌ଏଲ୍‌ପି ନାମକ ଏକ ବିଶ୍ୱସ୍ତରୀୟ ସ୍ୱାଧୀନ ରିଅଲ ଇଷ୍ଟେଟ ପରାମର୍ଶଦାତା ସଂସ୍ଥା ଦ୍ୱାରା ପ୍ରସ୍ତୁତ ଏବଂ ପରିଚାଳିତ । ଏହାର ମୁଖ୍ୟ କାର୍ଯ୍ୟାଳୟ ଲଣ୍ଡନରେ ଅଛି । ଏହି ରିପୋର୍ଟରେ ବିଶ୍ୱ ତଥା ଭାରତର ଆର୍ଥିକ ଅଭିବୃଦ୍ଧିକୁ ନେଇ ଅନେକ ତଥ୍ୟ ପ୍ରକାଶ ପାଇଛି ।

ଗତ ୫ ବର୍ଷ ମଧ୍ୟରେ ଭାରତରେ ବିଲିୟନେୟାର (ଯେଉଁମାନଙ୍କ ସମ୍ପତ୍ତି ପ୍ରାୟ ୮୪୦୦ କୋଟି ଟଙ୍କାରୁ ଅଧିକ)ଙ୍କ ସଂଖ୍ୟା ୫୮% ବୃଦ୍ଧି ପାଇ ୨୦୭ରେ ପହଞ୍ଚିଛି । ଆମେରିକା ଏବଂ ଚାଇନା ପରେ ଭାରତ ଏବେ ବିଶ୍ୱର ତୃତୀୟ ବୃହତ୍ତମ ବିଲିୟନେୟାର ଦେଶ । ୨୦୩୧ ସୁଦ୍ଧା ଏହି ସଂଖ୍ୟା ଆହୁରି ୫୧% ବଢ଼ି ୩୧୩ ରେ ପହଞ୍ଚିବ ବୋଲି ଆଶା କରାଯାଉଛି । ରିପୋର୍ଟ ଅନୁସାରେ, ସମ୍ପତ୍ତି କେବଳ କିଛି ସ୍ଥାନରେ ସୀମିତ ନ ରହି ଏବେ ବିଭିନ୍ନ ସହରକୁ ବ୍ୟାପିବାରେ ଲାଗିଛି । ମୁମ୍ବାଇ ଏବେ ମଧ୍ୟ ୩୫.୪% ଅଂଶଧନ ସହ ଦେଶର ଶୀର୍ଷରେ ରହିଛି । ଦିଲ୍ଲୀ (୨୨.୮%), ଚେନ୍ନାଇ ଏବଂ ହାଇଦ୍ରାବାଦରେ ଧନୀଙ୍କ ସଂଖ୍ୟା ବହୁତ ବଢ଼ିଛି । ଅନ୍ୟପଟେ, ବେଙ୍ଗାଲୁରୁରେ ଅତି-ଧନୀଙ୍କ ସଂଖ୍ୟାରେ ସାମାନ୍ୟ ହ୍ରାସ ଘଟିଛି ।

ନାଇଟ୍ ଫ୍ରାଙ୍କ୍ ଇଣ୍ଡିଆର ଅଧ୍ୟକ୍ଷ ଶିଶିର ବୈଜଲ କହିଛନ୍ତି, ଭାରତୀୟ ଅର୍ଥନୀତି ଏବେ ଅଧିକ ଉଦ୍ୟୋଗୀଭିତ୍ତିକ ହେବାକୁ ଯାଉଛି । ଡିଜିଟାଲାଇଜେଶନ, ଶେୟାର ବଜାରର ସଫଳତା ଏବଂ ପାରିବାରିକ ବ୍ୟବସାୟର ଅଭିବୃଦ୍ଧି ଯୋଗୁ ଦେଶରେ ସମ୍ପତ୍ତି ସୃଷ୍ଟି ହେବାର ନୂଆ ସୁଯୋଗ ସୃଷ୍ଟି ହୋଇଛି । ନାଇଟ୍ ଫ୍ରାଙ୍କ୍‌ର ଗ୍ଲୋବାଲ ହେଡ୍ ଲିୟାମ ବେଲିଙ୍କ କହିବାନୁଯାୟୀ, ବିଶ୍ୱସ୍ତରରେ ଭାରତ ପରି ଉଦୀୟମାନ ଅର୍ଥନୀତିଗୁଡ଼ିକ ଏବେ ସମ୍ପତ୍ତି ବଣ୍ଟନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ।




## ଦିଲ୍ଲୀରେ ଆଜି




ନାରୀ ଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକାରିତା ଦାବିରେ ମହିଳା କଂଗ୍ରେସ ସଦସ୍ୟମାନେ ଗୁରୁବାର ନୂଆଦିଲ୍ଲୀର ଗୋଲ ଡାକ୍ ଖାନାଠାରେ ଏକାଠି ହୋଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ପଠାଉଛନ୍ତି। (ଫଟୋ: ଚମନ ଗୌତମ)

# ପଞ୍ଜାବ ଏମ୍‌ପି ଅମ୍ରିତପାଲ୍ ସିଂ ଗିରଫ

## ୨୦୨୩ ହିଂସା ମାମଲା

**ଚଣ୍ଡିଗଡ଼,୨୩।୪**

୨୦୨୩ର ଅଜନାଲା ହିଂସା ମାମଲାରେ ପଞ୍ଜାବ ଏମ୍‌ପି ଅମ୍ରିତପାଲ୍ ସିଂଙ୍କୁ ଗୁରୁବାର ଗିରଫ କରାଯାଇଛି। ଅଜନାଲା ଥାନା ଆକ୍ରମଣ ସହ ଅମ୍ରିତପାଲ୍ ସମ୍ପୃକ୍ତ ଥିଲେ। ତାଙ୍କର ଏନ୍‌ଏସ୍‌ଏ ହାଜତ ମିଆଦ ଶେଷ ହେବା ପରେ ପୁନର୍ବାର ଗିରଫ କରାଯାଇ ଡିବ୍ରୁଗଡ଼ରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଅଜନାଲା କୋର୍ଟରେ ହାଜର କରାଯାଇଥିଲା। ଏବେ ସେ ଡିବ୍ରୁଗଡ଼ କେନ୍ଦ୍ରୀୟ ଜେଲରେ ରହିବେ। ସୂଚନାଯୋଗ୍ୟ, ଏନ୍‌ଏସ୍‌ଏ ଦ୍ୱାରା ଗିରଫ ହେବା ପରେ ଅମ୍ରିତପାଲ୍ ୨୦୨୩ ଏପ୍ରିଲ ୨୩ରୁ ଡିବ୍ରୁଗଡ଼ କେନ୍ଦ୍ରୀୟ ଜେଲରେ ରହିଆସୁଛନ୍ତି। ବିଚାର ପାଇଁ ତାଙ୍କୁ ଅମୃତସର



ଅଣାଗଲେ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ତାଙ୍କୁ ଆସାମ ଜେଲରେ ରଖିବା ପାଇଁ ରାଜ୍ୟ ସରକାର ହାଇକୋର୍ଟଙ୍କୁ ନିବେଦନ କରିଥିଲେ। ଏବେ ଗିରଫ ହେବା ପରେ ଅଜନାଲା ଥାନା ଆକ୍ରମଣ ମାମଲାରେ ବିଚାର ଆରମ୍ଭ ହୋଇଛି।

# ଇରାନ ନ ଯିବାକୁ ଆଡଭାଇଜରି ଜାରିକଲା ଭାରତ

**ନୂଆଦିଲ୍ଲୀ,୨୩।୪**

ଭାରତ ଓ ଇରାନ ମଧ୍ୟରେ ସୀମିତ ବିମାନ ଚଳାଚଳ ଆରମ୍ଭ ହୋଇଥିଲେ ମଧ୍ୟ ଆଞ୍ଚଳିକ ଉତ୍ତେଜନା ଜାରି ରହିଥିବାରୁ ସେଠାକୁ ନ ଯିବା ଲାଗି ଭାରତ ଏହାର ନାଗରିକମାନଙ୍କୁ ପରାମର୍ଶ ଦେଇଛି। ତେହେରାନ୍‌ରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏହାର ନାଗରିକମାନଙ୍କ ପାଇଁ ଗୁରୁବାର ସାନି ଆଡଭାଇଜରି ଜାରି କରାଯାଇଛି। ଆଞ୍ଚଳିକ ଉତ୍ତେଜନା ଜାରି ରହିଥିବାରୁ ବାୟୁସୀମା କଟକଣା ଏବଂ ବିମାନ ଚଳାଚଳରେ ଅନିଶ୍ଚିତତା ଲାଗି ରହିଛି। ଫଳରେ ଇରାନରୁ ଅନ୍ୟ ଦେଶକୁ ଏବଂ ଅନ୍ୟ ଦେଶରୁ ଇରାନକୁ ଅନ୍ତର୍ଜାତୀୟ ବିମାନ ଚଳାଚଳ ପ୍ରଭାବିତ ହୋଇଥିବା ଦୂତାବାସ ପକ୍ଷରୁ କୁହାଯାଇଛି।

# ହର୍ମୁଜ୍‌ରେ ଜାହାଜରୁ ଟୋଲ୍ ସଂଗ୍ରହକଲା ଇରାନ

## ଭାରତ ଆସୁଥିବା ଜାହାଜ ଜବତ ବେଳର ଭିଡିଓ ଜାରି

**ତେହେରାନ୍,୨୩।୪**

ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନାକୁ ନେଇ ଅନିଶ୍ଚିତତା ଜାରି ରହିଥିବାବେଳେ ତେହେରାନ୍ ଗୁରୁବାର ପ୍ରଥମ ଥର ପାଇଁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଜାହାଜରୁ ଟୋଲ୍ ଆଦାୟ ଆରମ୍ଭ କରିଥିବା ଏହାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣ ଯୋଗୁ ସୃଷ୍ଟି ହୋଇଥିବା ଅସ୍ଥିରତା ବିଶ୍ୱ ଅର୍ଥନୀତିକୁ କ୍ରମାଗତ ଭାବେ କ୍ଷତି ପହଞ୍ଚାଉଥିବାବେଳେ ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ପରିବହନର ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଜାହାଜଗୁଡ଼ିକରୁ ଇରାନର ଟୋଲ୍ ସଂଗ୍ରହ ତୈଳ ବଜାରକୁ ଆହୁରି ପ୍ରଭାବିତ କରିବ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଅସ୍ତ୍ରବିରତି ଅବଧି ଅନିର୍ଦ୍ଦିଷ୍ଟ କାଳ ପାଇଁ ବୃଦ୍ଧି କରିଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ନେଇ ଅନିଶ୍ଚିତତା ଜାରି ରହିଥିବାରୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇଛି। ଇନ୍ଧନ ଅଭାବରୁ ଅନେକ ଏୟାରଲାଇନ୍ସ ବମାନ ଚଳାଚଳ ବାତିଲ କଲେଣି। ଆମେରିକା ଯେପର୍ଯ୍ୟନ୍ତ ଇରାନୀୟ ବନ୍ଦରଗୁଡ଼ିକୁ ଅବରୋଧ କରି ରଖିଛି, ସେ ପର୍ଯ୍ୟନ୍ତ ଅନୁମୋଦିତ ଅଳ୍ପ କେତେକ ଜାହାଜକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜାହାଜ



ପାଇଁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ବନ୍ଦ ରଖାଯିବ ବୋଲି ତେହେରାନ୍ କହିଛି। ଆମେରିକାର ଧମକ ଆଗରେ ମୁଣ୍ଡ ନୋଇଁବା, ହର୍ମୁଜ୍‌କୁ ଖୋଲିବା ଏବଂ ସମୃଦ୍ଧ ୟୁରାନିୟମକୁ ସମର୍ପଣ କରିବା ପାଇଁ ଟ୍ରମ୍ପଙ୍କ ଦାବିକୁ ତେହେରାନ୍ ପ୍ରତ୍ୟାଖ୍ୟାନ କରିଦେଇଛି। ଗତ ୮ ତାରିଖରୁ ୨ ସପ୍ତାହବ୍ୟାପୀ ଅସ୍ତ୍ରବିରତି ଆରମ୍ଭ ହେବା ପରେ ଆକ୍ରମଣ ବନ୍ଦ ରହିଥିଲେ ହେଁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପଥକୁ ନେଇ ଲାଗିରହିଥିବା ବିବାଦରେ କୌଣସି କୋହଳ ମନୋଭାବ ଦେଖାଯାଇ ନାହିଁ। ଉଭୟ ପକ୍ଷ ଆର୍ଥିକ ପ୍ରଭାବ ବିସ୍ତାର କରିବାକୁ ଉଦ୍ୟମ ଚଳାଇଛନ୍ତି।

ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇଥିବା ଗୁରୁବାର ଏହା ଜାରି କରିଥିବା ଏକ ଭିଡିଓରୁ ସ୍ପଷ୍ଟ ହୋଇଛି। ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)ର କମାଣ୍ଡୋମାନେ ଏକ ବୃହତ୍ ଜାହାଜ ଭିତରକୁ ଧସେଇ ପଶୁଥିବା ଭିଡିଓରେ ଦେଖିବାକୁ ମିଳିଛି। ବୁଧବାର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଭାରତ ଅଭିମୁଖେ ଆସୁଥିବା ଜାହାଜକୁ ସଶସ୍ତ୍ର କମାଣ୍ଡୋମାନେ ଅଟକାଇବା ସହ ଏହା ଭିତରେ ପ୍ରବେଶ କରୁଥିବାର ଭିଡିଓ ଆଇଆର୍‌ଜିସି ଜାରି କରିଛି। ମୁଖା ପିନ୍ଧିଥିବା କମାଣ୍ଡୋମାନେ ସ୍ପିଡ୍ ବୋଟ୍‌ରେ ଆସି ଜାହାଜ ଉପରେ ଚଢୁଥିବା ଦେଖାଯାଇଛି। ଏପାମିନୋଣ୍ଡାସ୍ ଜାହାଜ ଇରାନ ସେନାର ସତର୍କ ସୂଚନାକୁ ଅଣଦେଖା କରିବାରୁ ଗାର୍ଡମାନେ ଗୁଳି ଚଳାଇଥିଲେ ବୋଲି ସେଠାର ସରକାରୀ ସ୍ୱୀକୃତିପ୍ରାପ୍ତ ଗଣମାଧ୍ୟମ ପ୍ରକାଶ କରିଛି। ଏହା ପରେ ୟୁଫୋରିଆ ନାମକ ଦ୍ୱିତୀୟ ଜାହାଜକୁ ଗୁଳି କରାଯିବାରୁ ତାହା ଅଟକିଥିଲା। ତୃତୀୟ ଜାହାଜ ଏମ୍‌ଏସ୍‌ସି ଫ୍ରାନ୍ସେସ୍କାକୁ ମଧ୍ୟ ଆଇଆର୍‌ଜିସି ଟାର୍ଗେଟ କରିଥିଲା।

## ହର୍ମୁଜ୍‌ରେ ମାଇନ୍ ବିଛାଉଥିବା ବୋଟ୍‌କୁ ଗୁଳିକର: ଟ୍ରମ୍ପ

**ୱାଶିଂଟନ୍,୨୩।୪**

ଇରାନ ଏବଂ ଆମେରିକା ମଧ୍ୟରେ ବିବାଦ ଏକ ଭୟାନକ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ମାଇନ୍ ବିଛାଉଥିବା ବୋଟ୍‌ଗୁଡ଼ିକୁ ଗୁଳି କରି ଧ୍ୱଂସ କରିଦେବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ନୌସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକା ନୌସେନା ହର୍ମୁଜ୍‌ର ମାଇନ୍ ହଟାଇବା କାର୍ଯ୍ୟ ଜାରି ରଖିଛି। ଏହାକୁ ଅଧିକ ତ୍ୱରାନ୍ୱିତ କରିବାକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି। ମାଇନ ଭୟ ଏବଂ ୨ ଦେଶର ନୌସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହେବା ଆଶଙ୍କା ଥିବାବେଳେ ଟ୍ରମ୍ପ ଏଭଳି ଧମକ ଦେଇଛନ୍ତି। ଆମେରିକା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିବା ଟ୍ରମ୍ପ ଦାବି କରିଛନ୍ତି। ଆମେରକାର ଅନୁମୋଦନ ବିନା କୌଣସି ଜାହାଜ ଉକ୍ତ ଜଳପଥ ମଧ୍ୟରେ ପ୍ରବେଶ କିମ୍ବା ପ୍ରସ୍ଥାନ କରିପାରିବ ନାହିଁ ବୋଲି ସେ କହିଛନ୍ତି।

## ଖାତରେ ଭ୍ୟାନ୍ ଖସି ୮ ମୃତ

**ନ୍ୟୁ ଟେହରି,୨୩।୪(ପି.ଟି.)**

ଉତ୍ତରାଖଣ୍ଡର ଟେହରି ଜିଲା ଅନ୍ତର୍ଗତ ଚାମ୍ବା ନିକଟରେ ୩୦୦ ମିଟର ଗଭୀର ଏକ ଗର୍ତ୍ତ ମଧ୍ୟକୁ ପିକ୍‌ଅପ୍ ଭ୍ୟାନ୍ ଖସିପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଗୁରୁବାର ଅପରାହ୍ନ ୨ଟା ୧୫ ମିନିଟ୍ ସମୟରେ ଚାମ୍ବା-କୋଟି କଲୋନି ରାସ୍ତାର ନାଇଲ୍ ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ଗୋଟିଏ ଗାଁର। ସେମାନେ ଏକ ଅନ୍ତ୍ୟେଷ୍ଟିକ୍ରିୟା ସାରି ଘରକୁ ଫେରୁଥିବାବେଳେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡ଼ିଟି ଗର୍ତ୍ତ ମଧ୍ୟକୁ ଖସିପଡ଼ିଥିଲା। ଗାଡ଼ିରେ ୧୦ ଜଣ ଲୋକ ଥିଲେ ବୋଲି ଜଣାପଡ଼ିଛି। ପୋଲିସ ଓ ଏସ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚି ମୃତଦେହଗୁଡ଼ିକୁ ବାହାର କରିବା ସହ ଆହତମାନଙ୍କ ନିକଟବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି କରିଛି।

## ସ୍ତ୍ରୀ, ମା'ଙ୍କୁ ହତ୍ୟା ପରେ ୨ ପିଲାଙ୍କ ସହ ଗୃହକର୍ତ୍ତାଙ୍କ ଆତ୍ମହତ୍ୟା

**ତିରୁପତି,୨୩।୪**

ଆନ୍ଧ୍ରପ୍ରଦେଶର ତିରୁପତି ଜିଲାରେ ଏକ ଦୁଃଖଦ ଘଟଣାରେ ପରିବାରର ସମସ୍ତ ୫ ସଦସ୍ୟଙ୍କ ଜୀବନ ଯାଇଛି। ଗୃହକର୍ତ୍ତା ମୋହନ ତାଙ୍କ ମା' ଚନ୍ଦ୍ରକଳା(୬୫) ଓ ସ୍ତ୍ରୀ ହରିଥା(୩୩)ଙ୍କୁ ନିଜ ଘରେ ହତ୍ୟା କରିବା ପରେ ରେଳଲାଇନରେ ଆତ୍ମହତ୍ୟା କରିଛନ୍ତି। ତାଙ୍କର ୨ ପିଲା ତାଙ୍କୁ ରକ୍ଷା କରିବାକୁ ଉଦ୍ୟମ କରି ଟ୍ରେନ୍ ଚକତଳେ ଜୀବନ ଦେଇଛନ୍ତି। ନାରାୟଣବନମ୍ ମଣ୍ଡଳ ଅନ୍ତର୍ଗତ ଭେଙ୍କଟକ୍ରିଷ୍ଣା ପାଲେମ ପଞ୍ଚାୟତରେ ବୁଧବାର ଏହି ଦୁଃଖଦ ଘଟଣା ଘଟିଛି। ମୋହନ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବା ଏବଂ ତାଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାରୁ ହରିଥାଙ୍କ ଭାଇ ସନ୍ଦେହ କରି ଘରକୁ ଯାଇ ୨ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ।

# ଆମେରିକାର ୩ ପୂର୍ବତନ ରାଷ୍ଟ୍ରପତି ପ୍ରତ୍ୟାଖ୍ୟାନ କରିଥିଲେ

## ନେତାନ୍ୟାହୁଙ୍କ ଇରାନ ଆକ୍ରମଣ ଯୋଜନା

**ୱାଶିଂଟନ୍,୨୩।୪**

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନ ଆକ୍ରମଣ ପାଇଁ ପୂର୍ବରୁ ଆମେରିକାର ୩ ପୂର୍ବତନ ରାଷ୍ଟ୍ରପତିଙ୍କୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ଜନ୍ କେରି ଏହା କହିଛନ୍ତି। ଦି ଲେଟ୍ ଶୋ' ୱିଥ୍ ଷ୍ଟିଫେନ୍ କୋଲବର୍ଟରେ ଉଦ୍‌ବୋଧନ ଦେଇ କେରି କହିଛନ୍ତି, ଇରାନ ବିରୋଧରେ ଯୁଦ୍ଧ ପାଇଁ ନେତାନ୍ୟାହୁଙ୍କ ପ୍ରସ୍ତାବକୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଗ୍ରହଣ କରି ନ ଥିଲେ। ସେହିପରି ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ଏବଂ ଜୋ ବାଇଡେନ୍ ମଧ୍ୟ ଉକ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ। ପୂର୍ବତନ ରାଷ୍ଟ୍ରପତିମାନେ ଇରାନ ବିରୋଧରେ ଯୁଦ୍ଧ କରିବାକୁ ରାଜି ହୋଇ ନ ଥିଲେ, କାରଣ ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନର ବିକଳ୍ପ ଶେଷ ହୋଇ ନ ଥିଲା। ଉଭୟ ଭିଏଟ୍‌ନାମ ଏବଂ ଇରାକ ଯୁଦ୍ଧ ସମାନ ଶିକ୍ଷା ଦେଇଥାଏ, ଯାହା ସେ ଭିଏଟ୍‌ନାମ ଯୁଦ୍ଧର ଜଣେ ଅନୁଭବୀ ସୈନିକ ଭାବେ ପ୍ରତ୍ୟକ୍ଷ ଭାବେ ଜାଣନ୍ତି ବୋଲି କେରି କହିଛନ୍ତି।

କେରିଙ୍କ ଅଡିଓ କ୍ଲିପ୍‌କୁ ଇରାନର ପ୍ରେସ୍ ଟିଭି ଶେୟାର କରିଛି। ନେତାନ୍ୟାହୁଙ୍କ ଯୁଦ୍ଧ ପ୍ରସ୍ତାବକୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଓବାମା, ବୁଶ୍ ଏବଂ ବାଇଡେନ୍ ପ୍ରତ୍ୟାଖ୍ୟାନ କରିଥିଲେ। ସେତେବେଳେ ଅନୁମାନ



ଜର୍ଜ ଡବ୍ଲ୍ୟୁ ବୁଶ୍ | ବାରାକ୍ ଓବାମା | ଜୋ ବାଇଡେନ୍

କରାଯାଉଥିଲା ଯେ, ଶାସନ ବଦଳିବ, ଲୋକେ ବିଦ୍ରୋହ କରିବେ, କିନ୍ତୁ କିଛି ଘଟିଲା ନାହିଁ ବୋଲି ଇରାନ ପ୍ରେସ୍ ଟିଭି ଲେଖିଛି। ତେବେ ନେତାନ୍ୟାହୁ ଇରାନ ଆକ୍ରମଣ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କିଭଳି ମନାଇଲେ, ତାହାର ସବିଶେଷ ରିପୋର୍ଟ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶ ପାଇଥିଲା। ଫେବୃଆରୀ ୧୧ରେ ସିଚୁଏଶନ ରୁମ୍‌ରେ ନେତାନ୍ୟାହୁ କହିଥିଲେ, ଇରାନର ବର୍ତ୍ତମାନର ସରକାର ଦୁର୍ବଳ ଏବଂ ଏହାକୁ ବଦଳାଯାଇପାରିବ। ସେ ଆମେରିକାକୁ ଇସ୍ରାଏଲ୍ ସହ ମିଶି ଇରାନ ଶାସନ ପରିବର୍ତ୍ତନ ପାଇଁ ସାମରିକ ଅଭିଯାନରେ ସାମିଲହେବା ନିମନ୍ତେ ଟ୍ରମ୍ପଙ୍କୁ ମନାଇବାରେ ସଫଳ ହୋଇଥିଲେ।

# ଆଇଆର୍‌ଏସ୍ ଅଫିସରଙ୍କ ଝିଅଙ୍କୁ ବଳାତ୍କାର ପୂର୍ବରୁ ଅନ୍ୟ ଜଣଙ୍କୁ ବଳାତ୍କାର କରିଥିଲେ ଅଭିଯୁକ୍ତ

**ନୂଆଦିଲ୍ଲୀ,୨୩।୪**

ଦକ୍ଷିଣ ଦିଲ୍ଲୀର ବରିଷ୍ଠ ଆଇଆର୍‌ଏସ୍ ଅଫିସରଙ୍କ ଝିଅଙ୍କୁ ତାଙ୍କ ବାସଭବନରେ ପଶି ବଳାତ୍କାର ପରେ ହତ୍ୟା କରିଥିବା ପୂର୍ବତନ ଘରୋଇ ସହାୟକ ୧୯ ବର୍ଷୀୟ ରାହୁଲ ମୀନା ୨.୫ ଲକ୍ଷ ଟଙ୍କା ଚୋରିକରି ନେଇଯାଇଥିବା ଜଣାପଡ଼ିଛି। ଦିଲ୍ଲୀର ଦ୍ୱାରିକା ଅଞ୍ଚଳରୁ ଗିରଫ ହୋଇଥିବା ରାହୁଲ ୮ ମାସ ଆଇଆର୍‌ଏସ୍‌ଙ୍କ ଘରେ କାମ କରିଥିବାରୁ ଘରର ଚାବି ଜୋତା ଷ୍ଟାଣ୍ଡରେ ରହୁଥିବା ଜାଣିଥିଲେ। ଏହା ସହାୟତାରେ ସେ ଘର ଭିତରେ ପ୍ରବେଶ କରିଥିଲେ। ଏହି ଘଟଣାର ଅଳ୍ପ କେଇଘଣ୍ଟା ପୂର୍ବରୁ ସେ ଅଲ୍‌ୱାରରେ ମଙ୍ଗଳବାର ରାତିରେ ଜଣେ ବନ୍ଧୁଙ୍କ ସ୍ତ୍ରୀଙ୍କୁ ବଳାତ୍କାର କରିଥିଲେ। ସେ ନିଜ ମୋବାଇଲ୍ ଫୋନ୍‌କୁ ୧୦ ହଜାର ଟଙ୍କାରେ ବିକିଦେବା ପରେ ୬,୦୦୦ ଟଙ୍କାରେ କ୍ୟାବ୍ ବୁକ୍ କରି ଦିଲ୍ଲୀ ଆସିଥିଲେ। ଆଇଆର୍‌ଏସ୍ ଅଫିସର ଓ ତାଙ୍କ ସ୍ତ୍ରୀ କେତେବେଳେ ବାହାରକୁ ଯାଆନ୍ତି ଓ ଝିଅ ଏକାକୀ ଘରେ ଥାଏ, ତାହା ଜାଣିଥିବାରୁ ବୁଧବାର ସକାଳେ ରାହୁଲ ତାଙ୍କ ଘରେ ପ୍ରବେଶ କରି ଝିଅଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିଦେବାରୁ ବଳାତ୍କାର ପରେ ମୋବାଇଲ୍ ଫୋନ୍ ଚାର୍ଜର କେବୁଲରେ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ ବୋଲି ଜେରାବେଳେ କହିଛନ୍ତି।



ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା କୋଲାଥୁର ଆସନର ଡିଏମ୍‌କେ ପ୍ରାର୍ଥୀ ଏମ୍.କେ.ଷ୍ଟାଲିନ୍ ଓ ତାଙ୍କ ସ୍ତ୍ରୀ ଦୁର୍ଗା ଷ୍ଟାଲିନ୍ ଚେନ୍ନାଇର ଏକ ମତଦାନ କେନ୍ଦ୍ରରେ ଭୋଟ ଦେବା ପରେ ଶାହି ଲାଗିଥିବା ଆଙ୍ଗୁଠି ଦେଖାଉଛନ୍ତି।

# ପୁଣି ଚମକିବେ ପିସି

**ମୁମ୍ବାଇ**

ବଲିଉଡ୍‌ରୁ ହଲିଉଡ୍ ପର୍ଯ୍ୟନ୍ତ ସବୁଠି ରାଜ୍ କରୁଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା(ପିସି) ଏବେ ଚର୍ଚ୍ଚାରେ। ତାଙ୍କ ଅଭିନୀତ ହଲିଉଡ୍ ସିରିଜ୍ 'ସିଟାଡେଲ' ଚହଳ ସୃଷ୍ଟି କରିଛି। ୨୦୨୩ରେ 'ସିଟାଡେଲ' ସିରିଜ୍‌ରେ ନଜରକୁ ଆସିଥିଲେ ପିସି। ଏହାକୁ ଦର୍ଶକେ ଅନେକ ପ୍ରଶଂସା କରିଥିଲେ। ତିନି ବର୍ଷର ପ୍ରତୀକ୍ଷା ପରେ 'ସିଟାଡେଲ'ର ଦ୍ୱିତୀୟ ସିଜନ୍ ଆସୁଛି। ନୂତନ ସିଜନ୍‌ର ଟ୍ରେଲର ମଧ୍ୟ ମୁକ୍ତିଲାଭ କରିଛି।

ଟ୍ରେଲରରେ ପୂର୍ବାପେକ୍ଷା ଅଧିକ ଅନ୍ଧକାର ଏବଂ ବିପଦପୂର୍ଣ୍ଣ ମିଶନର ଏକ ଝଲକ ଦେଖାଯାଉଛି। ଏଥିରେ ପ୍ରିୟଙ୍କା ପୁଣି ତାଙ୍କ ଆକ୍ସନ ଅବତାରରେ ନଜରକୁ ଆସିଛନ୍ତି। ସେ ରିଚାର୍ଡ ମ୍ୟାଡେନଙ୍କ ସହ ବିପଜ୍ଜନକ ମିଶନ ଆରମ୍ଭ କରିଛନ୍ତି। ଏହି ଆକ୍ସନ-ପ୍ୟାକ୍ଡ ଟ୍ରେଲରଟି ବିଶ୍ୱସ୍ତରରେ ହାଇ-ରିସ୍କ ମିଶନର ଏକ ଝଲକ ପ୍ରଦାନ କରୁଛି। ଏହା ଅନେକ ଆଶ୍ଚର୍ଯ୍ୟଜନକ ବିଶ୍ୱାସଘାତକତା ଏବଂ ନୂତନ ଏଜେଣ୍ଟଙ୍କ ପରିଚୟକୁ ମଧ୍ୟ ସୂଚିତ କରେ। ସିଟାଡେଲ ସିଜନ୍-୨ ଆସନ୍ତା ମେ' ୬ରୁ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ୍ ଭିଡିଓରେ ଷ୍ଟ୍ରିମିଂ ଆରମ୍ଭ ହେବାକୁ ଯାଉଛି। ଏହି ସିଜନ୍‌ରେ ମୋଟ ୭ଟି ଏପିସୋଡ୍ ରହିବ। ପ୍ରିୟଙ୍କା ଚୋପ୍ରା ଏବଂ ରିଚାର୍ଡ ମ୍ୟାଡେନ୍‌ଙ୍କ ସମେତ ଷ୍ଟାନ୍‌ଲି ଟୁସି, ଲେସ୍‌ଲି ମ୍ୟାନଭିଲ, ଆସ୍ଲେ କମିଙ୍ଗ୍‌ସ, ଜ୍ୟାକ ରେନର୍, ମ୍ୟାଟ ବେରୀ, ଲାଇଲା ରବିନ୍ସ, ମେର୍ଲେ ଡାଣ୍ଡ୍ରିଜ, ଗାବ୍ରିଏଲ ଲୁନା ଏବଂ ରାୟନା ଭାଲାଣ୍ଡିଂହାମ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

ଅପରପକ୍ଷେ ପ୍ରିୟଙ୍କା ଦୀର୍ଘ ଦିନ ପରେ ଏକ ଭାରତୀୟ ଫିଲ୍ମରେ ବଡ଼ ପରଦାକୁ ଫେରିବାକୁ ଯାଉଛନ୍ତି। ଏସ୍.ଏସ୍. ରାଜାମୌଲିଙ୍କ ଆଗାମୀ ଫିଲ୍ମ 'ବାରାଣସୀ'ରେ ମହେଶ ବାବୁଙ୍କ ସହ ପ୍ରିୟଙ୍କାଙ୍କୁ ଅଭିନୟ କରୁଥିବାର ଦେଖିବାକୁ ମିଳିବ।



ପ୍ରିୟଙ୍କା ଚୋପ୍ରା




ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୧୫ତମ ନିଯୁକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଜଙ୍ଗଲ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ମସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ଚାକିରି ଜୀବିକା ନୁହେଁ, ଜନସେବାର ସୁଯୋଗ:ମୁଖ୍ୟମନ୍ତ୍ରୀ

**■ ୭ ବିଭାଗରେ ନିଯୁକ୍ତି ପାଇଲେ ୪,୬୨୩**

ଭୁବନେଶ୍ୱର,୨୩।୪
(ରବିନାରାୟଣ ଜେନା)

ସରକାରୀ ଚାକିରି କେବଳ ଏକ ଜୀବିକା ନୁହେଁ, ଜନସାଧାରଣଙ୍କ ସେବା କରିବା ପାଇଁ ଏକ ଅନନ୍ୟ ସୁଯୋଗ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

କଳିଙ୍ଗ ଷ୍ଟାଡିୟମରେ ୧୫ତମ ନିଯୁକ୍ତି ମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଶାସନ ଓ ପ୍ରଶାସନ ବ୍ୟବସ୍ଥାରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ହେଉଛନ୍ତି ସରକାରଙ୍କ ପ୍ରକୃତ ଚେହେରା। ଆମ ସମସ୍ତଙ୍କର ଲକ୍ଷ୍ୟ ହେଉଛି, ଅନ୍ତିମ ଶ୍ରେଣୀରେ ଥିବା ବ୍ୟକ୍ତି ପାଖରେ ସରକାରୀ ସୁବିଧା ପହଞ୍ଚାଇବା। ବର୍ତ୍ତମାନ ସାଧାରଣ ଲୋକ ଅନୁଭବ କରୁଛନ୍ତି ଏ ସରକାର ହେଉଛି ପ୍ରକୃତରେ ଲୋକଙ୍କ ସରକାର। ଏହି ଭାବନାକୁ ଆପଣମାନେ ଆଗେଇ ନେଲେ ସରକାରୀ ଚାକିରିର ମର୍ଯ୍ୟାଦା ରହିବ ଏବଂ ଆପଣମାନେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବେ। ରାଜ୍ୟରେ ଯୁବବର୍ଗଙ୍କ ନିଯୁକ୍ତି ସମ୍ବନ୍ଧରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ୨୦୨୪ ଜୁନରୁ ଏପର୍ଯ୍ୟନ୍ତ ସରକାରୀ ଚାକିରିରେ ୪୪,୦୮୨ ଓ ବେସରକାରୀ କ୍ଷେତ୍ରରେ ୯୨,୦୦୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି। ନବନିଯୁକ୍ତମାନେ ରାଜ୍ୟର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ପୂର୍ଣ୍ଣ ଦକ୍ଷତା ଓ କର୍ତ୍ତବ୍ୟବୋଧ, ସମର୍ପଣ ଓ ସ୍ୱଚ୍ଛତାର ସହିତ ଦାୟିତ୍ୱ ନିର୍ବାହ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରି ୫ଟି ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଦୁର୍ନୀତିରୁ ସବୁବେଳେ ଦୂରେଇ ରହିବା ସହିତ ଗଣତନ୍ତ୍ରରେ ଜନତା ହେଉଛନ୍ତି ଭଗବାନ ଓ ଜନତାଙ୍କ ସ୍ୱର ହିଁ ଭଗବାନଙ୍କ ସ୍ୱର। ତେଣୁ ସହୃଦୟତାର ସହିତ ନିଜ ନିଜ ସ୍ତରରେ ଜନତାଙ୍କ କଥା ଶୁଣି ତା'ର ସମାଧାନ ପାଇଁ ଚେଷ୍ଟା କରିବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ, କାର୍ଯ୍ୟ ସମ୍ପାଦନ କରିବା ସମୟରେ ନିଜର ବୈଚାରିକ ମତ ପ୍ରତିବନ୍ଧକ ହେବା ଉଚିତ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଭିତରେ କାର୍ଯ୍ୟ ସମ୍ପାଦନ କରିବାକୁ ହେବ। ଏହାସହିତ କାର୍ଯ୍ୟକ୍ଷେତ୍ରରେ ଭଦ୍ର ଓ ଶାଳୀନତା ସହିତ ବାର୍ତ୍ତାଳାପ ଓ ବ୍ୟବହାର ପ୍ରଦର୍ଶନ କରିବା ଆବଶ୍ୟକ। ନଚେତ୍ ନିଜେ ବଦନାମ୍ ହେବା ସହିତ ସରକାର ମଧ ବଦନାମ୍ ହେବାର ଆଶଙ୍କା ରହିଛି। ଏହି ଅବସରରେ ୭ଟି ବିଭାଗର ସମୁଦାୟ ୪,୬୨୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୪,୧୧୩ ଜଣ ରହିଥିବାବେଳେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ୧୫୪ ଜଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗରେ ୧୪୩ ଜଣ, ଇସ୍ପାତ ଓ ଖଣି ବିଭାଗରେ ୭୭ ଜଣ, ମସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗରେ ୭୦ ଜଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୫୨ ଜଣ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗରେ ୧୪ ଜଣ ନିଯୁକ୍ତିପତ୍ର ପାଇଛନ୍ତି।

ଏହି ଅବସରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ମିଳୁଛି। ଜନସେବାକୁ ସର୍ବୋଚ୍ଚ ବୃତ୍ତି ଭାବେ ଗ୍ରହଣ କରି କର୍ମକ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସରେ ରାଜ୍ୟରେ କ୍ରମାଗତ ଭାବରେ ନିଯୁକ୍ତି ମେଳା ଆୟୋଜନ ହୋଇଚାଲିଛି। ଏହି ନିଯୁକ୍ତି ସରକାରଙ୍କ ଶକ୍ତି ଓ ସାମର୍ଥ୍ୟକୁ ବୃଦ୍ଧି କରୁଛି। ମସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଆପଣମାନଙ୍କ ଏହି ନିଯୁକ୍ତି କେବଳ ଏକ ପଦବୀ ନୁହେଁ, ଏହା ଜନସେବା ପାଇଁ ଆପଣମାନଙ୍କ ଦାୟିତ୍ୱ । ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଥିଲେ, ଏହି ନିଯୁକ୍ତି ରାଜ୍ୟର ସାଢ଼େ ଚାରିକୋଟି ଜନତାଙ୍କ ସେବା କରିବାର ଦାୟିତ୍ୱ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହିତ ସମ୍ପୃକ୍ତ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଗାଁ ଓଡ଼ିଶାରେ, ଭୋଟ ଦେଲେ ପଶ୍ଚିମବଙ୍ଗରେ

ଭୋଗରାଇ,୨୩।୪(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ସୀମାକୁ ଲାଗିଥିବା ପଡ଼ୋଶୀ ପଶ୍ଚିମବଙ୍ଗର ୧୬ ଜିଲାରେ ୧୫୨ ବିଧାନସଭା ଆସନ ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନ କଡ଼ା ନିରାପତ୍ତା ମଧ୍ୟରେ ଗୁରୁବାର ଶେଷ ହୋଇଛି। ଏହି ସାଧାରଣ ନିର୍ବାଚନରେ ବାଲେଶ୍ୱର ଜିଲାର ୧୨ଖଣ୍ଡ ଗାଁ ଏବଂ ମୟୂରଭଞ୍ଜର କେତେକ ସୀମାନ୍ତ ଗାଁଗୁଡ଼ିକର ବହୁ ଭୋଟର ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲା ବିଧାନସଭା ଆସନରେ ଭୋଟ ଦେଇଥିବା କୁହାଯାଇଛି। ଏଭଳି ସ୍ଥିତିରେ ଭୋଗରାଇ ବ୍ଲକ ଅଧୀନ ଅନଳିଆ ପଞ୍ଚାୟତ ଶଙ୍ଖାମେଦୀ ଗାଁର ୧୮ନଂ. ୱାର୍ଡର ୩ଶହରୁ ଊର୍ଦ୍ଧ୍ୱ ଭୋଟର ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ରାମନଗର ବିଧାନସଭା ଆସନ ପାଇଁ ବାଗବ୍ରଜକିଶୋରପୁର ଓ ପଶ୍ଚିମ ସନ୍ତେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ ଭୋଟ କେନ୍ଦ୍ରରେ ଭୋଟ ଦେଇଛନ୍ତି। ଭୋଗରାଇ ସୀମାନ୍ତ ଉଦୟପୁର, ସହାବାଜିପୁର, ଦକ୍ଷିଣସରିସା, ବାଜିତପୁର, ନରସିଂହପୁର, ଗଣେଶ୍ୱରପୁର, ପାଣିଷଣ୍ଢା, ଉପୁଳା, ଶଗଡାସାହି ଆଦି ଗାଁର କେତେଜଣ ଭୋଟର ସୁରକ୍ଷା ବଳୟକୁ ଚକ୍‌ମା ଦେଖାଇ ଭୋଟ ଦେଇଥିବା ଖବର ହସ୍ତଗତ ହୋଇଛି। ସେହିପରି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ରାଇବଣିଆ ଓ ଅନ୍ୟ ସୀମାନ୍ତ ଗାଁଗୁଡିକ ଅନୁରୂପ ଭାବେ ପଶ୍ଚିମ ମେଦିନୀପୁର ବିଧାନସଭା ଆସନରେ ଭୋଟ ଦେଇଥିବା କୁହାଯାଇଛି।




# ବଦଳିଲେ ୨୦ ବରିଷ୍ଠ ଓଏଏସ୍ ଅଧିକାରୀ

ଭୁବନେଶ୍ୱର,୨୩।୪
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଏହାସହିତ ଜାତୀୟ ସ୍ୱାସ୍ଥ୍ୟ ମିଶନର କ୍ଷେତ୍ରୀୟ ଅଧିକାରୀ ଭାବେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସୁଧାକର ନାୟକଙ୍କୁ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ଡ. ଶ୍ୱେତ କୁମାର ଦାଶଙ୍କୁ ବ୍ରହ୍ମପୁର ମେଡିକାଲ କଲେଜର ରେଜିଷ୍ଟ୍ରାର, ଡ. ପ୍ରମୋଦ କୁମାର ପୃଷ୍ଟିଙ୍କୁ ନବରଙ୍ଗପୁର ଅତିରିକ୍ତ ଜିଲାପାଳ, ସଚ୍ଚିଦାନନ୍ଦ ନାୟକଙ୍କୁ ଗଞ୍ଜାମ ଅତିରିକ୍ତ ଜିଲାପାଳ, ତପନ କୁମାର ଖୁଣ୍ଟିଆଙ୍କୁ ବାଲେଶ୍ୱର ଅତିରିକ୍ତ ଜିଲାପାଳ, ସବ୍ୟସାଚୀ ପଣ୍ଡାଙ୍କୁ ରାଇରଙ୍ଗପୁର ବାମନଘାଟି ଉପଜିଲାପାଳ, ବିଜୟ କୁମାର ନାୟକଙ୍କୁ ଇଡ୍‌କୋ ଭୂ-ଅଧିକାରୀ, ଚାର୍ଲସ ନାୟକଙ୍କୁ ଆନନ୍ଦପୁର ଅତିରିକ୍ତ ଉପଜିଲାପାଳ, ପଦ୍ମ ଚରଣ ସାହୁଙ୍କୁ ଢେଙ୍କାନାଳ ଉପଜିଲାପାଳ, ଟି. ପଦ୍ମନାଭ ଦୋରାଙ୍କୁ କନ୍ଧମାଳ ଅତିରିକ୍ତ ଉପଜିଲାପାଳ, ଦୀନମଣି ନାଏକଙ୍କୁ ପର୍ଯ୍ୟଟନ ବିଭାଗ ଉପସଚିବ ଭାବେ ବଦଳି କରାଯାଇଛି।

ସେହିପରି ବିବୁଧ ଗଡ଼ନାୟକଙ୍କୁ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଉପସଚିବ ଭାବେ ବଦଳି କରାଯାଇଥିବା ବେଳେ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପାନପୋଷ ଉପଜିଲାପାଳ, ଅଜୟ ପ୍ରକାଶ ତିର୍କୀଙ୍କୁ ଶକ୍ତି ବିଭାଗ ଉପସଚିବ, ବିକାଶ କୁମାର ମହାନ୍ତିଙ୍କୁ କାମାକ୍ଷାନଗର ଉପଜିଲାପାଳ, ତାପସ କୁମାର ସେଠୀଙ୍କୁ ଭଦ୍ରକ ଅତିରିକ୍ତ ଉପଜିଲାପାଳ, ସ୍ମୃତିରଞ୍ଜନ ମଲ୍ଲିକଙ୍କୁ ଇଡ୍‌କୋ ଭୂ-ଅଧିକାରୀ, ଅଶୋକ କୁମାର ମାଝୀଙ୍କୁ ଝାରସୁଗୁଡ଼ା ଉପଜିଲାପାଳ ଓ ଯୁଧିଷ୍ଠିର ମେହେରଙ୍କୁ ଫୁଲବାଣୀ ଆଇଟିଡିଏର ପିଏ ଭାବେ ନିଯୁକ୍ତ କରାଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଭୁବନେଶ୍ୱର ମହାନଗର ନିଗମରେ ଅତିରିକ୍ତ ଆୟୁକ୍ତ ଭାବେ କାର୍ଯ୍ୟରତ ଥିବାବେଳେ ରତ୍ନାକର ସାହୁ ରାଜନୈତିକ ରୋଷର ସମ୍ମୁଖୀନ ହୋଇଥିଲେ। ଏହାକୁ ନେଇ ସେତେବେଳେ ରାଜ୍ୟ ରାଜନୀତି ସରଗରମ ହୋଇଥିଲା।

# ବାରଣ ସମୟରେ ଶ୍ରମିକଙ୍କୁ କାମ କରାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଶ୍ରମମନ୍ତ୍ରୀ

ଭୁବନେଶ୍ୱର,୨୩।୪
(ରବିନାରାୟଣ ଜେନା)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଥିପାଇଁ ଦିନ ୧୧ଟାରୁ ୩ଟା ଯାଏ ଶ୍ରମିକମାନଙ୍କୁ କାର୍ଯ୍ୟ ନ କରାଇବା ପାଇଁ ବିଭାଗ ପକ୍ଷରୁ ବାରଣ କରାଯାଇଛି। ମାତ୍ର କେତେକ କ୍ଷେତ୍ରରେ ଏହି ନିର୍ଦ୍ଦେଶନାମା ପାଳନ ହେଉ ନ ଥିବା ଦୃଷ୍ଟିଗୋଚର ହୋଇଛି। ଏହାକୁ ନେଇ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଭିଯୋଗ ଆଧାରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରମ ଓ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ସରକାରୀ ହେଉ ଅବା ବେସରକାରୀ କାର୍ଯ୍ୟସ୍ଥଳି ସବୁଠାରେ ସରକାରୀ କଟକଣା ସମାନ। ତେବେ ଝାରସୁଗୁଡ଼ାରେ ଶିଳ୍ପ ଓ ପୋଡୁଚାଷ ପାଇଁ ଏବେ ତାପମାତ୍ରା ବଢ଼ିବାରେ ଲାଗୁଛି। ଝାରସୁଗୁଡ଼ାରେ ପ୍ରାୟ ୧୫ ପ୍ରତିଶତ ଜଙ୍ଗଲ ରହିଛି। ଚାଷୀମାନେ ପାରମ୍ପରିକ ଭାବେ ପୋଡୁଚାଷ ଅମଳ ପରେ ବିଲରେ ନିଆଁ ଲଗାଉଛନ୍ତି। ଏହାଦ୍ୱାରା ଉତ୍ତାପ ବଢୁଛି। ସେଥିରୁ ଚାଷୀମାନଙ୍କୁ ଦୂରେଇ ରଖିବା ପାଇଁ ସଚେତନ କରିବା ଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଭାଜପା ରାଲି ଯୋଗୁ ଟ୍ରାଫିକ୍ ଜାମ୍: କ୍ଷମା ମାଗିଲେ ମନ୍ତ୍ରୀ

ମୁମ୍ବାଇ,୨୩।୪



ମୁମ୍ବାଇର ୱର୍ଲି ଅଞ୍ଚଳରେ ଶାସକ ଭାଜପା ନେତୃତ୍ୱରେ ମହାମେଣ୍ଟ ପକ୍ଷରୁ ବୁଧବାର ଆୟୋଜିତ ଏକ ରାଲି ଯୋଗୁ ଟ୍ରାଫିକ୍ ଜାମ୍ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମୁମ୍ବାଇର ଜଣେ ମହିଳା ମହାରାଷ୍ଟ୍ର ଜଳସମ୍ପଦ ମନ୍ତ୍ରୀ ଗିରୀଶ ମହାଜନଙ୍କ ସମେତ ସ୍ଥାନୀୟ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଉତ୍ତେଜିତ ମହିଳା ଜଣକ ଭାଜପା ମନ୍ତ୍ରୀଙ୍କ ସହ ଯୁକ୍ତିତର୍କ କରିବା ସହିତ 'ଗେଟ୍ ଆଉଟ୍' କହୁଥିବା ଦେଖାଯାଇଥିଲା। ଆପଣମାନେ ଟ୍ରାଫିକ୍ ଜାମ୍ କରୁଛନ୍ତି। ଖୋଲା ସ୍ଥାନରେ କାହିଁକି ରାଲି କରାଯାଇପାରିଲା ନାହିଁ ବୋଲି ମହିଳା ଜଣକ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଭିଡିଓ ଭାଇରାଲ ହେବା ପରେ ମନ୍ତ୍ରୀ ଟ୍ରାଫିକ୍ ଜାମ୍ ପାଇଁ କ୍ଷମା ମାଗିଛନ୍ତି। ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରି ଭାଜପା ପକ୍ଷରୁ ଶୋଭାଯାତ୍ରାର ଆୟୋଜନ କରାଯାଇଥିବା ମନ୍ତ୍ରୀ କହିଛନ୍ତି।

ସୂଚନା ଅନୁଯାୟୀ, ମହିଳା ଜଣଙ୍କ ତାଙ୍କ ପିଲାମାନଙ୍କୁ ସ୍କୁଲ୍‌ରୁ ଆଣିବାକୁ ଯାଉଥିଲେ। ତେବେ ଟ୍ରାଫିକ୍ ଜାମ୍‌ରେ ସେ ଅନେକ ଘଣ୍ଟା ଅଟକି ରହିବାରୁ ରାଗିଯାଇଥିଲେ। ସେ ଗାଡ଼ିରୁ ବାହାରି ଶୋଭାଯାତ୍ରା ମଧ୍ୟଭାଗକୁ ଯାଇ ମନ୍ତ୍ରୀ ମହାଜନଙ୍କ ସହ ବଚସା କରିଥିଲେ। ରାସ୍ତା ଅବରୋଧକୁ ନେଇ ଦୈନନ୍ଦିନ ଯାତାୟାତ କରୁଥିବା ଲୋକେ ଅସୁବିଧାରେ ପଡୁଥିବାରୁ ରାଲିର ଆୟୋଜକମାନଙ୍କ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ତୁରନ୍ତ ଗହଳି ହଟାଇବା ପାଇଁ ମହିଳା ଜଣକ ଦାବି କରିଥିଲେ।

# ବିଜେଡି ସରକାର ରତ୍ନଭଣ୍ଡାରର ନକଲି ଚାବି ତିଆରି କରିଥିଲା: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର, ୨୩।୪ (ସୁମିତ ମିଶ୍ର)



ପୃଥ୍ୱୀରାଜ ହରିଚନ୍ଦନ

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ସୁରକ୍ଷାକୁ ନେଇ ଶାସକ ଭାଜପା ଏବଂ ବିରୋଧୀ ବିଜେଡି ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଛି। ପୂର୍ବର ବିଜେଡି ସରକାର ଅସଲି ଚାବି ହଜାଇବା ପରେ ରତ୍ନଭଣ୍ଡାରର ଏକ ନକଲି ଚାବି ତିଆରି କରିଥିଲା ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି। ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ ସୋସିଆଲ ମିଡିଆ ପୋଷ୍ଟର ଜବାବ ଦେଇ ମନ୍ତ୍ରୀ ହରିଚନ୍ଦନ ଏଭଳି କହିଛନ୍ତି। ଭାଜପା ନେତୃତ୍ୱଙ୍କୁ ବିଜେଡି ସମାଲୋଚନା କରିବାକୁ ସାହସ କରୁଛି। ସେମାନଙ୍କ ସେହି ଦୁଃସାହସକୁ ଗୋଟିଏ ଦିନରେ ଛଡ଼ାଇଦେବୁ। ସେମାନଙ୍କ ଭଳିଆ ଭାଜପା ମିଥ୍ୟାଚାର କରେନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟ ଥିବାରୁ ତାକୁ ନେଇ ରାଜନୀତି କରିବାକୁ ଶାସକ ଦଳ ଚାହୁଁ ନ ଥିବା ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

ସୂଚନାଥାଉ କି ବିଜେଡି ନେତା ଦାସ ଏକାଧିକ ସୋସିଆଲ ମିଡିଆ ପୋଷ୍ଟ କରି କହିଥିଲେ, ୨୦୨୪ ନିର୍ବାଚନ ଜିତିବା ପାଇଁ ଭାଜପା ରତ୍ନଭଣ୍ଡାର ପ୍ରସଙ୍ଗରେ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିଥିଲା। ମହାପ୍ରଭୁଙ୍କ ଅଳଙ୍କାର ଚୋରି ହୋଇଛି କିମ୍ବା ଅନ୍ୟ ରାଜ୍ୟକୁ ପଠାଇ ଦିଆଯାଇଛି ବୋଲି ଭାଜପା ନେତାମାନେ ପ୍ରଚାର କରିଥିଲେ। କିନ୍ତୁ ସବୁ ଅଳଙ୍କାର ସୁରକ୍ଷିତ ଥିବା ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସ୍ପଷ୍ଟ କରିଛନ୍ତି। ଯେଉଁମାନେ ରତ୍ନଭଣ୍ଡାର ନେଇ ମିଥ୍ୟା ଗୁଜବ କରିଥିଲେ, ସେମାନେ ଜଗନ୍ନାଥପ୍ରେମୀଙ୍କ ନିକଟରେ କ୍ଷମା ମାଗିବା ଉଚିତ ବୋଲି ଦାସ ଦାବି କରିଛନ୍ତି।

ଏହାର ଉତ୍ତରରେ ଆଇନ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଯଦି ଆମେ ରତ୍ନଭଣ୍ଡାର ବିଷୟରେ ପ୍ରଶ୍ନ କରିବୁ, ତେବେ ବିଜେଡି ସଦସ୍ୟମାନେ ନିର୍ବାକ ହୋଇଯିବେ। ସେମାନେ ନକଲି ଚାବି ପ୍ରସ୍ତୁତ କରିଥିଲେ, କିନ୍ତୁ ତାହା ତାଲା ସହ ମିଶିଲା ନାହିଁ। ଚାବି ନ ମିଳିବାରୁ ଶେଷରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତାଲା ଭାଙ୍ଗିବାକୁ ପଡ଼ିଥିଲା। ମନ୍ତ୍ରୀ ବିଜେଡିକୁ ପ୍ରଶ୍ନ କରିଛନ୍ତି ଯେ, ଯଦି ଚାବି ହଜି ନ ଥିଲା, ତେବେ ବିଜେଡି ସରକାର ନିଜ ୨୪ ବର୍ଷର ଶାସନ କାଳରେ କାହିଁକି ରତ୍ନଭଣ୍ଡାର ଖୋଲିଲେ ନାହିଁ।

ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ରତ୍ନଭଣ୍ଡାରର ହଜିଯାଇଥିବା ଚାବି ଉପରେ ହୋଇଥିବା ନ୍ୟାୟିକ କମିଶନଙ୍କ ରିପୋର୍ଟ ଖୁବ୍‌ଶୀଘ୍ର ବିଧାନସଭାରେ ଉପସ୍ଥାପନ କରାଯିବ। ବର୍ତ୍ତମାନ ରତ୍ନଭଣ୍ଡାରର ଅଳଙ୍କାର ଗଣତି ଏବଂ ୧୯୭୮ର ରେକର୍ଡ ସହ ତା'ର ମେଳକ କରିବା ପ୍ରକ୍ରିୟା ଜାରି ରହିଛି। ଆସନ୍ତା ଜୁନ ୨୯ (ସ୍ନାନ ପୂର୍ଣ୍ଣିମା) ସୁଦ୍ଧା ସମସ୍ତ ଗଣତି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ମୃତ

ଝରିଗାଁ,୨୩।୪ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ନୂଆଁଗୁଡ଼ା ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ଅଛନ୍ତି। ମୃତକମାନେ ହେଲେ ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅଧୀନ ସିନ୍ଧିଭଟ୍ଟା ଗ୍ରାମର ହୀରାଧାର ଜାନୀ(୧୮) ଓ ଚଟା ପଞ୍ଚାୟତ ଗବାଗୁଡ଼ା ଗ୍ରାମର ମିରୁ ଜାନୀ(୨୨)। ଧହଡାକୋଟ ଗ୍ରାମର ଟିବୁ ଜାନୀ(୨୨) ଏବଂ ମଙ୍ଗଲୁ ଜାନୀ(୧୭) ଗୁରୁତର ଅଛନ୍ତି। ସୂଚନାନୁଯାୟୀ, ହୀରାଧାର, ମିରୁ, ଟିବୁ ଏବଂ ମଙ୍ଗଲୁ ଏକ ବାଇକ୍‌ରେ ପାପଡ଼ାହାଣ୍ଡି ବ୍ଲକ ଅଧୀନ ବାର୍ଲୀ ଗ୍ରାମକୁ ଯାଇଥିଲେ। ସେଠାରୁ କାମ ସାରି ସନ୍ଧ୍ୟା ପ୍ରାୟ ୫ଟାରେ ଫେରୁଥିବାବେଳେ ନୂଆଗୁଡ଼ା ଗ୍ରାମ ନିକଟରେ ଥିବା ବୁଲାଣି ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ସେମାନଙ୍କର ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ହୀରାଧାର ଏବଂ ମିରୁ ଜାନୀଙ୍କ ମୃତ୍ୟୁ ହୋଇଯାଇଥିଲା। ଟିବୁ ଜାନୀଙ୍କ ଛାତିରେ ମାଡ଼ ବାଜିଥିବାବେଳେ ମଙ୍ଗଲୁ ଜାନୀଙ୍କ ଗୋଡ଼ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ମୃତଦେହ ରହିଛି।




ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ୨୪ ଏପ୍ରିଲ, ୨୦୨୬ Bhubaneswar, Friday, 24 April, 2026

# ମୁମ୍ବାଇ ବିପକ୍ଷରେ ଚେନ୍ନାଇର ବଡ଼ ବିଜୟ

**ମୁମ୍ବାଇ,୨୩।୪**

ସଞ୍ଜୁ ସାମସନଙ୍କ ଅପରାଜିତ ଶତକ ଦମ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଗୁରୁବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମୁମ୍ବାଇ

## ସାମସନଙ୍କ ଅପରାଜିତ ଶତକ

ଇଣ୍ଡିଆନ୍ସ (ଏମ୍‌ଆଇ)କୁ ୧୦୩ ରନର ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଏହା ଚେନ୍ନାଇର ସର୍ବବୃହତ୍ ବିଜୟ ହୋଇଥିବା ବେଳେ ଏହି ବିଜୟ ସହ ଦଳ ପଞ୍ଚମ ସ୍ଥାନକୁ ଉଠିଛି। ମୁକେଶ ଚୌଧାରୀଙ୍କ ମାତୃ ବିୟୋଗ ଲାଗି ଏହି ମ୍ୟାଚ୍‌ରେ ସିଏସ୍‌କେର ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ସିଏସ୍‌କେ ପାଇଁ ଫର୍ମରେ ଥିବା ସାମସନ ଗୋଟିଏ ପକ୍ଷ ସମ୍ଭାଳି ଶେଷ ପର୍ଯ୍ୟନ୍ତ ଖେଳିଥିବା ବେଳେ ଅନ୍ୟ ବ୍ୟାଟରମାନେ ତାଙ୍କୁ ଉପଯୋଗୀ ସମର୍ଥନ ପ୍ରଦାନ କରିଥିଲେ। ଅଧିନାୟକ ଋତୁରାଜ ଗାଏକ୍ୱାଡ ୨୨ (୩ ଚୌକା ଓ ୧ ଛକା), ସର୍ଫରାଜ ଖାନ ୧୪ (୩ ଚୌକା), ଡେୱାଲ୍ଡ ବ୍ରେଭିସ ୨୧ (୧ ଚୌକା ଓ ୨ ଛକା), କାର୍ତ୍ତିକ ଶର୍ମା ୧୮ (୨ ଛକା), ଜେମି ଓଭରଟନ ୧୫ (୨ ଚୌକା ଓ ୧ଛକା) ରନ କରି ଆଉଟ୍ ହୋଇଥିଲେ। ସାମସନ ଶେଷ ଓଭରରେ ୨ ଛକା ଓ ୧ ଚୌକା ମାରି ବ୍ୟକ୍ତିଗତ ଶତକ ପୂରଣ କରିଥିଲେ। ଫଳରେ ସିଏସ୍‌କେ ୨୦ ଓଭରରେ ୬ ଉଇକେଟ ହରାଇ ୨୦୭ ରନ କରିଥିଲା। ସାମସନ ୫୪ ବଲରେ ୧୦ ଚୌକା ଓ ୬ ଛକା ସହିତ ୧୦୧ ରନ କରି ଅପରାଜିତ ରହିଥିଲେ। ଏହା ଚଳିତ ସିଜନରେ ତାଙ୍କର ଦ୍ୱିତୀୟ ଓ ମୋଟ ଉପରେ ପଞ୍ଚମ ଆଇପିଏଲ୍ ଶତକ। ଜବାବରେ ଚେନ୍ନାଇର ବୋଲରମାନେ ପ୍ରଥମ ୩ ଓଭର ମଧ୍ୟରେ ମାତ୍ର ୧୧ ରନରେ ୩ ଉଇକେଟ ନେଇ ମୁମ୍ବାଇକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଏଭଳି ପରିସ୍ଥିତିରେ ସୂର୍ଯ୍ୟକୁମାର ଯାଦବ (୩୬ ରନ, ୫ ଚୌକା) ଓ ତିଲକ ବର୍ମା (୩୭ ରନ୍, ୫ ଚୌକା) ଚତୁର୍ଥ ଉଇକେଟରେ ୭୩ ରନ ଯୋଡ଼ି ଦଳୀୟ ସ୍ଥିତି ସମ୍ଭାଳିଥିଲେ। ହେଲେ ଏହି ଯୋଡ଼ି ଭାଙ୍ଗିବା ସହ ଦଳ ପୁଣି କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୧୯ ଓଭରରେ ୧୦୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଚେନ୍ନାଇ ପାଇଁ ଅକିଲ ହୋସେନ ୪ ଓ ନୂର ଅହମଦ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୦୭/୬ (ସଞ୍ଜୁ ସାମସନ-୧୦୧*, ଆଲା ଘଜନାଫର-୨/୨୫, ଅଶ୍ୱିନୀ କୁମାର-୨/୩୭)। ମୁମ୍ବାଇ ଇଣ୍ଡିଆନ୍ସ: ୧୯ ଓଭରରେ ୧୦୪/ଅଲଆଉଟ୍ (ସୂର୍ଯ୍ୟକୁମାର ଯାଦବ-୩୬, ତିଲକ ବର୍ମା-୩୭, ଅକିଲ ହୋସେନ-୪/୧୭, ନୂର ଅହମଦ-୨/୨୪)।


ଅପରାଜିତ ଶତକୀୟ ଇନିଂସ ଅବସରରେ ସଞ୍ଜୁ ସାମସନ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ବେଙ୍ଗାଲୁରୁ ବନାମ ଗୁଜରାଟ
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ରାଜସ୍ଥାନ ରୟାଲ୍ସ | ୭ | ୫ | ୨ | ୦ | ୧୦ | +୦.୭୯୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୪ | ୨ | ୦ | ୮ | +୧.୧୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୪ | ୩ | ୦ | ୮ | +୦.୮୨୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୩ | ୪ | ୦ | ୬ | +୦.୧୧୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୦ | ୬ | -୦.୧୩୦ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୦ | ୬ | -୦.୮୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୨ | ୫ | ୦ | ୪ | -୧.୨୭୭ |
| ନାଇଟ ରାଇଡର୍ସ | ୭ | ୧ | ୫ | ୧ | ୩ | -୦.୮୭୯ |

# ଦିଲ୍ଲୀ କ୍ୟାପିଟାଲ୍ସ ଗେମ୍ ପାଇଁ ଉପଲବ୍ଧ ହେବେ ଷ୍ଟାର୍କ

**ସିଡ୍‌ନୀ, ୨୩।୪ (ପି.ଟି.)**



ମିଚେଲ ଷ୍ଟାର୍କଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିବା ଲାଗି କ୍ରିକେଟ ଅଷ୍ଟ୍ରେଲିଆ ଅନୁମତି ଦେଇଛି। ଫଳତଃ ମେ ୧'ରେ ଦିଲ୍ଲୀ କ୍ୟାପିଟାଲ୍ସର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ ପାଇଁ ସେ ଉପଲବ୍ଧ ହେବେ। କହୁଣି ଓ କାନ୍ଧରେ ସମସ୍ୟା ଯୋଗୁ ଏହି ବାମହାତୀ ପେସ୍ ବୋଲର ଗତ ଜାନୁଆରୀରୁ ଖେଳରୁ ଦୂରେଇ ରହିଥିଲେ। ଇଂଲଣ୍ଡ ବିପକ୍ଷ ସମସ୍ତ ୫ ଆଶେସ ଟେଷ୍ଟରେ ତାଙ୍କର ବଡ଼ ଭୂମିକା ଥିଲା। ସେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେହି ମାସର ପରବର୍ତ୍ତୀ ଭାଗରେ ସେ ସିଡ୍‌ନୀ ସିକ୍ସର୍ସ ତରଫରୁ ୫ ବିଗ୍ ବାଶ୍ ଗେମ୍ ଖେଳିଥିଲେ। ଆଇପିଏଲ୍‌ର ପ୍ରଥମ ପର୍ଯ୍ୟାୟରେ ଏହି ୩୬ ବର୍ଷୀୟ ଖେଳାଳିଙ୍କ ଅନୁପସ୍ଥିତି ପରେ ବିଦେଶୀ ଖେଳାଳିଙ୍କ ପ୍ରତିବଦ୍ଧତାକୁ ନେଇ ବିତର୍କ ସୃଷ୍ଟି ହୋଇଥିଲା, ଯାହା ଫଳରେ ଷ୍ଟାର୍କଙ୍କୁ ସୋସିଆଲ ମିଡିଆରେ ସଫେଇ ଦେବାକୁ ପଡ଼ିଥିଲା। ଏହା ଭୁଲ୍ ସୂଚନାଯୁକ୍ତ ମତାମତ ବୋଲି ସେ ଦର୍ଶାଇଥିଲେ। ତାଙ୍କ କାନ୍ଧ ଓ କହୁଣିରେ ଆଘାତ ଲାଗିଥିବାରୁ ସେ ବର୍ତ୍ତମାନ ରିହାବିଲିଟେଶନରେ ଅଛନ୍ତି। ସୂଚନାଯୋଗ୍ୟ, ଷ୍ଟାର୍କ ଗତ ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସର ଅଗ୍ରଣୀ ପେସ୍ ବୋଲର ଥିଲେ। ସେ ୧୧ଟି ମ୍ୟାଚରେ ୧୪ ଉଇକେଟ ଅକ୍ତିଆର କରିଥିଲେ। ଚଳିତ ଆଇପିଏଲ୍‌ରେ ଦିଲ୍ଲୀ ଏପର୍ଯ୍ୟନ୍ତ ସୁଦ୍ଧା ୬ଟି ଗେମ୍ ଖେଳି ୩ ବିଜୟ ସହ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ଅଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ ଏହି ସିଜନରେ ପ୍ରଥମ ଥର ସନ୍‌ରାଇଜର୍ସ ହାଇଦ୍ରାବାଦ ତରଫରୁ ଖେଳିବେ। ସେହିଭଳି ପ୍ରଥମ ପର୍ଯ୍ୟାୟରେ ଖେଳି ନ ଥିବା ଜୋଶ ହାଜେଲଉଡ୍ ଇତିମଧ୍ୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ତରଫରୁ ଖେଳିବା ଆରମ୍ଭ କରିଦେଇଛନ୍ତି।

# ଏସ୍‌ଏନ୍ ହାଇସ୍କୁଲ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ ଓ ଅନ୍ୟମାନେ।

## ରାଜ୍ୟସ୍ତରୀୟ କବାଡ଼ି

**ଭୁବନେଶ୍ୱର,୨୩।୪**

ଗୋଠପାଟଣାସ୍ଥିତ ଟିଏସ୍‌ଜି ଗୁରୁକୁଳ ପକ୍ଷରୁ ଚାଲିଥିବା ୨ ଦିନିଆ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୫ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ପଟିଆସ୍ଥିତ ଏସ୍‌ଏନ୍ ହାଇସ୍କୁଲ ଚାମ୍ପିୟନ ହୋଇଛି। ଇଟିପୁର ହାଇସ୍କୁଲର ମଧୁସ୍ମିତା ସାହୁ 'ଶ୍ରେଷ୍ଠ ରେଡର' ଏବଂ ଏସ୍.ଏନ୍ ହାଇସ୍କୁଲର ନିଶି ଗୌଡ଼ା 'ଶ୍ରେଷ୍ଠ ଡିଫେଣ୍ଡର' ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ରାଜନେତା ତଥା ସାମାଜିକ କର୍ମୀ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ବରିଷ୍ଠ ଭାଜପା ନେତା ଗୋଲକ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟିଏସ୍‌ଜିର ଅଧ୍ୟକ୍ଷ ଡ. ଶାରଦା ପ୍ରସାଦ ମିଶ୍ର ସଫଳ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସମ୍ପାଦକ ଚିନ୍ମୟ ମହାନ୍ତି ଓ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ମହାପାତ୍ରଙ୍କ ନେତୃତ୍ୱରେ ପ୍ରତିଯୋଗିତା ପରିଚାଳନା ହୋଇଥିଲା।

# ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଜିତିଲା ବାଂଲାଦେଶ

**ଢାକା,୨୩।୪(ପି.ଟି.)**

ନଜମୁଲ ହୋସେନ ଶାଣ୍ଟୋଙ୍କ ଶତକ ଓ ପରେ ମୁସ୍ତାଫିଜୁର ରହମାନଙ୍କ ୫ ଉଇକେଟ ସଫଳତା ବଳରେ ବାଂଲାଦେଶ ଏଠାରେ ଗୁରୁବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୫୫ ରନରେ ପରାସ୍ତ କରିଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ବାଂଲାଦେଶ ଦଳ ୨-୧ ବ୍ୟବଧାନରେ ଜିତି ନେଇଛି। ଶାଣ୍ଟୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ନାହିଦ ରାଣାଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୮ ଉଇକେଟ ହରାଇ ୨୬୫ ରନ କରିଥିଲା। ଦଳ ପାଇଁ ଲିଟନ ଦାସ ୭୬ (୩ ଚୌକା ଓ ୧ ଛକା) ଓ ଶାଣ୍ଟୋ ୧୦୫ (୯ ଚୌକା ଓ ୨ ଛକା) ରନର ଶତକୀୟ ପାଳି ଖେଳିଥିଲେ। ଦୁହେଁ ଚତୁର୍ଥ ଉଇକେଟରେ ୧୬୦ ରନ ଯୋଡ଼ିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୱିଲିଅମ ଓରାଉକେ ୩ ଉଇକେଟ ନେଇଥିଲେ। ଜବାବରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୪.୫ ଓଭରରେ ୨୧୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଡିନ ଫକ୍ସକ୍ରଫ୍ଟ ୭୫ (୭ ଛକା) ଓ ନିକ କେଲି ୫୯ (୬ ଚୌକା ଓ ୧ ଛକା) ରନ କରିଥିଲେ। ବିଜୟୀ ଦଳ ପାଇଁ ମୁସ୍ତାଫିଜୁର ୫ ଉଇକେଟ ନେଇଥିଲେ।

# ୨୪ରୁ ଜାତୀୟ ପୂର୍ବାଞ୍ଚଳ ରୋଲ୍ ବଲ୍


ଅତିଥିଙ୍କ ଗହଣରେ ଓଡ଼ିଶା ରୋଲ୍ ବଲ୍ ଦଳ।

**ଭୁବନେଶ୍ୱର,୨୩।୪(ଅନାଦି କର)**

ଆସନ୍ତା ୨୪ ଓ ୨୫ ତାରିଖରେ ମେଘାଳୟର ଶିଲଂଠାରେ ଜାତୀୟ ପୂର୍ବାଞ୍ଚଳ ରୋଲ୍ ବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିଲାଗି ଓଡ଼ିଶା ସିନିୟର ଦଳ ଗୁରୁବାର ଶିଲଂ ଅଭିମୁଖେ ଯାତ୍ରା କରିଛି। ଦଳର ଯାତ୍ରା ପୂର୍ବରୁ ଖେଳାଳିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ଡ. ୟେଦ୍ଦୁଲା ବିଜୟ, ପ୍ରଶାସକ କମ୍ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଓଡ଼ିଶା ରୋଲ୍ ବଲ୍ ଆସୋସିଏଶନ ପ୍ରତିଷ୍ଠାତା ପାର୍ଥ ସାରଥି ଜେନା ଉପସ୍ଥିତ ଥିଲେ। ପ୍ରୀତିଶ ଆର୍ଯ୍ୟନ ଜେନାଙ୍କ ନେତୃତ୍ୱରେ ଘୋଷିତ ଦଳରେ କୌସ୍ତୁଭ ପଟ୍ଟନାୟକ (ଉପ ଅଧିନାୟକ), ସ୍ୱସ୍ତିକ ପ୍ରହରାଜ, କମଳ କୁମାର ଦାସ, ଅଂଶୁମାନ ପାତ୍ର, ସାଇ ଶ୍ରୀୟାଂଶୁ ରାଉତ, ଅଙ୍କିତ ନାୟକ, ରାଜୀବ ସାହୁ, ପ୍ରତୀକ ଅର୍ଣ୍ଣବ ଜେନା, ଆୟୁଷ ଜେନା, ଅର୍ମାନ ସୁବୁଦ୍ଧି।

# ଓଡ଼ିଶା ଏଫ୍‌ସିକୁ ହରାଇଲା କେରଳ ବ୍ଲାଷ୍ଟର୍ସ

**କୋଚି, ୨୩।୪ (ପି.ଟି.)**

ଗୁରୁବାର ଏଠାରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ ୨୦୨୫-୨୬ର ଏକ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ୨-୧ ଗୋଲ୍‌ରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା କେରଳ ୧୧ ମ୍ୟାଚରୁ ୧୧ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ୯ମ ସ୍ଥାନ ଅଧିକାର କରିନେଇଥିବା ବେଳେ ଓଡ଼ିଶା ୮ଟି ମ୍ୟାଚ୍‌ରୁ ୬ ପଏଣ୍ଟ ସହ ପୂର୍ବଭଳି ୧୩ ତମ ସ୍ଥାନରେ ରହିଛି। ଭିକ୍ଟର ବର୍ଟୋମିଉ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

## ରାଜ୍ୟ ସିନିୟର ସନ୍ତରଣ ପ୍ରତିଯୋଗିତା

# ୧୫୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଭାଗ ନେବେ

**ଭୁବନେଶ୍ୱର,୨୩।୪ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ସେଣ୍ଟରଠାରେ ଆସନ୍ତା ମେ' ମାସ ୧୬ ଓ ୧୭ ଦୁଇ ଦିନ ଧରି ୬୬ତମ ରାଜ୍ୟ ସିନିୟର ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟପାର ବିଭାଗ ଏବଂ ଓଡିଶା ରାଜ୍ୟ ସୁଇମିଂ ଆସୋସିଏଶନ ମିଳିତ ଭାବେ ଏହାର ଆୟୋଜନ କରିଛନ୍ତି। ରାଜ୍ୟ ସିନିୟର ସନ୍ତରଣ ପ୍ରତିଯୋଗିତା ଉଭୟ ମହିଳା ଓ ପୁରୁଷ ବିଭାଗ ରେ ବିଭିନ୍ନ କଟେଗୋରି ଯଥା ଫ୍ରି -ଷ୍ଟାଇଲର ୫୦, ୧୦୦, ୨୦୦, ୪୦୦, ୮୦୦ ଓ ୧୫୦୦ ମିଟର, ବ୍ରେକ୍ ଷ୍ଟ୍ରୋକ୍‌ରେ ୫୦, ୧୦୦ ଓ ୨୦୦ ମିଟର, ବ୍ରେଷ୍ଟ ଷ୍ଟ୍ରୋକରେ ୫୦,୧୦୦ ଓ ୨୦୦ ମିଟର, ବଟରଫ୍ଲାଏ ରେ ୫୦,୧୦୦ ଓ ୨୦୦ ମିଟର, ବ୍ୟକ୍ତିଗତ ମିଡ୍‌ଲେରେ ୨୦୦ଓ ୪୦୦ ମିଟର, ଫ୍ରି-ଷ୍ଟାଇଲ ରିଲେରେ ୪ ଗୁଣା ୧୦୦ ମିଟର, ମିକ୍ସଡ ରିଲେ ଯାହାକି ଦୁଇ ଜଣ ପୁରୁଷ ଏବଂ ୨ ଜଣ ମହିଳା ଖେଳାଳିଙ୍କୁ ନେଇ ଟିମ ତିଆରି ହୋଇଥାଏ ସେଥିରେ ୪ ଗୁଣା ୧୦୦ ଫ୍ରି-ଷ୍ଟାଇଲ , ୪ ଗୁଣା ୧୦୦ ମି. ମିଡ୍‌ଲେ ବିଭାଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ । ଏହି ସମସ୍ତ ପ୍ରତିଯୋଗିତା ପ୍ରବେଶିକା ଫି' ସନ୍ତରଣକାରୀ ପିଛା ୨୦୦ ଟଙ୍କା ରଖାଯାଇଥିବା ରାଜ୍ୟ ସନ୍ତରଣ ସଂଘ ତରଫରୁ ସୂଚନା ଦିଆଯାଇଛି। ପ୍ରତିଯୋଗୀମାନେ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ। ପ୍ରତିଯୋଗିତା ୱାର୍ଲ୍ଡ ଆକ୍ୱାଟିକ ନିୟମାବଳୀ ୨୦୨୫ ଅନୁଯାୟୀ ୫୦ମିଟର ବିଶିଷ୍ଟ ସୁଇମିଂ ପୁଲ୍‌ରେ ଅନୁଷ୍ଠିତ ହେବ। ପଞ୍ଜୀକରଣ ପାଇଁ ଶେଷ ତାରିଖ ମେ' ୮ ତାରିଖ ରଖାଯାଇଥିବା ସଂଘର ସଭାପତି ପ୍ରଦୀପ କୁମାର ପାଢୀ ଏବଂ ସଂପାଦକ ଗୋଲାପ ମଣି ମହନ୍ତ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୦ଟି ସାଂଗଠନିକ ଜିଲ୍ଲାରୁ ପ୍ରାୟ ୧୫୦ ରୁ ଊର୍ଦ୍ଧ୍ୱ ସିନିୟର ସନ୍ତରଣକାରୀ ଅଂଶଗ୍ରହଣ କରିବେ। ଖେଳାଳିମାନଙ୍କ ପାଇଁ ଖାଦ୍ୟ ଓ ରହଣୀ ବ୍ୟବସ୍ଥା କରାଯାଇଥିବା ରାଜ୍ୟ ସନ୍ତରଣ ସଂଘର କୋଷାଧ୍ୟକ୍ଷ ବିଜୟ କୁମାର ଦିକ୍ଷିତ ଜଣାଇଛନ୍ତି ।

# ଦକ୍ଷିଣ ଆଫ୍ରିକାର କ୍ରମାଗତ ୩ୟ ବିଜୟ

**ଓଲ୍‌ଭାର୍ଡଟ, ୨୩।୪ (ପି.ଟି.)**

ଲୌରା ଓଲ୍‌ଭାର୍ଡଟଙ୍କ ଶତକୀୟ ଇନିଂସ ବଳରେ ଦକ୍ଷିଣ ଆଫ୍ରିକା ଏଠାରେ ଖେଳାଯାଇଥିବା ୩ୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତକୁ ୯ ଉଇକେଟରେ ପରାସ୍ତ କରିଛି। ଏଥିସହିତ ଦୁଇ ଦଳ ମଧ୍ୟରେ ଚାଲିଥିବା ୫ ମ୍ୟାଚ ବିଶିଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୩-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରି ନେଇଛି। ଫଳରେ ଜୋହାନେସ୍‌ବର୍ଗ ଓ ବେନୋନିଠାରେ ଖେଳାଯିବାକୁ ଥିବା ସିରିଜର ଅବଶିଷ୍ଟ ଦୁଇ ମ୍ୟାଚ ଗୁରୁତ୍ୱହୀନ ହୋଇପଡ଼ିଛି। ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଭାରତ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ୧୯୨ ରନ କରିଥିଲା। ଅଧିନାୟକ ହରମନପ୍ରୀତ କୌର ଓ ଶେଫାଳି ବର୍ମା ଯଥାକ୍ରମେ ୬୬ ଓ ୬୪ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ଏହା ହେଉଛି ସର୍ବବୃହତ୍ ସ୍କୋର। ଜବାବରେ ଦକ୍ଷିଣ ଆଫ୍ରିକା ୧୬.୩ ଓଭରରେ ୧ ଉଇକେଟ ବିନିମୟରେ୧୯୩ ରନ କରି ମ୍ୟାଚ ଜିତିନେଇଥିଲା। ଭାରତର ପ୍ରଭାବହୀନ

## ମହିଳା ଟି୨୦

ବୋଲିଂ ଯୋଗୁ ବର୍ତ୍ତମାନ ଭଲ ଫର୍ମରେ ଥିବା ଅଧିନାୟିକା ଓଲ୍‌ଭାର୍ଡଟ ମାତ୍ର ୫୩ ବଲ୍‌ରୁ ୧୧୫ ରନ କରିଥିବା ବେଳେ ତାଙ୍କ ଓପନିଂ ପାର୍ଟନର ସୁନ୍ ଲୁସ୍ ୪୨ବଲରୁ ୬୪ ରନ କରି ଅପରାଜିତ ରହିଥିଲେ। ଘରୋଇ ଦଳ ୨୧ ବଲ୍ ବାକିଥାଇ ୯୩ ରନରବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିନେଇଥିଲା। ମହିଳା ଅନ୍ତର୍ଜାତୀୟ ଟି୨୦ରେ ଇତିହାସରେ ଏହା ଥିଲା ତୃତୀୟ ସର୍ବୋଚ୍ଚ ରନ୍ ଚେଜ୍। ପୂର୍ବରୁ ୨୦୨୩ ଓ ୨୦୧୮ ଯଥାକ୍ରମେ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ଓ ଭାରତ ୨୧୨ ଓ ୧୯୮ ରନର ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲେ।


ଶତକୀୟ ଇନିଂସ ଅବସରରେ ଲୌରା ଓଲ୍‌ଭାର୍ଡଟ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>

ଧରିତ୍ରୀ 51 Years
ପୃଷ୍ଠା–୮+୮
DHARITRI
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୪/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Friday, April 24/2026 Page 16 ₹ 7.00
୫୨ଶ ଭାଗ ୧୪୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 149 ମୂଲ୍ୟ₹୭/-

# ପଶ୍ଚିମବଙ୍ଗରେ ୯୨.୮୮%, ତାମିଲନାଡୁର ୮୫.୧୫% ମତଦାନ

**ଗୋଟିଏ ପଟେ ହିଂସାର ତାଣ୍ଡବ, ଅନ୍ୟପଟେ ଗଣତନ୍ତ୍ରର ବିଜୟ। ଗୁରୁବାର ଦେଶର ଦୁଇ ପ୍ରମୁଖ ରାଜ୍ୟ ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭୋଟରଙ୍କ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ବୋମା ବିସ୍ଫୋରଣ ଏବଂ ଗୋଷ୍ଠୀ ସଂଘର୍ଷର ଭୟକୁ ପଛରେ ପକାଇ ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୯୩ ପ୍ରତିଶତ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଥିବାବେଳେ ତାମିଲନାଡୁରେ ମଧ ୮୫ ପ୍ରତିଶତରୁ ଅଧିକ ମତଦାନ ରେକର୍ଡ କରାଯାଇଛି। ତେବେ ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ଶାସକ ଟିଏମ୍‌ସି ଏବଂ ଏଯୁଜେପି କର୍ମୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ହିଂସାକାଣ୍ଡରେ ଅନେକେ ଆହତ ହୋଇଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟ କେନ୍ଦ୍ର ଆଗରେ ଲୋକଙ୍କ ଲମ୍ବା ଲାଇନ୍ ଗଣତନ୍ତ୍ର ପ୍ରତି ସାଧାରଣ ଜନତାଙ୍କ ଅତୁଟ ଆସ୍ଥାକୁ ପ୍ରମାଣିତ କରିଛି।**

କୋଲକାତା/ଚେନ୍ନାଇ, ୨୩।୪

ପଶ୍ଚିମବଙ୍ଗ ବିଧାନସଭାର ୧୫୨ ଆସନ ଲାଗି ଗୁରୁବାର ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଭୋଟ ସନ୍ଧ୍ୟା ୬ଟାରେ ଶେଷ ହୋଇଥିବାବେଳେ ମତଦାନ ହାର ୯୨.୮୮ ପ୍ରତିଶତ ରହିଛି। ସେହିପରି ତାମିଲନାଡୁର ସମସ୍ତ ୨୩୪ ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ଭୋଟ ହୋଇଥିବାବେଳେ ମତଦାନ ହାର ୮୫.୧୫ ପ୍ରତିଶତ ରହିଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗରେ ଭୋଟ ବେଳେ କେତେକ ସ୍ଥାନରେ ଶାସକ ଟିଏମ୍‌ସି ଏବଂ ଏଯୁଜେପି କର୍ମୀଙ୍କ ମଧ୍ୟରେ ସଂଘର୍ଷ ଓ ହିଂସାକାଣ୍ଡ ଘଟିଥିଲା। ବିଶେଷକରି ମୁର୍ଶିଦାବାଦରେ ବଡ଼ଧରଣର ହିଂସା ଘଟିଛି। ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି।

ଗୁରୁବାର ସକାଳେ ମୁର୍ଶିଦାବାଦ ଜିଲାର ନଓଡ଼ାରେ ଏକ ବିସ୍ଫୋରଣରେ କେତେଜଣ ଆହତ ହେବା ପରେ ଏହାକୁ ନେଇ ବଚସା ହୋଇଥିଲା। ଏଯୁଜେପି ଅଧ୍ୟକ୍ଷ ହୁମାୟୁନ କବୀର ଟିଏମ୍‌ସି କର୍ମୀମାନଙ୍କ ସହ ସଂଘର୍ଷ କରୁଥିବା ଏକ ଭିଡିଓରୁ ଦେଖିବାକୁ ମିଳିଛି। ମତଦାନ ଚାଲିଥିବାବେଳେ ଦଳୀୟ କର୍ମୀ ଓ ପୋଲିସ ମଧ୍ୟରେ ଉତ୍ତେଜନା ସୃଷ୍ଟି ହେବାରୁ ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ଅଧିକ ସୁରକ୍ଷା ବଳ ନିୟୋଜନ କରାଯାଇଥିଲା। କେତେକ ସ୍ଥାନରେ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସକୁ ମୃଦୁ ☞ପୃଷ୍ଠା–୪

## ମୁର୍ଶିଦାବାଦରେ ହିଂସା: ଅନେକେ ଆହତ



ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ଗୁରୁବାର ଦକ୍ଷିଣ ଦିନାଜପୁର ଜିଲାରେ ଅଶାନ୍ତି ଖବର ପାଇ ଏକ ଭୋଟ କେନ୍ଦ୍ରକୁ ଯାଉଥିବା ସମୟରେ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ସରକାରଙ୍କୁ ମାଡ଼ ମରାଯାଉଛି।

# ଝାରସୁଗୁଡ଼ା, ତାଳଚେରରେ ୪୪ ଡିଗ୍ରୀ

## ୪୨ ଡିଗ୍ରୀ ଡେଇଁଲା ଭୁବନେଶ୍ୱର ତାପମାତ୍ରା

ଭୁବନେଶ୍ୱର, ୨୩।୪(ବନ୍ଦନା ସେଠୀ)

ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗରମ ଓ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ଗୁରୁତର ଭାବେ ପ୍ରଭାବିତ କରିଥିବାବେଳେ ଲୋକେ ଘରେ, ବାହାରେ ସ୍ୱାଭାବିକ ଭାବେ ରହିପାରୁ ନାହାନ୍ତି। ସକାଳୁ ଟାଇଁ ଟାଇଁ ଖରା ଡରାଉଥିବାବେଳେ ଦିନସାରା ତତଲା ପବନ ଦେହକୁ ପୋଡି ଦେଉଛି। ଆହୁରି ଦୁଇଦିନ ଅର୍ଥାତ୍ ୨୫ ତାରିଖ ଯାଏ ରାଜ୍ୟରେ ହିଟ୍ ୱେଭ୍ ବା ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟର ୨୪ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଝାରସୁଗୁଡା ଓ ତାଳଚେରରେ ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଚଳିତବର୍ଷ ପ୍ରଥମଥର ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୪୨.୧ ଡିଗ୍ରୀ ଛୁଇଁଥିଲା। ଅପରାହ୍ନ ବେଳକୁ ଝାଞ୍ଜି ପବନ ସାଙ୍ଗକୁ ପ୍ରବଳ ତାତିରେ ଲୋକମାନେ ଆଉଟୁପାଉଟୁ ହୋଇ ଯାଇଥିଲେ। ସେହିପରି ଟିଟିଲାଗଡ଼ରେ ୪୩.୮ ଡିଗ୍ରୀ, ଅନୁଗୋଳ ଓ ଢେଙ୍କାନାଳ ୪୩.୫, ହୀରାକୁଦ ୪୩.୪, ସମ୍ବଲପୁର ଓ ପାରଳାଖେମୁଣ୍ଡି ୪୩, ବରଗଡ଼ ୪୨.୬, ସୁନ୍ଦରଗଡ଼, ନୂଆପଡ଼ା ଏବଂ ରାଉରକେଲା ୪୨.୫, ବଲାଙ୍ଗୀର ଓ ସୋନପୁର ୪୨.୨୩, କଟକ ୪୧.୮, ବୌଦ୍ଧ ୪୧.୪, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ନୟାଗଡ଼ ୪୧, କେନ୍ଦୁଝର ୪୦.୯ ଏବଂ ଫୁଲବାଣୀ ଓ ଯାଜପୁରରେ ଦିନର ସର୍ବୋଚ୍ଚ ତାପମାତ୍ରା ☞ପୃଷ୍ଠା–୪

## ଖରାଛୁଟି ଆଗୁଆ ହୋଇପାରେ

ଭୁବନେଶ୍ୱର, ୨୩।୪(ସୁଚିସ୍ମିତା ସାହୁ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ଅସହ୍ୟ ହେବାରେ ଲାଗିଛି। ଖରାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲାରେ ଶିକ୍ଷାନୁଷ୍ଠାନକୁ ସାମୟିକ ଛୁଟି କରାଯାଇଥିବାବେଳେ ଆଉ କେତେକ ଜିଲାରେ ପାଠପଢ଼ା ସମୟରେ ପରିବର୍ତ୍ତନ କରାଯାଇଛି। ତେବେ ଗରମ ଓ ଗୁଳୁଗୁଳି ବଢୁଥିବାରୁ ଚଳିତବର୍ଷ ଅଙ୍ଗନୱାଡ଼ି ଓ ବିଦ୍ୟାଳୟକୁ ଆଗୁଆ ଖରାଛୁଟି ଘୋଷଣା କରାଯାଇପାରେ ବୋଲି ସୂଚନା ମିଳିଛି। ଏନେଇ ରାଜସ୍ୱ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ମିଳିତ ଭାବେ ବୈଠକ କରି ଗ୍ରୀଷ୍ମ ପ୍ରବାହ ସ୍ଥିତି ସମୀକ୍ଷା କରିବା ପରେ ନିଷ୍ପତ୍ତି ନିଆଯିବ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟରେ ଗ୍ରୀଷ୍ମ ପ୍ରବାହ କମିବାର ସମ୍ଭାବନା ନାହିଁ। ଆଞ୍ଚଳିକ ପାଣିପାଗ ବିଭାଗର ଆକଳନକୁ ଦୃଷ୍ଟିରେ ରଖି ଉଭୟ ଅଙ୍ଗନୱାଡ଼ି ଓ ବିଦ୍ୟାଳୟଗୁଡ଼ିକୁ ଆଗୁଆ ଛୁଟି ଘୋଷଣା କରାଯିବ। ଏ ସମ୍ପର୍କରେ ମିଳିତ ଆଲୋଚନା ପରେ ଆଗୁଆ ଛୁଟି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ କରାଯାଇଛି। କେବେଠାରୁ ଛୁଟି କରାଯିବ ସେନେଇ ଦୁଇଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଚୂଡାନ୍ତ ନିଷ୍ପତ୍ତି ନେବେ। ତେବେ ଆଗୁଆ ଖରାଛୁଟି ହେଲେ ☞ପୃଷ୍ଠା–୪

No. 19001/30/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଜାତୀୟ ପଞ୍ଚାୟତିରାଜ ଦିବସ- ୨୦୨୬
ରାଜ୍ୟସ୍ତରୀୟ ସମାରୋହ
ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ
ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହ ଦେଓ
ସାଂସଦ, ବଲାଙ୍ଗିର

ଏବଂ ବିଧାୟକ ବୃନ୍ଦ, ବଲାଙ୍ଗିର

ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

- ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦,୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ କାର୍ଯ୍ୟାଦେଶ ବଣ୍ଟନ ଓ ୨୦୦ କୋଟି ଟଙ୍କାର ପ୍ରଥମ କିସ୍ତି ରାଶି ପ୍ରଦାନ।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆଭ୍ୟନ୍ତରୀଣ ଅଡ଼ିଟ୍ ପ୍ରକ୍ରିୟାକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା ନିମନ୍ତେ "ପଞ୍ଚାୟତିରାଜ ସମୀକ୍ଷା" ପୋର୍ଟାଲର ଉନ୍ମୋଚନ।
- "ବିକଶିତ ଗାଁ, ବିକଶିତ ଓଡ଼ିଶା" ଅଭିଯାନରେ ଗ୍ରାମୀଣ ବିକାଶ କ୍ଷେତ୍ରରେ ମୋଟ ୨୧,୮୦୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।
- ସର୍ବ ଭାରତୀୟ ସ୍ତରରେ ଚଳିତ ବର୍ଷ ଓଡ଼ିଶାର ୫ଟି ପଞ୍ଚାୟତିରାଜ ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସେବା ପାଇଁ ପୁରସ୍କୃତ ହୋଇଛନ୍ତି।
- ଜିଲ୍ଲା ପରିଷଦ ବୈଠକକୁ ପାରଦର୍ଶିତାର ସହିତ ପରିଚାଳନା କରିବା ନିମନ୍ତେ "ଇ-ପଞ୍ଚାୟତ ସଭା" (ଜିଲ୍ଲା ପରିଷଦ) ପୋର୍ଟାଲର ଉନ୍ମୋଚନ।
- ବିଗତ ୨ ବର୍ଷରେ ଗ୍ରାମୀଣ ଆବାସ ଯୋଜନାରେ ୪.୭୭ ଲକ୍ଷ ଗୃହ ନିର୍ମାଣ ହୋଇଅଛି ସେଥିମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୫୮ ଲକ୍ଷ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି।
- ଓଡ଼ିଶାର ୨୧,୦୩୩ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ସେହିପରି ୭,୦୯୯ଟି ଗ୍ରାମକୁ ସର୍ବସାଧାରଣ ପାଇପ୍ ଟ୍ୟାପ୍ (Stand Post) ଯୋଗେ ଜଳ ଯୋଗାଣ କରାଯାଉଛି। ଆଗାମୀ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ।
- ୨୦୨୫-୨୬ ବର୍ଷରେ ୨୦୦ ଗ୍ରାମ ପଞ୍ଚାୟତ ISO ପ୍ରମାଣପତ୍ର ହାସଲ କରିଛନ୍ତି।

୨୪ ଅପ୍ରେଲ ୨୦୨୬ | ସନ୍ଧ୍ୟା ୫ ଘଟିକା | ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗିର
OIPR-19001/19001/2/26-27/0002
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

# ଜନଗଣନାରେ ବାଧା ଦେଲେ ୩ ବର୍ଷ ଜେଲଦଣ୍ଡ

## ରାଜସ୍ୱ ବିଭାଗର ଏସ୍‌ଓପି: ଅଧିକାରୀଙ୍କୁ ମିଳିବ ସୁରକ୍ଷା

ଭୁବନେଶ୍ୱର,୨୩।୪ (ରବିନାରାୟଣ ଜେନା)

ରାଜ୍ୟରେ ଏପ୍ରିଲ ୧୬ରୁ ଆରମ୍ଭ ହୋଇଥିବା ଜନଗଣନାକୁ କିଭଳି ଶୃଙ୍ଖଳିତ କରାଯିବ ସେନେଇ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବା ପରେ ଗୁରୁବାର ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁଅର(ଏସ୍‌ଓପି) ଜାରି କରିଛନ୍ତି। ଏସ୍‌ଓପିରେ ଡ. ପାଢ଼ୀ ଦର୍ଶାଇଛନ୍ତି, ଜନଗଣନା କାର୍ଯ୍ୟରେ ନିୟୋଜିତ ସୁପରଭାଇଜର ଓ ଏନ୍ୟୁମେରେଟରଙ୍କୁ ସୁରକ୍ଷା ମିଳିବ। ଯଦି କୌଣସି ବ୍ୟକ୍ତି ଏହି କାର୍ଯ୍ୟ ନିର୍ବାହ ବେଳେ ବାଧା ସୃଷ୍ଟି କରନ୍ତି ତେବେ ସେ ଆର୍ଥିକ ଓ ଜେଲଦଣ୍ଡରେ ଦଣ୍ଡିତ ହେବେ।

ଡ. ପାଢ଼ୀ ଏସ୍‌ଓପିରେ ଦର୍ଶାଇଛନ୍ତି, ଜନଗଣନା କର୍ମଚାରୀମାନଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଏନ୍ୟୁମେରେଟର ଓ ସୁପରଭାଇଜର (ଇଆଣ୍ଡଏସ୍) ମାନେ ସବୁବେଳେ ତାଙ୍କର ଆଧାରକାର୍ଡ ପିନ୍ଧିବାକୁ ପଡ଼ିବ। କ୍ଷେତ୍ରସ୍ଥଳରେ କାର୍ଯ୍ୟ ସମୟରେ ସେମାନେ ନିଯୁକ୍ତି ପତ୍ର ପାଖରେ ରଖିବେ। ଗ୍ରୀଷ୍ମପ୍ରବାହ ଅତ୍ୟଧିକ ଯୋଗୁ ଅଂଶୁଘାତ ଏଡ଼ାଇବା ପାଇଁ ବିଭିନ୍ନ ପ୍ରକାର ସତର୍କତା ଅବଲମ୍ବନ କରିବେ। ଦିନ ୧୧ଟାରୁ ୩ଟା ମଧ୍ୟରେ ଜନଗଣନା କାର୍ଯ୍ୟରୁ ନିବୃତ ରହିବେ ଏବଂ ପାଖରେ ଓଆର୍‌ଏସ୍ ନେବେ। ସମ୍ବେଦନଶୀଳ ଅଞ୍ଚଳରେ ଇଆଣ୍ଡଏସ୍‌ମାନେ ସୁରକ୍ଷା ପାଇଁ ସମ୍ମିଳିତ ହୋଇ କାମ କରିବେ। ଯଦି କୌଣସିଠାରେ ଜନଗଣନାବେଳେ ବିପଦ ଆଶଙ୍କା କରିବେ ସେ ସ୍ଥାନକୁ ଚିହ୍ନଟ କରି ସୁରକ୍ଷାବଳ ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ଯିବେ। ସୁପରଭାଇଜରମାନେ ଏନ୍ୟୁମେରେଟରମାନଙ୍କୁ ଟ୍ରାକ୍ କରି କାମର ଗତିବିଧି ଜାଣିପାରିବେ ଏବଂ ସୁରକ୍ଷା ଯୋଗାଇଦେବେ। ଯଦି କୌଣସି ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜିଲା ତେବେ ତୁରନ୍ତ ସେଠାରୁ ହଟିଯିବେ କିମ୍ବା ସମସ୍ୟାକୁ ଏଡ଼ାଇବା ପାଇଁ ଚେଷ୍ଟା କରିବେ। ଏପରି ଘଟଣାକୁ ଶୀଘ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ।

ଡ. ପାଢ଼ୀ ଦର୍ଶାଇଛନ୍ତି, ସ୍ଥାନୀୟ ପୋଲିସ୍ ଅଧିକାରୀଙ୍କୁ ଇଆଣ୍ଡଏସ୍‌ମାନେ ସେମାନଙ୍କ ବିବରଣୀ ଦେବେ। ଜିଲା ପ୍ରଶାସନ ଦ୍ୱାରା ସମସ୍ତ ପୋଲିସ୍ ଥାନାକୁ ଏନ୍ୟୁମେରେଟରମାନଙ୍କ କାର୍ଯ୍ୟସୂଚୀ ସମ୍ବନ୍ଧରେ ଜଣାଇବେ। ସମ୍ବେଦନଶୀଳ ଅଞ୍ଚଳ ତଥା ପୂର୍ବ ଚିହ୍ନଟ ହୋଇଥିବା ଅଞ୍ଚଳକୁ ପୋଲିସ୍ କର୍ମଚାରୀଙ୍କ ସହିତ ଇଆଣ୍ଡଏସ୍‌ମାନେ ଯାଇ ଜନଗଣନା କରିବେ। ଜଣେ ପୋଲିସ ଅଫିସର ଏହି କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରିବେ। ଜନଗଣନା କାମ ଆରମ୍ଭ ପୂର୍ବରୁ ଇଆଣ୍ଡଏସ୍‌ମାନେ ସ୍ଥାନୀୟ ସମୁଦାୟ ନେତାମାନଙ୍କୁ ସମ୍ପର୍କ କରି ସହଯୋଗ ନେଇପାରିବେ। ଏହି ସମୟରେ ଯଦି କୌଣସି ବ୍ୟକ୍ତି ଜନଗଣନା କର୍ମଚାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରନ୍ତି ତେବେ ତାଙ୍କ ବିରୋଧରେ ୧୯୪୮ର ସଂଶୋଧିତ ଜନଗଣନା ଆଇନ ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଅପରାଧ ପାଇଁ ଅର୍ଥଦଣ୍ଡ କିମ୍ବା ୩ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିବ ବୋଲି ଡ. ପାଢ଼ୀ ଏସ୍‌ଓପିରେ ଦର୍ଶାଇଛନ୍ତି।

## ମହିଳା ଜନଗଣନାକାରୀଙ୍କୁ ଆକ୍ରମଣ କରି ଯୁବକ ଭୁଲ୍ ମାଗିଲେ

ଟାଙ୍ଗୀ,୨୩।୪(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଏନ୍‌ଏସି ଅଧୀନ ପଣସପୁର ପାଟଣା ଅଞ୍ଚଳରେ ମହିଳା ଜନଗଣନାକାରୀଙ୍କୁ ଜଣେ ଯୁବକ ଗାଳିଗୁଲଜ କରିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଶାସନର ହସ୍ତକ୍ଷେପ ଫଳରେ ଗୁରୁବାର ସମ୍ପୃକ୍ତ ଯୁବକ ମହିଳା ଜନଗଣନାକାରୀଙ୍କ ଗୋଡ଼ଧରି ଭୁଲ୍ ମାଗିଥିବା ଜଣାପଡ଼ିଛି। ସୂଚନା ମୁତାବକ, ସାରା ରାଜ୍ୟରେ ଜନଗଣନା କାର୍ଯ୍ୟ ଚାଲୁ ରହିଛି। ଗଣନାକାରୀମାନେ ଘରକୁ ଘର ବୁଲି ବିଭିନ୍ନ ତଥ୍ୟ ସଂଗ୍ରହ କରୁଛନ୍ତି। ଫଳରେ ଗଣନା କାର୍ଯ୍ୟରେ ପରିବାରର ସମସ୍ତ ତଥ୍ୟ ରହିବ। ତେବେ ଏହି ସମୟରେ ପଣସପୁର ପାଟଣା ଅଞ୍ଚଳରେ ମହିଳା ଜନଗଣନାକାରୀଙ୍କୁ ଜଣେ ଯୁବକ ଠେଙ୍ଗାରେ ଆକ୍ରମଣ କରୁଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଅଭିଯୋଗ ପାଇ ଟାଙ୍ଗୀ ବିଡିଓଙ୍କ ସହିତ ପିଇଓ ଏବଂ ମହିଳା ଜନଗଣନାକାରୀ ଗୁରୁବାର ସମ୍ପୃକ୍ତ ଯୁବକଙ୍କ ଘର ନିକଟରେ ପହଞ୍ଚିଥିଲେ। ଏହା ପରେ ସମ୍ପୃକ୍ତ ଯୁବକ ନିଜର ଭୁଲ୍ ସ୍ୱୀକାର କରିବା ସହ ମହିଳା ଜନଗଣନାକାରୀଙ୍କ ଗୋଡ଼ ଧରି ଭୁଲ୍ ମାଗିଥିଲେ। ଆଗକୁ ଆଉ ଏଭଳି ଭୁଲ୍ ହେବ ନାହିଁ ବୋଲି କହିବା ପରେ ଘଟଣାର ସମାଧାନ ହୋଇଥିବା ଜଣାପଡ଼ିଛି।



ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଦାବିନେଇ ପୁରୀବାସୀଙ୍କ ପକ୍ଷରୁ ଗୁରୁବାର ଶ୍ରୀମନ୍ଦିର ସମ୍ମୁଖରେ ଧାରଣା ଦିଆଯାଇଛି।

## ସିବିଆଇକୁ ହାଇକୋର୍ଟଙ୍କ ଜବାବ ତଲବ

### ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲା

■ମାମଲା ରଦ୍ଦ କରିବାକୁ ପ୍ରଭାତ ବିଶ୍ୱାଳଙ୍କ ଆବେଦନ

■ଜୁନ୍ ୨୨ରେ ପରବର୍ତ୍ତୀ ଶୁଣାଣି

କଟକ,୨୩।୪(କାର୍ତ୍ତିକ ସାହୁ)

ସିବିଆଇ ଦ୍ୱାରା ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲା ରଦ୍ଦ କରିବାକୁ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ହାଇକୋର୍ଟରେ ଆବେଦନ କରିଛନ୍ତି। ତାଙ୍କ ଆବେଦନର ଶୁଣାଣି ଗୁରୁବାର ହୋଇଛି। ହାଇକୋର୍ଟ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ମାମଲାର ଶୁଣାଣି କରି ସିବିଆଇକୁ ଜବାବ ତଲବ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଜୁନ୍ ୨୩ ତାରିଖକୁ ଧାର୍ଯ୍ୟ ହୋଇଛି।

ସୂଚନାନୁସାରେ, ପ୍ରଭାତ ବିଶ୍ୱାଳଙ୍କ ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ପୂର୍ବରୁ ଶୁଣାଣି କରି ବର୍ଷକ ମଧ୍ୟରେ ମାମଲାର ବିଚାର ଶେଷ କରିବାକୁ ନିମ୍ନ ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ମାମଲାର ଦୁଇବର୍ଷ ବିତି ଯାଇଥିଲେ ବି ନିମ୍ନ ଅଦାଲତରେ ମାମଲାର ଶୁଣାଣି ଅସମାପ୍ତ ରହିଛି। ତେବେ ବିଳମ୍ବିତ ଶୁଣାଣି କାରଣରୁ ପ୍ରଭାତଙ୍କ ବିରୋଧରେ ଚାଲିଥିବା ମାମଲାକୁ ରଦ୍ଦ କରିବାକୁ ସେ ତାଙ୍କ ଆବେଦନରେ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି।

## ଏଏସ୍‌ଆଇ ଆଞ୍ଚଳିକ ନିର୍ଦ୍ଦେଶକ ଡି.ବି. ଗଡ଼ନାୟକଙ୍କ ବଦଳି

### ଯୋଗଦେବେ ମିଳନ କୁମାର ଚୌଲି

ପୁରୀ,୨୩।୪
(ଅଜିତ୍ କୁମାର ମହାନ୍ତି)

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପୁରୀ ସର୍କଲର ଆଞ୍ଚଳିକ ନିର୍ଦ୍ଦେଶକ ଡି.ବି.ଗଡ଼ନାୟକଙ୍କ ବଦଳି ହୋଇଛି। ଗଡ଼ନାୟକଙ୍କୁ କୋଲକାତା ସର୍କଲକୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ମିଳନ କୁମାର ଚୌଲିଙ୍କୁ ପୁରୀ ସର୍କଲର ଆଞ୍ଚଳିକ ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଛି। ୧୫ଦିନ ଭିତରେ ଦାୟିତ୍ୱ ଅଦଳବଦଳ ନେଇ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିବା ନେଇ ଗୁରୁବାର ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଦେଶରେ ମୋଟ ୧୩ ଜଣ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ବଦଳି କରାଯାଇଛି। ପୁରୀ ସର୍କଲର ନୂତନ ଆଞ୍ଚଳିକ ନିର୍ଦ୍ଦେଶକ ଦାୟିତ୍ୱ ନେବାକୁ ଯାଉଥିବା ମିଳନ କୁମାର ଚୌଲି ଏବେ ନାଗପୁର ସର୍କଲରେ କାର୍ଯ୍ୟରତ ଅଛନ୍ତି। ଗଡ଼ନାୟକଙ୍କ ସମୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯାଇଥିଲା। ଶ୍ରୀମନ୍ଦିର ପାର୍ଶ୍ୱଦେବଦେବୀ ମନ୍ଦିରର ମରାମତି, କୋଣାର୍କ ସୂର୍ଯ୍ୟ ମନ୍ଦିରରୁ ବାଲିକଢା ସହ ଅନେକ କାର୍ଯ୍ୟ ଏଏସ୍‌ଆଇ ପକ୍ଷରୁ କରାଯାଇଥିଲା। ନୂତନ ନିର୍ଦ୍ଦେଶକ ଚୌଲିଙ୍କର ଅନେକ ଅଭିଜ୍ଞତା ଥିବାରୁ ସେ ବାକି ଥିବା କାର୍ଯ୍ୟଗୁଡ଼ିକୁ ଦ୍ରୁତ ଗତିରେ ତ୍ୱରାନ୍ୱିତ କରିବେ ବୋଲି ବିଭିନ୍ନ ମହଲରେ ଆଶା ପ୍ରକାଶ ପାଇଛି।

## ଆଜିଠୁ ଖୋର୍ଦ୍ଧା ଜିଲାରେ ସକାଳ ସାଢ଼େ ୬ରୁ ୯ଟା ୩୦ ସ୍କୁଲ

ଖୋର୍ଦ୍ଧା,୨୩।୪(ପ୍ରଭାତ ପାଣିଗ୍ରାହୀ)

ଗ୍ରୀଷ୍ମପ୍ରବାହ ଏବଂ ଅଂଶୁଘାତକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଗତ ୨୦ରୁ ୨୩ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ରକୁ ବନ୍ଦ କରାଯାଇଥିଲା। ତେବେ ଦୈନିକ ତାତି ବଢୁଛି। ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଗୁରୁବାର ଜିଲାପାଳ ଅମ୍ରିତ୍ ଋତୁରାଜ ଶୁକ୍ରବାରଠାରୁ ସକାଳୁଆ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସକାଳ ୬ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ସ୍କୁଲ ଖୋଲା ରହିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସ୍କୁଲରେ ପିଲାଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରାଯିବ। ପର୍ଯ୍ୟାପ୍ତ ମାତ୍ରାରେ ଓଆରଏସ୍ ପ୍ୟାକେଟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପିଲାଙ୍କ ଯେପରି କିଛି ଅସୁବିଧା ନ ହେବ, ସେଥିପ୍ରତି ସ୍କୁଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବେ। ପିଲାଙ୍କ ଦେହ ଖରାପ ହେଲେ ତୁରନ୍ତ ସେମାନଙ୍କ ଅଭିଭାବକଙ୍କୁ ଜଣାଇ ମେଡିକାଲକୁ ନେବା ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି।

## ଚଳିତ ଶିକ୍ଷାବର୍ଷରେ ୨୩୦ ଦିନ ସ୍କୁଲ ଖୋଲା

### ପ୍ରକାଶ ପାଇଲା ଏକାଡେମିକ୍ କ୍ୟାଲେଣ୍ଡର

ଭୁବନେଶ୍ୱର,୨୩।୪(ସୁଚିସ୍ମିତା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଚଳିତ ଶିକ୍ଷାବର୍ଷ ପାଇଁ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଏକାଡେମିକ୍ କ୍ୟାଲେଣ୍ଡର ପ୍ରକାଶ ପାଇଛି। ଏହି କ୍ୟାଲେଣ୍ଡରରେ କାର୍ଯ୍ୟଦିବସଠୁ ଆରମ୍ଭକରି ଛୁଟି, ପରୀକ୍ଷା ସମୟ ଆଦି ନିର୍ଦ୍ଧାରଣ କରାଯାଇଛି। ଏକାଡେମିକ କ୍ୟାଲେଣ୍ଡର ଅନୁଯାୟୀ, ମେ ୬ରୁ ଜୁନ୍ ୧୭ ତାରିଖ ଯାଏ ଖରାଛୁଟି ପାଇଁ ସ୍କୁଲ ବନ୍ଦ ରହିବ। ଚଳିତ ଶିକ୍ଷାବର୍ଷରେ ୫୨ଟି ରବିବାର ରହିଛି। ଏଥିସହ ୮୧ଟି ପୂଜା ଓ ବିଭିନ୍ନ ଛୁଟି ରହିଛି। ଅତିରିକ୍ତ ୨ଟି ଛୁଟି ମଧ୍ୟ ରଖାଯାଇଛି। ଏବର୍ଷ ୨୩୦ଟି କାର୍ଯ୍ୟଦିବସ ରହିଛି ଅର୍ଥାତ୍ ଶିକ୍ଷକମାନେ ୨୩୦ ଦିନ ସ୍କୁଲ ଆସିବେ। ଏପ୍ରିଲରେ ୨୩, ମେ'ରେ ୩, ଜୁନ୍‌ରେ ୧୦, ଜୁଲାଇରେ ୨୫, ଅଗଷ୍ଟରେ ୨୩, ସେପ୍ଟେମ୍ବରରେ ୨୨, ଅକ୍ଟୋବରରେ ୧୭, ନଭେମ୍ବରରେ ୨୪, ଡିସେମ୍ବରରେ ୧୮, ଜାନୁଆରୀରେ ୨୨, ଫେବୃଆରୀରେ ୨୩ ଓ ମାର୍ଚ୍ଚରେ ୨୨ଟି କାର୍ଯ୍ୟ ଦିବସ ରହିଛି। ସେହିପରି ୨୦୨୭ ଫେବୃଆରୀ ୨ୟ ସପ୍ତାହରେ ଦଶମ ବୋର୍ଡ ପରୀକ୍ଷା ହେବ ବୋଲି ଉକ୍ତ କ୍ୟାଲେଣ୍ଡରରେ ଉଲ୍ଲେଖ ରହିଛି। ଶିକ୍ଷା କ୍ୟାଲେଣ୍ଡରକୁ ପାଳନ କରିବାକୁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ କୁହାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଉମରଅଲ୍ଲୀ



@ ଅମାନତ



@ ସୋମନାଥ



@ ଜ୍ଞାନରଞ୍ଜନ



@ ବାପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡ୍ସରେ କ୍ରିୟାଂଶ ପାତ୍ର

କୃଷ୍ଣପ୍ରସାଦ,୨୩।୪
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦଗଡ଼ର ୨ ବର୍ଷ ୪ ମାସର କ୍ରିୟାଂଶ ପାତ୍ର ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଆଇବିଆର୍ ଆଚିଭର ପ୍ରତିଯୋଗିତାରେ କ୍ରିୟାଂଶ ୧୮ଟି ଫଳ, ୨୦ ପଶୁ, ୧୨ ପକ୍ଷୀ, ୧୨ ଶରୀର ଅଙ୍ଗ, ୧୫ ଯାନବାହନ, ୧୧ ରଙ୍ଗ, ୧୦ ଆକୃତି, ୧୨ଟି ପାରିବାରିକ ସମ୍ପର୍କ କହି ରେକର୍ଡ କରିଛନ୍ତି। ବାପା ସୌମ୍ୟଜିତ ପାତ୍ର ଏବଂ ପୂଜା ନାୟକଙ୍କ ପୁଅ କ୍ରିୟାଂଶଙ୍କ ଏହି ସଫଳତା ମହାପ୍ରଭୁ ଜଗନ୍ନାଥଙ୍କ କରୁଣାରୁ ହୋଇଥିବା କହିଛନ୍ତି। ଏନେଇ ମା' ପୂଜା କୁହନ୍ତି, ପ୍ରତିଦିନ କ୍ରିୟାଂଶଙ୍କୁ ୧୫ରୁ ୨୦ ମିନିଟ୍ ବିଭିନ୍ନ ପ୍ରକାର ଫୁଲଫଳ, ପଶୁପକ୍ଷୀ ସହ ଅନ୍ୟାନ୍ୟ ବିଷୟରେ କହିଥାନ୍ତି। ପିଲାଟିଦିନରୁ କ୍ରିୟାଂଶ ମନେରଖିବା ଶକ୍ତି ରହିଥିବା ଜାଣିବାକୁ ପାଇଥିଲେ ବୋଲି ସେ କହିଛନ୍ତି। କ୍ରିୟାଂଶଙ୍କ ସଫଳତା ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।




ବାପା ସୌମ୍ୟଜିତ ପାତ୍ର, ମା' ପୂଜା ନାୟକ ଓ ପରିବାର ସଦସ୍ୟଙ୍କ ସହ ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବା କ୍ରିୟାଂଶ ପାତ୍ର।

## ଜଣେ ଯୁବ ନେତା, ସ୍କୁଟି ମାଲିକଙ୍କୁ ଏନ୍‌ଆଇଏର ପଚରାଉଚରା

### ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣା

■୧୦ ଜଣଙ୍କୁ ହାଜର ହେବାକୁ ସମନ

■ବିସ୍ଫୋରଣ ଦିନ ମୁଫିଙ୍କୁ ଟଙ୍କା ଦେଇଥିଲେ ଯୁବନେତା

■ଅଭିଷେକଙ୍କ ସ୍କୁଟି ବ୍ୟବହାର କରିଥିଲେ ଅଭିଯୁକ୍ତ ଅମିୟ

ଭୁବନେଶ୍ୱର,୨୩।୪(ତ୍ରିନାଥ ମହାନ୍ତି)

ସୁନ୍ଦରପଦା ଆଜାଦନଗରରେ ଜାନୁୟାରୀ ୨୭ରେ ହୋଇଥିବା ବିସ୍ଫୋରଣ ଘଟଣାରେ ମୃତ ଅଭିଯୁକ୍ତ ମୁଫି ଓରଫ ଶେହନ୍‌ୱାଜ ମଲ୍ଲିକଙ୍କ ଲିଙ୍କ୍ ଏବେ ଧୀରେ ଧୀରେ ଫିଟିବାରେ ଲାଗିଛି। ଏନ୍‌ଆଇଏ ଗୁରୁବାର ମୁଫି ଲିଙ୍କ୍‌ରେ ୨ଜଣଙ୍କୁ ପଚରାଉଚରା କରିଛି। ସେମାନଙ୍କ ମଧ୍ୟରେ ଜଣେ ଯୁବ ନେତା ଥିବା ବେଳେ ଆଉଜଣେ ହେଲେ ମୁଫିଙ୍କ ସହଯୋଗୀ ଅମିୟ ରଞ୍ଜନ ମଲ୍ଲିକଙ୍କ ସାଙ୍ଗ ଅଭିଷେକ ପାତ୍ର। ଏନ୍‌ଆଇଏ ସେମାନଙ୍କୁ ୨ଘଣ୍ଟା ଧରି ପଚରାଉଚରା କରି କିଛି ନୂଆ ତଥ୍ୟ ପାଇଥିବା ଜଣାପଡ଼ିଛି। ତେବେ ବିସ୍ଫୋରଣରେ ସେମାନଙ୍କର ଭୂମିକା ନେଇ ଜାଣିବାକୁ ଚାହିଁଛନ୍ତି ତଦନ୍ତ ଅଧିକାରୀ। ପୂର୍ବରୁ ଏନ୍‌ଆଇଏ ୫ଜଣଙ୍କୁ ପଚରାଉଚରା କରିଥିବାବେଳେ ଆହୁରି ୧୦ଜଣଙ୍କୁ ଜେରା ପାଇଁ ସମନ କରିଛି। ସେମାନେ ଖୁବ୍ ଶୀଘ୍ର ଏନ୍‌ଆଇଏ ଅଫିସ୍‌ରେ ହାଜର ହେବେ ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନାନୁସାରେ, ଅଭିଷେକ ହେଉଛନ୍ତି ମୁଫିର ସହଯୋଗୀ ଅମିୟଙ୍କ ବନ୍ଧୁ। ଅମିୟ ଘଟଣା ଦିନ ଅଭିଷେକଙ୍କଠାରୁ ସ୍କୁଟି ମାଗିନେଇ ମୁଫି ନିକଟକୁ ଯାଇଥିଲେ। ବିସ୍ଫୋରଣ ପରେ ଉକ୍ତ ଘର ଆଗରୁ ପୋଲିସ ସ୍କୁଟି ଜବତ କରିଥିଲା। ଯାଞ୍ଚ ପରେ ସ୍କୁଟିର ମାଲିକ ଅଭିଷେକ ବୋଲି ଜଣାପଡିଥିଲା। ତେବେ ଏନେଇ ଅଭିଷେକ କହିଛନ୍ତି, ମୁଫି ଲିଙ୍କ୍‌ରେ ତାଙ୍କୁ ଏନ୍‌ଆଇଏ ଅଧିକାରୀ ପଚରାଉଚରା କରିଥିଲେ। ମୁଫିଙ୍କୁ ସେ ଚିହ୍ନି ନ ଥିବା ବେଳେ ଅମୀୟ ରଞ୍ଜନ ମଲ୍ଲିକ ତାଙ୍କର ବନ୍ଧୁ। ଘଟଣା ଦିନ ଅମୀୟ ଜଣଙ୍କୁ ଦେଖା କରି ଆସୁଛି ବୋଲି କହି ତାଙ୍କଠାରୁ ସ୍କୁଟି ନେଇ ଯାଇଥିଲେ। ବିସ୍ଫୋରଣ ପରେ ଘର ଆଗରୁ ସ୍କୁଟି ଜବତ ପରେ ସେହି ଲିଙ୍କ୍‌ରେ ତାଙ୍କୁ ପଚରାଉଚରା ପାଇଁ ଏନ୍‌ଆଇଏ ନୋଟିସ କରିଥିଲା। ତେବେ ବିସ୍ଫୋରଣ ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି।

ଅନ୍ୟପକ୍ଷରେ ଏନ୍‌ଆଇଏ ଜେରାର ସମ୍ମୁଖୀନ ହୋଇଥିବା ଯୁବ ନେତାଙ୍କୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ଉକ୍ତ ଯୁବ ନେତାଙ୍କର ମୁଫିଙ୍କ ସହ ଭଲ ସମ୍ପର୍କ ଥିଲା। ବିସ୍ଫୋରଣ ପୂର୍ବରୁ ମୁଫିଙ୍କୁ ଉକ୍ତ ଯୁବ ନେତା ଟଙ୍କା ପଠାଇଥିଲେ। ତେବେ ବିସ୍ଫୋରଣ ପାଇଁ ମୁଫିଙ୍କୁ ସେ ସୁପାରି ଦେଇଥିବା ସନ୍ଦେହ କରୁଛି ଏନ୍‌ଆଇଏ। ସେହିପରି ବିସ୍ଫୋରଣ ଦିନ ମୁଫି ଓ ଅମିୟଙ୍କ ଫୋନ୍‌କୁ ଯେଉଁମାନେ କଲ୍ କରିଛନ୍ତି ଏବଂ ଆକାଉଣ୍ଟକୁ ଯେଉଁମାନେ ଟଙ୍କା ପଠାଇଥିଲେ, ସେମାନଙ୍କୁ ଏନ୍‌ଆଇଏ ଚିହ୍ନଟ କରିବା ସହ ପଚରାଉଚରା ପାଇଁ ସମନ କରିଥିବାରୁ ଘଟଣା ପଛରେ ଲୁଚି ରହିଥିବା ନୂଆ ତଥ୍ୟ ପାଇବାକୁ ଅଧିକାରୀମାନେ ଆଶା ରଖିଛନ୍ତି।

ଏହାପୂର୍ବରୁ ମୁଫିଙ୍କ ସହ ବାହାର ରାଜ୍ୟର ୨ଜଣ ଗୋ' ମାଫିଆଙ୍କ ଲିଙ୍କ୍ ଥିବା ଜଣାପଡିଥିବାରୁ ତାହା ଉପରେ ମଧ୍ୟ ତଦନ୍ତ ଚଳାଇଛି ଏନ୍‌ଆଇଏ। ଗୋ' ମାଫିଆମାନେ ମୁଫି ସହ ଫୋନ୍‌ରେ ବରାବର ଯୋଗାଯୋଗରେ ରହିବା ସହ ଟଙ୍କା ପଠାଇଥିବା ଜଣାପଡିଛି। ମୁଫି ବେଆଇନ ଗୋ ଚାଲାଣରେ ସେମାନଙ୍କ ସହ ସମ୍ପୃକ୍ତ ଥିବାରୁ ଓଡ଼ିଶାରେ ନିଜ ସାମ୍ରାଜ୍ୟ ବଢ଼ାଇବାକୁ ଜଟଣୀରେ ବିସ୍ଫୋରଣ ପାଇଁ ଯୋଜନା ହୋଇଥିଲା। ଏପରିକି ଦୁଇ ଗୋ ମାଫିଆ ଆର୍‌ଡିଏକ୍ସ ଭଳି ବିସ୍ଫୋରକ ଓ କେମିକାଲ ମୁଫିଙ୍କୁ ଦେଇଥିବା ସନ୍ଦେହ କରାଯାଉଛି। ତେଣୁ ଉକ୍ତ ଦୁଇ ଗୋ ମାଫିଆଙ୍କୁ ଧରିବାକୁ ଏନ୍‌ଆଇଏ ଯୋଜନା କରୁଛି।

# ୨ ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

**୬ କୋଟି ୫୫ଲକ୍ଷ ଟଙ୍କା ବ୍ୟୟ ହେବ**

ନିମାପଡ଼ା,୨୩।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଗ୍ରାମ୍ୟ ଉନୟନ ବିଭାଗ ଡିଭିଜନ ପକ୍ଷରୁ ୫କୋଟି ୬୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏଫ୍.ଏନ୍.ଏମ୍. ରାସ୍ତାରୁ ଚଢେଇଗାଁ ରାସ୍ତାକୁ ସଂଯୋଗୀକରଣ ନିମନ୍ତେ ସେତୁବନ୍ଧ ଯୋଜନାରେ ନୂତନ ସେତୁ ନିର୍ମାଣ ଏବଂ ୯୨ଲକ୍ଷ ୪୦ହଜାର ଟଙ୍କା ବ୍ୟୟରେ ମଦରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ସହ ମୋଟ ୬କୋଟି ୫୫ଲକ୍ଷ ୪୦ହଜାର ଟଙ୍କା ବ୍ୟୟରେ ଦୁଇଟି ନୂତନ ପ୍ରକଳ୍ପ ନିମନ୍ତେ


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ନିମାପଡ଼ା ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ମୁଖ୍ୟଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇ କହିଛନ୍ତି, ଏହି ଦୁଇଟି ନୂତନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଗମନାଗମନ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁଳ ଭାବେ ଉପକୃତ ହୋଇପାରିବେ। ବିଶେଷ କରି କାଦୁଆ ନଦୀ ଅବବାହିକା ଅଞ୍ଚଳର ଲୋକେ ଉପକୃତ ହେବେବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସମାରୋହରେ ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ. ମୌସୁମୀ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ହରିଶ କୁମାର ପୂର୍ତ୍ତୀ, କନିଷ୍ଠ ଯନ୍ତ୍ରୀ ରଞ୍ଜିତ କୁମାର ସ୍ୱାଇଁ, ଏମ୍‌ପି ପ୍ରତିନିଧି ମିନଲତା ମହାନ୍ତି, ପୂର୍ଣଚନ୍ଦ୍ର ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ରଥଖଳାରୁ...

# ରଥ ପାଇଁ ଅରକଣ୍ଟା ନିର୍ମାଣ ଆରମ୍ଭ



ପୁରୀ,୨୩।୪(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଜୁଲାଇ ୧୬ରେ ହେବାକୁ ଥିବାବେଳେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଗୁରୁବାର ତୃତୀୟ ଦିନରେ ରଥ ନିର୍ମାଣକାରୀ ସେବକମାନେ ରଥଖଳାରେ ଉପସ୍ଥିତ ହୋଇ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥ ପାଇଁ ଆବଶ୍ୟକ ୪୨ ତୁମ୍ବ ମଧ୍ୟରୁ ୨୧ଟି ତୁମ୍ବ ମାପ ପ୍ରକାରେ ଗଡ଼ କରି କରତି ସେବକମାନେ ତିନି ରଥ ଚାଲିକୁ ୭ଟି ଲେଖାଏ ଯୋଗାଇ ଦେଇଛନ୍ତି। ଉକ୍ତ ତୁମ୍ବଗଡ଼ରୁ ତିନି ରଥ ମହାରଣା ସେବକମାନେ ୧୦ଟି ତୁମ୍ବ ଗଡ଼କୁ ବାରିସିରେ ହାଣି ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। ତାଳଧ୍ୱଜ ରଥ ଚାଲିକୁ ଯୋଗାଇ ଦିଆଯାଇଥିବା ମୋଟ ୭ଟି ତୁମ୍ବ ଗଡ଼ରୁ ସେବକମାନେ ୪ଟି ତୁମ୍ବର ଗୋଲେଇ କାର୍ଯ୍ୟ ସାରି ଆଉ ୩ଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ଦର୍ପଦଳନ ରଥର ଚାଲିକୁ ଯୋଗାଇ ଦିଆଯାଇଥିବା ୭ଗଡ଼ ତୁମ୍ବ ମଧ୍ୟରୁ ୩ଟି ତୁମ୍ବର ଗୋଲେଇ କାର୍ଯ୍ୟ ମହାରଣା ସେବକମାନେ ଶେଷ କରି ଅନ୍ୟ ୪ଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ନନ୍ଦିଘୋଷ ରଥ ଚାଲିକୁ ଯୋଗାଇ ଦିଆଯାଇଥିବା ୭ଟି ତୁମ୍ବ ଗଡ଼ ମଧ୍ୟରୁ ୩ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହେବା ସହ ଆଉ ୪ଟି ତୁମ୍ବର ଗୋଲେଇ କାର୍ଯ୍ୟ ଚାଲିଛି। ଦୋଳବେଦି ପରିସରରେ ନିର୍ମିତ ଅସ୍ଥାୟୀ କମାରଶାଳରେ ରଥ ନିର୍ମାଣ ପାଇଁ ଆବଶ୍ୟକ କଣ୍ଟା ପ୍ରସ୍ତୁତ ପାଇଁ ଶାଳପୂଜା ଶେଷ ପରେ ଶୁଭ ଦେଇ ଅନୁକୂଳ ଅରକଣ୍ଟା ନିର୍ମାଣ କରାଯାଇଛି। ଓଝାସେବକମାନେ ଅରକଣ୍ଟା ନିର୍ମାଣ ପାଇଁ ୧୦ ଏମ୍.ଏମ୍ ସାଇଜ୍‌ର ଲୁହାରଡ କଟିଂ ଜାରି ରଖିବା ସହ କଣ୍ଟା ନିର୍ମାଣ ଆରମ୍ଭ କରିଛନ୍ତି।




୨୩।୪।୨୦୨୬

| | |
|---|---|
| ୪,୯୧,୨୭୮ ଟଙ୍କା | |
| ସୁନା | ୩୫୦ ମିଲିଗ୍ରାମ୍ |
| ରୁପା | ୩୨.୫୦୦ ଗ୍ରାମ୍ |

# ଜାପାନରେ ତବଲା - ସିତାରର ଯୁଗଳବନ୍ଦୀ

**ଓଡ଼ିଆ କଳାକାରଙ୍କ ସଙ୍ଗୀତରେ ବିଭୋର ଜାପାନୀ**

ପୁରୀ,୨୩।୪(ଅଜିତ୍ କୁମାର ମହାନ୍ତି)

ଜାପାନ ତୋତରିରେ ଓଡ଼ିଶାର ନିପୁଣ କଳାକୁ ତବଲା ଓ ସିତାର ଜରିଆରେ ପରିବେଷଣ କରିଛନ୍ତି ତବଲା ବାଦକ ଗୁରୁ ଲିଙ୍ଗରାଜ ଦାସ ଏବଂ ସିତାର ବାଦକ ଗୁରୁ ସତ୍ୟବାନ ସେଠୀ। ତବଲା-ସିତାର ଯୁଗଳବନ୍ଦୀ ସଙ୍ଗୀତରେ ବିଭୋର ହୋଇପଡ଼ିଥିଲେ ଜାପାନୀ। ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର୍ ଓ ତୋତରୀ ସରକାରଙ୍କ ବାଣିଜ୍ୟିକ ପରାମର୍ଶଦାତା କୁନା ଦାଶଙ୍କ ତତ୍ତ୍ୱାବଧାନରେ ତୋତରୀରେ ଆୟୋଜିତ ଦୁଇଦିନିଆ ଜାପାନ ଫେଷ୍ଟିଭାଲରେ ଓଡ଼ିଶାର ଦୁଇ କଳାକାରଙ୍କ ତବଲା ଓ ସିତାରର ସ୍ୱରରେ ଜାପାନବାସୀ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଅବସରରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର୍ ଭାରତର ସଭାପତି ଶ୍ରୀମନ୍ତ କୁମାର ଦାଶ କହିଛନ୍ତି, ଗତ ଫେବୃଆରୀ ୭ ଓ ୮ରେ ତାଳବଣିଆରେ ଓଡ଼ିଶା-ଜାପାନ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାପାନ କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ଏବେ ତୋତରୀରେ ଆୟୋଜିତ ଜାପାନ ଫେଷ୍ଟିଭାଲରେ ଓଡ଼ିଶାର କଳାକାରମାନେ କଳା ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ଉଭୟ ଦେଶର କଳା, ସଂସ୍କୃତିର ପ୍ରଚାର ପ୍ରସାର ସହ ପର୍ଯ୍ୟଟନର ବିକାଶ ଲାଗି ପଦକ୍ଷେପ ନିଆଯିବ ବୋଲି ଦାଶ କହିଛନ୍ତି।


ଜାପାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଜାପାନ ଏବଂ ଓଡ଼ିଶାର କଳାକାରମାନେ ।

# ୧୨ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ବେପାରୀ ଗିରଫ

ନିମାପଡ଼ା,୨୩।୪(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ନିମାପଡ଼ା -ପିପିଲି ମୁଖ୍ୟରାସ୍ତାର ପେଟାଘାଇ ଛକ ନିକଟରେ ଚଢ଼ାଉ କରାଯାଇ ଜଣେ ଚୋରା ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୨୦ଗ୍ରାମ୍ ବ୍ରାଉନସୁଗାର, ଗୋଟିଏ ବାଇକ, ନଗଦ ୭ଶହ ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୨ଲକ୍ଷ ଟଙ୍କା ହେବବୋଲି ନିମାପଡ଼ା ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ କହିଛନ୍ତି। ଗିରଫ ବ୍ୟବସାୟୀ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଦୀପିରେଣ୍ଟା ଗ୍ରାମର ବଟକୃଷ୍ଣ ସାହୁ। ତାଙ୍କୁ କୋର୍ଟ ଚାଲାଣ ପରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଏକ କେସ୍ (ନଂ. ୮/୨୬-୨୭) ରୁଜୁ ସହ ତଦନ୍ତ ଜାରି ରହିଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ, ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, ଫିରୋଜ ମହାନନ୍ଦିଆ, ତପନ ପ୍ରଧାନ, ଏସ୍.କେ. ୱାରିଶ ଏବଂ ସ୍ୱାଗତିକା ଘଡ଼େଇ ପ୍ରମୁଖ ସଦଳବଳେ ଏହି ଚଢ଼ାଉ କରିଥିଲେ।

# ଦେସ୍ଥଳିରେ ମେଳଣ


ମେଳଣ ମଣ୍ଡପରେ ସୁସଜ୍ଜିତ ବିମାନ ।

ଯୋଗେଶ୍ୱରପୁର,୨୩।୪ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳିରେ ଗୁରୁବାର ବାରଗାଦି ମେଳଣ ଅନୁଷ୍ଠିତ ହୋଇଯାଇଛି। ଠାକୁରମାନଙ୍କୁ ସୁସଜ୍ଜିତ ବିମାନରେ ବିଜେକରାଇ ଶୋଭାଯାତ୍ରାରେ ମେଳଣସ୍ଥଳକୁ ଅଣାଯାଇଥିଲା। ମେଳଣରେ ସହସ୍ରାଧିକ ଶ୍ରଦ୍ଧାଳୁ ସାମିଲ ହେବା ସହ ଠାକୁର ଦର୍ଶନ କରିଥିଲେ। ୧୫୦ତମ ମେଳଣ ପୂର୍ତ୍ତି ଅବସରରେ ୫ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସାମାଜିକ କର୍ମୀ ମକରଧ୍ୱଜ ସ୍ୱାଇଁ ଜଣାଇଛନ୍ତି। ଆଖପାଖ ଗ୍ରାମର ଲୋକଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

## ସଂକ୍ଷେପରେ

### ଗୋପ ବଜାରରେ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ

ଗୋପ,୨୩।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବଜାର ଉଚ୍ଛେଦ କାର୍ଯ୍ୟ ପରେ କିଛିଦିନ ଧରି ଗୋପ ବଜାର ଅନ୍ଧାରରେ ରହିଥିଲା। ଏହାକୁ ଆଖି ଆଗରେ ରଖି ଗୋପ ବ୍ଲକ୍ ପକ୍ଷରୁ ଲକ୍ଷାଧିକ ଟଙ୍କା ବିନିମୟରେ ଦୁଇଟି ହାଇମାଷ୍ଟ ଲାଇଟ୍ ସହ ଗୋପ ବ୍ରିଜ୍ ଉପରେ ସୋଲାର ଲାଇଟ ଲଗାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୋପ ଗସ୍ତରେ ଆସି ଏହି ଆଲୋକୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତବେଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଆଶଙ୍କାରେ ଗୋପ ପୋଲିସ ଯୁବନେତା ମନଦୀପ୍ ପାଇକରାୟ ଓ କମଳାକାନ୍ତ ମହାନ୍ତିଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା।

### ଦୋକାନ ଆଜ୍‌ବେଷ୍ଟସ ଭାଙ୍ଗି ଚୋରି

ଚାରିଛକ, ୨୩।୪(ଶିଶିର କୁମାର ସ୍ୱାଇଁ)

ଚାରିଛକ ମୁଖ୍ୟବଜାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ଥିବା ସୁକାନ୍ତ ସାହୁଙ୍କ ଗ୍ରୋସେରି ଦୋକାନ ଆଜବେଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କାର ଚୋରି ହୋଇଛି। ଏ ନେଇ ସୁକାନ୍ତ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଗୁରୁବାର ସକାଳେ ସୁକାନ୍ତ ଦୋକାନ ଖୋଲି ଦେଖିବାବେଳକୁ ତାଙ୍କ କ୍ୟାସ ଡ୍ର ଭଙ୍ଗାଯାଇଥିଲା। ସେଥିରେ ଥିବା ୧ ଲକ୍ଷ ୧୪ ହଜାର ଟଙ୍କା ଚୋରି ହୋଇଯାଇଥିଲା। ଚାରିଛକ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ସେହିପରି ଏହି ବଜାରରେ ଥିବା ଅନ୍ୟ ଏକ ଦୋକାନରୁ ମଧ ଚୋରି ହୋଇଛି।

# ଶ୍ରୀମନ୍ଦିର ସେବକ ଶ୍ରଦ୍ଧାନନ୍ଦ ଦାସ ମହାପାତ୍ର ନିଲମ୍ବିତ

**ଅନ୍ୟାଦେଶ ପର୍ଯ୍ୟନ୍ତ ସେବାପୂଜା, ଶ୍ରୀମନ୍ଦିର ପ୍ରବେଶ ମନା**

ପୁରୀ,୨୩।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରର ଶୁଦ୍ଧ ସୁଆର ଓ ଦଇତାପତି ସେବକ ଶ୍ରଦ୍ଧାନନ୍ଦ ଦାସ ମହାପାତ୍ରଙ୍କୁ ମହାପ୍ରଭୁଙ୍କ ସେବାରୁ ନିଲମ୍ବନ କରାଯିବା ସହ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ଶ୍ରଦ୍ଧାନନ୍ଦଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟିକୁ ଆସିବା ପରେ ଗୁରୁବାର ଶ୍ରୀମନ୍ଦିର ଆଇନ ଅନୁଯାୟୀ ତାଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ନିଲମ୍ବନ କରିଛନ୍ତି। ଉକ୍ତ ସେବକଙ୍କ ଅନୈତିକ କାର୍ଯ୍ୟ ସମଗ୍ର ସେବକ ସମାଜ ଏବଂ ଶ୍ରୀମନ୍ଦିରର ସମ୍ମାନ ଓ ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା ପରିପ୍ରେକ୍ଷୀରେ ତାଙ୍କ ବିରୋଧରେ ନିଲମ୍ବନ ଆଦେଶ ଜାରି କରାଯାଇଛି। ଏହା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବା ସହିତ ନିଲମ୍ବନ ଅବଧିରେ ସମ୍ପୃକ୍ତ ସେବକ ସେବାରୁ ବଞ୍ଚିତ ହେବେ। ସେହିପରି ଶ୍ରୀମନ୍ଦିରରେ ତାଙ୍କର ପ୍ରବେଶ ଉପରେ ମୁଖ୍ୟ ପ୍ରଶାସକ ନିଷେଧାଜ୍ଞା ଜାରି କରିଛନ୍ତି। ଶ୍ରୀମନ୍ଦିରର ପ୍ରାୟତଃ ସେବକଙ୍କ ଆଚାର ବ୍ୟବହାର ଠିକ ରହିବା ସହ ଶୃଙ୍ଖଳିତ ଭାବେ ନୀତିକାନ୍ତି ସମ୍ପାଦନ ହେଉଥିବାବେଳେ କେତେଜଣ ସେବକଙ୍କ ଅବାଞ୍ଛିତ କାର୍ଯ୍ୟକଳାପ ସମଗ୍ର ସେବକ ସମାଜକୁ ବଦନାମ କରୁଥିବା ଦର୍ଶାଇ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ମତବ୍ୟକ୍ତ କରିଛନ୍ତି।

# ଶାସକ ଦଳର ଅପପ୍ରଚାରକୁ କଂଗ୍ରେସର ସମାଲୋଚନା

**ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗ**

ପୁରୀ,୨୩।୪(ଅଜିତ୍ କୁମାର ମହାନ୍ତି)

କଂଗ୍ରେସ ପକ୍ଷରୁ ଦଳର ଜିଲା କାର୍ଯ୍ୟାଳୟରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଶାସକ ଦଳ ତରଫରୁ କିଛିଦିନ ତଳେ ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗରେ ବିରୋଧୀ ଦଳ କଂଗ୍ରେସର ଭୂମିକା ନେଇ ଅପପ୍ରଚାର କରାଯିବାକୁ କଂଗ୍ରେସ ନେତାମାନେ ସମାଲୋଚନା କରିଥିଲେ। ଏହି ଅପପ୍ରଚାର ରୋକିବାକୁ ଦଳର କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଛି। ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ, ଜିଲା କଂଗ୍ରେସର ପୂର୍ବତନ ସଭାପତି ଉତ୍ତମ କୁମାର ଆଚାର୍ଯ୍ୟ, ବିଦ୍ୟୁତଲତା ଆଚାର୍ଯ୍ୟ ଏବଂ ସରସ୍ୱତୀ ପାତ୍ର ପ୍ରମୁଖ କହିଥିଲେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶାସନ ସମୟରୁ ପଞ୍ଚାୟତ ଓ ପୌରସଂସ୍ଥାରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷଣ ଭଳି ଯୁଗାନ୍ତକାରୀ ପଦକ୍ଷେପ ଠାରୁ ଆରମ୍ଭକରି ବିଭିନ୍ନ କଂଗ୍ରେସ ସରକାର ସମୟରେ ଏହି ବିଷୟରେ ପଦକ୍ଷେପ ନିଆଯାଇଥିଲା। ୨୦୨୩ରେ ବିରୋଧୀ ଦଳର ସମର୍ଥନରେ ପାରିତ ହୋଇଥିବା ମହିଳା ସଂରକ୍ଷଣ ବିଲ୍ ୨୦୨୬ ମସିହା ପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ କରାଯାଇ ନ ଥିଲା ବୋଲି ସେମାନେ ପ୍ରଶ୍ନ କରିଥିଲେ। ଦୁଇଟି ରାଜ୍ୟର ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ କେନ୍ଦ୍ର ସରକାର ତରବରିଆ ଭାବେ ପୁନର୍ବାର ମହିଳା ସଂରକ୍ଷଣ ବିଲ୍‌କୁ ସୀମା ନିର୍ଦ୍ଧାରଣ ବିଲ୍ ସହିତ ଯୋଡ଼ି ନିଜ ଦଳର ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନ ଥିବା ଜାଣି ମଧ୍ୟ କାହିଁକି ପାରିତ କରିବା ପାଇଁ ଅପଚେଷ୍ଟା କରିଥିଲେ ବୋଲି କଂଗ୍ରେସ ନେତାମାନେ ପ୍ରଶ୍ନ କରିଥିଲେ। ପ୍ରଧାନମନ୍ତ୍ରୀ ଅସତ୍ୟ ପରିବେଷଣ କରି ଜନତାଙ୍କୁ ବିଭ୍ରାନ୍ତ କରୁଥିବା ସେମାନେ ଅଭିଯୋଗ ଆଣିଛନ୍ତି।



ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ର, ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ସୂଚନା ଦେଉଛନ୍ତି ।

# ଶ୍ରୀହନୁମାନଙ୍କ ନୂତନ ସିଂହାସନ, ଶ୍ରୀଗରୁଡ଼ଙ୍କ ଆସ୍ଥାନ ପ୍ରତିଷ୍ଠା ଉତ୍ସବ

ପୁରୀ,୨୩।୪(ଅଜିତ୍ କୁମାର ମହାନ୍ତି)

ବଡ଼ଶଙ୍ଖସ୍ଥିତ ନିର୍ବାଣୀ ଆଖଡ଼ା ମଠ ଆନୁକୂଲ୍ୟରେ ପ୍ରଭୁ ଶ୍ରୀହନୁମାନଙ୍କ ନୂତନ ସିଂହାସନ ଓ ଶ୍ରୀଗରୁଡ଼ଙ୍କ ନୂତନ ଆସ୍ଥାନ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନେକ ମଠାଧୀଶ ଓ ସାଧୁସନ୍ଥ ଯୋଗଦେଇଥିଲେ। ପୁରୋହିତ ପଣ୍ଡିତ ସୁଧାକର ମିଶ୍ର, ସତ୍ୟନାରାୟଣ ପଣ୍ଡା ଓ ବାବାଜୀ ଶ୍ରୀବୈଷ୍ଣବ ଦାସଜୀ ଶ୍ରୀହନୁମାନଙ୍କ ବିଗ୍ରହକୁ ନୂତନ ପ୍ରତିଷ୍ଠିତ ସିଂହାସନ ଓ ଶ୍ରୀଗରୁଡ଼ଙ୍କୁ ନୂତନ ଆସ୍ଥାନରେ ବିରାଜମାନ କରିଥିଲେ। ଏହି ଐତିହ୍ୟସମ୍ପନ୍ନ ମଠଟି ଶ୍ରୀମନ୍ଦିର ସଂସ୍କୃତି ଓ ନୀତିକାନ୍ତି ସହ ଜଡ଼ିତ। ଉତ୍ସବରେ ମହନ୍ତ ନାରାୟଣ ରାମାନୁଜ ଦାସ, ମହନ୍ତ ବିଜୟ ରାମାନୁଜ ଦାସ, ମହନ୍ତ ରାମଚରଣ ଦାସ, ମହନ୍ତ ସୁଖରାମ୍ ଦାସ, ମହନ୍ତ ଅଭିରାମ ଦାସ, ମହନ୍ତ ଦିବ୍ୟାନନ୍ଦ ଦାସ, ମହନ୍ତ କୃପାରାମ ଦାସ, ମହନ୍ତ ନୃସିଂହ ରାମାନୁଜ ଦାସ, ମହନ୍ତ ବାମନ ଚରଣ ଦାସ ପ୍ରମୁଖଙ୍କ ସହିତ ଶତାଧିକ ସାଧୁସନ୍ଥ ଓ ବୈଷ୍ଣବ ଯୋଗଦେଇଥିଲେ। ନିର୍ବାଣୀ ଆଖଡ଼ା ମଠର ମହନ୍ତ ଶ୍ରୀରାମଚରଣ ଦାସଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଶିଷ୍ୟ ଦେବାଶିଷ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ସାଧୁସନ୍ଥ ।



# କେନାଲରେ ଗାଧୋଇବା ବେଳେ ଚାଲିଗଲା ଛାତ୍ରଙ୍କ ଜୀବନ

**ବାରଙ୍ଗ, ୨୩।୪(ଲିଙ୍ଗରାଜ ରାଉତ)**

ବାରଙ୍ଗ ଥାନା ଅନ୍ତର୍ଗତ ରତାଗଡ ଗ୍ରାମ ନିକଟ ପୁରୀ ମେନ୍ କେନାଲରେ ଗୁରୁବାର ମଧ୍ୟାହ୍ନରେ ଏକ ଅଘଟଣ ଘଟିଛି। କେନାଲ୍‌ରେ ଗାଧୋଇବା ବେଳେ ବୁଡ଼ିଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ବ୍ରହ୍ମପୁର ଅଞ୍ଚଳର କୁମାରେଶ୍ୱର୍ ବେହେରା(୨୨)। କୁମାରେଶ୍ୱର ଏକ ଘରୋଇ ବିଶ୍ୱବିଦ୍ୟାଳୟର କୃଷି ବିଭାଗର ୪ର୍ଥ ବର୍ଷର ଛାତ୍ର ଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

ବାରଙ୍ଗ ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟର ୪ ଜଣ ଛାତ୍ର ବାଇକ୍ ଯୋଗେ ଭୋଜି କରିବା ପାଇଁ ପୁରୀ ମୁଖ୍ୟ କେନାଲର ରତାଗଡ ଗାଁ ମୁଣ୍ଡକୁ ଆସିଥିଲେ। ସେଠାରେ ବଣଭୋଜି କରିବା ସହ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ କୁମାରେଶ୍ୱର ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗକୁ ଉଦ୍ଧାର କରିବା ପାଇଁ ଅନ୍ୟ ୩ଜଣ ସାଙ୍ଗ ପାଟି କରିବାରୁ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବାରଙ୍ଗ ଥାନା ପୋଲିସ ଅଗ୍ନିଶମ ବାହିନୀଙ୍କୁ ସାଙ୍ଗରେ ଧରି ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ବହୁ ଖୋଜାଖୋଜି ପରେ କେନାଲ ଭିତରୁ କୁମାରେଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ମାତ୍ର ସେଠାରେ କୁମାରେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଇପିଏଫ୍ ପେନ୍‌ସନର୍ସ ସଂଘ କୋର୍ କମିଟି ବୈଠକ

## ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବ ସଂଘ

**ଭୁବନେଶ୍ୱର, ୨୩।୪ (ବନ୍ଦନା ସେଠୀ)**

ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନର କୋର୍ କମିଟି ବୈଠକ ଗୌରୀନଗରସ୍ଥିତ ମହବୀର କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ଇପିଏଫ୍ ପେନ୍‌ସନଧାରୀଙ୍କ ଦାବି ଯଥା – ସର୍ବନିମ୍ନ ପେନ୍‌ସନ ୯୦୦୦ ଟଙ୍କାକୁ ବୃଦ୍ଧି, ମହଙ୍ଗା ଭତ୍ତା ଓ ନିଃଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ବର୍ଦ୍ଧିତ ପେନସନ ପ୍ରଦାନରେ ଇପିଏଫ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଅନେକ ହିତାଧିକାରୀଙ୍କୁ ସେଥିରୁ ବଞ୍ଚିତ କରିଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୀର୍ଘ ୧୨ବର୍ଷ ଧରି ସର୍ବନିମ୍ନ ପେନସନ ବୃଦ୍ଧି କରା ନ ଯିବା ଅତ୍ୟନ୍ତ ବିଡମ୍ବନାର ବିଷୟ। ତେଣୁ ଏହାର ପ୍ରତିବାଦ ସ୍ୱରୂପ ଏକ ସଙ୍ଗେ ସଂଘର ରାଜ୍ୟ କମିଟି ଓ ଜିଲା କମିଟି ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହ ହିତାଧିକାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଭବିଷ୍ୟନିଧି ସଂଗଠନର ରାଜ୍ୟ ମୁଖ୍ୟଙ୍କ ସହ ସଂଘର ଏକ ପ୍ରତିନିଧିମଣ୍ଡଳୀ ସାକ୍ଷାତ ଆଲୋଚନା କରିବେ। ଦାବି ହାସଲ ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ବୈଠକରେ ଇଂ. ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କେନ୍ଦ୍ରୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଉପଦେଷ୍ଟା ନଟବର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ବିକ୍ରମ ଛୋଟରାୟ, ସରୋଜକାନ୍ତ ମଲ୍ଲିକ, କୃଷ୍ଣଚନ୍ଦ୍ର ସାହୁ, ଧୀରେନ୍ଦ୍ର ପ୍ରତାପ, ପ୍ରକାଶ କୁମାର ପଟ୍ଟନାୟକ, ଗୀତାଞ୍ଜଳି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୁତ୍ରୁମାଳି ଖଣିର ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି ବାତିଲ ହେଉ




## ରାଜ୍ୟ ପ୍ରଦୂଷଣ ବୋର୍ଡ ସଦସ୍ୟ ସଚିବଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର, ୨୩।୪ (ବନ୍ଦନା ସେଠୀ)**

ରାଜ୍ୟ ସରକାର ରାୟଗଡ଼ା ଏବଂ କଳାହାଣ୍ଡି ଜିଲାର କାଶୀପୁର ଓ ଥୁଆମୂଳ ରାମପୁର ବ୍ଲକରେ ବକ୍ସାଇଟ ଖଣି ଖନନ ନିମନ୍ତେ କୁତ୍ରୁମାଳି ପର୍ବତକୁ ଆଦାନୀ କମ୍ପାନୀର ମେସର୍ସ କଳିଙ୍ଗ ଆଲୁମିନାକୁ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ମେ' ୧୩ରେ ଜନଶୁଣାଣି ଆୟୋଜନ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏହି ବିଜ୍ଞପ୍ତିକୁ ରଦ୍ଦ କରିବା ସହିତ ପ୍ରସ୍ତାବିତ ଜନଶୁଣାଣି ବାତିଲ କରିବା ପାଇଁ ଗୁରୁବାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ମନୋଜ ନାୟାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, କାଶୀପୁର ଓ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ସିଜିମାଳି ଅଞ୍ଚଳରେ ବେଦାନ୍ତ କମ୍ପାନୀ ସ୍ୱାର୍ଥରେ ପୋଲିସ ଦମନଲୀଳା ସାରା ଓଡ଼ିଶା ତଥା ଦେଶରେ ଏକ ଚର୍ଚ୍ଚିତ ବିଷୟ ହୋଇରହିଛି। ଏଭଳି ସମୟରେ ରାଜ୍ୟ ସରକାର ପୁନର୍ବାର ସମ୍ପୃକ୍ତ ବ୍ଲକର ଅନ୍ୟ ଏକ ବକ୍ସାଇଟ ଖଣି କୁତ୍ରୁମାଳି ପର୍ବତକୁ ଆଦାନୀ କମ୍ପାନୀର ମେସର୍ସ କଳିଙ୍ଗ ଆଲୁମିନାକୁ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ସମ୍ପୃକ୍ତ ଅଞ୍ଚଳର ଲୋକମାନେ ସେମାନଙ୍କ ଜୀବନ ଜୀବିକା, ପ୍ରକୃତି ଓ ପରିବେଶର ସୁରକ୍ଷା କାରଣରୁ ଦୀର୍ଘଦିନ ଧରି ବିରୋଧ କରି ଆସୁଛନ୍ତି। ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ଅନୁସାରେ ଅନୁସୂଚିତ ଅଞ୍ଚଳରେ ଯେକୌଣସି ବିକାଶମୂଳକ ଯୋଜନା ପାଇଁ ଗ୍ରାମସଭା ବାଧ୍ୟତାମୂଳକ। ମାତ୍ର କୁତ୍ରୁମାଳି ଅଞ୍ଚଳରେ ଏହି ଖଣି ଲିଜ୍ ଓ ଖନନ ପାଇଁ ଅଦ୍ୟାବଧି ଗ୍ରାମସଭା ହୋଇନାହିଁ। କାଶୀପୁର ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ଜନଶୁଣାଣି ଆୟୋଜନ କରାଯିବ ବୋଲି ଘୋଷଣା କରାଯାଇଥିବାବେଳେ ସିଜିମାଳି ଅଞ୍ଚଳରେ ପୋଲିସ ଆତଙ୍କରାଜ କାରଣରୁ ଲୋକମାନେ ଭୟରେ ବାହାରକୁ ବାହାରି ପାରୁନାହାନ୍ତି। ଅନ୍ୟପକ୍ଷରେ ପ୍ରଭାବିତ ଗାଁଗୁଡ଼ିକଠାରୁ ୩୦/୪୦କି.ମି. ଦୂର କାଶୀପୁର ବ୍ଲକ କାର୍ଯ୍ୟାଳୟ ଭିତରେ ଜନଶୁଣାଣି ଆୟୋଜନ କରିବା ସରକାରଙ୍କ ଗୁପ୍ତ ଅଭିସନ୍ଧିକୁ ତଥା ଅଗଣତାନ୍ତ୍ରିକ ନୀତିକୁ ପଦାରେ ପକାଇ ଦେଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଲେଖିକା ରଞ୍ଜନା ପାଢ଼ୀ, ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ (ଏନ.ଏ.ପି.ଏମ) ତଥା ଇନସାଫ୍‌ର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନର ଦେବରଞ୍ଜନ, ଲୋହିଆ ଏକାଡେମୀ ସମ୍ପାଦକ ଦେବପ୍ରସାଦ ରାୟ, ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ପ୍ରଶାନ୍ତ ପାଇକରାୟ, ରାଜନୈତିକ କର୍ମୀ ଶ୍ରୀକାନ୍ତ ମହାନ୍ତି, ଆଇନଜୀବୀ ସାୟାନ୍ତନ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ଏକ ୫ଜଣିଆ ପ୍ରତିନିଧି ମଣ୍ଡଳୀ ପ୍ରଦୂଷଣ ବୋର୍ଡ ସଦସ୍ୟ ସଚିବଙ୍କୁ ଭେଟି କୁତ୍ରୁମାଳି ଏବଂ ସିଜିମାଳି ଅଞ୍ଚଳରେ ସାମ୍ପ୍ରତିକ ପରିସ୍ଥିତିର ଗମ୍ଭୀରତା ସମ୍ପର୍କରେ ଅବଗତ କରାଇଥିଲେ।

ରଥଖଳାରୁ...

# ରଥ ପାଇଁ ଅରକଣ୍ଟା ନିର୍ମାଣ ଆରମ୍ଭ



**ପୁରୀ, ୨୩।୪(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଜୁଲାଇ ୧୬ରେ ହେବାକୁ ଥିବାବେଳେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଗୁରୁବାର ତୃତୀୟ ଦିନରେ ରଥ ନିର୍ମାଣକାରୀ ସେବକମାନେ ରଥଖଳାରେ ଉପସ୍ଥିତ ହୋଇ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥ ପାଇଁ ଆବଶ୍ୟକ ୪୨ ତୁମ୍ବ ମଧ୍ୟରୁ ୨୧ଟି ତୁମ୍ବ ମାପ ପ୍ରକାରେ ଗଢ଼ କରି କରତି ସେବକମାନେ ତିନି ରଥ ଚାଳିକୁ ୭ଟି ଲେଖାଏ ଯୋଗାଇ ଦେଇଛନ୍ତି। ଉକ୍ତ ତୁମ୍ବଗଢ଼ରୁ ତିନି ରଥ ମହାରଣା ସେବକମାନେ ୧୦ଟି ତୁମ୍ବ ଗଢ଼କୁ ବାରିସିରେ ହାଣି ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। ତାଳଧ୍ୱଜ ରଥ ଚାଳିକୁ ଯୋଗାଇଦିଆଯାଇଥିବା ମୋଟ ୭ଟି ତୁମ୍ବ ଗଢ଼ରୁ ସେବକମାନେ ୪ଟି ତୁମ୍ବର ଗୋଲେଇ କାର୍ଯ୍ୟ ସାରି ଆଉ ୩ଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ଦର୍ପଦଳନ ରଥର ଚାଳିକୁ ଯୋଗାଇ ଦିଆଯାଇଥିବା ୭ଗଢ଼ ତୁମ୍ବ ମଧ୍ୟରୁ ୩ଟି ତୁମ୍ବର ଗୋଲେଇ କାର୍ଯ୍ୟ ମହାରଣା ସେବକମାନେ ଶେଷ କରି ଅନ୍ୟ ୪ଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ନନ୍ଦିଘୋଷ ରଥ ଚାଳିକୁ ଯୋଗାଇ ଦିଆଯାଇଥିବା ୭ଟି ତୁମ୍ବ ଗଢ଼ ମଧ୍ୟରୁ ୩ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହେବା ସହ ଆଉ ୪ଟି ତୁମ୍ବର ଗୋଲେଇ କାର୍ଯ୍ୟ ଚାଲିଛି। ଦୋଳବେଦି ପରିସରରେ ନିର୍ମିତ ଅସ୍ଥାୟୀ କମାରଶାଳରେ ରଥ ନିର୍ମାଣ ପାଇଁ ଆବଶ୍ୟକ କଣ୍ଟା ପ୍ରସ୍ତୁତ ପାଇଁ ଶାଳ ପୂଜା ଶେଷ ପରେ ଶୁଭ ଦେଇ ଅନୁକୂଳ ଅରକଣ୍ଟା ନିର୍ମାଣ କରାଯାଇଛି। ଓଝାସେବକମାନେ ଅରକଣ୍ଟା ନିର୍ମାଣ ପାଇଁ ୧୦ ଏମ୍.ଏମ୍ ସାଇଜ୍‌ର ଲୁହାରଡ କଟିଙ୍ଗ ଜାରି ରଖିବା ସହ କଣ୍ଟା ନିର୍ମାଣ ଆରମ୍ଭ କରିଛନ୍ତି।

# ଶ୍ରାଦ୍ଧବାର୍ଷିକୀ ଭୋଜି ଖାଇ ୩୨ରୁ ଊର୍ଦ୍ଧ୍ୱ ଅସୁସ୍ଥ

**ବାଙ୍କୀ, ୨୩।୪( ଶୁଭେନ୍ଦୁ ମହାପାତ୍ର)**

ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମର ଗୋଡ଼ିସାହିର ଜଣେ ବ୍ୟବସାୟୀଙ୍କ ଘରେ ମଙ୍ଗଳବାର ରାତିରେ ଶ୍ରାଦ୍ଧବାର୍ଷିକୀ ଭୋଜି ହୋଇଥିଲା। ଭୋଜି ଖାଇବା ପରେ ବୁଧବାର ସନ୍ଧ୍ୟାରେ ୬୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କେବଳ ୩୨ ଜଣ ଆକ୍ରାନ୍ତ ଥିବା କୁହାଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ୨୧ ଜଣ ପୁରୁଷ ଥିଲାବେଳେ ୧୧ ଜଣ ମହିଳା ରହିଛନ୍ତି ବୋଲି ସୁବର୍ଣ୍ଣପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ଅମରେଶ ସାହୁ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭୋଜି ଖାଇବା ପରେ ଅନେକଙ୍କ ପେଟ କାଟିବା ସହ ଝାଡ଼ା ଓ ବାନ୍ତି ହୋଇଥିଲା। ଆକ୍ରାନ୍ତମାନେ କଳାପଥର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଘରକୁ ଅନେକ ଫେରିଥିଲେ। ଗୁରୁବାର ସକାଳେ ଆଉ କେତେଜଣ ମହିଳା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପରିକି ଅନେକ



ସମ୍ପର୍କୀୟ ଭୋଜି ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାରୁ ନିକଟସ୍ଥ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଭୋଜି ରୋଷେଇ ବିଷାକ୍ତ ହୋଇ ଯାଇଥିବାରୁ ଏପରି ହୋଇଥିବା ଅନେକେ ଆକ୍ରାନ୍ତ ଅଭିଯୋଗ କରିଛନ୍ତି। ଆଶା କର୍ମୀ ଘରକୁ ଘର ଯାଇ ସ୍ଥିତି ପରଖିଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଆକ୍ରାନ୍ତଙ୍କ ଠିକ୍ ଚିକିତ୍ସା ଚାଲିଛି ଓ ସାଲାଇନ ଦିଆଯାଉଛି ବୋଲି ଚିକିତ୍ସା କରୁଥିବା କଳାପଥର ଡାକ୍ତରଖାନାର ଡାକ୍ତର ମିଳନ କୁମାର ତ୍ରିପାଠୀ କହିଛନ୍ତି। ଗ୍ରାମର ସମସ୍ତ ନଳକୂପରେ ବ୍ଲିଚିଂ ପାଉଡର ପକାଯାଇଛି। ଏବଂ ଘଟଣାସ୍ଥଳକୁ ଡ଼ାକ୍ତରୀ ଟିମ୍ ପଠା ଯାଇ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ବୋଲି ସୁବର୍ଣ୍ଣପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ଅମରେଶ ସାହୁ କହିଛନ୍ତି।

# ଶ୍ରୀମନ୍ଦିର ସେବକ ଶ୍ରଦ୍ଧାନନ୍ଦ ଦାସ ମହାପାତ୍ର ନିଲମ୍ବିତ

**ପୁରୀ, ୨୩।୪(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରର ଶୁଦ୍ଧ ସୁଆର ଓ ଦଇତାପତି ସେବକ ଶ୍ରଦ୍ଧାନନ୍ଦ ଦାସ ମହାପାତ୍ରଙ୍କୁ ମହାପ୍ରଭୁଙ୍କ ସେବାରୁ ନିଲମ୍ବନ କରାଯିବା ସହ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ଶ୍ରଦ୍ଧାନନ୍ଦଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନଙ୍କ ଦୃଷ୍ଟିକୁ ଆସିବା ପରେ ଗୁରୁବାର ଶ୍ରୀମନ୍ଦିର ଆଇନ ଅନୁଯାୟୀ ତାଙ୍କୁ ଅନ୍ୟାଦେଶ ପାଇଁ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ନିଲମ୍ବନ କରିଛନ୍ତି। ଉକ୍ତ ସେବକଙ୍କ ଅନୈତିକ କାର୍ଯ୍ୟ ସମଗ୍ର ସେବକ ସମାଜ ଏବଂ ଶ୍ରୀମନ୍ଦିରର ସମ୍ମାନ ଓ ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା ପରିପ୍ରେକ୍ଷୀରେ ତାଙ୍କ ବିରୋଧରେ ନିଲମ୍ବନ ଆଦେଶ ଜାରି କରାଯାଇଛି। ଏହା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବା ସହିତ ନିଲମ୍ବନ ଅବଧିରେ ସମ୍ପୃକ୍ତ ସେବକ ସେବାରୁ ବଞ୍ଚିତ ହେବେ। ସେହିପରି ଶ୍ରୀମନ୍ଦିରରେ ତାଙ୍କର ପ୍ରବେଶ ଉପରେ ମୁଖ୍ୟ ପ୍ରଶାସକ ନିଷେଧାଜ୍ଞା ଜାରି କରିଛନ୍ତି। ଶ୍ରୀମନ୍ଦିରର ପ୍ରାୟତଃ ସେବକଙ୍କ ଆଚାର ବ୍ୟବହାର ଠିକ ରହିବା ସହ ଶୃଙ୍ଖଳିତ ଭାବେ ନୀତିକାନ୍ତି ସମ୍ପାଦନ ହେଉଥିବାବେଳେ କେତେଜଣ ସେବକଙ୍କ ଅବାଞ୍ଛିତ କାର୍ଯ୍ୟକଳାପ ସମଗ୍ର ସେବକ ସମାଜକୁ ବଦନାମ୍ କରୁଥିବା ଦର୍ଶାଇ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ମତବ୍ୟକ୍ତ କରିଛନ୍ତି।

# ଅଚ୍ୟୁତ ସାମନ୍ତଙ୍କୁ ୭୧ତମ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର, ୨୩।୪(ଅନୁରାଧା ମହାରଣା)**

ଶିକ୍ଷାବିତ୍, ସାମାଜିକ କର୍ମୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକ ୟୁନିଭର୍ସିଟି ଧରୱାର୍ଡ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ୭୫ତମ ସମାବର୍ତ୍ତନ ଉତ୍ସବ ପାଳନ ଅବସରରେ ଗୁରୁବାର ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ସାମନ୍ତଙ୍କ ୭୧ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କର୍ଣ୍ଣାଟକର ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଏମ୍. ସି. ସୁଧାକର, ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ପଦ୍ମଶ୍ରୀ ଏସ୍. ଏସ୍. କିରଣ କୁମାର, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏ.ଏମ୍. ଖାନ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କର୍ଣ୍ଣାଟକ ରାଜ୍ୟପାଳ ଥାୱାର ଚାନ୍ଦ ଗେହେଲଟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। କର୍ଣ୍ଣାଟକ ୟୁନିଭର୍ସିଟି ଧରୱାର୍ଡ ହେଉଛି ୮୦ ବର୍ଷର ପୁରୁଣା ଶିକ୍ଷାନୁଷ୍ଠାନ। ବିଶ୍ୱବିଦ୍ୟାଳୟର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ ପାଇଁ ରାଜ୍ୟପାଳଙ୍କୁ ସାମନ୍ତଙ୍କ ନାମ ସୁପାରିସ କରିଥିଲେ। ଏହି ସମ୍ମାନ ସମ୍ପର୍କରେ ସାମନ୍ତ କହିଛନ୍ତି, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି।

# ପୂର୍ବତନ ମାଲଖାନା କିରାଣି ଗିରଫ

## ହାଇକୋର୍ଟ ଆଦେଶନାମାକୁ ଜାଲିଆତି ମାମଲା

**କଟକ, ୨୩।୪(କାର୍ତ୍ତିକ ସାହୁ)**

ପୂର୍ବତନ ମାଲଖାନା କିରାଣି ପ୍ରସନ୍ନ କୁମାର ପାତ୍ର କ୍ରାଇମବ୍ରାଞ୍ଚ ଦ୍ୱାରା ଗୁରୁବାର ଗିରଫ ହୋଇଛନ୍ତି। ତାଙ୍କ ନାମରେ ବିଭିନ୍ନ ପ୍ରକାର ଜାଲିଆତି ଓ ବ୍ୟାଙ୍କ ଠକେଇ ଅଭିଯୋଗ ରହିଛି। ତେବେ କ୍ରାଇମବ୍ରାଞ୍ଚରେ ୨୦୧୮ ମାର୍ଚ୍ଚ ୨୨ରେ ରୁଜୁ ମାମଲା ଆଧାରରେ ତାଙ୍କୁ ଗିରଫ କରାଯାଇଛି। ପ୍ରସନ୍ନ କୋରାପୁଟ ଜିଲା ଜୟପୁରର ବାସିନ୍ଦା ହୋଇଥିବା ବେଳେ ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆଠାରେ ସେ ଭଡ଼ାରେ ରହୁଥିଲେ।



ପ୍ରସନ୍ନ କୁମାର ପାତ୍ର।

ତ୍ରିଶୂଳିଆସ୍ଥିତ ଭଡ଼ା ଘରେ ଥିବା ବେଳେ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରିଛି। ସେ ଜଣେ ଅଭ୍ୟାସଗତ ଅପରାଧୀ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ପ୍ରସନ୍ନ ହାଇକୋର୍ଟ କେସ୍ ନିର୍ଦ୍ଦେଶନାମାକୁ ଜାଲିଆତି କରି ତାଙ୍କ ଝିଅଙ୍କୁ ବ୍ୟାଙ୍କ ଜାଲିଆତିରୁ ମାମଲାରୁ ରକ୍ଷା କରିଥିଲେ। ପ୍ରସନ୍ନ ମଧ୍ୟ ଅର୍ଥନୈତିକ ଅପରାଧ ଶାଖାର ମାମଲା (ନଂ. ୧୬/୨୦୧୮) ଓ କୋରାପୁଟ ଥାନା ମାମଲା (ନଂ. ୧୩୦/୨୦୧୮)ରେ ଅଭିଯୁକ୍ତ ଅଛନ୍ତି। ସେ ମାଲଖାନା କିରାଣି ଭାବେ କାର୍ଯ୍ୟରତ ଥିବା ବେଳେ ବିଭିନ୍ନ ଭାବରେ ସରକାରୀ ଅର୍ଥ ହେରଫେର କରିଥିବା ଅଭିଯୋଗ ରହିଛି। ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସେ ଅତୀତରେ ବହୁ କୋର୍ଟ ଅର୍ଡରକୁ ଜାଲିଆତି କରିଛନ୍ତି। ଏଥିସହ ଜୟପୁର ଟାଉନ ଥାନା ମାମଲା (ନଂ.୩୨/୧୯୯୩)ରେ ଦୋଷୀ ସାବ୍ୟସ୍ତ ହୋଇ ୩ ବର୍ଷ ସଶ୍ରମ କାରାଦଣ୍ଡ ଭୋଗ କରିଛନ୍ତି। ତାଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ତଦନ୍ତ ଚାଲୁ ରଖିଥିବା ଜଣାଯାଇଛି।

# ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକଙ୍କ କାଳିଆପାଣି କ୍ରୋମ୍ ଜୋନ୍ ଗସ୍ତ

**ଭୁବନେଶ୍ୱର, ୨୩।୪(ଅନୁରାଧା ମହାରଣା)**

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ କାଳିଆପାଣିସ୍ଥିତ କ୍ରୋମ୍ ଜୋନ୍ ପରିଦର୍ଶନ କରି ସ୍ଥାୟୀ ଖଣି ଉତ୍ତୋଳନ, ମୂଲ୍ୟ ବୃଦ୍ଧି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବଢ଼ାଇବା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ସୁକ୍ରାଙ୍ଗୀ ଓ ଦକ୍ଷିଣ କାଳିଆପାଣି ଖଣି ପରିଦର୍ଶନ ସମୟରେ ସୁଧାଂଶୁ ମୋହନ ଓଭରବର୍ଡନ ଡମ୍ପ ଅଞ୍ଚଳର ବିକାଶ ଏବଂ ଜମିର ଠିକ୍ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ପରିବହନ ବ୍ୟବସ୍ଥାକୁ ଅଧିକ ସୁଗମ ଓ ଦକ୍ଷ କରିବା ପାଇଁ ଖଣିଜ ପରିବହନ ସଡ଼କ ଭିତ୍ତିଭୂମିର ସୁଦୃଢ଼ୀକରଣ ନିମନ୍ତେ ନିର୍ଦ୍ଦେଶ ଦେବା ସହ ଦୀର୍ଘକାଳୀନ କାର୍ଯ୍ୟକ୍ଷମ ସ୍ଥିରତା ପାଇଁ ପରିବେଶ ଅନୁକୂଳ ପଦକ୍ଷେପଗୁଡିକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ କ୍ରୋମ୍ ଓର୍ ବେନିଫିକେଶନ ପ୍ଲାଣ୍ଟରେ କ୍ଷମତା ସମ୍ପ୍ରସାରଣ ଏବଂ ଉତ୍ପାଦକ ବୃଦ୍ଧି ପାଇଁ ଏକ ବିସ୍ତୃତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟାଧୁନିକ ପ୍ରକ୍ରିୟାକରଣ ମାଧ୍ୟମରେ ଖଣିଜ ସମ୍ପଦର ସର୍ବୋତ୍ତମ ବ୍ୟବହାର ଏବଂ ମୂଲ୍ୟଯୁକ୍ତ ଉତ୍ପାଦନ ବୃଦ୍ଧି କରିବାକୁ ସେ ନିର୍ଦ୍ଦେଶ ଦେବା ସହ ଫେରୋକ୍ରୋମ ପ୍ଲାଣ୍ଟର ସମୀକ୍ଷାକରି ଗତ ଆର୍ଥିକ ବର୍ଷର ପ୍ରଦର୍ଶନ ଏବଂ ଆଗାମୀ ଅଭିବୃଦ୍ଧିର ରୋଡ୍‌ମ୍ୟାପ ଉପରେ ଆଲୋଚନା କରିଛନ୍ତି। ବାଙ୍ଗୁର ଏବଂ ଦକ୍ଷିଣ କାଳିଆପାଣି ଖଣିରୁ ଆସୁଥିବା ଖଣିଜ ପଦାର୍ଥର ଠିକ୍ ମିଶ୍ରଣରୁ ପ୍ଲାଣ୍ଟର କାର୍ଯ୍ୟଦକ୍ଷତା ବଢ଼ାଇବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ଲାଣ୍ଟର ସମ୍ପ୍ରସାରଣ ଓ ଆଧୁନିକୀକରଣ ଉପରେ ସୁଧାଂଶୁ ମୋହନ ଗୁରୁତ୍ୱ ଦେଇଛନ୍ତି।

# ଗ୍ରୀଷ୍ମ ପ୍ରବାହ ପାଇଁ କଟକ ଜିଲାରେ ପୁଣି ବଢ଼ିଲା ଛୁଟି

**କଟକ, ୨୩।୪(କାର୍ତ୍ତିକ ସାହୁ)**

## ଆଉ ୩ ଦିନ ବନ୍ଦ ରହିବ ବିଦ୍ୟାଳୟ

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକ ଜିଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ପୁଣି ବନ୍ଦ ରଖିବାକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଗୁରୁବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶ ଅନୁସାରେ ୨୪, ୨୫ ଓ ୨୭ ତାରିଖକୁ ଛୁଟି ଘୋଷଣା କରାଯାଇଛି। ତେବେ ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ଶେଷ କରିବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିଦ୍ୟାଳୟରେ ଉପସ୍ଥିତ ରହି ଅନ୍‌ଲାଇନ କ୍ଲାସ୍ କରିପାରିବେ। ଏଥିସହ ଜିଲାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ କଲେଜଗୁଡ଼ିକ ମଧ୍ୟ ଏହି ସମୟ ମଧ୍ୟରେ ବନ୍ଦ ରହିବ। ତେବେ, ପୂର୍ବ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିୟମିତ ସୂଚୀ ଅନୁଯାୟୀ ହେବ। ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ରନ୍ଧାଖାଦ୍ୟ ବଦଳରେ ଶୁଖିଲା ଜିନିଷ ଘରକୁ ଦେବା ନିମନ୍ତେ ଜିଲାପାଳ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସକାଳ ୬ଟା ୩୦ ମିନିଟ୍‌ଠାରୁ ୯ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ୨୦ ତାରିଖରୁ ଛୁଟି ଘୋଷଣା କରାଯାଇଥିଲା। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ବୃଦ୍ଧିକୁ ଦୃଷ୍ଟିରେ କରି ପୁନର୍ବାର ସମୀକ୍ଷା କରାଯାଇ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉପଯୁକ୍ତ ଗ୍ରୀଷ୍ମ ପ୍ରବାହ ସତର୍କତା ଅବଲମ୍ବନ କରି ଜନଗଣନା କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।




# ବାଇପାସ୍ ରାସ୍ତାକୁ ବିରୋଧ, ପୁନଃ ତର୍ଜମା ଦାବି

**ଖୋର୍ଦ୍ଧା,୨୩।୪(ପ୍ରଭାତ ପାଣିଗ୍ରାହୀ)**



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବିକଶିତ ନିରାକାରପୁର ବାହିନୀ କର୍ମକର୍ତ୍ତା।



ରେଳ ଫାଟକ ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଛି।

ପୁରୀ-ନୂଆ ଜଗନ୍ନାଥ ସଡ଼କର ନିରାକାରପୁର ଠାରେ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ସ୍ଥାନୀୟ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଦାବିକରି ଆସୁଛନ୍ତି। ଅର୍ଥ ମଞ୍ଜୁର ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ ମନ୍ଥରତା ନେଇ ଅସନ୍ତୋଷ ବଢୁଛି। ପ୍ରସ୍ତାବିତ ସ୍ଥାନରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ୨୦୨୫ ଅକ୍ଟୋବର ୧୫ରେ ଜିଲାପାଳ ଅମ୍ରିତ୍ ଋତୁରାଜ ରାଜସ୍ୱ, ରେଲ୍‌ୱେ ଏବଂ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଓଭରବ୍ରିଜ୍ ନିର୍ମାଣ ସମୀକ୍ଷା କରିଥିଲେ। ଖୁବ୍‌ଶୀଘ୍ର ଆବଶ୍ୟକ ଜମି ଅଧିଗ୍ରହଣ ଶେଷ କରି ରେଳ ଫାଟକ ସ୍ଥାନରେ ଓଭରବ୍ରିଜ୍ ନିର୍ମାଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଏଥିସହ ଓଭରବ୍ରିଜ୍‌ର ଉଭୟ ପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ ରିପୋର୍ଟ ତୁରନ୍ତ ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟ ସମୀକ୍ଷାରେ ଅଟକିଯାଇଥିବା ବେଳେ ଏବେ ରେଳ ଫାଟକ ଉପରେ ଓଭରବ୍ରିଜ୍ ନିର୍ମାଣ କରା ନ ଯାଇ ଅନ୍ୟତ୍ର ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରଶାସନିକ ସ୍ତରରେ ଯୋଜନା ଚାଲିଛି। ଦୀର୍ଘ ବର୍ଷ ହେବ ରେଳଫାଟକ ଉପରେ ଓଭରବ୍ରିଜ୍ ଉପରେ ନିର୍ମାଣ ପାଇଁ ସ୍ଥାନୀୟ ଗ୍ରାମବାସୀ ଅପେକ୍ଷା କରି ରହିଥିବା ବେଳେ ଏଠାରେ ଓଭରବ୍ରିଜ ନିର୍ମାଣ କରା ନ ଯାଇ ଏହାର ବିକଳ୍ପ ଭାବେ ବାଇପାସ୍ ରାସ୍ତା ନିର୍ମାଣକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ବିକଶିତ ନିରାକାରପୁର ବାହିନୀ ପକ୍ଷରୁ ଏକାଧିକ ବ୍ୟକ୍ତି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ବାଇପାସ୍ ରାସ୍ତା ନିର୍ମାଣ କରାଗଲେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୩ ପଞ୍ଚାୟତର ୪ଟି ମୌଜାର ୨୪ ଏକର ଚାଷଜମି କ୍ଷତିଗ୍ରସ୍ତ ହେବ। ଏଥିସହିତ ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ସହ ଜମି ଅଧିଗ୍ରହଣ ଏବଂ ନିର୍ମାଣ କାର୍ଯ୍ୟ ଖର୍ଚ୍ଚ ମଧ ବୃଦ୍ଧି ପାଇବ। ଏହି ରାସ୍ତା ସ୍ଥାନୀୟ ଲୋକଙ୍କ ପାଇଁ ଅନୁକୂଳ ନୁହେଁ ବୋଲି ଅଭିଯୋଗ କରିବା ସହ ଏହାର ପୁନଃ ତର୍ଜମା କରିବା ପାଇଁ ନିବେଦନ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ଶରଣକୁଳ-ପୁରୀକୁ ସଂଯୋଗ କରୁଥିବା ଏହି ନୂଆ ଜଗନ୍ନାଥ ସଡ଼କ ନିରାକାରପୁର ବଜାର ମଧ୍ୟଦେଇ ଯାଇଛି। ପୂର୍ବତଟ ରେଳପଥ ବିଭାଗର ୨୧୯ନଂ. ରେଳ ଲାଇନ ପାର୍ଶ୍ୱରେ ରେଳ ଫାଟକ ରହିଛି। ଏହି ରାସ୍ତାଦେଇ ଦୈନିକ ହଜାର ହଜାର ଯାନବାହନ ଯାତାୟାତ କରୁଛି। ନିରାକାରପୁରରେ ହାଟବଜାର, ଡାକ୍ତରଖାନା, ବିଦ୍ୟାଳୟ, ମହାବିଦ୍ୟାଳୟ

**ନିରାକାରପୁର ରେଳ ଓଭରବ୍ରିଜ୍ ନିର୍ମାଣ ପ୍ରସଙ୍ଗ**

■ **୪ ମୌଜାର ୨୪ ଏକର ଚାଷଜମି ପ୍ରଭାବିତ ହେବ**

ଓ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ରହିଛି। ଏହି ରାସ୍ତା ପୁରୀକୁ ସଂଯୋଗ କରୁଥିବାରୁ ବ୍ରହ୍ମପୁର ପଟୁ ଆସୁଥିବା ଲୋକେ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଏହି ରାସ୍ତା ସର୍ବଦା ଜନଗହଳି ରହିଥାଏ। ଏଥିସହିତ ୧୫ଟି ଗ୍ରାମର ଲୋକଙ୍କ ନିର୍ଭରଯୋଗ୍ୟ ରାସ୍ତା। ନିରାକାରପୁର କଲେଜକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ର ପ୍ରତିଦିନ ଏହି ରେଲଲାଇନ୍ ଦେଇ ପାରି ହେଉଛନ୍ତି। ପ୍ରତି ଦଶ ମିନିଟ୍ ବ୍ୟବଧାନରେ ଟ୍ରେନ୍ ଯାତାୟାତ ଯୋଗୁ ରେଳ ଫାଟକ ବନ୍ଦ ରହୁଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ୧କିମି. ବ୍ୟାପୀ ଯାନବାହନ ଅଟକି ରହୁଛି। ତେଣୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ରେଳ ଫାଟକର ଉଭୟ ପାର୍ଶ୍ୱରେ ଦୋକାନ ବଜାର ଗଢ଼ିଉଠିଛି। ଦୈନିକ ନିରାକାରପୁର ବଜାର ଉପରେ ନିର୍ଭର କରୁଥିବା ଲୋକେ ଏହି ଟ୍ରାଫିକ୍ ଜାମ୍‌ରେ ଫସୁଛନ୍ତି। ଏପରିକି ଅନେକ ସମୟରେ ଧନଜୀବନ ମଧ କ୍ଷତି ଘଟୁଛି।

ଅନ୍ୟପଟେ ବାଇପାସ୍ ରାସ୍ତା ନିର୍ମାଣ ହେଲେ ବଜାର ଦୁଇ ଭାଗ ହୋଇଯିବ। ସ୍ଥାନୀୟ ବ୍ୟବସାୟୀ କ୍ଷତିଗ୍ରସ୍ତ ହେବେ। ନିରାକାରପୁର, ଡିଆ, କୋଳସାହି, ଭୋଇସାହି, କାଶୀପୁର, ବଡ଼ପାଟଣା, ମୋରମୋରସିଂ, ହରିପୁର ଆଦି ଗ୍ରାମର ଲୋକେ ଡାକ୍ତରଖାନା, ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ସହ ଦୈନିକ ବିଭିନ୍ନ କାମରେ ନିରାକାରପୁର ବଜାର ଉପରେ ନିର୍ଭରଶୀଳ। ତେବେ ବାଇପାସ୍ ରାସ୍ତା ହେଲେ ବ୍ୟବସାୟୀ ପ୍ରଭାବିତ ହେବା ସହ ସାଧାରଣ ଲୋକେ ମଧ ହଇରାଣ ହେବେ। ତେଣୁ ରେଳଫାଟକ ଉପରେ ଓଭରବ୍ରିଜ୍ ନିର୍ମାଣ ହେଲେ ଗ୍ରାମବାସୀଙ୍କ ସମସ୍ତ ସମସ୍ୟା ସମାଧାନ ହୋଇପାରିବ ବୋଲି ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ସୂଚନାଥାଉ କି, ସ୍ଥାନୀୟ ଲୋକଙ୍କ ଦାବି ମୁତାବକ ପୂର୍ବ ରାଜ୍ୟ ସରକାର ଏଠାରେ ଓଭରବ୍ରିଜ୍ ନିର୍ମାଣ ଲାଗି ପ୍ରାଥମିକ ପର୍ଯ୍ୟାୟରେ ୫୮କୋଟି ଟଙ୍କା ମଞ୍ଜୁର କରିଥିଲେ। ପୂର୍ତ୍ତ ବିଭାଗ ଏବଂ ରେଳ ବିଭାଗ ମିଳିତଭାବେ ଏହି ସ୍ଥାନ ନିରୀକ୍ଷଣ ସହ ଏଠାରେ ଆପ୍ରୋଚ୍ ରୋଡ଼ ନିର୍ମାଣ ଲାଗି ନିଷ୍ପତ୍ତି ନେଇଥିଲେ। ଏଥିସହିତ ସୀମା ନିର୍ଦ୍ଧାରଣ ଚିହ୍ନଟ ସରିଛି। ରାଜସ୍ୱ ବିଭାଗ ପକ୍ଷରୁ ଏହାର ନକ୍ସା ପ୍ରସ୍ତୁତ କରାଯାଇ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ରେଳ ବିଭାଗ ପକ୍ଷରୁ ଓଭରବ୍ରିଜ୍ ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଜମି ଅଧିଗ୍ରହଣରେ ଅହେତୁକ ବିଳମ୍ବ ଯୋଗୁ କାମ ଅଟକିଥିଲା। ଗତ ବିଧାନସଭା ଅଧିବେଶନରେ ସ୍ଥାନୀୟ ବିଧାୟକ ଏହି ଓଭରବ୍ରିଜ୍ ପ୍ରସଙ୍ଗ ଉଠାଇଥିଲେ। ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କରାଯାଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମନ୍ତବ୍ୟ ରଖିଥିଲେ। ତେଣୁ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାର୍ଥ ଦୃଷ୍ଟିରୁ ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ସାମାଜିକ କର୍ମୀ ତଥା ଖବରଦାତା ରାମନାରାୟଣ ଦାଶ, ମୃତ୍ୟୁଞ୍ଜୟ ପ୍ରଧାନ, ଆଲୋକ ରଞ୍ଜନ ଛୋଟରାୟ, ନବ ବଳିୟାରସିଂହ, ମୁକେଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଅଭିଯୋଗକୁ ଗୁରୁତ୍ୱ ଦେଇ ବିହିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

ବେଗୁନିଆ,୨୩।୪
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଦେଉଳି ପଞ୍ଚାୟତ ଅନ୍ତର୍ଗତ ଜାମୁସାହି ଗ୍ରାମର ଏକ ପୋଖରୀରୁ ଗୁରୁବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଗ୍ରାମର ରଙ୍ଗନାଥ ଭୋଲ(୬୫)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୬) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଗୁରୁବାର ପୂର୍ବାହ୍ନରେ ରଙ୍ଗନାଥ ଶୌଚ ପାଇଁ ଗ୍ରାମ ପୋଖରୀକୁ ଯାଇଥିଲେ। ପରେ ସେ ଆଉ ଘରକୁ ଫେରି ନ ଥିଲେ। ଅନ୍ୟପଟେ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀରେ ବୁଡ଼ି ଯାଇଥିବା ସନ୍ଦେହ କରାଯାଇଥିଲା। ଖବରପାଇ ବେଗୁନିଆ ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ରଙ୍ଗନାଥଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପୋଲିସ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ହନୁମାନ ମନ୍ଦିରର ବାର୍ଷିକୋତ୍ସବ

**କଳାପଥର,୨୩।୪(ଗଙ୍ଗାଧର ସାହୁ)**

ଧଳାପଥର ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର ସ୍ଥିତ ହନୁମାନ ମନ୍ଦିରର ଏକାଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ସୋମବାର ଅଙ୍କୁରାରୋପଣ, ମଙ୍ଗଳବାର ଜଳାଧିବାସ, ଦେବତା ଆବାହନ, ବ୍ରହ୍ମାବରଣ, ଅଗ୍ନିସ୍ଥାପନ ଓ ଭାଗବତ ପୂଜାପାଠ, ବୁଧବାର ସୂର୍ଯ୍ୟପୂଜା, ଗୋପୂଜା, ଦ୍ୱାରପାଳ ପୂଜା, ହନୁମାନଙ୍କ ଷୋଡ଼ଶ ଉପଚାର ପୂଜା, ହନୁମାନ ଚାଳିଶା, ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ହୋଇଥିଲା। କର୍ତ୍ତାଭାବେ ତାରେଶ୍ୱର ଚିନରା, ମନସ୍ୱିନି ଚିନରା ଦାୟିତ୍ୱ ତୁଲାଇଥିଲେ। ପ୍ରକାଶ ଚନ୍ଦ୍ର ସାହୁ, କୃଷ୍ଣ ଚନ୍ଦ୍ର ଗୁରୁ, ଗୋବର୍ଦ୍ଧନ ସାହୁ, ରମେଶ ଚନ୍ଦ୍ର ସାହୁ, ବାବୁଲି ସାହୁ, ସମରେନ୍ଦ୍ର ଚୌଧୁରୀ, ମନୋଜ କୁମାର ଗୁରୁ, ପ୍ରଦୀପ ବାରିକ, ସୁକାନ୍ତ ମହାପାତ୍ର, ସଞ୍ଜୟ ସାହୁଙ୍କ ସମେତ ସମସ୍ତ ଅଧିବାସୀ ସହଯୋଗ କରିଥିଲେ। ସନ୍ଧ୍ୟାରେ କୁନି କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରେଷ୍ଠ ବିବେଚିତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସରକାରୀ ଜମି ଜବରଦଖଲକୁ ବିରୋଧ




ଖବରଦାତା ସମ୍ମିଳନୀରେ ଗ୍ରାମ୍ୟ କମିଟି ସଭାପତି ବିଷ୍ଣୁ ଚରଣ ସାମନ୍ତରାୟ ସୂଚନା ଦେଉଛନ୍ତି।

**ଜଟଣୀ,୨୩।୪(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ତହସିଲ ଅଧୀନ ଦେଉଳିଆ ପାଟଣା ମୌଜାରେ ଥିବା ପ୍ଲଟ ନମ୍ବର ୩୧୩କୁ ଏକ ବେସରକାରୀ ଗୃହ ନିର୍ମାଣକାରୀ ସଂସ୍ଥା ଜବରଦଖଲ କରି ପ୍ଲଟିଂ କରୁଥିବା ନେଇ ଦେଉଳିଆପାଟଣା ଗ୍ରାମ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଗ୍ରାମ୍ୟ କମିଟି ପକ୍ଷରୁ ଜଟଣୀ ବିଧାୟକ, ଇନ୍‌ଫୋଭ୍ୟାଲି ଥାନା, ଜଟଣୀ ତହସିଲଦାର ଏବଂ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ଗୁରୁବାର ଗ୍ରାମ୍ୟ କମିଟି ସଭାପତି ବିଷ୍ଣୁ ଚରଣ ସାମନ୍ତରାୟ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉକ୍ତ ଜମିକୁ ଗ୍ରାମର ଲୋକେ ବିଭିନ୍ନ ଚାଷକାମ ଏବଂ ଗୋରୁଙ୍କ ଚରିବା ପାଇଁ ବହୁ ବର୍ଷ ଧରି ବ୍ୟବହାର କରିଆସୁଥିଲେ। ଉକ୍ତ ସଂସ୍ଥା ପାଖାପାଖି ୪ରୁ ୫ ଏକର ଜମିକୁ ଜବରଦଖଲ କରି ଗୃହ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଗ୍ରାମ୍ୟ କମିଟି ପକ୍ଷରୁ ପ୍ରଶାସନକୁ ଉକ୍ତ ଜମିରୁ ଜବରଦଖଲ ଉଚ୍ଛେଦ କରି ଗ୍ରାମବାସୀଙ୍କୁ ଜମି ବ୍ୟବହାର କରିବାକୁ ଦିଆଯାଉ ବୋଲି ଅନୁରୋଧ କରାଯାଇଛି। ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏନେଇ ଉକ୍ତ ସଂସ୍ଥା ପକ୍ଷରୁ ପ୍ରତିକ୍ରିୟା ମିଳିପାରି ନାହିଁ।

### ସଂକ୍ଷେପରେ

## ଦେଶୀମଦ ଜବତ, ୩ ଗିରଫ

ବେଗୁନିଆ,୨୩।୪
(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅବକାରୀ ଥାନା ଅଞ୍ଚଳରେ ଦିନକୁଦିନ ଦେଶୀମଦ ବେପାର ବଢ଼ିବାରେ ଲାଗିଛି। ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ମିଳିତ ଏକ ଟିମ୍ ଗୁରୁବାର ବାଘମାରୀ ଥାନା ଅଧୀନ ତୁଳସୀପୁର ତଳସାହିରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ମୋଟ ୧୨୦ଲିଟର ରନ୍ଧା ଦେଶୀମଦ ଜବତ କରାଯିବା ସହିତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ସେମାନେ ହେଲେ ରୋହିତ ମଲ୍ଲିକ (୪୦), କାର୍ତ୍ତିକ ମଲ୍ଲିକ (୨୧) ଏବଂ ବସନ୍ତ ପରିଡ଼ା (୪୨)। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ବଳରାମ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଟାଙ୍ଗୀ,୨୩।୪(ରଘୁନାଥ ସାହୁ)**

ଟାଙ୍ଗୀ ଏନ୍‌ଏସିର ଆରାଧ ବଳରାମ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଶୁଭ୍ରାଂଶୁ ମିଶ୍ର, ଦେବେନ୍ଦ୍ର ତ୍ରିପାଠୀ, ଚିନ୍ମୟ ପୂଜାପଣ୍ଡା, ପ୍ରକାଶ ଆଚାର୍ଯ୍ୟ ପ୍ରମୁଖ ଯଜ୍ଞାଦି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଆୟୋଜକ ଯଜ୍ଞ କମିଟି ଆନୁକୂଲ୍ୟରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋ ପୂଜା, ପୂର୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସରପଞ୍ଚ କିଶୋର ବେହେରା, ଯଜ୍ଞ କମିଟି ସଭାପତି ଡା. ମଧୁସୂଦନ ସେନାପତି, ସମ୍ପାଦକ ବିଜୟ ରାଉତ, କୋଷାଧ୍ୟକ୍ଷ ଭଗବାନ ଚମ୍ପତି, ମହେଶ୍ୱର ପ୍ରଧାନ, ଗଙ୍ଗାଧର ସୁନ୍ଦରାୟ, ପ୍ରସନ୍ନ ଶ୍ରୀଚନ୍ଦନ, ରମେଶ ହରିଚନ୍ଦନ, ପ୍ରଫୁଲ୍ଲ ରାଉତ, ଦେବଦତ୍ତ ମହାନ୍ତି, ବସନ୍ତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ରଣା, ଅଧିକାରୀ ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ତ୍ତାଭାବେ ରବୀନ୍ଦ୍ର କୁମାର ନାୟକ, କର୍ତ୍ତ୍ରୀଭାବେ ମିନତି ନାୟକ, ସଂକଳ୍ପୀଭାବେ ପ୍ରମୋଦ ଦାସ, ଜଗନ୍ନାଥ ଦଳାଇ, ସୁଦର୍ଶନ ରାଉତ, ରାମଚନ୍ଦ୍ର ବିଶ୍ୱାଳ, ଅଭିମନ୍ୟୁ ନାୟକ, ସହଦେବ ବେହେରା ପ୍ରମୁଖ କାର୍ଯ୍ୟ ନିର୍ବାହ କରିଥିଲେ। ସନ୍ଧ୍ୟାରେ ପୂର୍ଣ୍ଣାହୁତି ସମୟରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



ପ୍ରଚଣ୍ଡ ରୌଦ୍ରତାପ ଓ ଅସହ୍ୟ ଗୁଳୁଗୁଳି ଯୋଗୁ ଗୁରୁବାର ପୂର୍ବାହ୍ନ ୧୧ଟା ପରେ ବୋଲଗଡ଼ ସଦର ଅନ୍ତର୍ଗତ ଗଣେଶ ବଜାର ରାସ୍ତା ଶୂନଶାନ ହୋଇପଡ଼ିଛି। (ଫଟୋ: ଦେବବ୍ରତ ହୋତା)

## ତ୍ରିନାଥ ମେଳା ମହୋତ୍ସବ

**ଜଟଣୀ,୨୩।୪(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଗଙ୍ଗପଡ଼ା ପଞ୍ଚାୟତ ଅନ୍ତର୍ଗତ ଭାତଖୁରୀଠାରେ ୨୮ତମ ବାର୍ଷିକ ତ୍ରିନାଥ ମେଳା ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ସମସ୍ତ ରୀତିନୀତିରେ ତ୍ରିନାଥ ଦେବଙ୍କ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଅପରାହ୍ନ ୫ଟାରେ ନାମ ସଂକୀର୍ତ୍ତନ ହୋଇଥିଲା। ରାତି ୭ଟାରେ ତ୍ରିନାଥ ଦେବଙ୍କ ମେଳା ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ତ୍ରିନାଥ ଦେବଙ୍କ ଆଶୀର୍ବାଦ ନେଇଥିଲେ। ପୂଜା ଏବଂ ମେଳା କାର୍ଯ୍ୟକ୍ରମରେ ଭାତଖୁରୀ ଗଙ୍ଗପଡା ତ୍ରିନାଥ କମିଟି ସଦସ୍ୟ ସହଯୋଗ କରିଥିଲେ।

## ବେଗୁନିଆ ଥାନା ପକ୍ଷରୁ ଖୋଲିଲା ଜଳଛତ୍ର



ବେଗୁନିଆ,୨୩।୪
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବା ପାଇଁ ଡରୁଛନ୍ତି। ଗ୍ରୀଷ୍ମପ୍ରବାହ ସମୟରେ ପଥଚାରୀ କିଭଳି ତୃଷାରୁ ରକ୍ଷା ପାଇବେ ସେନେଇ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ଆଦେଶନାମା ଅନୁସାରେ ପ୍ରତ୍ୟେକ ଥାନା ପକ୍ଷରୁ ଜଳଛତ୍ର ଖୋଲିବାକୁ ଅନୁମତି ଦିଆଯାଇଛି। ଏନେଇ ବେଗୁନିଆ ଥାନା ଆନୁକୂଲ୍ୟରେ ଜଳଛତ୍ର ବ୍ୟବସ୍ଥାକୁ ଗୁରୁବାର ପୋଲିସ ଉପଖଣ୍ଡ ଅଧିକାରୀ ନୀହାର ରଞ୍ଜନ ମହାନ୍ତି ଫିତାକାଟି ଉଦ୍‌ଘାଟନ କରିଛନ୍ତି। ପଥଚାରୀଙ୍କୁ ଦହିପଣା ଏବଂ ଥଣ୍ଡାପାଣି ବଣ୍ଟନ କରାଯାଇଥିଲା। ବେଗୁନିଆ ଥାନାଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଡିଜେ ବଜାଇବା ଉପରେ କଟକଣା ଜାରି ହେଉ

**ଖୋର୍ଦ୍ଧା,୨୩।୪(ପ୍ରଭାତ ପାଣିଗ୍ରାହୀ)**

**ଜିଲାପାଳ, ଏସ୍‌ପିଙ୍କ ସହ ବରିଷ୍ଠ ନାଗରିକ ମଞ୍ଚ ପ୍ରତିନିଧିଙ୍କ ଆଲୋଚନା**



ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଅନୁଷ୍ଠାନର ମୁଖପତ୍ର ପ୍ରଦାନ କରାଯାଉଛି।

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ଏକ ପ୍ରତିନିଧି ଦଳ ଗୁରୁବାର ଜିଲାପାଳ ଅମ୍ରିତ୍ ଋତୁରାଜ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମାଙ୍କୁ ଭେଟିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ଅନୁଷ୍ଠାନର ମୁଖପତ୍ର ପ୍ରଦାନ କରିଛନ୍ତି। ତେବେ ଡିଜେ ଉପରେ କଟକଣା ଲଗାଇବା ପାଇଁ ଦାବି କରିଥିଲେ। ବର୍ତ୍ତମାନ ବିବାହ ଉତ୍ସବ ଜାରି ରହିଛି। ତେଣୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଡିଜେ ବାଜିବା ଯୋଗୁ ଏହାର ସାଉଣ୍ଡରେ ବରିଷ୍ଠ ନାଗରିକ, ଗର୍ଭବତୀ, ଶିଶୁ, ହୃଦ୍‌ରୋଗୀ ପ୍ରଭାବିତ ହେଉଛନ୍ତି। ଏହାର ଅତ୍ୟଧିକ ଶବ୍ଦ ଅସହ୍ୟ ଯନ୍ତ୍ରଣା ଦେଉଛି। ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ ଡିଜେ ବଜାଇବା ଉପରେ କଟକଣା ଜାରି କରାଯାଇଛି। ଖୋର୍ଦ୍ଧାରେ ମଧ ଜିଲା ପ୍ରଶାସନ ପକ୍ଷରୁ ଡିଜେ ବଜାଇବା ଉପରେ କଟକଣା ଜାରି କରିବାକୁ ଦାବି କରିଛନ୍ତି। ପୂର୍ବରୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପଥପ୍ରାନ୍ତ ପଦଯାତ୍ରା, ସଚେତନତା କାର୍ଯ୍ୟକ୍ରମ ତଥା ବିଭିନ୍ନ ପୂଜାମଣ୍ଡପ, କଲ୍ୟାଣ ମଣ୍ଡପ ଆଦି ସ୍ଥାନରେ ପୋଷ୍ଟର ଲଗାଯାଇ ଅନୁରୋଧ କରାଯିବା ସହ ଜିଲା ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରାଯାଇଛି। ତେବେ କେବଳ ପ୍ରତିଶ୍ରୁତି ବ୍ୟତୀତ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ଦିଗରେ ଦୃଷ୍ଟି ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଏଥିସହିତ ବରିଷ୍ଠ ନାଗରିକଙ୍କ ବହୁବିଧ ସମସ୍ୟା ଉପରେ ମଧ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟ ସିଏଚ୍‌ସି ସ୍ତରରେ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରାଥମିକତା ଦିଆଯାଉ। ଘରେ ଏକାକୀ ରହୁଥିବା ବରିଷ୍ଠ ନାଗରିକ ଦମ୍ପତିଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଉ। ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରାଯାଉ। ବରିଷ୍ଠ ନାଗରିକ ସଂଘର ପଞ୍ଜୀକରଣ ପାଇଁ ଦାଖଲ ହେଉଥିବା ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସ୍ୱୀକୃତି ଦିଆଯାଉ। ବରିଷ୍ଠ ନାଗରିକଙ୍କୁ ସମ୍ପୃକ୍ତ ଥାନା ଦ୍ୱାରା ପରିଚୟପତ୍ର ଦିଆଯାଇ ସେମାନଙ୍କ ଯତ୍ନ ପ୍ରତି ଗୁରୁତ୍ୱ ଦିଆଯାଉ। ଅନେକ ବସ୍ ଖୋର୍ଦ୍ଧା ବସଷ୍ଟାଣ୍ଡକୁ ଯାଉନାହାନ୍ତି। ଫଳରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି। ଏହି ଆଲୋଚନା ବେଳେ ଜିଲା ବରିଷ୍ଠ ନାଗରିକ ମହାସଂଘର ଉପଦେଷ୍ଟା ଡ. ଯୁଗଳ କିଶୋର ସାହୁ, ସଭାପତି ଡ. ଚିନ୍ତାମଣି ମିଶ୍ର, ସମ୍ପାଦକ ରାମଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

## ଛତୁଆ ମିଶ୍ରଣ ଦିବସ

**କୃଷ୍ଣପ୍ରସାଦ,୨୩।୪(କୈଳାସ ଚନ୍ଦ୍ର ପଟ୍ଟନାୟକ):** ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସିଡିପିଓ ମନୋରମା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ମା'ହରଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ସିଆଣ୍ଡି ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମାସ୍କ ପରିଧାନ କରିବା ସହ ପରିଷ୍କାର ପରିଚ୍ଛନ୍ନ ହୋଇ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘର ସଭାନେତ୍ରୀ ଉମାମଣି ପଲେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଭଜା ଗହମ, ଭଜା ବୁଟ, ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିଭଳି ମୋରଡ଼ାସ୍ଥିତ ମା'ପାଦୁକାଇ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ମିଶ୍ରଣ ପର୍ବ ହୋଇଥିଲା। ଗୋଷ୍ଠୀର ସଭାନେତ୍ରୀ ରୀନାରାଣୀ ପଟ୍ଟନାୟକ, ସମ୍ପାଦିକା ସରସ୍ୱତୀ ପଟ୍ଟନାୟକ ସ୍ୱଚ୍ଛତା ଓ ସାମାଜିକ ଦୂରତା ପ୍ରତି ଗୁରୁତ୍ୱ ଦେଇଥିଲେ। ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳ, ସୁପରଭାଇଜର ଲୀନା ମହାପାତ୍ର, ମିଶନ ଶକ୍ତି ବିପିସି ସସ୍ମିତା ନନ୍ଦ, ବବିତା ଜେନା ପ୍ରମୁଖଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ହୋଇଥିଲା।



**ପାଇକସାହି ରାମଲୀଳା ଉଦ୍‌ଘାଟିତ**

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ସିଏମ୍‌ସି ୫୭ ନଂ. ୱାର୍ଡ ଅଧୀନ ପାଇକସାହିରେ ବାର୍ଷିକ ରାମଲୀଳା ମହୋତ୍ସବ ଆରମ୍ଭ ହୋଇଛି। ଜୟ ମଙ୍ଗଳା ରାମଲୀଳା ପ୍ରଚାର ସମିତି ଓ ଜୟ ମହାବୀର ଗ୍ରାମ୍ୟ ଉନ୍ନୟନ କମିଟି ମିଳିତ ସହଯୋଗରେ ଆୟୋଜିତ ମହୋତ୍ସବର ଉଦ୍‌ଘାଟନୀରେ ସମ୍ପାଦକ ନଳିନୀ ସେନାପତି ଅଧ୍ୟକ୍ଷତା କରିଥିଲେ। ଏଥିରେ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ଅଧ୍ୟକ୍ଷ କାଶୀନାଥ ମଲିକ, ଆଞ୍ଚଳିକ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, ଗ୍ରାମ୍ୟ କମିଟି ସଭାପତି ଦିଲୀପ କୁମାର ସ୍ୱାଇଁ, ରାମଲୀଳା ସମିତି ସଭାପତି ବାଉରୀବନ୍ଧୁ ସାହୁ, ପ୍ୟାରୀମୋହନ ରାଉତରାୟ, କର୍ପୋରେଟର ଲିପ୍ସା ନାୟକ, କର୍ପୋରେଟର ମମତା ମହାନ୍ତି, ସନ୍ତୋଷ ମଲିକ ଓ ବଂଶୀଧର ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଧାନ ଗବେଷଣାରେ ଉତ୍କର୍ଷ ପ୍ରତି ନିରନ୍ତର ପ୍ରୟାସ ପ୍ରଶଂସନୀୟ

## କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକର ୮୧ତମ ପ୍ରତିଷ୍ଠା ଦିବସ

କଟକ,୨୩।୪(କାର୍ତ୍ତିକ ସାହୁ)

କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ (ସିଆର୍‌ଆର୍‌ଆଇ) ୮୧ତମ ପ୍ରତିଷ୍ଠା ଦିବସ ଏବଂ ଧାନ ଦିବସ ପ୍ରତିଷ୍ଠାନର ଏମ୍‌କେସିଜି ପ୍ରେକ୍ଷାଳୟରେ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀ କୃଷି ବୈଜ୍ଞାନିକ ନିଯୁକ୍ତି ବୋର୍ଡ (ଏଏସ୍‌ଆର୍‌ବି)ର ଅଧ୍ୟକ୍ଷ ପ୍ରଫେସର ସଞ୍ଜୟ କୁମାର ଯୋଗଦେଇ କହିଲେ, ଧାନ ଗବେଷଣାରେ ନବସୃଜନ ଏବଂ ଉତ୍କର୍ଷତା ପ୍ରତି ନିରନ୍ତର ପ୍ରୟାସ ପ୍ରଶଂସନୀୟ। ସମ୍ମାନିତ ଅତିଥି ଓଡ଼ିଶା କୃଷି ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁଳପତି ପ୍ରଫେସର ପି. କେ. ରାଉଳ କହିଲେ, ସ୍ଥାୟୀ କୃଷି ଏବଂ କ୍ଷମତା ନିର୍ମାଣକୁ ପ୍ରୋତ୍ସାହିତ କରିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସଙ୍ଗଠନ ସଚିବ ଡକ୍ଟର କୌଶିକ ଚକ୍ରବର୍ତ୍ତୀ 'ଭାରତର ଏକ ସ୍ଥାୟୀ ଜୈବିକ ଅର୍ଥନୀତିର ପଥ: ଜୈବିକ ସମ୍ବଳର ଉପଯୋଗ ଏବଂ ମୂଲ୍ୟାଙ୍କନରେ ଉଦ୍ଭାବନ' ଶୀର୍ଷକ ପ୍ରତିଷ୍ଠା ଦିବସ ବକ୍ତୃତା ପ୍ରଦାନ କରି ଜୈବ ସମ୍ବଳ ବ୍ୟବହାର, ମୂଲ୍ୟ ବୃଦ୍ଧି ଏବଂ ଏକ ସ୍ଥାୟୀ ଜୈବ ଅର୍ଥନୀତିର ବିକାଶରେ ଉଦୀୟମାନ ସୁଯୋଗ ଉପରେ ଆଲୋକପାତ କରିଥିଲେ। ସିଆର୍‌ଆର୍‌ଆଇର ନିର୍ଦ୍ଦେଶକ ଡକ୍ଟର ଜି.ଏ.କେ. କୁମାର ଅନୁଷ୍ଠାନର ସଫଳତା ବର୍ଣ୍ଣନା କରି ଧାନ ଗବେଷଣା, ପ୍ରଯୁକ୍ତିବିଦ୍ୟା ବିକାଶ, ସମ୍ପ୍ରସାରଣ କାର୍ଯ୍ୟକଳାପ ଏବଂ ଆନୁଷ୍ଠାନିକ ବିକାଶ କ୍ଷେତ୍ରରେ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ, ଅନେକ ପ୍ରକାଶନ ପ୍ରକାଶିତ ହୋଇଥିଲା, ଏବଂ ଅବସରପ୍ରାପ୍ତ କର୍ମଚାରୀ, ମେଧାବୀ ଛାତ୍ର, ଅଗ୍ରଣୀ ଚାଷୀ, ଶ୍ରେଷ୍ଠ ଶ୍ରମିକ ଏବଂ ଶ୍ରେଷ୍ଠ (ଇଏପି)ପୁରସ୍କାରପ୍ରାପ୍ତଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେବା ପାଇଁ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ, ଧାନ କିସମ ସିଆର ଧାନ ୩୧୦ର ବାଣିଜ୍ୟକରଣ ପାଇଁ ସିଆର୍‌ଆର୍‌ଆଇ ଏବଂ ଭୁବନେଶ୍ୱରସ୍ଥିତ ଆରିଆ ଆଗ୍ରୋଟେକ ପ୍ରାଇଭେଟ ଲିମିଟେଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ ଉନ୍ନତ ଧାନ କିସମର ବ୍ୟାପକ ପ୍ରସାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୁଖ୍ୟ ଅତିଥି ପରିବେଶଗତ ସ୍ଥାୟୀତ୍ୱ ଏବଂ ସବୁଜ ପଦକ୍ଷେପର ପ୍ରୋତ୍ସାହନର ପ୍ରତୀକ ସ୍ୱରୂପ ଅନୁଷ୍ଠାନ ପରିସରରେ ଏକ ଚାରାରୋପଣ କରିଥିଲେ।

ଏହା ପରେ, ଚାଷୀ ଏବଂ ବୈଜ୍ଞାନିକମାନଙ୍କ ମଧ୍ୟରେ ଏକ ପାରସ୍ପରିକ କୃଷକ-ବୈଜ୍ଞାନିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯାହା ଚାଷୀମାନଙ୍କୁ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲା। ପ୍ରତିଷ୍ଠା ଦିବସ ପାଳନ ସମୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ପାଇଁ ପୁରସ୍କାର ବଣ୍ଟନ କରାଯାଇଥିଲା। ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ଡ. ବିଶ୍ୱଜିତ ମଣ୍ଡଳ ସ୍ୱାଗତ ଭାଷଣ ଦେଇଥିଲେ। ସଚିବ ଡ. ଏମ. ଶିବଶଙ୍କରୀ ଧନ୍ୟବାଦ ଦେଇଥିଲେ। ଅପରାହ୍ନ ଅଧିବେଶନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ କଳାତ୍ମକ ପ୍ରଦର୍ଶନ କରିଥିଲେ।



କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ନାବାଳକ ମୃତ

**ବମ୍ଫୁରି ଗ୍ରାମ ବାଣ ବିସ୍ଫୋରଣ ଘଟଣା**

କଟକ ସଦର,୨୩।୪(ସୁଶାନ୍ତ କୁମାର ଜେନା)

କନ୍ଦରପୁର ଥାନା ଅନ୍ତର୍ଗତ ବମ୍ଫୁରି ଗ୍ରାମ ବାଣ ବିସ୍ଫୋରଣ ଘଟଣାରେ ଆହତ ନାବାଳକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ ବୟାନକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ବମ୍ଫୁରି ଗ୍ରାମର ଜଣେ ବ୍ୟକ୍ତି ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ନାବାଳକ ଗୁରୁତର ହୋଇଥିଲେ। ତାଙ୍କୁ କଟକରେ ଚିକିତ୍ସା କରା ନ ଯାଇ ଭୁବନେଶ୍ୱରକୁ ନିଆଯାଇଥିଲା। ସେଠାରେ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ଫଳରେ ନାବାଳକଙ୍କ ମୃତ୍ୟୁ ଘଟଣା ରହସ୍ୟ ଘେରରେ ରହିଯାଇଛି। ପରେ ଇନଫୋସିଟି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିଲା। ଗ୍ରାମରେ ବହୁଦିନ ହେବ ଚୋରାରେ ବାଣ ତିଆରି କରାଯାଉଥିବା ଜଣାପଡ଼ିଛି। ହେଲେ କେହି ଏ ନେଇ ଥାନାରେ ଅଭିଯୋଗ କରିନାହାନ୍ତି ବୋଲି କନ୍ଦରପୁର ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ କହିଛନ୍ତି। ଭୁବନେଶ୍ୱରରୁ ସୂଚନା ମିଳିବା ପରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

### ଜନ ଆକ୍ରୋଶ ସମାବେଶ

ବ୍ରାହ୍ମଣଝରିଲୋ,୨୩।୪

କଟକ ସଦର ଥାନା ଅନ୍ତର୍ଗତ ବଡ଼ଝରିଲୋସ୍ଥିତ ଅଭିନନ୍ଦନ ମଣ୍ଡପରେ ନିଆଳି ନିର୍ବାଚନମଣ୍ଡଳୀସ୍ତରରୁ ଆସିଥିବା ହଜାର ହଜାର ମହିଳା ଏକତ୍ରିତ ହୋଇଥିଲେ। ନିଆଳି ବିଧାୟକ ଇଂ. ଛବି ମଲ୍ଲିକଙ୍କ ନେତୃତ୍ୱରେ ଜନଆକ୍ରୋଶ ସମାବେଶ ଆୟୋଜିତ ହୋଇଥିଲା। ମହିଳା ସଂରକ୍ଷଣ ଓ ଡିଲିମିଟେଶନ ବିଲ୍‌କୁ ବିରୋଧୀ ଦଳ ବାଧା ସୃଷ୍ଟି କରିଥିବା ଅଭିଯୋଗକୁ ନେଇ ଏହି ଆକ୍ରୋଶ ସମାବେଶ ଆୟୋଜନ କରାଯାଇଛି। ବୁଥସ୍ତରରୁ ଆରମ୍ଭ କରି ରାଜ୍ୟରେ ମହିଳା ଜାଗରଣ ସୃଷ୍ଟି କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଜଣାପଡ଼ିଛି। ନାରୀ ନେତ୍ରୀ ସୁମିନା ମହାନ୍ତି, ଅଞ୍ଜଳି ମଲ୍ଲିକ, ସୁରେଖା ବରାଳ, ସଂଯୁକ୍ତା ମହାନ୍ତି, ମିନାକ୍ଷୀ ନନ୍ଦ, ଅର୍ଚ୍ଚନା ଜେନା, ସରୋଜିନୀ ମହଲ, ନିରୁପମା ଓଝା, ଇଲାବତୀ ମହାନ୍ତି, ଶୋଭାମୟୀ ବେହେରା ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଏହାସହିତ ବିଧାୟକ ପ୍ରତିନିଧି ଧୀରେନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ଦିଲୀପ ପାତ୍ର, ବିଜୁ ପାତ୍ର, ଶଶିକାନ୍ତ ଲେଙ୍କା, ଶାନ୍ତନୁ ଦାସ, ବିଶ୍ୱଜିତ ମହାନ୍ତି ଓ ଅନ୍ୟାନ୍ୟ ସହଯୋଗୀ ମାନେ ପରିଚାଳନା କରିଥିଲେ।

### ବାବାଜୀ ପ୍ରଣବାନନ୍ଦ ଦାସଙ୍କ ପିତୃ ବିୟୋଗ

ଫୁଲନଖରା,୨୩।୪(ସତ୍ୟରଞ୍ଜନ ଦାସମହାପାତ୍ର)

ପଦ୍ମଶ୍ରୀ ବାବା ବଳିଆଙ୍କ ପ୍ରମୁଖ ପଟ ଶିଷ୍ୟ ବାବାଜୀ ପ୍ରଣବାନନ୍ଦ ଦାସ (ମନୁ ଭାଇ)ଙ୍କ ପିତା ଭୀମସେନ ଜେନାଙ୍କ ୮୬ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ଶେଷ ସମୟ ପର୍ଯ୍ୟନ୍ତ ସେ କର୍ମଠ ଏବଂ ସକ୍ରିୟ ଥିଲେ। ସେ ଜଣେ ଧାର୍ମିକ, ମେଳାପୀ ଏବଂ ପରୋପକାରୀ ବ୍ୟକ୍ତି ଥିଲେ। ପୋଷ୍ଟମାଷ୍ଟର ପଦବୀରୁ ଅବସର ନେଇଥିବା ସ୍ୱର୍ଗତ ଜେନା ବାବା ବଳିଆଙ୍କୁ ଭକ୍ତି କରୁଥିଲେ। ବୁଧବାର ରାତିରେ ହଠାତ ଶରୀର କଷ୍ଟ ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଭୋର ସମୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ପୁଅ ପ୍ରସନ୍ନ ମୁଖାଗ୍ନି ପ୍ରଦାନ କରିଥିଲେ। ଶେଷ ଦର୍ଶନ ପାଇଁ ତାଙ୍କ ତେଲେଙ୍ଗାପେଣ୍ଠସ୍ଥିତ ବାସଭବନରେ ପୂର୍ବତନ ସରପଞ୍ଚ ପୀତବାସ ମହାପାତ୍ର, ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ମୁଖ୍ୟ ସମ୍ପାଦକ ଡ. ଶରତ କୁମାର ରଥ, ସମାଜସେବୀ ଚତୁର୍ଭୁଜ ମହାପାତ୍ର, ନୂଆଗଡ ଗ୍ରାମ୍ୟ କମିଟି ସଭାପତି ବିକ୍ରମ ଶତପଥୀ, ଯାତ୍ରା କମିଟି ସଭାପତି ଶିଶିର ରାଉତରାୟ, ପୁତ୍ର ଅମୀୟ କୁମାର ଜେନା, ଦିଲୀପ କୁମାର ଜେନାଙ୍କ ସମେତ ସମସ୍ତ ଆତ୍ମୀୟ ସ୍ୱଜନ, ଗୁରୁଭାଇ ତଥା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ମର ଶରୀରକୁ ତେଲେଙ୍ଗାପେଣ୍ଠ ଅନନ୍ତ ବଳିଆ ଆଶ୍ରମର ଅନ୍ତେବାସୀ ଏବଂ ବେଦ ବିଦ୍ୟାର୍ଥୀଙ୍କ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।



# ଗ୍ରୀଷ୍ମ ପ୍ରବାହ ପାଇଁ କଟକ ଜିଲାରେ ପୁଣି ବଢ଼ିଲା ଛୁଟି

**ଆଉ ୩ ଦିନ ବନ୍ଦ ରହିବ ବିଦ୍ୟାଳୟ**

କଟକ,୨୩।୪(କାର୍ତ୍ତିକ ସାହୁ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକ ଜିଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ପୁଣି ବନ୍ଦ ରଖିବାକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଗୁରୁବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶ ଅନୁସାରେ ୨୪, ୨୫ ଓ ୨୭ ତାରିଖକୁ ଛୁଟି ଘୋଷଣା କରାଯାଇଛି। ତେବେ ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ଶେଷ କରିବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିଦ୍ୟାଳୟରେ ଉପସ୍ଥିତ ରହି ଅନ୍‌ଲାଇନ କ୍ଲାସ୍ କରିପାରିବେ। ଏଥିସହ ଜିଲାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ କଲେଜଗୁଡ଼ିକ ମଧ୍ୟ ଏହି ସମୟ ମଧ୍ୟରେ ବନ୍ଦ ରହିବ। ତେବେ, ପୂର୍ବ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିୟମିତ ସୂଚୀ ଅନୁଯାୟୀ ହେବ। ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ରନ୍ଧାଖାଦ୍ୟ ବଦଳରେ ଶୁଖିଲା ଜିନିଷ ଘରକୁ ଦେବା ନିମନ୍ତେ ଜିଲାପାଳ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସକାଳ ୬ଟା ୩୦ ମିନିଟ୍‌ଠାରୁ ୯ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ୨୦ ତାରିଖରୁ ଛୁଟି ଘୋଷଣା କରାଯାଇଥିଲା। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ବୃଦ୍ଧିକୁ ଦୃଷ୍ଟିରେ କରି ପୁନର୍ବାର ସମୀକ୍ଷା କରାଯାଇ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉପଯୁକ୍ତ ଗ୍ରୀଷ୍ମ ପ୍ରବାହ ସତର୍କତା ଅବଲମ୍ବନ କରି ଜନଗଣନା କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ନାରୀଙ୍କ ଅଧିକାର ପାଇଁ ଗର୍ଜିଲା ଭାଜପା ଯୁବମୋର୍ଚ୍ଚା



କଟକ,୨୩।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜନଆକ୍ରୋଶ ଓ ଯୁବ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଆଶୁତୋଷ ଦାସଙ୍କ ନେତୃତ୍ୱରେ କନିକା ଛକରୁ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ ହୋଇ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏଥିରେ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ, ମମତା ବାନାର୍ଜୀ ଏବଂ ଅଖିଳେଶ ଯାଦବଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଶୋଭାଯାତ୍ରାରେ ଯୁବମୋର୍ଚ୍ଚା ରାଜ୍ୟ ସେଲ୍ ଇନଚାର୍ଜ ସୌମ୍ୟଜିତ ମହାପାତ୍ର ଓ ରାଜ୍ୟ ସଂଯୋଜକ ସୁବ୍ରତ କୁମାର ଶତପଥୀ ଯୋଗଦେଇଥିଲେ। ଆଶିଷକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅସୀମ ଅମିତାଭ ମହାନ୍ତି, ମନୋଜିତ ଦାସ, ସଞ୍ଜୟ ସିଂ, ଅବିନାଶ ନାୟକ, ରଶ୍ମିପ୍ରଭା ସାହୁ, ରୋଜାଲିନ ଦାସ, ପାୟଲ ପଟ୍ଟନାୟକ, ରିତିକା ବାରିକ, ଲିଜା ସାହୁ, କାବ୍ୟ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।




ଲାଲବାଗ୍ ଥାନାର ପୁନରୁଦ୍ଧାର ଦାବି କରି ଗୁରୁବାର ହିନ୍ଦୁ ସେବା ପକ୍ଷରୁ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ପ୍ରତିନିଧିମାନେ। (ଫଟୋ: ରାଜକିଶୋର ମହାନ୍ତି)

# ପୂର୍ବତନ ମାଲଖାନା କିରାଣି ଗିରଫ

**ହାଇକୋର୍ଟ ଆଦେଶନାମାକୁ ଜାଲିଆତି ମାମଲା**

କଟକ,୨୩।୪(କାର୍ତ୍ତିକ ସାହୁ)

ପୂର୍ବତନ ମାଲଖାନା କିରାଣି ପ୍ରସନ୍ନ କୁମାର ପାତ୍ର କ୍ରାଇମବ୍ରାଞ୍ଚ ଦ୍ୱାରା ଗୁରୁବାର ଗିରଫ ହୋଇଛନ୍ତି। ତାଙ୍କ ନାମରେ ବିଭିନ୍ନ ପ୍ରକାର ଜାଲିଆତି ଓ ବ୍ୟାଙ୍କ ଠକେଇ ଅଭିଯୋଗ ରହିଛି। ତେବେ କ୍ରାଇମବ୍ରାଞ୍ଚରେ ୨୦୧୮ ମାର୍ଚ୍ଚ ୨୨ରେ ରୁଜୁ ମାମଲା ଆଧାରରେ ତାଙ୍କୁ ଗିରଫ କରାଯାଇଛି। ପ୍ରସନ୍ନ କୋରାପୁଟ ଜିଲା ଜୟପୁରର ବାସିନ୍ଦା ହୋଇଥିବା ବେଳେ ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆଠାରେ ରହୁଥିବା ଭଡ଼ା ଘରୁ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରିଛି। ସେ ଜଣେ ଅଭ୍ୟାସଗତ ଅପରାଧୀ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ପ୍ରସନ୍ନ ହାଇକୋର୍ଟ କେସ୍ ନିର୍ଦ୍ଦେଶନାମାକୁ ଜାଲିଆତି କରି ତାଙ୍କ ଝିଅଙ୍କୁ ବ୍ୟାଙ୍କ ଜାଲିଆତିରୁ ମାମଲାରୁ ରକ୍ଷା କରିଥିଲେ। ପ୍ରସନ୍ନ ମଧ୍ୟ ଅର୍ଥନୈତିକ ଅପରାଧ ଶାଖାର ମାମଲା (ନଂ. ୧୬/୨୦୧୮) ଓ କୋରାପୁଟ ଥାନା ମାମଲା (ନଂ. ୧୩୦/୨୦୧୮)ରେ ଅଭିଯୁକ୍ତ ଅଛନ୍ତି। ତାଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ତଦନ୍ତ ଚାଲୁ ରଖିଥିବା ଜଣାଯାଇଛି।

# ଜିଲାପାଳଙ୍କୁ ତଦନ୍ତ ଦାୟିତ୍ୱ ଦେଲେ ହାଇକୋର୍ଟ

**ବିଦ୍ୟାଳୟ ଜାଗାରେ ଭୋଗମଣ୍ଡପ ନିର୍ମାଣ**

କଟକ ସଦର,୨୩।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ା ପଞ୍ଚାୟତ କୋଶିଦା ମୌଜାରେ ଥିବା ଭିକାରୀ ଚରଣ ବିଦ୍ୟାପୀଠ ଜାଗାରେ ଏକ ଭୋଗ ମଣ୍ଡପ ନିର୍ମାଣ କାର୍ଯ୍ୟ ଚାଲିଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଏହାର ପ୍ରତିବାଦରେ ସଞ୍ଜୟ ଦାସ ନାମକ ବ୍ୟକ୍ତି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ କୋର୍ଟ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମାଣିତ ନକଲ ପାଇବାର ୬୦ ଦିନ ମଧ୍ୟରେ ଏହା ଉପରେ ଜିଲାପାଳ ନିଷ୍ପତ୍ତି ଗ୍ରହଣ କରିବେ। ଏହି ନିର୍ମାଣ ପାଇଁ କିଶନନଗର ତହସିଲଦାର ଏନ୍‌ଓସି ଦେଇଥିବା କୁହାଯାଉଛି। ବିଦ୍ୟାଳୟ ଜାଗାରେ କୌଣସି ସ୍ଥାୟୀ ନିର୍ମାଣ ପାଇଁ କେବଳ ଶିକ୍ଷା ବିଭାଗ ଅନୁମତି ଦେବା କଥା। ମାତ୍ର ଏଠାରେ ଏହି ନିୟମ ଉଲ୍ଲଂଘନ କରାଯାଇଛି ବୋଲି ଆବେଦନକାରୀ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୌଣସି ସରକାରୀ ଜାଗାରେ ସ୍ଥାୟୀ ନିର୍ମାଣ ପାଇଁ ତହସିଲଦାର ଅନୁମତି ଦେବାକୁ ପ୍ରାଧିକୃତ ନୁହନ୍ତି ବୋଲି ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନର ତଫସିଲ-୨ରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି। ହେଲେ ଏହାର ନିୟମ ଉଲ୍ଲଂଘନ କରାଯାଇଛି ବୋଲି ଆବେଦନକାରୀ ଦାସ ସୂଚନା ଦେଇଛନ୍ତି।

# ସତ୍ୟନାରାୟଣ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ମଙ୍ଗୁଳି-ଜଗତପୁର,୨୩।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନିଶ୍ଚିନ୍ତା ଓ ମାଗୁରା ଧାନମଣ୍ଡଳ ଗ୍ରାମସ୍ଥିତ ଶ୍ରୀଶ୍ରୀ ସତ୍ୟନାରାୟଣଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୬ଦିନ ବ୍ୟାପୀ ଏହି ଉତ୍ସବରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଯଜ୍ଞ ବିଗ୍ରହଙ୍କ ମନ୍ଦିର ସ୍ନାନ, ଯଜ୍ଞ ନ୍ୟାସ, ପ୍ରାଣ ପ୍ରତିଷ୍ଠା, ବେଦପାଠ, ବିଗ୍ରହମାନଙ୍କ ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି ଓ ମହାଧ୍ୱଜ ଉତ୍ତୋଳନ କରାଯାଇଥିଲା। କମିଟି ସଭାପତି କ୍ଷେତ୍ରବାସୀ ବରାଳ, ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁ, ଦେବାଶିଷ ସ୍ୱାଇଁ, ପ୍ରସନ୍ନ କୁମାର ସ୍ୱାଇଁ, ରାଜକିଶୋର ସ୍ୱାଇଁ, ହିମାଂଶୁ ସାମଲ, ବିଭୂତି ଭୂଷଣ ତ୍ରିପାଠୀ, ବଟକୃଷ୍ଣ ବେହେରା, ବସନ୍ତ କୁମାର ଗୋଚ୍ଛାୟତ, ରାଜକିଶୋର ମହାରଣା, ରବୀନ୍ଦ୍ର କୁମାର ସ୍ୱାଇଁ, ପ୍ରଦୀପ୍ତ ନାୟକ, ରବୀନ୍ଦ୍ର କୁମାର ମହାନ୍ତିଙ୍କ ସମେତ ନିଶ୍ଚିନ୍ତା, ମାଗୁରା ଧାନ ମଣ୍ଡଳ, ଘାସି ସନ୍ଥପୁର, ଦମକା ଅଞ୍ଚଳର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

**ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବିକୁ ସମର୍ଥନ କଲେ ମୋକିମ**

କଟକ,୨୩।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ଅବସରପ୍ରାପ୍ତ କର୍ମଚାରୀମାନେ ନ୍ୟାର୍ଯ୍ୟ ପେନ୍‌ସନ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାକୁ ଓହ୍ଲାଇଛନ୍ତି। ଧାରଣା ଜାରି ରହିଥିବାବେଳେ ଗୁରୁବାର ଓଡ଼ିଶା ଜନତା କଂଗ୍ରେସ ଦଳ ସଭାପତି ଇଂ. ମହମ୍ମଦ ମୋକିମ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ କର୍ମଚାରୀଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି। ବର୍ଷ ବର୍ଷ ଧରି ସେବା ଯୋଗାଇ ଦେଇଥିବା କର୍ମଚାରୀମାନେ ଅବସର ପରେ ନିଜର ପ୍ରାପ୍ୟ ପାଇଁ ରାଜାରାସ୍ତାରେ ବସିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତୁରନ୍ତ ପେନ୍‌ସନ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ମୋକିମ ଦାବି କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ନିକୁଞ୍ଜ ପଶାୟତ, କେଦାର ପୃଷ୍ଟି, ସେକ୍ ଲିଆକତ ଉଦ୍ଦିନ ଅହମ୍ମଦ, ଶରତ ଚନ୍ଦ୍ର ସେଠୀ, ଅନିଲ ବେଉରା, ସୂର୍ଯ୍ୟକାନ୍ତ ରାଉତ, ଦୀପକ ପରିଡ଼ା, ଆର୍ଯ୍ୟବିର ଲେଙ୍କା, ସ୍ମୃତି ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବାରମ୍ବାର ବାଜୁଛି ଫଲ୍ସ ଆଲାର୍ମ, ବଢ଼ୁଛି ଅସନ୍ତୋଷ

- ଏସ୍‌ସିବି ଟ୍ରମା କୋଠାରେ ବାଜିଲା ଫଲ୍ସ ଆଲାର୍ମ
- ଭୟଭୀତ ହୋଇ ଧାଇଁଲେ ଲୋକେ
- ଛାତ୍ରାବାସ ସମ୍ମୁଖରେ କାର୍‌ରୁ ନିଆଁ
- ଅଗ୍ନି ନିରାପତ୍ତାର ରକ୍ଷଣାବେକ୍ଷଣ ନେଇ ପ୍ରଶ୍ନ

କଟକ,୨୩।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା ପରେ ଏବେ ନିଆଁର ଭୟ ସମସ୍ତଙ୍କୁ ଘାରିଛି। ଗୁରୁବାର ମେଡିକାଲର ଟ୍ରମା କୋଠାର ଦ୍ୱିତୀୟ ମହଲାରେ ଫାୟାର ଆଲାର୍ମ ବାଜିବାରୁ ଲୋକେ ଭୟଭୀତ ହୋଇ ବାହାରକୁ ଧାଇଁଛନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର ଟିମ୍ ପହଞ୍ଚି ଯାଞ୍ଚ କରିବା ପରେ ତାହା ଫଲ୍ସ ବା ମିଛ ଆଲାର୍ମ ବୋଲି ଜଣାପଡ଼ିଛି। ତେବେ ଏଭଳି ବାରମ୍ବାର ଫଲ୍ସ ଆଲାର୍ମ ବାଜିବା ଯୋଗୁ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ମେଡିକାଲ ଛାତ୍ରବାସ ସମ୍ମୁଖରେ ଥିବା ଏକ ସିଏନ୍‌ଜି କାର୍ ଲିକ୍ ହୋଇ ସେଥିରୁ ଧୂଆଁ ବାହାରିଥିଲା। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଗାଡ଼ିର କାଚ ଭାଙ୍ଗି ଗାଡ଼ିକୁ ଉଦ୍ଧାର କରିଥିଲା। ଏହି ଘଟଣା ନେଇ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରକାଶ କୁମାର ପରିଜା କହିଛନ୍ତି, ଟ୍ରମା କୋଠାରେ ସ୍ପ୍ରିଙ୍କଲରରେ ଧୂଳି ଲାଗିବାରୁ ଏଭଳି ଆଲାର୍ମ ବାଜିଥିଲା। ତେବେ ଏଭଳି ଘଟଣା ଆଜି ନୂଆ ନୁହେଁ ବରଂ ପ୍ରତ୍ୟେକ ଦିନ ଏଭଳି ଆଲାର୍ମ ବାଜୁଛି ବୋଲି ସେ କହିଛନ୍ତି। ତେବେ ଏସ୍‌ସିବିରେ ଲାଗିଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଠିକ୍ ଭାବେ ଯାଞ୍ଚ କରାଯାଉ ନ ଥିବା ଏବଂ ଏହାର ରକ୍ଷଣାବେକ୍ଷଣ ବ୍ୟବସ୍ଥା ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ନିଘା ନ ଥିବା ଏହି ଘଟଣାରୁ ସ୍ପଷ୍ଟ ବାରି ହୋଇଯାଇଛି।

# ଚୋରା ଦେଶୀ ମଦଭାଟି ଉପରେ ଚଢ଼ାଉ

**ଦେଶୀ ମଦ, ଗୁଡ଼ ପୋଚ ଜବତ**

ଖୁଣ୍ଟୁଣୀ,୨୩।୪(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଗ୍ରାମାଞ୍ଚଳ ଏସ୍‌ପି ଭିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଖୁଣ୍ଟୁଣୀ ପୋଲିସ ପକ୍ଷରୁ ଖୁଣ୍ଟୁଣୀ ଥାନା ଅଧୀନ ସରସ୍ୱତୀପୁର ଓ ଖଣ୍ଡୁଆଳି ଅଞ୍ଚଳ ଜଙ୍ଗଲ ମଧ୍ୟରେ ଥିବା ଦେଶୀ ମଦ ମାଫିଆଙ୍କ ମଦ ରନ୍ଧା ଭାଟି ଉପରେ ଚଢ଼ାଉ କରାଯାଇଛି। ଦେଶୀ ମଦ ଓ ମଦ ପାଇଁ ପ୍ରସ୍ତୁତ ଥିବା ପ୍ରାୟ ୬ ହଜାର ଲିଟରରୁ ଅଧିକ ଗୁଡ଼, ସାର ପୋଚ ଜବତ କରି ନଷ୍ଟ କରାଯାଇଛି। ନଷ୍ଟ ସାମଗ୍ରୀର ମୂଲ୍ୟ ପ୍ରାୟ ୧.୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଖୁଣ୍ଟୁଣୀ ଥାନାରେ ଏକ ମାମଲା (ନଂ.୧୧୪/୨୬) ରୁଜୁ ହୋଇଥିବା ଆଇଆଇସି ଜହର କହିଛନ୍ତି। ପୋଲିସ ଚଢ଼ାଉ ଖବର ପାଇ ସ୍ଥାନୀୟ ଗ୍ରାମର ମଦ ମାଫିଆମାନେ ତାଙ୍କ ସହଯୋଗୀଙ୍କୁ ଧରି ଜଙ୍ଗଲ ମଧ୍ୟରେ ଫେରାର ହୋଇଯାଇଥିଲେ। ଚଢ଼ାଉରେ ଖୁଣ୍ଟୁଣୀ ଥାନା ଅଧିକାରୀ ଜହର ଆବେଦିନ, ଏସ୍‌ଆଇ ପ୍ରିୟଦର୍ଶନ ସେଠୀ, ପ୍ରୀତି ରଞ୍ଜନ ରାୟ, ଶେଷଦେ ରାଜ, ଭରତ ଦାସ, ଗଣେଶ ବାରିକ, ପ୍ରେମ କୁମାର ବାରିକ ଓ ଥାନାର ଫୋର୍ସ ସାମିଲ ହୋଇଥିଲେ। ଚଢ଼ାଉ ପ୍ରତି ସପ୍ତାହରେ ଦୁଇ ତିନିଥର କରାଯିବ ବୋଲି ଆଇଆଇସି ଜହର କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଶ୍ରୀଜଗନ୍ନାଥଙ୍କ ବାହାର ରତ୍ନଭଣ୍ଡାରରୁ ନିଖୋଜ, ଚୋରି ଦୁର୍ମୂଲ୍ୟ ରତ୍ନ ଅଳଙ୍କାରର ବିଧିବଦ୍ଧ ତଦନ୍ତ ପାଇଁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଏତଲା ଦିଆଯିବ, ସ୍ଥାନ: ସିବିଆଇ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ଆରାଧନା ମହୋତ୍ସବ, ସ୍ଥାନ: ସାଇ ଜନନୀ, ୟୁନିଟ୍ ୩, ସମୟ: ଅପରାହ୍ନ ୫ଟା।
- ନୃତ୍ୟ ପ୍ରଜ୍ଞା ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ରାଗ୍‌ମାଳା ପକ୍ଷରୁ ୧୪ତମ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୧୧୦ ତମ ବାର୍ଷିକ ବାଦି ପାଲା ମହୋତ୍ସବ, ସ୍ଥାନ: ନହରକଣ୍ଟା (ଖ)ସ୍ଥିତ ମାରୁତି ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ ଟା।
- ବାବା ବ୍ରକ୍ରେଶ୍ୱର ସାଂସ୍କୃତିକ କଳା ପରିଷଦ ପକ୍ଷରୁ ସାମାଜିକ ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବ, ସ୍ଥାନ: ବାଲିଅନ୍ତା ବ୍ଲକର ଭିଙ୍ଗାରପୁରସ୍ଥିତ ସ୍କୁଲ ଖେଳ ପଡିଆ, ସମୟ: ରାତି ୧୦ ଟା ୩୦।
- ଭାଗବତ ମେଳଣ ଉପଲକ୍ଷେ ଅପେରା ପାର୍ଟିର ଫି ସେଲରେ ନାଟକ ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକର ବୁଢାଲୋ ଗ୍ରାମ ମେଳନ ପଡିଆ, ସମୟ: ରାତି ୧୧ଟା।

## କଟକ
- ବୟନଶିଳ୍ପ ନିର୍ଦ୍ଦେଶକଙ୍କ ନୂଆପାଟଣା ଗସ୍ତ, ସ୍ଥାନ: ନୂଆପାଟଣା ନଂ ୧. ବୁଣାକାର ସମିତି, ଟିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆଭାସି ମାଧ୍ୟମରେ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଟିଗିରିଆ: ସମୟ: ଅପରାହ୍ନ ୫ଟା।
- ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ୧୩୪ତମ ଜୟନ୍ତୀ, ସ୍ଥାନ: ସ୍ୱରାଜ ଆଶ୍ରମ, ସମୟ: ଅପରାହ୍ନ ୫ଟା।
- ହୋପ୍ ଏଜ୍ ଅନୁଷ୍ଠାନର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ରାଇସିନା ମଣ୍ଡପ, ସିଡିଏ ସେକ୍ଟର-୯, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ଜଗନ୍ନାଥ ସେବାୟତ ସଂଘ ପକ୍ଷରୁ ଶ୍ରୀଶ୍ରୀରାମକଥା ପ୍ରବଚନର ପଞ୍ଚମ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଚାନ୍ଦିନୀଚୌକ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ନୂତନ ଯୋଜନା ବୋର୍ଡ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁରୀବାସୀଙ୍କ ଶ୍ରୀମନ୍ଦିର ସ୍ୱତନ୍ତ୍ର ପ୍ରବେଶ ନେଇ ଶୋଭାଯାତ୍ରା ଓ ଧାରଣା, ସ୍ଥାନ: ଭକ୍ତ ସାଲବେଗ ପୀଠ ଓ ଶ୍ରୀମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୫ଟା।
- ୧୫ତମ ମଙ୍ଗଳା ମହୋତ୍ସବର ଉଦ୍‌ଘାଟନ ଦିବସ, ସ୍ଥାନ: କାକଟପୁର ହାଇସ୍କୁଲ ପଛ ପଡ଼ିଆ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ଉତ୍କଳ ବୀର ଜଗବନ୍ଧୁ ସିଂଙ୍କ ବାର୍ଷିକ ସମାରୋହ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୫ଟା ୩୦।

## ବାଲେଶ୍ୱର
- ସତ୍ୟସାଇ ମନ୍ଦିରରେ ଆରାଧନା ଦିବସ, ନଗର ସଂକୀର୍ତ୍ତନ, ସ୍ଥାନ:ସତ୍ୟସାଇ ମନ୍ଦିର, ରୂପ୍‌ସା, ସମୟ : ଭୋର ୫ଟା ୧୫।
- ଷୋଡ଼ଶ ଉପଚାର ପୂଜା, ସ୍ଥାନ : ସତ୍ୟସାଇ ମନ୍ଦିର, ରୂପ୍‌ସା, ସମୟ : ସକାଳ ୭ଟା।
- ୬୮ତମ ଓଡ଼ିଶା ପୋଲିସ୍ ଭଲିବଲ୍ ଓ ବାସ୍କେଟବଲ୍ ଚାମ୍ପିୟନ୍‌ଶିପ୍-୨୦୨୬, ସ୍ଥାନ: ପୋଲିସ୍ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ : ସକାଳ ୮ଟା।
- ପଶୁପତିନାଥ ମହାଦେବ, ବୀର ହନୁମାନ ମନ୍ଦିରରେ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ : ମଧ ଜଳସୋହରିଆ ଗ୍ରାମ, ଭୋଗରାଇ, ସମୟ : ସକାଳ ୮ଟା।
- ଲକ୍ଷ୍ୟାର୍ଚ୍ଚନା, ବେଦପାଠ ଓ ଭଜନ, ସ୍ଥାନ : ସତ୍ୟସାଇ ମନ୍ଦିର, ରୂପ୍‌ସା, ସମୟ : ସକାଳ ୯ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ରାଧା ବେଣୁମାଧବ ସେବାଧାମର ବାର୍ଷିକ ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ : ରାଧା ବେଣୁମାଧବ ସେବାଧାମ, ଧରମଦୁଆର, ବାଲିଆପାଳ, ସମୟ : ମଧାହ୍ନ ୧୨ଟା ୩୦।
- ପଞ୍ଚାୟତିରାଜ ଦିବସ, ସ୍ଥାନ : ବ୍ଲକ କାର୍ଯ୍ୟାଳୟ, ଖଇରା, ସମୟ : ଅପରାହ୍ନ ୫ଟା।
- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ : ବ୍ଲକ କାର୍ଯ୍ୟାଳୟ, ବସ୍ତା, ସମୟ : ଅପରାହ୍ନ ୫ ଟା।
- ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ : ଆୟୁଷ୍ମାନ୍ କଲ୍ୟାଣ ମଣ୍ଡପ, ଗୋପାଳ ଗାଁ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜୟକୃଷ୍ଣ ପୁର, ଧାମନଗର, ସମୟ: ସକାଳ ୭ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: କାଳୀ ପଡ଼ିଆ, ତିହିଡ଼ି, ସମୟ: ସକାଳ ୮ ଟା।
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ନେଇ କଳସ ଶୋଭାଯାତ୍ରା, ସ୍ଥାନ:ତ୍ରିକୋଣା,ବନ୍ତ, ସମୟ:ସକାଳ ୯ଟା।
- ମା' ଗଜଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୃତି, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ଅପରାହ୍ନ ୩ ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ ଟା।

## କେନ୍ଦୁଝର
- ଜିଲା ଓ ବ୍ଲକସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ', ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ: ଅପରାହ୍ନ ୫ଟା।
- ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୪ ତମ ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କିକୋଟ୍, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ,ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ସକାଳ ୮ଟା
- ରକ୍ତଦାନ ଶିବିର, ସ୍ଥାନ:ଶ୍ରୀ ସତ୍ୟସାଇ ସେବା ସମିତି ବାରିପଦା,ସମୟ: ସକାଳ ୯ଟା।
- ଆମେ-୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍,ବାରିପଦା, ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଉଦଳା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ,ସମୟ: ଅପରାହ୍ନ ୫ଟା ୩୦।

## ବ୍ରହ୍ମପୁର
- ଶ୍ରମିକଙ୍କ ଧାରଣା, ସ୍ଥାନ: ବ୍ରହ୍ମପୁର ଶ୍ରମ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଇଏମସିର ବଜେଟ ବୈଠକ, ସ୍ଥାନ: ନୂଆ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ମହିଳା ଆକ୍ରୋଶ ସମାବେଶ, ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ଅପରାହ୍ନ ୩ଟା।

## କନ୍ଧମାଳ
- ଜାତୀୟ ପଞ୍ଚାୟତ ରାଜ ଦିବସ ଉତ୍ସବ, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ ଟା।

## ଢେଙ୍କାନାଳ
- ରାଜ୍ୟସ୍ତରୀୟ ସବ୍ ଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୧୦ଟା।
- ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ସମୟ: ଅପରାହ୍ନ ୫ଟା।

## ଅନୁଗୋଳ
- ମା' ମହାଲକ୍ଷ୍ମୀ ଓ ବିମଳାଙ୍କ ମନ୍ଦିର ପ୍ରବେଶ, ସ୍ଥାନ: ଆଠମଲ୍ଲିକ ବ୍ଲକ ଠାକୁରଗଡ଼, ସମୟ: ସକାଳ ୬ଟା।
- ପୂର୍ଣ୍ଣାହୁତି ପୂଜା ଓ ହୋମଯଜ୍ଞ, ସ୍ଥାନ: ଆଠମଲ୍ଲିକ ବ୍ଲକ ଠାକୁରଗଡ଼, ସମୟ: ଅପରାହ୍ନ ୧ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହର ଷଷ୍ଠ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ଶିଶୁ ଅନନ୍ତ ଆଶ୍ରମର ବାର୍ଷିକ ଉତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଅରିଲୋ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ନାଟ ମହୋତ୍ସବ କାନଫେଷ୍ଟର ଚତୁର୍ଥ ସନ୍ଧ୍ୟାରେ ହିନ୍ଦୀ ନାଟକ 'କୋଇ ବାତ୍ ଚଲେ' ମଞ୍ଚସ୍ଥ ହେବ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ସୀତା ନବମୀ ଉପଲକ୍ଷେ ଶ୍ରୀରାମ ଯଜ୍ଞୋତ୍ସବ, ସ୍ଥାନ: ଘିଘିଡିଆ, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଶ୍ରୀ ଜଗନ୍ନାଥ ଓ ଆଦି ଅନାଦି ଗୋସେଇଁଙ୍କ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଲକାଟି, ଆଳି, ସମୟ: ସକାଳ ୭ଟା।
- ଜାତୀୟ ପଞ୍ଚାୟତରାଜ ଦିବସ, ସ୍ଥାନ: ଇଣ୍ଡୋର ହଲ, କେନ୍ଦ୍ରପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସ୍ଥାନ: ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ଶ୍ରୀ ବଜରଙ୍ଗବାଲିଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପୀଠ ପରିସର, କହ୍ନେଇପୁର, କେନ୍ଦ୍ରାପଡା, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ବରୀ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ : ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଧର୍ମଶାଳା ବ୍ଲକ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପାଇଁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜିଲା ପରିଷଦ ସୃଜନ ସମ୍ମିଳନୀ କକ୍ଷ, ସମୟ:ସକାଳ ୮ଟା।
- ଶିକ୍ଷାନବିସର ଉଦ୍‌ଯାପନ ଦିବସ, ସ୍ଥାନ:ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ନୀଳକଣ୍ଠେଶ୍ୱର କ୍ରିକେଟ ମ୍ୟାଚର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ ଗୋଡିବଣିଆ, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ:ଓଡଗାଁ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ:ମଧାହ୍ନ ୧୨ରୁ ରାତ୍ର ୧୦ଟା।

## ରାୟଗଡ଼ା
- ସିପିଆଇ (ଏମ୍‌ଏଲ୍) ଲିବରେସନ ତରଫରୁ ପାଣି ଡଙ୍ଗର ଜଳ ପ୍ରକଳ୍ପ ଦାବିରେ ଶୋଭାଯାତ୍ରା, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ ଛକ, ଗୁଣପୁର, ସମୟ: ସକାଳ ୯ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ୍ କଲୋନୀ, ଚନ୍ଦ୍ରପୁର, ସମୟ: ସକାଳ ୯ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ନୂତନ ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଗୁଡାରି ନୂତନ ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୫ଟା। ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଗୁଣପୁର ବ୍ଲକ କାର୍ଯ୍ୟାଳୟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।।

## ନବରଙ୍ଗପୁର
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁରସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ବୋରିପଦର ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ : ଡାବୁଗାଁସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ବ୍ଲକସ୍ତରୀୟ ପଞ୍ଚାୟତରାଜ ଦିବସ, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୫ଟା ୩୦।

## କୋରାପୁଟ
- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ସିଦ୍ଧାର୍ଥ ଇଂଲିଶ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ସିଧାପ୍ରସାରଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୫ଟା।
- ପଞ୍ଚାୟତିରାଜ ଦିବସ, ସ୍ଥାନ: କୋଟପାଡ଼ ବ୍ଲକ୍ ପରିସର, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ସମ୍ବଲପୁର କବାଡି ପ୍ରିମିୟର ଲିଗ-୨୦୨୬ର ମ୍ୟାଚ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ: ସକାଳ ୬ଟା।
- ଜେଏସ୍‌ଡବ୍ଲୁ ଷ୍ଟିଲରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସ୍ଥାନ: ଠେଲକୋଲୋଇସ୍ଥିତ କମ୍ପାନୀ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ଜାତୀୟ ପଞ୍ଚାୟତି ଦିବସ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା। ସମ୍ବଲପୁର କବାଡି ପ୍ରିମିୟର ଲିଗ-୨୦୨୬ର ମ୍ୟାଚ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ: ଅପରାହ୍ନ ୬ଟା।

## ରାଉରକେଲା
- ଆନ୍ତଃ ବିଦ୍ୟାଳୟ ଚେସ୍ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ସକାଳ ୬ଟା ୩୦।
- ଗୃହ ପ୍ରକଳ୍ପ ଅନିୟମିତତା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ରେଳବାଇ ଷ୍ଟେଶନ ନିକଟ ହୋଟେଲ ଶୁଭମ୍, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନ ଯାତ୍ରାର ୫ମ ଦିବସ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଅଖଣ୍ଡ ପାଠ, ସ୍ଥାନ: ଗୁରୁ ସିଂହ ସଭା ଗୁରୁଦ୍ୱାରା, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ,ସ୍ଥାନ:କୁଆଁରମୁଣ୍ଡା ବ୍ଲକ ପରିସର,
- ସମୟ:ଅପରାହ୍ନ ୫ଟା।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଜାମୁଟପାଲି, ଗାଇସିଲେଟ, ସମୟ:ସକାଳ ୭ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ଅପରାହ୍ନ ୪ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ,ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଗାଇସିଲେଟ, ସମୟ:ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ଜିଲା ଧାନ କ୍ରୟ କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦।
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭବାନୀପାଟଣା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦।
- ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୬ ପାଳନ, ସ୍ଥାନ: କେସିଙ୍ଗାସ୍ଥିତ ପିଏମ୍‌ଶ୍ରୀ ବିଦ୍ୟାପୀଠ,
- ସମୟ: ଅପରାହ୍ନ ୪ଟା।

## ଦେବଗଡ଼
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦେବଗଡ଼ କଚେରି ସାହି, ସମୟ: ସକାଳ ୮ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଦେବଗଡ଼ ବଡ଼ବଗିଚା, ସମୟ: ଅପରାହ୍ନ ୪ଟା ୩୦।
- ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ରିଆମାଳ ବ୍ଲକ୍ କଲ୍ୟାଣମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ବ୍ଲକ ସିଲାଟିମୁଣ୍ଡାରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଗ୍ରାମ ନାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହ, ସ୍ଥାନ: ତରଭା ବ୍ଲକ ସଭାଗୃହ, ସମୟ: ଅପରାହ୍ନ ୪ଟା।
- ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଡୁଙ୍ଗୁରିପାଲି ଆରଏମ୍‌ସି ପରିସରରେ, ସମୟ: ଅପରାହ୍ନ ୫ ଟା।

## ନୂଆପଡ଼ା
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରମୁଖ ଜନ ସଂଗୋଷ୍ଠୀ, ସ୍ଥାନ: ଜିଲା ସାଧନ କେନ୍ଦ୍ର ନୂଆପଡା, ସମୟ: ସନ୍ଧ୍ୟା ୬ଟା ୩୦।
- ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ ପଞ୍ଚମ ଦିବସ, ସ୍ଥାନ: ନୂଆପଡ଼ା ଏନ୍‌ଏସି ଶାଖାତରା ୱାର୍ଡ ନଂ.୧, ସମୟ: ଅପରାହ୍ନ ୪ଟାରୁ ରାତ୍ର ୮ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ଲଟକନପଡା ଗାଁ, ସମୟ: ସକାଳ ୭ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ସିନାପାଲି ବ୍ଲକ ବୈଗୋପଡା, ସମୟ: ସକାଳ ୭ଟା ୪୫।

## ଝାରସୁଗୁଡ଼ା
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କନକତୋରା ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଝାରସୁଗୁଡ଼ା ଦ୍ୱିତୀୟ ଓଏସ୍‌ଏପି ପଡ଼ିଆ, ସମୟ: ସକାଳ ୮ଟା।

## ବଲାଙ୍ଗୀର
- ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ ପାଳନ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମ ତିରୀ**
**ଅଣ୍ଟାରୁ ଝଡୁଛି ସିଝା ବିରି।**

ଢମ ଗପୁଥିବା ବା ବଡ଼େଇ କରି କହୁଥିବା ସ୍ତ୍ରୀଲୋକର ପ୍ରକୃତ ଧନ ଦରବର ଚିତ୍ର। ନିଜେ ଯେତେ ନୁହେଁ ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ଗପିବା ଦ୍ୱାରା ନିଜର ଗୁମର ପଦାରେ ପଡ଼ିଯାଇଥାଏ। ଫଳରେ ଲୋକହସା ହେବାହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ତାଟିଆରେ ଦେଲି ଦହି,**
**ନିତି ପ୍ରତି ବାସି ପିନ୍ଧିବା ପାଇଁ**
**ଧୋବଣୀ ସାଙ୍ଗରେ ସହି।**

ଯା'ଠାରୁ ଯାହାର କିଛି ଫାଇଦା ପାଇବାର ଆଶା ଥାଏ ତାକୁ ସେ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରିଥାଏ। ଏପରିକି ତା'ର ମନ ଜାଣି କିଛି କିଛି ଉପହାର ଦେଇ ତା'ସହ ସମ୍ପର୍କ ବଢ଼ାଇଥାଏ। ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଭଳି ଧୋବଣୀ ପାଖରୁ ଧୁଆ ଲୁଗା ପାଇବା ଆଶାରେ ତାକୁ ମନେଇ ହାତେଇ ରଖିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ

## ପଶ୍ଚିମବଙ୍ଗରେ...

ଲାଠିଚାଳନା କରିବାକୁ ପଡ଼ିଥିଲା। ପଶ୍ଚିମବଙ୍ଗର କେତେକ ସ୍ଥାନରେ ଇଭିଏମ୍ ତ୍ରୁଟି ଯୋଗୁ ମତଦାନ ବାଧାପ୍ରାପ୍ତ ହୋଇଥିବା ଦେଖାଯାଇଥିଲା।

ତାମିଲନାଡୁରେ ୪,୦୨୩ ପ୍ରାର୍ଥୀଙ୍କ ପାଇଁ ୫.୭୩ କୋଟିରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ସେଠାରେ ଡିଏମ୍‌କେ ନେତୃତ୍ୱାଧୀନ ମେଣ୍ଟ, ଏଆଇଏଡିଏମ୍‌କେ ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ଅଭିନେତା ବିଜୟଙ୍କ ଟିଭିକେ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କ୍ଷମତା ବଜାୟ ରଖିବା ପାଇଁ ଆଶାବାଦୀ ରହିଥିବାବେଳେ ଏଆଇଏଡିଏମ୍‌କେ ନେତା ଏଡାପାଡି କେ. ପାଲାନିସ୍ୱାମୀ ୫ ବର୍ଷ ପରେ ପୁଣିଥରେ କ୍ଷମତାକୁ ଫେରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ନେତାମାନଙ୍କ ମଧ୍ୟରେ ଜୋର୍‌ଦାର ଲଢ଼େଇ ହୋଇଥିବାବେଳେ ପ୍ରଥମ ଥର ପାଇଁ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଥିବା ଟିଭିକେ ପ୍ରତିଦ୍ୱନ୍ଦ୍ୱିତାକୁ ନୂଆ ମୋଡ଼ ଦେଇଛି।

ପଶ୍ଚିମବଙ୍ଗ ବିଧାନସଭାର ୨୯୪ ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୫୨ ଆସନ ପାଇଁ ଭୋଟ ହୋଇଥିବାବେଳେ ୩.୬୦ କୋଟିରୁ ଊର୍ଦ୍ଧ୍ୱ ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି। ସେଠାରେ ୩ ଥରର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିଏମ୍‌ସି ଏବଂ ଭାଜପା ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଭାଜପା ପ୍ରଥମ ଥର ପାଇଁ ରାଜ୍ୟରେ ସରକାର ଗଢ଼ିବାକୁ ଉଦ୍ୟମ ଚଳାଇଛି। ୨୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ୧୪୨ ଆସନ ଲାଗି ମତଦାନ ହେବାକୁ ଥିବାବେଳେ ମେ' ୪ରେ ତାମିଲନାଡୁ, କେରଳ, ଆସାମ ଓ ପଣ୍ଡିଚେରୀ ସମେତ ପଶ୍ଚିମବଙ୍ଗ ଭୋଟ ଗଣନା କରାଯାଇ ଫଳାଫଳ ପ୍ରକାଶ ପାଇବ।

## ଝାରସୁଗୁଡ଼ା,...

୪୦.୬ ଡିଗ୍ରୀ ଛୁଇଁଥିଲା। ଶୁକ୍ରବାର ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗୀର, କେନ୍ଦୁଝର, ଅନୁଗୋଳ ଏବଂ ଖୋର୍ଦ୍ଧା ଜିଲାକୁ ହିଟ୍ ୱେଭ୍ ୱାର୍ନିଂ ଜାରି କରାଯାଇଛି। ଏଥିସହ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାକୁ ଗରମ ଓ ଗୁଳୁଗୁଳି ପାଇଁ ୱାର୍ନିଂ ଦିଆଯାଇଛି।

ଅପରପକ୍ଷେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲାର କିଛି ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ଓ ପବନ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ସେହିପରି ୨୬ ତାରିଖରୁ ରାଜ୍ୟରେ ପାଗ ବଦଳିବା ନେଇ ମଧ୍ୟ ସମ୍ଭାବନା ରହିଛି। ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହିତ ବର୍ଷା ପବନ ହେବା ନେଇ ଆକଳନ କରାଯାଇଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ୨୬ ଓ ୨୭ ତାରିଖରେ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ନ ଯିବାକୁ ବାରଣ କରାଯାଇଛି।

## ଖିରାନ୍ଧୁଟି...

ମଧ୍ୟ ଅଙ୍ଗନୱାଡ଼ି ପିଲାଙ୍କୁ ପୋଷଣ ପ୍ରଦାନ କରାଯିବ। ପିଲାଙ୍କ ଖାଦ୍ୟ ସାମଗ୍ରୀ ସେମାନଙ୍କ ଘରେ ପହଞ୍ଚିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ପ୍ରାୟ ୧୮ଟି ଜିଲାରେ ସ୍କୁଲ୍ ଛୁଟି ଘୋଷଣା କରାଯାଇଛି। ଖୋର୍ଦ୍ଧା ସମେତ ଆଉ କିଛି ଜିଲାରେ ସକାଳ ସାଢ଼େ ୬ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ପାଠପଢ଼ା ହେବ ବୋଲି ଜିଲାପାଳମାନେ ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
EMAIL-PKMAHAPATRO@GMAIL.COM

**ମେଷ** ଅଶ୍ୱିନୀ ନକ୍ଷତ୍ରସ୍ଥ ରବି ଆପଣଙ୍କ ସୁସ୍ଥ ଚିନ୍ତାଧାରା ଓ କାର୍ଯ୍ୟକଳାପକୁ ପ୍ରଭାବିତ କରି ବ୍ୟଥିତ କରାଇପାରନ୍ତି। ଆକସ୍ମିକ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, ସଂସ୍କୃତି , ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପରିବାରରେ ନିଜ ଲୋକଙ୍କ ପକ୍ଷପାତିତାକୁ ଦେଖି ବ୍ୟସ୍ତ ହେବାର ସୂଚନା ରହିଛି।

**ବୃଷ** ଶନି ନକ୍ଷତ୍ରସ୍ଥ ଚନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱଯୁକ୍ତ କରାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ। ସହକର୍ମୀଙ୍କ ପରାମର୍ଶକ୍ରମେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ଆଇନ, ଅଦାଲତ, ଜମିଜମା କ୍ଷେତ୍ରରେ କାର୍ଯ୍ୟ ସାଧନ ହୋଇପାରିବ।

**ମିଥୁନ** ପୁନର୍ବସୁ ନକ୍ଷତ୍ର ସକାଶେ ଆଜି ନିଜ ଲୋକମାନଙ୍କ ଦ୍ୱାରା ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ଭୁଲ୍ ବୁଝାମଣା ଓ ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଅଶାନ୍ତିରେ ଅସ୍ଥିରତା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ମାଙ୍ଗଳିକ କାମରେ ଯୋଗ ଦେବାକୁ ପରିଜନଙ୍କ ସହିତ ଯାତ୍ରା କରିପାରନ୍ତି।

**କର୍କଟ** ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ମାନସିକ ଅସ୍ଥିରତାଜନିତ ମନ ଅଶାନ୍ତ ରହିପାରେ। ପରିସ୍ଥିତିର ଅଙ୍କାବଙ୍କା ରାସ୍ତାରେ ଇଚ୍ଛା ନ ଥାଇ ମଧ୍ୟ ଚାଲିବାକୁ ବାଧ୍ୟ ହୋଇପାରନ୍ତି। ଅଶ୍ଳେଷା ନକ୍ଷତ୍ର ସକାଶେ ପାରିବାରିକ ଆବଶ୍ୟକତାକୁ ନେଇ ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବାଣିଜ୍ୟ, ପରିବହନରେ ପ୍ରତିବନ୍ଧକର ସାମ୍ନା କରିବେ।

**ସିଂହ** ବୃହସ୍ପତି ପାରିବାରିକ ଜୀବନକୁ ସରସ ସୁନ୍ଦର କରାଇବାରେ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଅଧିକାଂଶ ସମୟ ବିତିପାରେ।

**କନ୍ୟା** ପାପଗ୍ରହ ପ୍ରଭାବରୁ ପାରିବାରିକ ଓ କର୍ମକ୍ଷେତ୍ରରେ ନକାରାତ୍ମକ ମାନସିକ ଚିନ୍ତା ସୃଷ୍ଟି ଆଶଙ୍କା ରହିଛି। ବିକ୍ଷିପ୍ତ ଭାବଧାରାର ଅବ୍ୟବସ୍ଥିତ ମନ ସାମାଜିକ ସ୍ଥିତିକୁ ବିଶୃଙ୍ଖଳିତ କରିପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପରିଚିତ ହିତୈଷୀଙ୍କ ସାହାଯ୍ୟରୁ ସଠିକ୍ ଦିଗ୍‌ଦର୍ଶନ ଲାଭକରି ଉପକୃତ ହେବେ।

**ତୁଳା** ସ୍ୱାତୀ ନକ୍ଷତ୍ରର ଧନହାନି ସାଙ୍ଗକୁ ବନ୍ଧୁଙ୍କ ସହ ତିକ୍ତଆଲୋଚନା ମାନସିକ ଅଶାନ୍ତିର କାରଣ ହେବ। ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ପରିସ୍ଥିତିବଶତଃ ବନ୍ଧୁ ଗହଣରେ ଅଥବା କର୍ମକ୍ଷେତ୍ରରେ ଅପ୍ରିୟ ସତ କଥା କହି ବିରୋଧୀ ହେବେ। ରପ୍ତାନି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** ବନ୍ଧୁ ଗହଣରେ କଥାବାର୍ତ୍ତା ଓ ବ୍ୟବହାରକୁ ନେଇ ବିତର୍କ ସୃଷ୍ଟି ଆଶଙ୍କା ଉପୁଜିପାରେ। ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି ଓ ଉନ୍ନତ ଚିନ୍ତା ଯୋଗୁ ଅନୁରାଧା ନକ୍ଷତ୍ର ଆଶ୍ୱସ୍ତି ଲାଭ କରିବେ। ପାରିବାରିକ ସମସ୍ୟା ଅଶାନ୍ତିର କାରଣ ହେବ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, କ୍ରୀଡ଼ା, କଳା ତଥା ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ସାମୟିକ ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରାୟତଃ ଦିନଟିରେ ପ୍ରତିଟି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ଉତ୍ତରାଷାଢ଼ା ନକ୍ଷତ୍ର ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଲୋଚନା ପରିସରରେ କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ।

**ମକର** ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବାଣିଜ୍ୟ ତଥା ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନିଯୋଗ କରିବା ପାଇଁ ଚେଷ୍ଟା କରିପାରନ୍ତି। ମାଲି ମକଦ୍ଦମା କିମ୍ବା ଜମିଜମା ବିବାଦର ସମାଧାନ ହେବାର ସମ୍ଭାବନା ରହିଛି। ଧନିଷ୍ଠା ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସହ ଅନ୍ୟମାନଙ୍କର ପରୋକ୍ଷ ଶତ୍ରୁତା ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ଶତଭିଷା ନକ୍ଷତ୍ର ସହକର୍ମୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା କେତେକ ବ୍ୟକ୍ତିଗତ ପରାମର୍ଶ ଲାଭ କରିବାର ସୁଯୋଗ ପାଇପାରିବେ।

**ମୀନ** ରେବତୀ ନକ୍ଷତ୍ର ଗ୍ରହସ୍ଥିତିର ଅନୁକୂଳତା ପ୍ରାପ୍ତ ହୋଇ ପ୍ରତ୍ୟେକ କାମକୁ ବିନା ଟେନ୍‌ସନରେ ସମ୍ପନ୍ନ କରିବେ। ସଭାସମିତି, ଆଲୋଚନା, ଲେଖାପଢ଼ା, ସମ୍ପର୍କ ସ୍ଥାପନ ତଥା ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ୍ ହେବେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

ଆଜି ଏପ୍ରିଲ୍ ୨୪ ତାରିଖ, ମାନବ ଏକତା ଦିବସ, ସତ୍ୟସାଇ ବାବାଙ୍କ ତିରୋଧାନ ଦିବସ, ବୈଶାଖ ଶୁକ୍ଳପକ୍ଷର ନୀଳାଦ୍ରି ମହୋଦୟାଷ୍ଟମୀ ଶୁକ୍ରବାର, ନୀଳାଦ୍ରି ସତ୍‌ସଙ୍ଗର ପ୍ରତିଷ୍ଠା ଉତ୍ସବ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ, ଜଳାଶୟ ଖନନ ଓ ପ୍ରତିଷ୍ଠା, ଦେବତା ଗଠନ ଓ ପ୍ରତିଷ୍ଠା, ନବବଧୂ ଯାତ୍ରା ଏବଂ ହଳପ୍ରବାହ, ବୀଜବପନ ପାଇଁ ଶୁଭଦିନ। ସକାଳ ଘ.୦୫।୨୬ ଗତେ ଘ.୦୬।୧୬ ମଧ୍ୟେ, ୦୭।୦୭ ଗତେ ଘ.୦୮।୩୫ ମଧ୍ୟେ ଶୁଭ ଶୁଭବେଳା। ଦିବା ଘ.୧୦।୧୦ ଗତେ ଘ.୧୧।୪୪ ମଧ୍ୟେ ରାହୁକାଳ।

# ପଞ୍ଚାୟତିରାଜ ଭିତ୍ତିଭୂମିରୁ ଅନ୍ତ୍ୟୋଦୟ



**ରବି ନାରାୟଣ ନାଏକ**
**ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଓଡ଼ିଶା ସରକାର**

ଇଂରେଜମାନଙ୍କ ବିରୋଧରେ ଚାଲିଥିବା ସ୍ୱାଧୀନତା ଆନ୍ଦୋଳନ ପଛରେ ଆମ ନେତୃମଣ୍ଡଳୀର ସ୍ୱପ୍ନ ଥିଲା, ଆମ ଦେଶର ଶାସନ ଆମେ କରିବା ଏବଂ ଗଣତନ୍ତ୍ର ବ୍ୟବସ୍ଥା ସ୍ଥାପନ କରିବା। ଗଣତନ୍ତ୍ର ଶାସନ ଆସିଲେ ସମାଜର ସବୁଠାରୁ ତଳସ୍ତରରେ ଥିବା ଲୋକଟିର କଥା ଶୁଣିବାକୁ ଅଗ୍ରାଧିକାର ଦିଆଯିବ। ସ୍ୱାଧୀନ ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା ସହ ଜଡ଼ିତ ହୋଇ ଆରମ୍ଭ ହେଲା ପଞ୍ଚାୟତିରାଜ ବ୍ୟବସ୍ଥା। ସମ୍ବିଧାନର ୭୩ତମ ସଂଶୋଧନ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଏକ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କଲା, ଯାହା ଫଳରେ ସ୍ଥାନୀୟ ଅଧିବାସୀଙ୍କ ସକ୍ରିୟ ସହଯୋଗରେ ତୃଣମୂଳ ଗଣତନ୍ତ୍ର ପ୍ରତିଷ୍ଠା ସହିତ ରାଷ୍ଟ୍ର ନିର୍ମାଣରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା।

ରାଜ୍ୟରେ ୨୦୨୪ ମସିହାରେ ଲୋକଙ୍କ ସରକାର ଗଠନ ହେଲାପରେ ବିକାଶ ମଡେଲ ୬ଟି ନୀତି ଉପରେ ଆଧାରିତ ହେଲା। ସେଗୁଡ଼ିକ ହେଲା ଲୋକ ପ୍ରଥମେ ଆଧାରିତ ବିକାଶ, ଗ୍ରାମ ସଶକ୍ତୀକରଣ, ଅନ୍ତର୍ଭୁକ୍ତି ଅଭିବୃଦ୍ଧି, ପ୍ରଯୁକ୍ତି ବିଦ୍ୟାର ଉନ୍ନତି, ସାଂସ୍କୃତିକ ଅସ୍ମିତା ଏବଂ ଦାୟିତ୍ୱପୂର୍ଣ୍ଣ ଶାସନ। ଏହାକୁ ପାଥେୟକରି ପଞ୍ଚାୟତିରାଜ ବିଭାଗ ଆଗକୁ ବଢ଼ିଚାଲିଛି। ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ଶାସନ ବିକେନ୍ଦ୍ରୀକରଣର ପ୍ରଥମ ସୋପାନ। ଭିତ୍ତିଭୂମିର ବିକାଶ, ମୌଳିକ ସେବା ଯୋଗାଣ, ଦାରିଦ୍ର୍ୟ ଦୂରୀକରଣ, କର୍ମ ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ଆମ ଲକ୍ଷ୍ୟ। କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼, ସଶକ୍ତ ଓ କ୍ରିୟାଶୀଳ କରିବା ପଥରେ ଆମେ ଅଗ୍ରସର। ସହରୀକରଣର ଆଁ ଭିତରେ ଗାଁଗୁଡ଼ିକୁ ହଜିଯିବାକୁ ଦିଆଯିବନାହିଁ। ଏହା କେବଳ ଆମ ପ୍ରଚେଷ୍ଟା ନୁହେଁ, ଏହା ଆମ ପ୍ରତିବଦ୍ଧତା।

ଗ୍ରାମାଞ୍ଚଳ ଅଧିବାସୀଙ୍କୁ ସର୍ବନିମ୍ନ ସୁବିଧା ଯଥା ଘର, ରାସ୍ତା ଓ ପାନୀୟଜଳ ଯୋଗାଇଦେବା ପଞ୍ଚାୟତିରାଜ ବିଭାଗର ପ୍ରମୁଖ କାର୍ଯ୍ୟ। ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ଘର ଯୋଗାଇ ଦିଆଯାଉଥିଲା, ତେବେ ଅନେକ ସ୍ଥଳରେ ସରକାରୀ ଦିଶାନିର୍ଦ୍ଦେଶର ପ୍ରତିବନ୍ଧକକୁ ଅତିକ୍ରମ କରି ଗରିବ, ଅସହାୟ ଓ ଯୋଗ୍ୟ ହିତାଧିକାରୀଙ୍କୁ ଘରଟିଏ ଦେବା ସମ୍ଭବ ହୋଇପାରୁ ନ ଥିଲା। ଏଭଳି କ୍ଷେତ୍ରରେ ସମସ୍ତେ କିଂକର୍ତ୍ତବ୍ୟବିମୂଢ଼ ହୋଇ ରହିବାକୁ ବାଧ୍ୟ ହେଉଥିଲେ। ଏହି ସମସ୍ୟାକୁ ଅନୁଭବ କରି ଆମ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କଲେ। ଏହି ଯୋଜନା ମାଧ୍ୟମରେ ଦଳିତ, ନିଷ୍ପେଷିତ, ଅସହାୟ, ଭିନ୍ନକ୍ଷମ, ବିଧବା, ସ୍ୱାମୀ ପରିତ୍ୟକ୍ତା, ପ୍ରାକୃତିକ ଦୁର୍ବିପାକ ପୀଡ଼ିତ ଓ ସମାଜର ଅବହେଳିତ ବର୍ଗକୁ ବାସଗୃହ ଯୋଗାଇ ଦିଆଯାଇପାରୁଛି। ଗ୍ରାମାଞ୍ଚଳବାସୀଙ୍କ ପାଇଁ ଏହା ବରଦାନ ସଦୃଶ ହୋଇଛି।

ରାଜ୍ୟରେ ଅନୁନ୍ନତ ଜିଲା ଓ ପଛୁଆ ଅଞ୍ଚଳରେ ବାସ କରୁଥିବା ଜନଜାତି ସମ୍ପ୍ରଦାୟର ଭାଇଭଉଣୀମାନଙ୍କ ସାମଗ୍ରିକ ବିକାଶ ସହିତ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଭିଯାନ(PM JANMAN) ଯୋଜନା ମାଧ୍ୟମରେ ଜନଜାତି ଗୋଷ୍ଠୀଗୁଡ଼ିକର ବିକାଶ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ସବୁକୁ ଅଗ୍ରାଧିକାର ଭିତ୍ତିରେ ଦୂର କରିବାର ପ୍ରୟାସ ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ଅନୁସୂଚିତ ଜନଜାତି ବର୍ଗର ୪୨୦୦୦ରୁ ଅଧିକ ଅନୁନ୍ନତ ପରିବାରକୁ ବାସଗୃହ ଯୋଗାଇ ଦିଆଯାଇଛି। କେବଳ ଭିତ୍ତିଭୂମିର ବିକାଶ ନୁହେଁ, ଅନୁସୂଚିତ ଜନଜାତି ଅଞ୍ଚଳରେ ପେସା ଆଇନକୁ ଅଧିକ ପ୍ରଭାବଶାଳୀ ଓ ସଶକ୍ତ କରିବା କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନଜାତି ସଶକ୍ତୀକରଣ, ଗ୍ରାମସଭା ସଶକ୍ତୀକରଣ ଓ ପାରମ୍ପରିକ ଶାସନ ପ୍ରଣାଳୀ ମାଧ୍ୟମରେ ବିବାଦର ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ଆମ ରାଜ୍ୟରେ ୧୫ଟି ଆଦିବାସୀ ଜିଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ସାମାଜିକ ସମରସତ୍ତା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ।

ବହୁଦିନ ବ୍ୟବଧାନରେ ଗାଁକୁ ଫେରୁଥିବା ଜଣେ ବ୍ୟକ୍ତି ତାଙ୍କ ଗାଁକୁ ଲମ୍ବିଥିବା ସୁନ୍ଦର ସଡ଼କକୁ ଦେଖି ବହୁତ ଖୁସିହେଲେ। ତେବେ ଗାଁରେ ପହଞ୍ଚିସାରିଲା ପରେ ଦୀର୍ଘଶ୍ୱାସଟିଏ ମାରି କହିଲେ, ସଡ଼କ ତମେ ଏବେ ଆମ ଗାଁକୁ ଆସିଲ ଯେତେବେଳେ ଆମ ଗାଁର ଅଧିକାଂଶ ଲୋକ ଗାଁ ଛାଡ଼ି ସହରକୁ ଚାଲିଗଲେଣି। ଏହାର ଅର୍ଥ କେବଳ ସଡ଼କ, ପୋଲ, କୋଠାବାଡ଼ି ଭଳି ଭୌତିକ ବିକାଶ ହେଲେ ଲୋକେ ଗାଁରେ ରହିବେ ନାହିଁ କିମ୍ବା ପଳାୟନ ବନ୍ଦ କରାଯାଇପାରିବ ନାହିଁ। ସେଥିପାଇଁ ଆବଶ୍ୟକ ଗାଁର ସର୍ବାଙ୍ଗୀନ ବିକାଶ। ଏଥିପାଇଁ ଆମ ସରକାରଙ୍କ ନିଜସ୍ୱ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ମାଧ୍ୟମରେ ଗ୍ରାମୀଣ ସଡ଼କ, ସେତୁ ସହିତ ଗ୍ରାମବାସୀଙ୍କ ଆବଶ୍ୟକ ମୁତାବକ କଲ୍ୟାଣମଣ୍ଡପ, କମ୍ୟୁନିଟି ସେଣ୍ଟର, ପାଠାଗାର, ଡ୍ରେନ୍, ପୋଖରୀ, ଗାଧୁଆତୁଠ, ପୋଷାକ ପରିବର୍ତ୍ତନ ଗୃହ, ବଜାର, ହାଟ, ଜଳ ଅମଳ ପ୍ରକଳ୍ପ, କ୍ରୀଡ଼ା ଭିତ୍ତିଭୂମି, ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ଭାଗବତ ଟୁଙ୍ଗି ନିର୍ମାଣ ଏବଂ ଅନ୍ୟାନ୍ୟ ଅଭିନବ ପ୍ରକଳ୍ପ ନିର୍ମାଣ କରାଯାଇପାରିବ। ୨୦୩୬ ମସିହାରେ ଆମ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ, ଏହାକୁ ଆଖିଆଗରେ ରଖି ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳକୁ ବିକଶିତ, ସ୍ୱଚ୍ଛ, ସୁନ୍ଦର ଓ ଆତ୍ମନିର୍ଭରଶୀଳ କରିବାର ଏକ ଦୀର୍ଘ ମିଆଦୀ ଖସଡ଼ା ପ୍ରସ୍ତୁତ କରାଯାଇଛି। ବିକାଶ କହିଲେ କେବଳ ଅନ୍ୟ ଉପରେ ନିର୍ଭର କରିବା ଓ ସବୁକିଛି କିଣି ଖାଇବାକୁ ଯଦି ବୁଝାଏ ତେବେ ଆମ ପାଇଁ ବିକାଶର ଏହି ଛବିଳ ବର୍ଣ୍ଣବୋଧ ଲୋଡ଼ା ନାହିଁ। ଆମ ପାଇଁ ବିକାଶ ମାନେ ସରଳ, ପରିପୂର୍ଣ୍ଣ ଏବଂ ଆତ୍ମନିର୍ଭର ଜୀବନ ଜିଇବାର ସ୍ୱାଧୀନତା। ସେଥିପାଇଁ ଆମର ଏହି ପୂର୍ବ ପ୍ରସ୍ତୁତି।

ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ଓ ପଳାୟନ ରୋକିବା। ଗ୍ରାମାଞ୍ଚଳରେ ନିଶ୍ଚିତ କର୍ମ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଏମ୍‌ଜିଏନ୍‌ଆରଇଜିଏସ୍ ପରିବର୍ତ୍ତେ ଅନ୍ୟ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଭିବି ଜୀ ରାମ ଜୀ ଆରମ୍ଭ ହୋଇଛି। ଏହି ଯୋଜନାରେ ପୂର୍ବରୁ ଥିବା ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତିକୁ ୧୨୫ଦିନକୁ ବୃଦ୍ଧି କରାଯାଇଛି ଏବଂ ଦିନକୁ ଦିନ ଆମ କୃଷି କ୍ଷେତ୍ର ସାମ୍ନା କରୁଥିବା ସମସ୍ୟାକୁ ଅନୁଭବ କରି ଚାଷ ଦୁଇ ମାସ ଅର୍ଥାତ୍ ୬୦ଦିନକୁ ଏଥିରୁ ବାଦ୍ ଦିଆଯାଇଛି, ଫଳରେ କୃଷକ ଭାଇମାନେ ନିଜ ଚାଷ କାମ ସମ୍ପୂର୍ଣ୍ଣ କରି ବଳକା ସମୟରେ ୧୨୫ ଦିନର ନିଶ୍ଚିତ କର୍ମ ନିଯୁକ୍ତି ସୁଯୋଗ ପାଇପାରିବେ। ବିଶେଷ କ୍ଷେତ୍ରରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅବଗତ କରି ଏହାକୁ ବୃଦ୍ଧି ମଧ୍ୟ କରିପାରିବେ। କେବଳ ଭିବି ଜୀ ରାମ ଜୀ ନୁହେଁ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ନିଯୁକ୍ତି ପାଇଁ ଗ୍ରାମାଞ୍ଚଳ ଅଧିବାସୀଙ୍କୁ ଯୋଗ୍ୟ କରିବାକୁ ଆମ ସରକାର ଉଦ୍ୟମ କରୁଛନ୍ତି। ଏଥିପାଇଁ ଏକ ମନ୍ତ୍ରୀସ୍ତରୀୟ କମିଟି ଓ ସଚିବସ୍ତରୀୟ ଟାସ୍କଫୋର୍ସ ଗଠନ କରି ଯୋଜନା ପ୍ରସ୍ତୁତ କରାଯାଉଛି।

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ମାଧ୍ୟମରେ ଗ୍ରାମୀଣ ଉତ୍ପାଦର ବଜାର ସୃଷ୍ଟି କରାଯାଇଛି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ କର୍ମ ନିଯୁକ୍ତି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ନୂତନ ଯୁଗର ଦକ୍ଷତା ତାଲିମ ମାଧ୍ୟମରେ ଶ୍ରମ ବଜାର ଆବଶ୍ୟକତାକୁ ଆଖି ଆଗରେ ରଖି ଶିଳ୍ପ ନେତୃତ୍ୱାଧୀନ ପଦ୍ଧତି ମାଧ୍ୟମରେ ଗ୍ରାମାଞ୍ଚଳର ଯୁବତୀଯୁବକମାନଙ୍କୁ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି। ଜୀବିକା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ଉତ୍ପାଦକୁ ନେଇ ଉଦ୍ୟୋଗ ପ୍ରତିଷ୍ଠା କରିବା କ୍ଷେତ୍ରରେ ପଞ୍ଚାୟତିରାଜ ବିଭାଗ କାର୍ଯ୍ୟ କରିଆସୁଛି। ଏହି ସବୁ ଯୋଜନା ଓ କାର୍ଯ୍ୟକ୍ରମ ଦାଦନ ସମସ୍ୟା ଓ ପଳାୟନ ରୋକିବାରେ ସହାୟକ ହେବ।

ବିକଶିତ ଓଡ଼ିଶା ଗଠନର ଦୀର୍ଘମିଆଦୀ ଖସଡ଼ା ସାମାନ୍ୟ ବିଳମ୍ବିତ କିନ୍ତୁ ବିଡ଼ମ୍ବିତ ନୁହେଁ। ଏହି ରୂପାନ୍ତରଣ ପ୍ରକ୍ରିୟାର ଅନେକ ଗୌରବମୟ ଉଦାହରଣ ସବୁ ଉପଲବ୍ଧ ହେଲାଣି। ଆମେ କିଛି ବାଟ ଅତିକ୍ରମ କରିସାରିଲୁଣି ଏବଂ ଆମ ଚାରିପାଖରେ ଅପାର ସମ୍ଭାବନା ଭରିରହିଛି। ସମାଜର ଅନ୍ତିମ ସୋପାନରେ ଥିବା ଲୋକଟିକୁ ସମ୍ମାନ ଓ ସୁଯୋଗ ପ୍ରଦାନ କରିବା ପାଇଁ ଆମର ଅନ୍ତ୍ୟୋଦୟ ସ୍ୱପ୍ନ କ୍ରମାଗତ ଭାବେ ଆମକୁ ମାର୍ଗଦର୍ଶନ କରିଚାଲିଛି।

## ସଶକ୍ତ ପଞ୍ଚାୟତ, ସାମଗ୍ରିକ ବିକାଶ

ପ୍ରତିବର୍ଷ ଏପ୍ରିଲ ୨୪ରେ ପାଳନ ହୋଇଆସୁଛି ଜାତୀୟ ପଞ୍ଚାୟତିରାଜ ଦିବସ। ୧୯୯୩ ମସିହାର ୭୩ତମ ସମ୍ବିଧାନ ସଂଶୋଧନ ଆଇନରୁ ଜାତୀୟ ପଞ୍ଚାୟତିରାଜ ଦିବସର ମୂଳଦୁଆ ପଡ଼ିଥିଲା। ଏହି ଆଇନ ସାରା ଭାରତରେ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ ସାମ୍ବିଧାନିକ ମାନ୍ୟତା ଏବଂ ଆଇନଗତ ସ୍ୱୀକୃତି ଦେଇଥିଲା। ୨୦୧୦ରୁ ପାଳନ ହୋଇଆସୁଥିବା ଏହି ଦିବସ ଅବସରରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ପୁରସ୍କାର ବଣ୍ଟନ ଏବଂ ଗ୍ରାମସଭା ଆୟୋଜନ କରାଯାଏ। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସଶକ୍ତ ପଞ୍ଚାୟତ, ସାମଗ୍ରିକ ବିକାଶ', ଯାହା ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ। ଇ-ଗ୍ରାମ ସ୍ୱରାଜ ଭଳି ଉପକରଣ ବ୍ୟବହାର କରି ଏହି ଦିବସ ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଡିଜିଟାଲ ଶାସନ ଉପରେ ଗୁରୁତ୍ୱାରୋପ କରୁଛି।

## ଜାତୀୟ ପଞ୍ଚାୟତିରାଜ ଦିବସ ସମ୍ପର୍କରେ...

- ଭାଜପାର ଦୋମୁହାଁ ନୀତି: ବିଜେଡି
- ଅସ୍ମିତାକୁ ଅସମ୍ମାନ କରୁଛି ଭାଜପା: କଂଗ୍ରେସ
- ପଞ୍ଚାୟତର ସୁଦୃଢ଼ୀକରଣ ଏକମାତ୍ର ଲକ୍ଷ୍ୟ: ଭାଜପା

ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)

ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହେବ। ଓଡ଼ିଶାରେ ଦୀର୍ଘବର୍ଷ ଧରି ପଞ୍ଚାୟତିରାଜ ଦିବସ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫ରେ ପାଳନ କରାଯାଉଥିଲା। ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରେ ୨୦୨୫ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସରେ ରାଜ୍ୟ ସରକାର ଏହି ଦିବସ ପାଳନ କରିଥିଲେ। ଏହାକୁ ନେଇ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ଚଳିତ ବର୍ଷ ଉକ୍ତ ଦିବସ ପାଳନକୁ ନେଇ ୩ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।



ପ୍ରତାପ ଜେନା

ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ତଥା ବିଜେଡି ଉପସଭାପତି(ମୁଖ୍ୟାଳୟ) ପ୍ରତାପ ଜେନା କହିଛନ୍ତି, ରାଜ୍ୟ ସରକାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ବିଜୁବାବୁଙ୍କୁ ଅସମ୍ମାନ କରୁଛନ୍ତି। ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ମହିଳା ସଶକ୍ତୀକରଣରେ ତାଙ୍କର ଭୂମିକା ଅତୁଳନୀୟ। ହେଲେ ୨୦୧୦ରୁ ତାଙ୍କ ଜୟନ୍ତୀରେ ପୂର୍ବ ସରକାର ପଞ୍ଚାୟତିରାଜ ଦିବସ ପାଳନ କରୁଥିବାବେଳେ ତାକୁ ଭାଜପା ସରକାର ପରିବର୍ତ୍ତନ କରିଛନ୍ତି। ଗୋଟିଏ ପଟେ ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କଥା ରାଜ୍ୟ ସରକାର କହୁଛନ୍ତି। ଅନ୍ୟପଟେ ତାଙ୍କ ନାମରେ ଥିବା ଯୋଜନାକୁ ଭାଙ୍ଗୁଛନ୍ତି। ଡବଲ ଇଞ୍ଜିନ ସରକାର ଦୋ ମୁହାଁ ନୀତି ଆପଣାଇଛନ୍ତି ବୋଲି ପ୍ରତାପ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ଭାଜପା ସରକାର ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାସୀନ ହେଲେ। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆ ଅସ୍ମିତାକୁ ଅସମ୍ମାନ କରୁଛନ୍ତି। ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟରେ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ନାମରେ ଦୀର୍ଘବର୍ଷ ଧରି ପଞ୍ଚାୟତିରାଜ ଦିବସ ପାଳନ ହେଉଥିଲା। ହେଲେ ତାହାକୁ ପରିବର୍ତ୍ତନ କରି ପରମ୍ପରାକୁ ଧୂଳିସାତ୍ କରାଯାଇଛି ବୋଲି କାଡ଼ାମ କହିଛନ୍ତି।



ରାମଚନ୍ଦ୍ର କାଡ଼ାମ

ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନରେ ରାଜ୍ୟକୁ ଅଧିକ ୧୦ପ୍ରତିଶତ ଅର୍ଥ ଯୋଗାଇଥିଲେ। ଏହାକୁ ନେଇ ୫ହଜାର ଏବଂ ୧୦ହଜାର ଜନସଂଖ୍ୟାବିଶିଷ୍ଟ ପଞ୍ଚାୟତ ପାଇଁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ମିଳୁଛି। ଉକ୍ତ ଅର୍ଥରେ ପଞ୍ଚାୟତର ଭିତ୍ତିଭୂମି ସୁଦୃଢ଼ୀକରଣ କରିବା ସହିତ ଆଲୋକୀକରଣ, ଶୌଚାଳୟ ଓ ପରିମଳ ବ୍ୟବସ୍ଥା ଭଳି ବିଭିନ୍ନ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି। ଏହାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି। ଏହାଦ୍ୱାରା ସମ୍ମିଳିତ ଭାବେ ପଞ୍ଚାୟତର ଉନ୍ନତୀକରଣ କରାଯିବାକୁ ଡବଲ ଇଞ୍ଜିନ ସରକାର ଚିନ୍ତା କରୁଛନ୍ତି। ଏଥିରେ ଅସୁବିଧା ରହିଲା କେଉଁଠି, ଏହାକୁ ନେଇ ରାଜନୀତି କରିବା ଆଦୌ ସମୀଚୀନ ନୁହେଁ ବୋଲି ସମୀର କହିଛନ୍ତି।



ସମୀର ମହାନ୍ତି

**ଅପରାଧ**

# ପୁରୁଷବନ୍ଧୁଙ୍କ ସହ ମିଶି ଷଡ଼ଯନ୍ତ୍ର କରିଥିଲେ ଝିଆରୀ

**ଅପହୃତ ଜମି ବ୍ୟବସାୟୀଙ୍କ ମୃତଦେହ ମିଳିବା ଘଟଣା**

- ଗୁଣିଗାରେଡ଼ି, ସମ୍ପତ୍ତି ଲୋଭ ହତ୍ୟାର କାରଣ, ୯ ଗିରଫ

ବ୍ରହ୍ମପୁର,୨୩।୪(ସୁବାସ ଚନ୍ଦ୍ର ପାଢ଼ୀ)



ଖବରଦାତା ସମ୍ମିଳନୀରେ ଆଇଜି ନୀତିଶେଖର ସୂଚନା ଦେଉଛନ୍ତି।

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟ ନାରାୟଣପୁର ଗ୍ରାମର ଅପହୃତ ଜମି ବ୍ୟବସାୟୀ ସୁଧୀର କୁମାର ପାତ୍ରଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଗୁଣିଗାରେଡି ଓ ସମ୍ପତ୍ତି ଲୋଭରୁ ସୁଧୀରଙ୍କୁ ଅପହରଣ କରି ୨ କୋଟି ଟଙ୍କା ମୁଣ୍ଡଜାମିନ ରଖିବା ପରେ ପିଟିପିଟି ହତ୍ୟା କରାଯାଇଛି। ପୁରୁଷବନ୍ଧୁଙ୍କ ସହ ମିଶି ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର ଏହି ଷଡ଼ଯନ୍ତ୍ର କରିଥିଲେ ବୋଲି ଗୁରୁବାର ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହିଘଟଣାରେ ମୋଟ ୯ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଅଧିକ ତଦନ୍ତ ପାଇଁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଆଇଜି କହିଛନ୍ତି।

ପୋଲିସ ପ୍ରଥମେ ସୁଧୀରଙ୍କ ଝିଆରୀ ନିବେଦିତାଙ୍କ ମୋବାଇଲ ଫୋନ୍‌କୁ ଆସୁଥିବା ଅନ୍ୟମାନଙ୍କ କଲ ଡିଟେଲ ଯାଞ୍ଚ କରି ସୁରାକ ପାଇଥିଲା। ପରେ ତାଙ୍କୁ ଜେରାବେଳେ ସେ ତାଙ୍କ ଦାଦା ସୁଧୀରଙ୍କୁ ଅପହରଣ ପାଇଁ ନିଜ ପୁରୁଷବନ୍ଧୁଙ୍କ ସହାୟତାରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିବା ଜଣାପଡ଼ିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ନିବେଦିତା ପାତ୍ର (୨୩), ତାଙ୍କ ଭାଇ ତୁଷାର କୁମାର ପାତ୍ର (୧୯), ନିବେଦିତାଙ୍କ ପୁରୁଷବନ୍ଧୁ ଗାଙ୍ଗପୁର ଥାନା କାଳିଆଗୁଡ଼ା ଅଞ୍ଚଳର କାଳୁ ଚରଣ ପ୍ରଧାନ(୨୮), ବୁଗୁଡ଼ା ଥାନା ଅନ୍ତର୍ଗତ ବି. ବ୍ରହ୍ମପୁରର ଆଶିଷ ମହାପାତ୍ର (୨୫), ବୁଗୁଡ଼ାର ନାରାୟଣ ପ୍ରଧାନ(୨୮), ହିଞ୍ଜିଳି ଥାନା ଅନ୍ତର୍ଗତ ସାମଲାଇ ନଗରର ଶୁଭମ୍ ନାୟକ(୨୦), ଶୁଭମ୍ ଗୌଡ଼(୨୦), ଆଳିପୁର ଗ୍ରାମର ଜିତୁନ ପଲେଇ (୩୩) ଓ ଉତ୍ତରପ୍ରଦେଶ ବାରାଣସୀର ସୂର୍ଯ୍ୟ ପ୍ରତାପ ସିଂ(୨୮)। ଅଭିଯୁକ୍ତମାନେ ବ୍ୟବହାର କରିଥିବା ୨ଟି କାର, ବନ୍ଧୁକ, ମାଗାଜିନ୍ ୨ଟି ଗୁଳି, ୧୫ଟି ମୋବାଇଲ ଫୋନ୍ ପୋଲିସ ଜବତ କରିଛି। ନିବେଦିତାଙ୍କ ବାପା ମନୋଜ ପାତ୍ରଙ୍କ ୪୯ ବର୍ଷରେ ମୃତ୍ୟୁ ଘଟିଥିଲା। ବାପାଙ୍କୁ ଦାଦା ଗୁଣିକରି ମାରିଥିବା ନିବେଦିତାଙ୍କ ସନ୍ଦେହ ହୋଇଥିଲା। ସେହିପରି ଜମି ବ୍ୟବସାୟରେ ବାପାଙ୍କ ଅଂଶଧନ ରହିଥିବା ବେଳେ ପରିବାରକୁ ଦାଦା ଜମି ବିକ୍ରି ବାବଦ କୌଣସି ଟଙ୍କା ଦେଉ ନ ଥିଲେ। ନିବେଦିତା ତାଙ୍କ ମା' ଓ ଭାଇ ଗୋଷାଣିନୂଆଗାଁ ଥାନା ଅନ୍ଧପସରା ରୋଡସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ଦାଦାଙ୍କଠାରୁ ହକ୍ ପାଇବା ପାଇଁ ନିବେଦିତା ତାଙ୍କ ପୁରୁଷବନ୍ଧୁଙ୍କ ସହାୟତା ନେଇଥିଲେ। ଦାଦାଙ୍କୁ ଅପହରଣ ପାଇଁ ସୁପାରି ଦିଆଯିବାର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ସୁଧୀରଙ୍କୁ ଅପହରଣ ପାଇଁ ଗତ ଡିସେମ୍ବର ମାସରୁ ଯୋଜନା କରାଯାଇଥିଲା। ନିବେଦିତା ପୁରୁଷବନ୍ଧୁ କାଳୁଙ୍କୁ ଦାଦା ସୁଧୀରଙ୍କ ଫଟୋ ଦେଇଥିଲେ। ପୂର୍ବରୁ ୨ ଥର ଅପହରଣ ଉଦ୍ୟମ ହୋଇଥିବା ବେଳେ ତାହା ବିଫଳ ହୋଇଥିଲା। ଗତ ୧୫ ତାରିଖ ଅପରାହ୍ନ ସାଢ଼େ ୪ଟାରେ ସୁଧୀର ବାଇକ୍‌ରେ ଘରକୁ ଫେରୁଥିବା ବେଳେ ପ୍ରେମ ସଂସ୍ଥା ଛକ ନିକଟରେ ବନ୍ଧୁକ ଦେଖାଇ ତାଙ୍କୁ ଅପହରଣ କରି ନିଆଯାଇଥିଲା। ତାଙ୍କ ସ୍ତ୍ରୀଙ୍କୁ ଫୋନ କରି ଅପହରଣକାରୀମାନେ ୨ କୋଟି ଟଙ୍କା ଦାବି କରିଥିଲେ। ପରେ ସେମାନେ ଏକ ଭିଡିଓ ପଠାଇଥିଲେ, ଯେଉଁଥିରେ ସୁଧୀରଙ୍କ ମୁଣ୍ଡରେ ବନ୍ଧୁକ ଲଗାଯାଇଥିବା ବେଳେ ତାଙ୍କୁ କେତେଜଣ ପାଦରେ ଦଳୁଥିବା ଦେଖାଯାଇଥିଲା। ଏ ନେଇ ସୁଧୀରଙ୍କ ସ୍ତ୍ରୀ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ସେହି ରାତିରେ ବୁଗୁଡା ନିକଟରେ ଥିବା ରାମପାଦ ମନ୍ଦିର ନିକଟରେ ଅଭିଯୁକ୍ତମାନେ ସୁଧୀରଙ୍କୁ ପିଟିପିଟି ହତ୍ୟା କରିଥିଲେ। ୧୬ ତାରିଖ ଭୋରରେ ସେମାନେ ମୃତଦେହକୁ କାର୍ ଡିକିରେ ନେଇ ସୋରଡା ଥାନା ଗାଜଲବାଡ଼ି ନିକଟ ରସିପଙ୍କାଳ କେନାଲ କଡ଼ରେ ଫିଙ୍ଗି କନ୍ଧମାଳ ଜିଲା ବାଲିଗୁଡା ଯାଇଥିଲେ। ସେଠାରେ କାର୍ ଖରାପ ହୋଇଯାଇଥିଲା। କାର୍ ମରାମତି କରି ସେମାନେ ସୁରଟ ଚାଲିଯାଇଥିଲେ। ଘଟଣାରେ ୨ଟି କାର ବ୍ୟବହାର ହୋଇଥିଲା। ସୁଧୀରଙ୍କୁ ଅପହରଣଠୁ ବୁଗୁଡ଼ା ନିଆଯିବା ପର୍ଯ୍ୟନ୍ତ ନିବେଦିତା ପୁରୁଷବନ୍ଧୁ କାଳୁଙ୍କ ସହ ଫୋନ୍‌ରେ ଯୋଗାଯୋଗରେ ଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ବ୍ରହ୍ମପୁର ଏଏସ୍‌ପି ଆଲୋକ ଜେନା, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡା, ଗୋପାଳପୁର ଥାନାଧିକାରୀ ସତ୍ୟରଞ୍ଜନ ଲେଙ୍କା ଉପସ୍ଥିତ ଥିଲେ।

## ୪ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲଦଣ୍ଡ

**ନାବାଳିକା ଗଣବଳାତ୍କାର ମାମଲା**

କେନ୍ଦୁଝର,୨୩।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଅତିରିକ୍ତ ଜିଲା ତଥା ସ୍ୱତନ୍ତ୍ର ଜଜ୍ ମୋନାଲିସା ମହାନ୍ତି ଗୁରୁବାର ଜଣେ ୧୬ ବର୍ଷୀୟ ନାବାଳିକାଙ୍କୁ ଗଣବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ଘଟଣାରେ ୪ ଅଭିଯୁକ୍ତ ଘଷିପୁରା ଥାନା ଅନ୍ତର୍ଗତ ଜଳନନ୍ଦା ଗ୍ରାମର ନେଦା ନାୟକ (୨୪), ଗେଲୁ ନାୟକ (୨୪), ସାଗର ନାୟକ (୨୪) ଓ ସୁଶାନ୍ତ ନାୟକ (୨୬)ଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ ବର୍ଷ ଲେଖାଏ ସଶ୍ରମ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଫାଇନ ଅନାଦାୟେ ଅତିରିକ୍ତ ୧ ବର୍ଷ କାରାଦଣ୍ଡାଦେଶ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୯ ଡିସେମ୍ବର ୨୦୨୦ ସନ୍ଧ୍ୟାରେ ପୀଡ଼ିତା ପାଖ ନାଳକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ତାଙ୍କର ଜଣେ ପୁରୁଷ ସାଙ୍ଗ ସହିତ ଦେଖାହୋଇଥିଲା। ସେମାନେ କଥାବାର୍ତ୍ତା ହେଉଥିବା ସମୟରେ ୪ ଯୁବକ ପହଞ୍ଚି ସେମାନଙ୍କୁ ମାରପିଟ କରିବା ସହ ପୀଡ଼ିତାଙ୍କୁ ଉଠାଇନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ହତ୍ୟା କରିବାକୁ ଧମକ ଦେଇଥିଲେ। ଏହାକୁ ନେଇ ପୀଡ଼ିତା ତଥା ପରିବାର ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ପରେ ଜାନୁଆରୀ ୧ରେ ପୀଡ଼ିତା ଘଷିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା(ନଂ.୧/୨୦୨୧) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ୨୯ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାରକରି ଉପରୋକ୍ତ ଦଣ୍ଡାଦେଶ କରିଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସଞ୍ଜୟ ପାଇକରାୟ ସୂଚନା ଦେଇଛନ୍ତି। ସେହିପରି କୋର୍ଟ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ଆଦେଶ କରିଛନ୍ତି।

## ପାରିବାରିକ ସଂଘର୍ଷ ଘଟଣା: ଗିରଫଦାରି ଭୟରେ ଅଭିଯୁକ୍ତ ଫେରାର

ହାଟଡିହୀ,୨୩।୪ (ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଜମ୍ବରା ଗ୍ରାମରେ ଚଳିତ ମାସ ୭ ତାରିଖ ମଙ୍ଗଳବାର ରାତିରେ ୨ ପରିବାର ମଧ୍ୟରେ ସଂଘର୍ଷ ଘଟଣାରେ ଗିରଫ ଭୟରେ ଅଭିଯୁକ୍ତ ଫେରାର ଅଛନ୍ତି। ଗିରଫ ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ ଜାରି ରଖିଛି। ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରିଣୀ ବିନିତା ଲାକ୍ରା କହିଛନ୍ତି।

ସୂଚନାଯୋଗ୍ୟ, ଜମିବାଡ଼ି ବିବାଦକୁ ନେଇ ଅନିଲ ବାରିକ ଏବଂ ମାତାଜୀ ବାରିକଙ୍କ ପରିବାର ମଧ୍ୟରେ ସଂଘର୍ଷ ଘଟିଥିଲା। ମାତାଜୀ ବାରିକଙ୍କ ପରିବାର ଲୋକେ ଏବଂ ଅନ୍ୟ ଜିଲାର ତାଙ୍କ ସମ୍ପର୍କୀୟମାନେ ଅନିଲଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଅନିଲଙ୍କ ସହ ତାଙ୍କ ସ୍ତ୍ରୀ ରମାମଣି, ପୁଅ ସୁଧାଂଶୁ(୧୪) ଏବଂ ଝିଅ ଇପସାଲି (୧୭) ଆହତ ହୋଇଥିଲେ। ରମାମଣି ଗୁରୁତର ଥିବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଅନିଲଙ୍କ ଅଭିଯୋଗକ୍ରମେ ଭଦ୍ରକ ଜିଲା ବନ୍ତ ଥାନା କୁମ୍ଭକରାଳ ଗ୍ରାମର ବୃନ୍ଦାବନ ବେହେରା ଏବଂ ଜମ୍ବରାର ମାତାଜୀ ବାରିକ, କାଳନ୍ଦୀ ବାରିକ, ଦୋଳଗୋବିନ୍ଦ ବାରିକ, ରାମୁ ରଞ୍ଜନ ବାରିକ, ବିଶ୍ୱରଞ୍ଜନ ବାରିକ, ସ୍ମୃତିରଞ୍ଜନ ବାରିକ, ଚନ୍ଦ୍ରଶେଖର ବାରିକ, ଶୁକଦେବ ବାରିକ, ସୁନିତା ବାରିକ, ରମ୍ଭା ବାରିକଙ୍କ ନାମରେ ପୋଲିସ ମାମଲା(ନଂ. ୧୩୯/୨୦୨୬) ରୁଜୁ କରିଥିଲା। ଅନ୍ୟପକ୍ଷରୁ ମାତାଜୀ ବାରିକଙ୍କ ଅଭିଯୋଗ କ୍ରମେ ଏକ ପାଲଟା ମାମଲା (ନଂ. ୧୪୦/୨୦୨୬)ରୁଜୁ ହୋଇଛି। ଅପରପକ୍ଷେ ଗିରଫରୁ ବର୍ତ୍ତିବା ପାଇଁ ମାତାଜୀ ବାରିକଙ୍କ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଆଗୁଆ ଜାମିନ ଆବେଦନ କରାଯାଇଛି।

## ଗୋଇଠା ମାରି ସ୍ତ୍ରୀଙ୍କୁ ହତ୍ୟା

ମୋରଡ଼ା,୨୩।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଯୌତୁକ ଦାବିରେ ସ୍ତ୍ରୀଙ୍କ ପେଟକୁ ଗୋଇଠା ମାରି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୬୬/୨୬) ରୁଜୁକରି ଅଭିଯୁକ୍ତ ସ୍ୱାମୀ ଜଗଦୀଶ ପାତ୍ରଙ୍କୁ ଗିରଫ କରିଛି। ମୃତ ମହିଳା ହେଲେ ମିତା ପାତ୍ର।

ମୋରଡ଼ା ଥାନା ବଗଲାଡିପା ଗ୍ରାମର ଗଣେଶ ପାତ୍ରଙ୍କ ପୁଅ ଜଗଦୀଶ ୭ ବର୍ଷ ତଳେ ବେତନଟୀ ଥାନା ଅଧୀନ ଆଗଡ଼ା ଗ୍ରାମର ମିତା ପାତ୍ରଙ୍କୁ ବିବାହ କରିଥିଲେ। ବାହାଘରର କିଛି ବର୍ଷ ପରେ ଅଧିକ ଯୌତୁକ ଦାବିକରି ମିତାଙ୍କୁ ସେ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ପୂର୍ବରୁ ୨ ପରିବାର ଭିତରେ ଆପୋସ ବୁଝାମଣା ହୋଇଥିଲେ ମଧ୍ୟ ଜଗଦୀଶ ମିତାଙ୍କୁ ନିର୍ଯାତନା ଦେଉଥିଲେ। ବୁଧବାର ରାତିରେ ମିତାଙ୍କ ସହ ଜଗଦୀଶ ଝଗଡ଼ାକରି ମାରପିଟ କରିଥିଲେ ବୋଲି ମିତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ମିତାଙ୍କୁ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ହତ୍ୟା ଅଭିଯୋଗକୁ ସ୍ୱାମୀ ଜଗଦୀଶ ଅସ୍ୱୀକାର କରିବା ସହ ପେଟ ଯନ୍ତ୍ରଣା ଯୋଗୁ ମିତାଙ୍କ ମୃତ୍ୟୁ ଘଟିଥିବା କହିଛନ୍ତି।

## ସ୍ତ୍ରୀଙ୍କୁ ହତ୍ୟାକଲେ ସ୍ୱାମୀ

**ପରକୀୟା ପ୍ରୀତି ସନ୍ଦେହ**

ଫୁଲବାଣୀ/ଖଜୁରିପଡ଼ା,୨୩।୪ (ରାକେଶ କୁମାର ରାଉତ/ ବିଦୂର ବେହେରା)

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ସୁଡ୍ରେଜୁ ଗାଁରେ ପରକୀୟା ପ୍ରୀତିକୁ ନେଇ ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ମମତା ସାହୁ। ପୋଲିସ ଗୁରୁବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସ୍ୱାମୀ ଆଲୋକ ସାହୁଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନା ଅନୁଯାୟୀ, ସୁଡ୍ରେଜୁ ଗାଁର ଆଲୋକ ପ୍ରାୟ ୧୧ ବର୍ଷ ପୂର୍ବେ ଦୃତିପଡ଼ାଗାଁର ମମତାଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ଅଛି। ତେବେ ଗତ କିଛି ଦିନ ହେବ ଆଲୋକଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିବା ମମତା ସନ୍ଦେହ କରୁଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା। ବୁଧବାର ବିଳମ୍ବିତ ରାତିରେ ଆଲୋକ ମମତାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଘର ଭିତରେ ଝୁଲାଇ ଦେଇ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିଲେ। ପରେ ସେ ଫେରାର ହୋଇଯାଇଥିଲେ। ଖବରପାଇ ମମତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ସଦର ଥାନାରେ ଅଭିଯୋଗ ପରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ପୋଖରୀ ପୁନରୁଦ୍ଧାର, ପାନୀୟଜଳ ଯୋଗାଣ ଦାବି

## ଜିଲାପାଳଙ୍କ କାର୍ଯ୍ୟାଳୟରେ ଗ୍ରାମବାସୀଙ୍କ ଧାରଣା

ଖୋର୍ଦ୍ଧା, ୨୩।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନରଣଗଡ ପଞ୍ଚାୟତର ହାଡ଼ପଦାସ୍ଥିତ ବେତରାଗୋଡ଼ି ପୋଖରୀ ପୁନରୁଦ୍ଧାର, ସାମୁହିକ ପାଇଖାନା ନିର୍ମାଣ ଓ ପାନୀୟଜଳ ପ୍ରକଳ୍ପ ମରାମତି ଦାବିରେ ଶତାଧିକ ଲୋକେ ଗୁରୁବାର ଜିଲାପାଳ ଅମ୍ରିତ୍ ଋତୁରାଜଙ୍କୁ ଦାବିପତ୍ର ଦେବା ସହ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ଦୀର୍ଘ ୨ଘଣ୍ଟା ଧରି ଧାରଣାରେ ବସିଥିଲେ। ପରେ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତୁରନ୍ତ ପୋଖରୀ ପନରୁଦ୍ଧାର, ପାନୀୟଜଳ ପ୍ରକଳ୍ପ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ହାଣ୍ଡି, ମାଠିଆ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

ଅଭିଯୋଗ ମୁତାବକ, ଦୀର୍ଘ ଦିନ ଧରି ଉପରୋକ୍ତ ମୌଳିକ ସୁବିଧା ଯୋଗାଇବା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଗ୍ରାମବାସୀ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ପୋଖରୀ ପୁନରୁଦ୍ଧାର ପାଇଁ ବହୁବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ପୋଖରୀରେ ଅଳିଆ, ଆବର୍ଜନା ଜମି ପୂତଗନ୍ଧମୟ ହୋଇପଡିଛି। ଦୈନନ୍ଦିନ କାର୍ଯ୍ୟ ପାଇଁ ଗ୍ରାମବାସୀ ଏହା ଉପରେ ନିର୍ଭରଶୀଳ ଥିବା ବେଳେ ଏହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏଥିସହିତ ଗ୍ରାମର ଏକାଧିକ ଶିଳ୍ପୀ ନରଣଗଡ଼ କୁଣ୍ଡାକୁଣ୍ଡି ପଥର ବ୍ୟବହାର କରି ପାରମ୍ପରିକ ଭାବେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ସାମଗ୍ରୀ ଗଢ଼ିଥାନ୍ତି। ତେବେ ଏହାକୁ ସରକାର ଓଏମ୍‌ସି ହାତକୁ ଟେକି ଦେବା ପରେ ଶିଳ୍ପୀମାନେ ଗୋଟିଏ ମଧ ପଥର ପାଇପାରୁନାହାନ୍ତି। ଫଳରେ ବହୁ ଶିଳ୍ପୀ କୂଳ ବେଉସା ଛାଡି ଅନ୍ୟ କାମ କରୁଛନ୍ତି। ପଥର ଶିଳ୍ପୀ ପାଇଁ ପ୍ରସିଦ୍ଧି ରହିଥିବା ନରଣଗଡ ପଥର ଅଭାବରୁ ଶିଳ୍ପୀମାନେ ପଥର ମୂର୍ତ୍ତି ନିର୍ମାଣରୁ ମୁହଁ ଫେରାଉଛନ୍ତି। ଆଗାମୀ ଦିନରେ ପଥର ନ ମିଳିଲେ ଏହି ଶିଳ୍ପ ଇତିହାସ ପାଲଟିଯିବ ବୋଲି କହିଛନ୍ତି। ଓଏମ୍‌ସି ଉକ୍ତ ଅଞ୍ଚଳରେ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଏ ସଂକ୍ରାନ୍ତରେ ବହୁବାର ଖଣି ନିଗମ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅନୁରୋଧ ମଧ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ, ଫଳରେ ଗ୍ରାମବାସୀ ବିଶୁଦ୍ଧ ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ଗ୍ରାମରେ ଥିବା ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡିଥିବା ଯୋଗୁ ଗ୍ରାମାବାସୀ ଟୋପାଏ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ପ୍ରବାହରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଗ୍ରାମବାସୀ ପାଣି ପାଇଁ ଏଣେତେଣେ ଦୌଡୁଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର



ବୋଲଗଡ଼, ୨୩।୪(ଦେବବ୍ରତ ହୋତା)

ବୋଲଗଡ଼ ବିଦ୍ୟୁତ୍ ସେକ୍ସନ ଅଧୀନ ଖଙ୍ଗୁରିଆ ଗ୍ରାମରେ ଲାଗିଥିବା ଏକ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗ୍ରାମବାସୀ ଏବହ ଗୃହପାଳିତ ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସାଜିଛି। ଗ୍ରାମର ବଡ଼ପୋଖରିଆ ସାହି ମଧ୍ୟଭାଗରେ ଥିବା ଏହି ୧୦୦ କିଲୋଭୋଲ୍ଟର ଟ୍ରାନ୍ସଫର୍ମରଟି ଦୀର୍ଘବର୍ଷ ଧରି ସେବା ଯୋଗାଇ ଆସୁଥିବା ବେଳେ ଏହାକୁ ବିଭାଗ ପକ୍ଷରୁ ଆବଦ୍ଧ କରାଯାଇ ନ ଥିବାରୁ ଅନେକଥର ଅଘଟଣ ଘଟି ବହୁ ବ୍ୟକ୍ତି ଓ ଗୃହପାଳିତ ପ୍ରାଣୀ ବିଦ୍ୟୁତ୍ ଆଘାତପ୍ରାପ୍ତ ହୋଇଥିବା ନେଇ ଗ୍ରାମର ନବକିଶୋର ପଣ୍ଡା, ଗୋଡ଼ି ରାଉତରାୟ, କବି ସ୍ୱାଇଁ ପ୍ରମୁଖ ଅଭିଯୋଗ ଆଣି ଏହାକୁ ଏଠାରୁ ତୁରନ୍ତ ସ୍ଥାନାନ୍ତର କିମ୍ବା ପାଚିରି କରି ଆବଦ୍ଧ କରିବା ପାଇଁ ଦାବି କରିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ

ନିରାକାରପୁର, ୨୩।୪(ମାନସ ଚନ୍ଦ୍ର ପଟ୍ଟନାୟକ): ସରପାରି ପଞ୍ଚାୟତ ବଘେଇପୁଟ ଗ୍ରାମସ୍ଥିତ ଅନନ୍ତେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ୯ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଛି। ଏହି ଯଜ୍ଞ ଉପଲକ୍ଷେ ଶତାଧିକ ମହିଳା, ପୁରୁଷ ବ୍ରତଧାରୀ ନିକଟସ୍ଥ ମଲାଗୁଣୀ ନଦୀରୁ ଜଳଯାତ୍ରା ପୂର୍ବକ ଗ୍ରାମ୍ୟ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପରେ ଅଗ୍ନିସ୍ଥାପନା କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ସହ ଗୋପୂଜା, ସୂର୍ଯ୍ୟପୂଜା ଆଦି ପାରମ୍ପରିକ ରୀତିନୀତି ହୋଇଥିଲା। ଗୁରୁବାର ପୂର୍ଣ୍ଣାହୁତି ଅବସରରେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଘୃତ ଆହୁତ ଦିଆଯାଇଥିଲା। ପ୍ରକାଶ ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ କର୍ତ୍ତାଭାବେ ଲିଙ୍ଗରାଜ ମାର୍ଥା ଓ ତାଙ୍କ ସହଧର୍ମିଣୀ କାର୍ଯ୍ୟ ତୁଲାଇଥିଲେ। ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ। ରଙ୍ଗନାଥ ମଙ୍ଗରାଜ, ସୁକାନ୍ତ ମଙ୍ଗରାଜ, ରମେଶ ମଙ୍ଗରାଜ, ଶଙ୍କର ବେହେରା, ନାରାୟଣ ଶତପଥୀ, ବିରଞ୍ଚି ନାରାୟଣ ଦାଶ, ବିଜୟ ରାଉତରାୟଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ଶିକ୍ଷାବିତ୍‌ଙ୍କ ପରଲୋକ

ନିରାକାରପୁର, ୨୩।୪(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ନୂଆଗଡ ପଞ୍ଚାୟତ ହରିପୁର ଗ୍ରାମର ଶିକ୍ଷାବିତ୍ ଯଜ୍ଞେଶ୍ୱର କଳସଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୬୪ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ମସ୍ତିଷ୍କ ପକ୍ଷାଘାତ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଟାଙ୍ଗୀ ବ୍ଲକ ବାଲିପାଟପୁର ପ୍ରାଥମିକ ବିଦ୍ୟାଳୟରେ ସେ ଦୀର୍ଘଦିନ ଧରି ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ପରେ କ୍ଲଷ୍ଟରସ୍ତରୀୟ ସିଆରସିସି ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିସହ ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣ ଓ ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଦେବାଶିଷ ମୁଖାଗ୍ନି ଦେଇଥିଲେ।

## ‘ବିବାହ ପୂର୍ବରୁ ଝିଅମାନେ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ହୁଅନ୍ତୁ’




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୨୩।୪ (ସୌମ୍ୟରଞ୍ଜନ ରାଉତ)

ଆଜିକାଲି ମହିଳାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଶାରୀରିକ, ଭାବପ୍ରବଣ ଏବଂ ମାନସିକ ଭାବରେ ଜଟିଳ ହେବାରେ ଲାଗିଛି। ପରିବର୍ତ୍ତନଶୀଳ ଜୀବନଶୈଳୀ, ଚାପ ଏବଂ ଖାଦ୍ୟପେୟରେ ପରିବର୍ତ୍ତନ ଯୋଗୁ ଅନେକ ରୋଗ ଦ୍ରୁତଗତିରେ ବୃଦ୍ଧି ପାଉଛି। ମହିଳାମାନେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ ହୃଦ୍‌ରୋଗ, କର୍କଟ, ମାନସିକ ସ୍ୱାସ୍ଥ୍ୟ, ପୁଷ୍ଟି ଓ ରକ୍ତହୀନତା, ହରମୋନ ଅସନ୍ତୁଳନ, ଥାଇରଏଡ୍ ଆଦି ଅନ୍ୟତମ। ଦିନକୁ ଦିନ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ହୋଇଚାଲିଛି, ଯାହାଦ୍ୱାରା ଅନେକ ପ୍ରକାର ସମସ୍ୟା ଶରୀରରେ ଦେଖାଦେଇ ଚାଲିଛି। ତେଣୁ ବିବାହ ପରେ ନୁହେଁ, ବରଂ ବିବାହ ପୂର୍ବରୁ ମଧ ଝିଅମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରହିବା ଉଚିତ ବୋଲି ‘ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ’ରେ ମତ ପ୍ରକାଶ ପାଇଛି। ବିଦ୍ୟାଧର ବାରିକ ମେମୋରିଆଲ ଟ୍ରଷ୍ଟ ଓ ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଗୁରୁବାର ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମଣିପାଲ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡ. ମୋନିକା ଗୁପ୍ତା, ସମ୍ ଅଲ୍‌ଟିମେଟ୍‌ର ଗ୍ୟାଷ୍ଟ୍ରୋ ଓ ହେପାଟୋଲୋଜିଷ୍ଟ ଡ.ଗଦାଧର ପଣ୍ଡା, ଫିଲ୍ମ ସେନସର ବୋର୍ଡର ପୂର୍ବତନ ଆଞ୍ଚଳିକ ବିଭାଗ ନିର୍ଦ୍ଦେଶକ ଗୋପାଳ ମହାପାତ୍ର, ଜ୍ୟୋତିର୍ବିଦ ଡ. ମୌସୁମୀରାଣୀ ସାବତ, ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଟ୍ରଷ୍ଟି ମନୋଜା ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୮ରେ ୨ୟ କୁଳଗୌରବ ସମ୍ମାନ

ଭୁବନେଶ୍ୱର, ୨୩।୪(ସୁଚିସ୍ମିତା ସାହୁ)

ବିଶ୍ୱ ଓଡ଼ିଶା ପରିବାର ପକ୍ଷରୁ ‘୨ୟ କୁଳଗୌରବ ସମ୍ମାନ-୨୦୨୬’ ପ୍ରଦାନ କରାଯିବ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ସଭାଗୃହରେ ଆସନ୍ତା ୨୮ ତାରିଖରେ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ ଉତ୍ସବର ଆୟୋଜନ କରାଯାଇଛି। ଆଧୁନିକ ଓଡ଼ିଶାର ଉଦ୍ୟୋଗପତି ତଥା ନବ ଉତ୍କଳର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନଙ୍କ ଆଦର୍ଶକୁ ପାଥେୟକରି ଯେଉଁ ଉଦ୍ୟୋଗପତିମାନେ ଓଡ଼ିଶାର ପ୍ରଗତିରେ ନିଜକୁ ସାମିଲ କରିପାରିଛନ୍ତି, ସେମାନଙ୍କ ମଧ୍ୟରୁ ସଫଳ ଉଦ୍ୟୋଗପତିଙ୍କୁ କୁଳଗୌରବ ସମ୍ମାନରେ ଭୂଷିତ କରାଯିବ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ,, ଶିଳ୍ପ ଓ ଦକ୍ଷତା ବିକାଶ ଓ ଯାନ୍ତ୍ରିକ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ପୂର୍ବତନ ରାଜ୍ୟସଭା ସଦସ୍ୟ ଡ. ଅମର ପଟ୍ଟନାୟକ, ଅଜୟ ଅଗ୍ରୱାଲ, ଭାଜପା ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମା କହିଛନ୍ତି।

## ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ଆଲୋଚନାଚକ୍ର

ଭୁବନେଶ୍ୱର, ୨୩୪ (ସୌମ୍ୟରଞ୍ଜନ ରାଉତ): ଜୟକିରଣ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ଆଲୋଚନାଚକ୍ର ଓ ପାରମ୍ପରିକ ଭକ୍ତି ସଙ୍ଗୀତ ଗୁରୁବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ଶ୍ରୀମନ୍ଦିରର ପ୍ରମୁଖ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ଘଟ ପରିବର୍ତ୍ତନ ସମୟରେ ତାଙ୍କର ଦିବ୍ୟ ଅନୁଭୂତି ବଖାଣିଥିଲେ। ଅନ୍ୟତମ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର ଶ୍ରୀମନ୍ଦିରର କେତେକ ଅନନ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ସର୍ବେଶ୍ୱର ବୈଠାରୁ ଏବଂ ସାଥୀଙ୍କ ଦ୍ୱାରା ପାରମ୍ପରିକ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ଅନ୍ୟତମ ସେବକ ଡ. ଶ୍ରୀନିବାସ ଘଡ଼ୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଭୁବନେଶ୍ୱର, ୨୩।୪(ପ୍ରସନଜିତ୍ ସାହୁ)

ନାବାଳିକାଙ୍କୁ ଅସଦାଚରଣ ଓ ଆକ୍ରମଣ ମାମଲାରେ ଗୁରୁବାର ଭୁବନେଶ୍ୱର ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ) ଅଭିଯୁକ୍ତ ଦୀନବନ୍ଧୁ କାଣ୍ଡିଙ୍କୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୦ ମସିହାର ଏକ ମାମଲାରେ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୦ ମାର୍ଚ୍ଚ ୧ରେ ବାଲିପାଟଣା ଥାନା ଅନ୍ତର୍ଗତ ନାବାଳିକା ଜଣଙ୍କ ତାଙ୍କ ସାଙ୍ଗମାନଙ୍କ ସହିତ ଖେଳୁଥିଲେ। ଏହି ସମୟରେ ପାଖରେ କେହି ବୟସ୍କ ଲୋକ ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ଦୀନବନ୍ଧୁ ନାବାଳିକାଙ୍କୁ ଏକ ଶୌଚାଳୟକୁ ନେଇଯାଇଥିଲେ। ସେଠାରେ ସେ ନାବାଳିକାଙ୍କ ସହିତ ଅସଦାଚରଣ କରିବା ସହିତ ତାଙ୍କ ଡାହାଣ ହାତକୁ କାମୁଡ଼ି ଦେଇଥିଲେ। ସେ ଚିତ୍କାର କରିବାରୁ ତାଙ୍କ ସାଙ୍ଗମାନେ ଏହି ଘଟଣା ସମ୍ପର୍କରେ ନାବାଳିକାଙ୍କ ମା’ଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ନାବାଳିକାଙ୍କ ମା’ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହିତ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୭୦/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୩ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୩ ମାସ କାରାଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ସେହିପରି ନାବାଳିକାଙ୍କ ସହିତ ହୋଇଥିବା ଶାରୀରିକ ଏବଂ ମାନସିକ ଆଘାତକୁ ବିଚାର କରି, ସିଆର୍‌ପିସିର ଧାରା ୩୫୭-ଏ ଆଧାରରେ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଖୋର୍ଦ୍ଧାସ୍ଥିତ ଜିଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ନିଶାରୁ ଧରାପଡ଼ିଗଲେ ଚୋର

ଭୁବନେଶ୍ୱର, ୨୩।୪(ତ୍ରିନାଥ ମହାନ୍ତି)

ବାଲୁଗାଁରୁ ଆସି ଭୁବନେଶ୍ୱର ରେଳ ଷ୍ଟେଶନ ପରିସରରୁ ଯାତ୍ରୀଙ୍କଠାରୁ ଲୁଟ୍ କରୁଥିଲେ। ପୋଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଉଥିଲେ। କିନ୍ତୁ ଅତ୍ୟଧିକ ନିଶାସେବନ ତାଙ୍କୁ ଧରାଇଦେଲା। ଆର୍‌ପିଏଫ୍ ତାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ଜଗନ୍ନାଥପୁର ବାଣପୁର ଗ୍ରାମର ଶିବ ପ୍ରସାଦ ପଣ୍ଡା। ରେଳଯାତ୍ରୀଙ୍କଠାରୁ ସେ ମୋବାଇଲ, ଟଙ୍କା ଏବଂ ଏଟିଏମ୍ କାର୍ଡ ଲୁଟ୍ କରନ୍ତି। ଗୁରୁବାର ଜଣେ ଯାତ୍ରୀଙ୍କ ପକେଟ ମାର୍ କରି କିଛି ଟଙ୍କା ରଖିଥିଲେ। ସେହି ଟଙ୍କାରେ ମଦ୍ୟପାନ କରିଥିଲେ। ପରେ ନିଶାଶକ୍ତ ଅବସ୍ଥାରେ ସେ ରେଳ ଷ୍ଟେଶନ ପ୍ଲାଟ୍‌ଫର୍ମରେ ଶୋଇ ପଡ଼ିଥିଲେ। ସନ୍ଦେହଜନକ ଅବସ୍ଥାରେ ଜିଆର୍‌ପି ଥାନା ପୋଲିସ ଆସି ତାଙ୍କୁ ଯାଞ୍ଚ କରିଥିଲା। ଏହିସମୟରେ ତାଙ୍କଠାରୁ ୭ରୁ ଊର୍ଦ୍ଧ୍ୱ ଏଟିଏମ୍ କାର୍ଡ ମିଳିଥିଲା। ଏହାପରେ ପକେଟ୍‌ରୁ ୩ଟି ମୋବାଇଲ ମିଳିଥିଲା। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେ ଯାତ୍ରୀଙ୍କ ଠାରୁ ଲୁଟ୍ କରିଥିବା ସ୍ୱୀକାର କରିଥିଲେ। ଶିବଙ୍କ ନାମରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

## ଶୋଇଥିବାବେଳେ ଯୁବକଙ୍କୁ ମାଡ଼ମାରି ଗୋଡ଼ହାତ ଭାଙ୍ଗିଦେଲେ

ଭୁବନେଶ୍ୱର, ୨୩।୪(ତ୍ରିନାଥ ମହାନ୍ତି): ଶୋଇଥିବାବେଳେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ମାଡ଼ମାରି ହାତ, ଗୋଡ଼ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏୟାରଫିଲ୍ଡ ଥାନା ଭୀମେଶ୍ୱର ପାଟଣା ବେହେରା ସାହିରେ ଏଭଳି ଘଟଣା ଘଟିଛି। ଏନେଇ ଏୟାରଫିଲ୍ଡ ଥାନାରେ କୁନ୍ମୟ ବେହେରା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ଗତ ୧୫ ତାରିଖ ରାତିରେ କୁନ୍ମୟ ଗାଁ କ୍ଲବ ଘରେ ଶୋଇଥିଲେ। ଏହି ସମୟରେ ୪ଜଣ ଯୁବକ ଆସି ତାଙ୍କୁ ମାଡ଼ ମାରିଥିଲେ। ଏପରିକି ଲୁହାରଡ଼ରେ ପିଟି ତାଙ୍କର ହାତ ଗୋଡ଼ ଭାଙ୍ଗି ଦେଇଥିଲେ। ଖବରପାଇ ସ୍ଥାନୀୟ ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ଖୁବ୍‌ଶୀଘ୍ର ସୁଧୁରିବ ଖଙ୍ଗୁରିଆ ପାନୀୟଜଳ ସମସ୍ୟା

ବୋଲଗଡ଼, ୨୩।୪(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମରେ ପାନୀୟଜଳ ଅସୁବିଧା ଲାଗିରହିଛି। ଗ୍ରାମର କୌଣସି କୂଅ କିମ୍ବା ଗଭୀର ନଳକୂପରୁ ବାହାରୁଥିବା ପାଣି ବ୍ୟବହାର ଅନୁପଯୋଗୀ। ପିଇବା ପାଣି ପାଇଁ ଗ୍ରାମବାସୀ ପୋଖରୀ କିମ୍ବା ଗହିର ମଧ୍ୟରେ ଥିବା ଚୁଆରୁ ଆଣି ବ୍ୟବହାର କରିଆସୁଥିଲେ। ତେବେ ୨୦୦୪ ମସିହାରେ ତତ୍କାଳୀନ ସରକାରଙ୍କ ସ୍ୱଜଳଧାରା ଯୋଜନାରେ ଗ୍ରାମ ଉପକଣ୍ଠ ଏକ ଜମିରେ ପାଣି ପମ୍ପ ବସାଯାଇ ଗ୍ରାମକୁ ଜଳଯୋଗାଣ ଆରମ୍ଭ ହୋଇଥିଲା। ଏହାକୁ ପରିଚାଳନା ପାଇଁ ଗ୍ରାମର ଜଣେ ଯୁବକଙ୍କୁ ଏଥିପାଇଁ ନିଯୁକ୍ତ କରାଯାଇଥିଲା। ତେବେ ଏହି ଜଳ ଯୋଗାଣ ନେଇ ମଧ ବହୁ ଅସୁବିଧା ପରିଲକ୍ଷିତ ହୋଇଥିଲା। ଗ୍ରାମର ତଳମୁଣ୍ଡରେ ଥିବା ସାହିଗୁଡ଼ିକୁ ପାଣି ପ୍ରବାହାନ ହୋଇ ପାରୁ ନ ଥିବା ବେଳେ ଅନେକ ସମୟରେ ମୋଟର ଖରାପ କିମ୍ବା ପମ୍ପଚାଳକଙ୍କ ଅବହେଳାରୁ ଜଳଯୋଗାଣ ବାଧାପ୍ରାପ୍ତ ହେଉଥିଲା। ପୁନର୍ବାର ଗ୍ରାମବାସୀମାନେ ପୋଖରୀ ଏବଂ ଚୁଆରୁ ପାଣି ଆଣି ବ୍ୟବହାର କରୁଥିଲେ। ଏବେ ଗତ ପଣା ସଂକ୍ରାନ୍ତିଠାରୁ ପମ୍ପ ଡ୍ରାଇଭରଙ୍କ ଅସହଯୋଗ ନେଇ ଜଳଯୋଗାଣ ବନ୍ଦରହିଛି। ସମ୍ପୃକ୍ତ ପମ୍ପଚାଳକ ମଧ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଗିରଫ ହୋଇ ଜେଲଯାଇଛନ୍ତି। ଏହି ଘଟଣା ପରେ ଗ୍ରାମବାସୀ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀଙ୍କୁ ଭେଟିଥିବା ବେଳେ ସେ ଆସି ପମ୍ପ ଗୃହ ଚାବି ଆଣି ପାଣି ଚଳାଇବା ପାଇଁ ବ୍ୟବସ୍ଥା କରିବାକୁ ଉଦ୍ୟମ କରିଥିଲେ। ତେବେ ବର୍ତ୍ତମାନ ମେଗା ପାନୀୟଜଳ ପ୍ରକଳ୍ପ ଖଙ୍ଗୁରିଆରେ ପହଞ୍ଚି ପାନୀୟଜଳ ଯୋଗାଣ ପାଇଁ ପାଇପ ବିଛା ସରିଛି ଏବଂ ଏଠାରେ ନିର୍ମିତ ଉପର ଗଚ୍ଛିତ ପାଣିଟାଙ୍କିରେ ମୂଳ ଭଣ୍ଡାରରୁ ପାଣି ପହଞ୍ଚିଛି ଜାଣିବା ପରେ ଗ୍ରାମବାସୀ ଏହାକୁ ସଂଯୋଗ କରିବା ପାଇଁ ଅଡ଼ି ବସିଥିଲେ। ସ୍ଥାନୀୟ ସରପଞ୍ଚ, ଗ୍ରାମ କମିଟି ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଲୋକମାନଙ୍କ ଜିଦନେଇ ଯନ୍ତ୍ରୀ ମେଗା ପ୍ରକଳ୍ପ ପରିଚାଳକଙ୍କ ସହ କଥା ହୋଇ ସେଥିରୁ ଜଳଯୋଗାଣ ପାଇଁ ଏକ ସପ୍ତାହ ମଧ୍ୟରେ ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ସେହିକ୍ରମରେ ମେଗା ପ୍ରକଳ୍ପ ପକ୍ଷରୁ ମୁଖ୍ୟ ପାଇପ ସଂଯୋଗ ଓ ଘରକୁ ଟ୍ୟାପ ସଂଯୋଗ କାର୍ଯ୍ୟ ଆଗେଇ ଚାଲିଛି। ତେବେ ଏବେବି ଗ୍ରାମବାସୀ ଚୁଆ, ପୋଖରୀରୁ ପାଣି ଆଣି ନିଜର ଆବଶ୍ୟକତା ମେଣ୍ଟାଉଛନ୍ତି।



**DIRECTOR OF PRINTING, STATIONERY & PUBLICATION, ODISHA, MADHUPATNA, CUTTACK-753010.**

'RFP' (REQUEST FOR PROPOSAL)

REQUEST FOR PROPOSAL(RFP) FOR SELECTION OF RECRUITMENT TEST CONDUCTING AGENCY

**No.2001/2/2627** : Directorate of Printing, Stationery & Publication, invites proposal from interested agencies for the above mentioned RFP. Please refer to the RFP documents for details.

- The RFP documents shall be available from 21.04.2026 onwards in the following web portals: www.odisha.gov.in and https://govtpress.odisha.gov.in. **Any further information (i.e. Corrigendum/Addendum/Responses to queries/ Clarifications) shall be uploaded in the above website only.**
- Applicants are required to submit a duly filled RFP as per the prescribe formats through offline mode on or before **11.05.2026** till **1.30 p.m.** The bid received shall be opened at **3.30 p.m.** on **11.05.2026**.
- In case any queries/clarifications, e- mail at ao2purchase@gmail.com
- D.P.S &P. reserves the right to accept or reject bid process without assigning any reason thereof.

Sd./- Director
Printing, Stationery & Publication,
Odisha, Madhupatna, Cuttack

OIPR-2001/2002/1/26-27/0002

No.4001/37/2627

idco | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

Tender Call Notice No. File No. : IDCO/HO-P&C/A-100869/04/2026/V-1 11424 Dated : 20.04.2026

NOTICE INVITING TENDER THROUGH e-PROCUREMENT

**Name of the Work** : SITC of 33 kv UG Cable (1C x 630 Sqmm XLPE) for Connectivity of 33/11 kv, 2 x 8 MVA Primary Substation (PSS) from 33 kv Source and SITC of 11 kv UG Cable (3C x 400 Sqmm XLPE) for Distribution of Load at Ramdaspur Industrial Estate under Electrical Section, Godisahi, Cuttack.

**Estimated Cost put to tender : Rs.1,28,25,992.00**

**Period of completion : 4 (Four) Calendar Months**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manger (P&C), IDCO, IDCO Tower, Bhubaneswar | Bid Identification No :- P&C/EST/E-02/2026-27 | 17:00 hours of dt.28.04.2026 | 17:00 hours of dt.13.05.2026 |

Further details can be seen from the e-procurement portal : www.tendersodisha.gov.in and Corrigendum if any will be published in newspapers and can only be seen in the **e-procurement portal** as well as in **IDCO website**.

Sd./- Chief General Manager (P&C)
IDCO, Bhubaneswar

OIPR-4001/4075/1/26-27/0015

**OFFICE OF THE BASUDEVPUR MUNICIPALITY, BHADRAK**

No. 416(W) Date : 23.04.2026

E-Procurement Notice

BID Identification No. BM_TCN_02_2026-27

**No.13001/286/2627** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const. works as mentioned in DTCN
2. No. of works : 08 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 28.04.2026 (10 A.M.) to 07.05.2026
6. Last date and time for receipt : 07.05.2026 up to 5.00 P.M.
7. Bids received online shall be opened on : 08.05.2026 from 11 A.M. onwards
8. Name and address of the Officer Inviting Bid : Executive Officer, Basudevpur Municipality

Sd./- Executive Officer
Basudevpur Municipality

OIPR-13001/13135/1/26-27/0001

GOVERNMENT OF ODISHA
DEPARTMENT OF WATER RESOURCES

**OFFICE OF THE SUPERINTENDING ENGINEER, SAMBALPUR IRRIGATION DIVISION, SAMBALPUR**

E-mail id : sidsambalpur@gmail.com

e-Procurement Notice No. SESID-02/2026-27

Bid Identification No. SESID-02(01-19)/2026-27

No.1419 /Date. 22.04.2026

**No.32001/112/2627** : Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1 | Nature of Works | : | Canal and Road Works |
| 2 | Nos. of Works | : | 19 (Nineteen) Nos. |
| 3 | Bid Identification No. | : | SESID-02(01)/2026-27 to SESID-02(19)/2026-27 |
| 4 | Estimated Cost | : | 8.47 to 12.49 Lakhs |
| 5 | Earnest Money Deposit | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Period of Completion | : | Referred to DTCN |
| 8 | Date and Time of availability of Bid Document in the Portal | : | Dt : 29.04.2026 at 11.00 AM to Dt : 08.05.2026 upto 17.00 PM |
| 9 | Last Date/Time for receipt of Bids in the Portal | : | Dt : 08.05.2026 upto 17.00 PM |
| 10 | Date of Bid Opening | : | Dt : 11.05.2026 at 11.00 AM |
| 11 | Clarification seeking Date | : | Dt : 29.04.2026 at 11.00 AM to Dt : 06.05.2026 upto 17.00 PM |
| 12 | Date of Lottery (if required) | : | To be intimated later |
| 13 | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur At/PO-Khetrajpur - 768003, Dist.-Sambalpur Email id : sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Superintending Engineer,
Sambalpur Irrigation Division, Sambalpur

OIPR-32001/32530/1/26-27/0002

# ୧୦୦ ଦିନରେ ୧୪ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଦଣ୍ଡାଦେଶ

### ଜିଲା ପୋଲିସର ପଦକ୍ଷେପ

ପୁରୀ,୨୩।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା, ଅପରାଧ ଦମନ ସହ ଦ୍ରୁତ ଓ ଗୁଣସମ୍ପନ୍ନ ତଦନ୍ତ ମାଧ୍ୟମରେ ନ୍ୟାୟ ପ୍ରଦାନ କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୁରୀ ପୋଲିସର ନିରନ୍ତର ପ୍ରୟାସ, ଉଚ୍ଚ ଅଧିକାରୀମାନଙ୍କ ନିୟମିତ ନିର୍ଦ୍ଦେଶନା ଓ ସଂକଳ୍ପବାନ ତଦନ୍ତ କାର୍ଯ୍ୟର ପରିଣାମ ସ୍ୱରୂପ ପ୍ରାୟ ୧୦୦ ଦିନ ମଧ୍ୟରେ ୧୪ଟି ଗୁରୁତ୍ୱପୂର୍ଣ୍ଣ ମାମଲାରେ ଦଣ୍ଡାଦେଶ ସୁନିଶ୍ଚିତ ହୋଇଛି। ଏହି ମାମଲାଗୁଡ଼ିକ ମଧ୍ୟରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ, ପୋକ୍ସୋ ସମ୍ବନ୍ଧିତ ମାମଲା, ହତ୍ୟା, ଆକ୍ରମଣ, ଦୁର୍ବ୍ୟବହାର ଓ ଅନ୍ୟ ଗୁରୁତର ଆଇନ ଉଲ୍ଲଂଘନ ଆଦି ରହିଛି। ଏହି ସମସ୍ତ ମାମଲାରେ ଠିକ୍ ତଦନ୍ତ, ପ୍ରମାଣ ସଂଗ୍ରହ, ସାକ୍ଷୀଙ୍କ ସୁରକ୍ଷା ଓ ଅଦାଲତରେ ପ୍ରଭାବଶାଳୀ ପରିଚାଳନା ମାଧ୍ୟମରେ ଦୋଷୀମାନଙ୍କୁ ଦଣ୍ଡ ଦେବାରେ ସଫଳତା ମିଳିଛି। ୧୪ଟି ମାମଲା ମଧ୍ୟରୁ କେତୋଟିରେ ଦୋଷୀଙ୍କୁ ୨୦ବର୍ଷ ପର୍ଯ୍ୟନ୍ତ ଏବଂ ଅନ୍ୟ ମାମଲାରେ ୧ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ସହ ଅର୍ଥଦଣ୍ଡାଦେଶ ଦିଆଯାଇଛି। ଅପରାଧ କଲେ ଫଳ ଭୋଗିବାକୁ ପଡ଼ିବ। ପୋଲିସ ତଦନ୍ତରେ ଉନ୍ନତି, ବୈଜ୍ଞାନିକ ପ୍ରମାଣ ସଂଗ୍ରହ, ଡିଜିଟାଲ ଟୁଲ୍ସ ବ୍ୟବହାର ଓ ସାକ୍ଷୀଙ୍କ ସହ ସମନ୍ୱୟ ମାଧ୍ୟମରେ ଅଦାଲତରେ ମାମଲାଗୁଡ଼ିକୁ ଦୃଢ଼ ଭାବେ ଉପସ୍ଥାପନ କରାଯାଉଛି। ପ୍ରତ୍ୟେକ ମାମଲାର ନିୟମିତ ମନିଟରିଂ ହେଉଛି। ପୋଲିସ ଅଧିକାରୀମାନଙ୍କ କଠୋର ପରିଶ୍ରମ, ସରକାରୀ ଅଭିଯୋକ୍ତାଙ୍କ ସହଯୋଗ ଓ ଜନସାଧାରଣଙ୍କ ସହଭାଗିତା ଉଲ୍ଲେଖନୀୟ। ଗୁରୁତର ଅପରାଧ ପ୍ରତି ପୁରୀ ପୋଲିସ ଶୂନ୍ୟ ସହିଷ୍ଣୁତା ନୀତି ଅନୁସରଣ କରୁଛି। କୌଣସି ଅପରାଧ ସମ୍ପର୍କରେ ତଥ୍ୟ ଥିଲେ, ତୁରନ୍ତ ନିକଟସ୍ଥ ଥାନା କିମ୍ବା ଡାଏଲ ୧୧୨ ମାଧ୍ୟମରେ ଜଣାଇବାକୁ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ବଳଙ୍ଗା, ୨୩।୪(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ବଳଙ୍ଗା–ଖେଲାର ମୁଖ୍ୟ ରାସ୍ତାର ବାୟାବରଠାରେ ଗୁରୁବାର ଏକ ବାଇକକୁ କାର ଧକ୍କା ଦେଇଛି। ଦୁର୍ଘଟଣାରେ ବାଇକ୍ ଚାଳକ ଚଅଁରପଦା ରାଉତସାହି ଗ୍ରାମର ବିଜୟ ରାଉତଙ୍କ ପୁଅ ଚିନ୍ମୟ ରାଉତ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଚିନ୍ମୟ ନିମାପଡ଼ାରେ ଏକ ବ୍ୟବସାୟିକ ସଂସ୍ଥାରେ କାର୍ଯ୍ୟ କରନ୍ତି। ଅପରାହ୍ନରେ ସେ ବଳଙ୍ଗାରୁ କାମ ସାରି ବାଇକ୍ ଯୋଗେ ନିମାପଡ଼ା ଫେରୁଥିବା ବେଳେ ବଳଙ୍ଗା – ଖେଲାର ମୁଖ୍ୟ ରାସ୍ତାର ବାୟାବରଠାରେ ତାଙ୍କୁ ଏକ କାର ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଚିନ୍ମୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଥାନାକୁ ଜଣାଇବାରୁ ବଳଙ୍ଗା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ପୋଲିସ ଭ୍ୟାନ୍‌ରେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇବା ପରେ କାର୍‌ଟି ବଳଙ୍ଗା ଅଭିମୁଖେ ପଳାଇଥିଲା ବେଳେ ପୋଲିସ ତଦନ୍ତ କରୁଛି।

### ୧୨ ହଜାର ୬୦୦ ଲିଟର ମଦ ଜବତ, ଅଭିଯୁକ୍ତ ଗିରଫ

କୋଣାର୍କ,୨୩।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ଅନସର ଛକ ନିକଟରୁ ଗୁରୁବାର ପୂର୍ବାହ୍ନରେ ଅନସରା ଗ୍ରାମର କୁଳିଆ ରାଉତ ଓରଫ ରଞ୍ଜିତ(୩୮)ଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୧୨ହଜାର ୬୦୦ ଲିଟର ମଦ ଜବତ କରାଯାଇଛି। ଏ ନେଇ କୋଣାର୍କ ଅବକାରୀ ଥାନାରେ କେସ୍ ନଂ ୧୧/୨୬–୨୭ ରୁଜୁ ହୋଇଛି। ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ନିରୀକ୍ଷକ ପ୍ରଭାକର ସେଠୀଙ୍କ ତତ୍ତ୍ୱାବଧାନରେ କୋଣାର୍କ ଅବକାରୀ ଥାନା ଅଧିକାରୀ ମନୋଜ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

### ସାମୂହିକ ବ୍ରତୋପନୟନ

ପୁରୀ,୨୩।୪(ଅଜିତ୍ କୁମାର ମହାନ୍ତି)

ସତ୍ୟନାରାୟଣ କମିଟି ଆନୁକୂଲ୍ୟରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ତମାଣ୍ଡୋ ଗ୍ରାମର ଦୁଇଜଣ ବାପଛେଉଣ୍ଡ ଗରିବ ପିଲାଙ୍କ ବ୍ରତୋପୋନୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ଜିଲା କଂଗ୍ରେସ ସଭାପତି ରାଜେଶ କୁମାର ମିଶ୍ର ଓ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଯୋଗ ଦେଇଥିଲେ। କମିଟି ସଭାପତି ପ୍ରସନ୍ନ ବେହେରା, ଉପସଭାପତି ସଦାଶିବ ରାଉତ, ସମ୍ପାଦକ ଅରବିନ୍ଦ ଦାସ, ସହସମ୍ପାଦକ ମୁନା ସ୍ୱାଇଁ, ସଂଗଠନ ସମ୍ପାଦକ ଅମୀୟ ପ୍ରସାଦ ନାଗ, କୋଷାଧ୍ୟକ୍ଷ କପିଳ ପ୍ରସାଦ ମହାପାତ୍ର, ଅଡିଟର ସୋମନାଥ ଦାସ, ଉପଦେଷ୍ଟା ବୀରେନ୍ଦ୍ର କୁମାର ମହାନ୍ତି, ମୁଖ୍ୟ ପୂଜକ ସଚ୍ଚିକାନ୍ତ ଆଚାର୍ଯ୍ୟ ଓ ପୂଜକ ଅରବିନ୍ଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୋଗ ପ୍ରକୋଷ୍ଠ, ଆଧୁନିକ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ



ଉଦ୍‌ଘାଟନ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥି।

ନିମାପଡ଼ା,୨୩।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ତହସିଲ ତଥା ରାଜସ୍ୱ ବିଭାଗ ପକ୍ଷରୁ ତହସିଲ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ଅଭିଯୋଗ ପ୍ରକୋଷ୍ଠ ଓ ଆଧୁନିକ ସମ୍ମିଳନୀ କକ୍ଷ ଗୃହ ଉଦଘାଟିତ ହୋଇଯାଇଛି। ଗୁରୁବାର ଆୟୋଜିତ ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ନୂତନ ଅଭିଯୋଗ ପ୍ରକୋଷ୍ଠ ଓ ଆଧୁନିକ ସମ୍ମିଳନୀ କକ୍ଷ ଗୃହକୁ ଉଦ୍‌ଘାଟନ କରିଥିଲେ। ଜନସାଧାରଣଙ୍କୁ ଉତ୍ତମ ଓ ଗୁଣାତ୍ମକ ସେବା ଯୋଗାଇଦେବାରେ ଏହା ସହାୟକ ହେବ। ସରକାରୀ ଯୋଜନାକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ଓ ବିକାଶମୂଳକ କାର୍ଯ୍ୟର ସଫଳ ରୂପାୟନ କରିବାରେ ଜନଗଣନା ଅଧିକାରୀମାନଙ୍କର ଗୁରୁ ଦାୟିତ୍ୱ ରହିଛି। ଏମାନେ ହିଁ ବିକାଶର ନକ୍ସା ପ୍ରସ୍ତୁତ କରିବେ। ଜନଗଣନା ଅଧିକାରୀମାନେ ବିକାଶର ସହଯୋଗୀ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ମନୋଜ କୁମାର ପ୍ରଧାନ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ରାଜସ୍ୱ ସୁପରଭାଇଜର ଝରଣା ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ବିଦ୍ୟାଳୟ, ମିଶନଶକ୍ତି ଭବନ, ସେବା ସମବାୟ ସମିତି, ସିକିମ ସମେତ ୨୦ଜଣଙ୍କୁ ପଙ୍ଖା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, କେ.ଭେଙ୍କଟେଶ୍ୱର ରାଓ ଏବଂ ରାଜସ୍ୱ ବିଭାଗର ବହୁ ପଦସ୍ଥ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଶ୍ମଶାନ ଜମି ସୁରକ୍ଷା ପାଇଁ ତହସିଲଦାରଙ୍କୁ ଦାବିପତ୍ର

ଡେଲାଙ୍ଗ,୨୩।୪(ରଶ୍ମିରଞ୍ଜନ ପ୍ରଧାନ)



ଡେଲାଙ୍ଗ ତହସିଲ ଅଞ୍ଚଳରେ ମାଙ୍କଡ଼ା ପଥର ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲଜମି, ସରକାରୀ ଜମି ସହ ଶ୍ମଶାନ ଜମିକୁ ମଧ୍ୟ ଖୋଳି ବେଆଇନ୍ ମାଙ୍କଡା ପଥର ଖନନ କରିବା ଓ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ବରପଦା ଗ୍ରାମ ଚଣ୍ଡିସାହି ଶ୍ମଶାନ ଜମି ପଡ଼ିଆକୁ କେତେଜଣ ବ୍ୟକ୍ତି ବେଆଇନ ଭାବେ ୩୦–୪୦ ଫୁଟ ଗଭୀରର ଖୋଳି ମାଙ୍କଡ଼ା ପଥର ଚୋରା ଚାଲାଣ କରୁଛନ୍ତି। ଫଳରେ ଚଣ୍ଡିସାହି ବାସିନ୍ଦାଙ୍କ ମୃତଦେହ ସତ୍କାର କରିବାରେ ସମସ୍ୟା ଉପୁଜୁଛି। ଗ୍ରାମ୍ୟ ଶ୍ମଶାନ ସୁରକ୍ଷା ନେଇ ଆମ୍ବେଡକର ଲୋହିଆ ବିଚାର ମଞ୍ଚର ଜିଲା ସମ୍ପାଦକ ଅକ୍ଷୟ ବେହେରା ଓ ରାଜ୍ୟ ସମ୍ପାଦକ କିଷାନ ପଟ୍ଟନାୟକଙ୍କ ନେତୃତ୍ୱରେ ଚଣ୍ଡିସାହି ବାସିନ୍ଦା ବୁଲା ରାଉତ, ଦୟାନିଧି ବେହେରା, ଶରତ କୁମାର ବେହେରା, ଭଗବାନ ବେହେରା ଏବଂ ମନୁ ନାୟକ ପ୍ରମୁଖ ଶ୍ମଶାନ ସୁରକ୍ଷା ନେଇ ଡେଲାଙ୍ଗ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ପଥର ଖନନ କରୁଥିବା ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

# ଆଜିଠୁ ମଙ୍ଗଳା ମହୋତ୍ସବ

ଅସ୍ତରଙ୍ଗ,୨୩।୪(ମମତା ଜେନା/ ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ମହାର୍ଘ୍ୟ ସମ୍ମେଳନ ୧୫ତମ ମଙ୍ଗଳା ମହୋତ୍ସବ ଶୁକ୍ରବାରଠାରୁ ୩ଦିନ ବ୍ୟାପୀ କାକଟପୁର ହାଇସ୍କୁଲ ପଛ ପଡ଼ିଆ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି। ଉଦ୍‌ଘାଟନୀ ଦିବସରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଏବଂ ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର ଯୋଗଦେବେ। ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ଜେସିକା ଆଜମେରୀ ଏବଂ ସାଥୀମାନେ ସଙ୍ଗୀତ ପରିବେଷଣ କରିବେ। ଏଥିସହ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ହେବ। ସେହିପରି ୨୫ ତାରିଖରେ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଡ. ସଂତୃପ୍ତ ମିଶ୍ର ଏବଂ ଶିକ୍ଷାବିତ୍ ଡ. ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେବେ। କଣ୍ଠଶିଳ୍ପୀ ସତ୍ୟଜିତ ଜେନା ଓ ଶୁଭଶ୍ରୀ ଜେନା ସଙ୍ଗୀତ ପରିବେଷଣ କରିବେ। ୨୬ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେବେ। କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ ଓ ସାଥି ସଙ୍ଗୀତ ପରିବେଷଣ କରିବେ। ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ବନ୍ଦୋବସ୍ତ ସହିତ ଓର୍‌ମାସ୍ ପକ୍ଷରୁ ମିଶନ ଶକ୍ତି ଦ୍ୱାରା ହାତ ତିଆରି ବିଭିନ୍ନ ସାମଗ୍ରୀ ଷ୍ଟଲରେ ସ୍ଥାନ ପାଇବ ବୋଲି ଆୟୋଜକ କମିଟି ସଭାପତି ତଥା ବିଧାୟକ ଇଂ. ତୁଷାରକାନ୍ତି ବେହେରା ଓ ସମ୍ପାଦକ ସ୍ୱାଧୀନ କୁମାର ନାୟକ ସୂଚନା ଦେଇଛନ୍ତି। ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ୮ଟି କମିଟି ଗଠନ କରାଯାଇଛି। ଉତ୍ସବରେ ବିପୁଳ ସଂଖ୍ୟାରେ ଯୋଗଦେବାକୁ ଜନସାଧାରଣଙ୍କୁ କମିଟି ଯୁଗ୍ମସମ୍ପାଦକ ତଥା କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ନିବେଦନ କରିଛନ୍ତି।

### ଅବସରପ୍ରାପ୍ତ ତହସିଲଦାରଙ୍କ ଫାଇଲ କାମକୁ ବିରୋଧ

ପିପିଲି,୨୩।୪(ଦୁର୍ଗାମାଧବ ମିଶ୍ର)

ପିପିଲି ତହସିଲ କାର୍ଯ୍ୟାଳୟରେ ଜଣେ ଅବସରପ୍ରାପ୍ତ ତହସିଲଦାର ଫାଇଲପତ୍ର କାମ କରୁଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି। ସମ୍ପୃକ୍ତ ଅବସରପ୍ରାପ୍ତ ତହସିଲଦାରଙ୍କ କାର୍ଯ୍ୟକୁ ଗୁରୁବାର ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏହାକୁ ନେଇ ଜନସାଧାରଣ ଓ ସମ୍ପୃକ୍ତ ଅବସରପ୍ରାପ୍ତ ତହସିଲଦାରଙ୍କ ମଧ୍ୟରେ ବଚସା ହୋଇଥିଲା। ବର୍ତ୍ତମାନର ତହସିଲଦାରଙ୍କ ଅନୁପସ୍ଥିତିରେ ସେ ଏଠାରେ କାମ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ତେବେ ଏଥିପାଇଁ ତାଙ୍କୁ କିଏ ଅନୁମତି ଦେଇଥିଲେ ତାହା ଏବେ ପ୍ରଶ୍ନ ପାଲଟିଛି। ଏ ସଂକ୍ରାନ୍ତରେ ପିପିଲି ତହସିଲଦାର କିମ୍ବା ସମ୍ପୃକ୍ତ ଅବସରପ୍ରାପ୍ତ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ‘ସ୍ୱାସ୍ଥ୍ୟସେବା ଦ୍ୱାରା ଭଗବାନଙ୍କ ଆଶୀର୍ବାଦ ମିଳେ’

ଗୋପ,୨୩।୪(ଭାରତୀ ଭୂଷଣ ଉପାଧ୍ୟାୟ)

ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେଲେ ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ କହିଛନ୍ତି। ଗୁରୁବାର ଗୋପ ବ୍ଲକ ଅନ୍ତର୍ଗତ ଅଣ୍ଡରା–ଇଚ୍ଛାପୁର ପଞ୍ଚାୟତର ଇଚ୍ଛାପୁର ଗ୍ରାମରେ ଅନୁଷ୍ଠିତ ମାଗଣା ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପାଧ୍ୟକ୍ଷ ପଟ୍ଟନାୟକ ଏହା କହିଛନ୍ତି। ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟରେ ଭୁବନେଶ୍ୱର ଭରତପୁରର କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନ ଏବଂ ଭାରତ ସରକାରଙ୍କ ନୂଆଦିଲ୍ଲୀସ୍ଥିତ ସିସିଆରଏଏସ୍‌ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାଧିକ ରୋଗୀ ସ୍ୱାସ୍ଥ୍ୟ ଚିକିତ୍ସା କରାଇବା ସହ ମାଗଣା ଔଷଧ ନେଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ମିନା କୁମାରୀ ମହାନ୍ତି, ସମିତିସଭ୍ୟା ଅନ୍ନପୂର୍ଣ୍ଣା ପଟ୍ଟନାୟକ, ସିଡିପିଓ ମୀନାକ୍ଷୀ ସାହୁ, ଜିଲାପରିଷଦ ସଭ୍ୟ ପ୍ରମୋଦ ରାୟ, ନେତା ଅଶ୍ୱିନୀ ପଟ୍ଟନାୟକ, ଶିକ୍ଷାକେନ୍ଦ୍ରର ପ୍ରମୁଖ ମଧୁସୂଦନ ରାଉତ, ନାରୀନେତ୍ରୀ ନିରୁପମା ସ୍ୱାଇଁ, ଉଲ୍ଲାସ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଡା. ସସ୍ମିତା ପିଓତା, ଡା. ଭୀମସେନ ବେହେରା ଏବଂ ଡା. ବନମାଳୀ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଶ୍ରୀମହାବୀର ମନ୍ଦିର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା ।

କଣାସ,୨୩।୪ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ୍ ଗଡ଼ମାଟିଆପଡ଼ା ଗ୍ରାମସ୍ଥିତ ମହାବୀର ସାଂସ୍କୃତିକ ପରିଷଦର ସଭାପତି ତପନ କୁମାର ଚମ୍ପତିରାୟଙ୍କ ଅଧ୍ୟକ୍ଷତାରେ ଶ୍ରୀମହାବୀର ମନ୍ଦିର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ରାଜ୍ୟସ୍ତରୀୟ ପ୍ରତିଭା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ମୁଖ୍ୟ ଅତିଥି, ନାଟ୍ୟକାର ବିଜୟ ଦାସ ମୁଖ୍ୟବକ୍ତା, ଅଭିନେତା ଅଂଶୁମୋଚନ ମହାନ୍ତି, ଅଭିନେତା ଶ୍ରୀଚନ୍ଦନ କର, ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା, ହାସ୍ୟ ଅଭିନେତା ସାନମଣି, ନେଉଳ, ଶିଶୁ କଳାକାର ଆୟାନ ଓ ଆନ୍ୟା (ସୁପ୍ରୀତି), ଗୁରୁଶ୍ରୀ ସୁଜିତ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ଭୀମସେନ ପାଇକରାୟ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ହେମନ୍ତ କୁମାର ଛୋଟରାୟ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଶିକ୍ଷାବିତ୍ ବଂଶୀଧର ଜଗଦ୍ଦେବଙ୍କୁ ସ୍ୱାଧୀନତା ସଂଗ୍ରାମୀ ବଂଶୀଧର ଛୋଟରାୟ ସ୍ୱତନ୍ତ୍ର ସ୍ମୃତି ସମ୍ମାନ, ଶିକ୍ଷାବିତ୍ ପ୍ରକାଶ ମଙ୍ଗରାଜଙ୍କୁ ମହାବୀର ରାଷ୍ଟ୍ରସେବା ରତ୍ନ ସମ୍ମାନ, ଅଭିପ୍ସା ତୁଳସୀ ତ୍ରିପାଠୀଙ୍କୁ ମହାବୀର ବିଦ୍ୟାର୍ଥୀ ମେଧା ସମ୍ମାନ, ଓଡ଼ିଶା ପ୍ରଶାସନିକ ଅଧିକାରୀ ଶକ୍ତିସୁଧା ଦାଶଙ୍କୁ ମହାବୀର ପ୍ରଜ୍ଞାଶ୍ରୀ ସମ୍ମାନ, ଶିକ୍ଷାବିତ୍ ଫକିର ଚରଣ ଛୋଟରାୟଙ୍କୁ ମହାବୀର ଶିକ୍ଷା ସଂଗଠକ ସମ୍ମାନ ପ୍ରଦାନ ସହ ବହୁ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ବିଦ୍ୟାଳୟର ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବ୍ୟାଙ୍ଗ ଛାତ୍ରୀ ଲଳିତା ପରିଡ଼ାଙ୍କୁ ବ୍ୟାଟେରିଚାଳିତ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ମହାବୀର ସାଂସ୍କୃତିକ ପରିଷଦର ମୁଖପତ୍ର ‘ଗଡ଼ ପ୍ରଦୀପ’ ଉନ୍ମୋଚିତ ହୋଇଥିଲା। ଶିକ୍ଷାବିତ୍ ରୂପଶ୍ରୀ ଛୋଟରାୟ ପରିଚୟ ପ୍ରଦାନ, ଶିକ୍ଷକ ସୁଶାନ୍ତ ନରେନ୍ଦ୍ର ସଭା କାର୍ଯ୍ୟ ପରିଚାଳନା ଏବଂ ଛାତ୍ରୀ ଆଦ୍ୟାଶା ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଷଦର ସମ୍ପାଦକ ନୀଳଗ୍ରୀବ ଶ୍ରୀଚନ୍ଦନ, ଯୁଗ୍ମସମ୍ପାଦକ ବିଶ୍ୱଭୂଷଣ ମଙ୍ଗରାଜ, କୋଷାଧ୍ୟକ୍ଷ ଅଜୟ ବେହେରା, ଉପସଭାପତି ଶୁଭାଶିଷ ପାହାନ୍ତାସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଇକ ଆଖଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଇଣ୍ଡିମେଣ୍ଟ ଉପରେ ବର୍ଷିଲା ଭାଜପା

### ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ୍ ପ୍ରସଙ୍ଗ

ପୁରୀ,୨୩।୪(ଅଜିତ୍ କୁମାର ମହାନ୍ତି)

ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପରେ ସାରା ଦେଶରେ କଂଗ୍ରେସ ତଥା ଇଣ୍ଡି ମେଣ୍ଟ ଏବଂ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଭାଜପା ପକ୍ଷରୁ ପୁରୀରେ ଏକ ହୋଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇଣ୍ଡି ମେଣ୍ଟକୁ ଭାଜପା ସମାଲୋଚନା କରିଛି। ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍, ସୀମା ନିର୍ଦ୍ଧାରଣ ବିଲ୍, କେନ୍ଦ୍ର ଶାସିତ ଅଞ୍ଚଳ ଆଇନ ବିଲ୍‌କୁ ବିରୋଧକରି କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମ୍‌ସି ଏବଂ ଡିଏମ୍‌କେ ଦେଶବାସୀ ବିଶେଷକରି ମହିଳାଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର କହିଛନ୍ତି। ଓରାମ ଏବଂ ପାତ୍ର ଏହି ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ସମ୍ପର୍କରେ ସବିଶେଷ ତଥ୍ୟ ରଖିଥିଲେ। କଂଗ୍ରେସ ଓ ଇଣ୍ଡି ମେଣ୍ଟ ଦେଶର ମହିଳାଙ୍କୁ ସେମାନଙ୍କ ନ୍ୟାଯ୍ୟ ଦାବିରୁ ବଞ୍ଚିତ କରିଛନ୍ତି। ବିଲ୍ ଆସିଥିଲେ ଓଡ଼ିଶାରେ ଏମ୍‌ପି ସିଟ୍ ସଂଖ୍ୟା ବୃଦ୍ଧି ପାଇ ୩୨ ହୋଇଥାନ୍ତା, କିନ୍ତୁ ସୀମା ନିର୍ଦ୍ଧାରଣ ଦ୍ୱାରା କୌଣସି ରାଜ୍ୟର କ୍ଷତି ହୋଇ ନ ଥାନ୍ତା ବରଂ ଆନୁପାତିକ ପ୍ରତିନିଧିତ୍ୱ ସୁରକ୍ଷିତ ରହିବ। ୩୩ ପ୍ରତିଶତ ମହିଳା ସଂରକ୍ଷଣକୁ ବିରୋଧ ଯୋଗୁ ବର୍ତ୍ତମାନ ପଶ୍ଚିମବଙ୍ଗ ନିର୍ବାଚନ ଚାଲୁ ଥିବାବେଳେ ଏହାର ପ୍ରଭାବ ପଡ଼ିବ ଓ ମହିଳାମାନେ ଏହାର ଉଚିତ ଜବାବ ଦେବେ ବୋଲି ଏହି ନେତା ଦ୍ୱୟ କହିଛନ୍ତି। ନାରୀ ଶକ୍ତି ବନ୍ଦନ ଅଧିନିୟମ ଅଣାଯିବାବେଳେ ନିର୍ବାଚନ ପାଖେଇ ଆସୁଥିବାରୁ ଏହି ବିରୋଧୀ ଦଳଗୁଡ଼ିକ ବାଧ୍ୟବାଧକତାରେ ଏହାକୁ ସମର୍ଥନ କରିଥିଲେ। କିନ୍ତୁ ଯେତେବେଳେ ପ୍ରକୃତରେ ମହିଳାଙ୍କୁ ସେମାନଙ୍କ ଅଧିକାର ଦେବାର ସମୟ ଆସିଲା ସେମାନଙ୍କର ମହିଳା ବିରୋଧୀ ମାନସିକତା ସ୍ପଷ୍ଟ ଭାବେ ସାମ୍ନାକୁ ଆସିଲା। ରାଜ୍ୟର ଜନସଂଖ୍ୟା ନୁହେଁ ବରଂ ୫୦ ପ୍ରତିଶତ ଆଧାରରେ ସୀମା ନିର୍ଦ୍ଧାରଣ ହୋଇଥାନ୍ତା। ଏବେ ୩.୮୭ ପ୍ରତିଶତ ଅଛି, ଏହା ବୃଦ୍ଧି ପାଇ ୩.୯୧ ହୋଇଥାନ୍ତା। କିନ୍ତୁ ଏହା ୩.୪ ପ୍ରତିଶତକୁ ଖସି ଯାଇଥାନ୍ତା ବୋଲି ଇଣ୍ଡିମେଣ୍ଟ ଅପପ୍ରଚାର କରୁଛି। କାଳେ ଭାଜପା ସବୁ ଶ୍ରେୟ ନେଇଯିବ ଭାବି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଏହି ବିଲ୍‌କୁ ବିରୋଧ କରିଥିଲେ। ତେବେ ଦେଶର ମହିଳାମାନେ ସବୁ ବୁଝିସାରିଛନ୍ତି। ଆଗାମୀ ଦିନରେ ସେମାନେ କଂଗ୍ରେସକୁ ଏହାର ଉଚିତ ଜବାବ ଦେବେ ବୋଲି ଓରାମ ଏବଂ ପାତ୍ର କହିଥିଲେ। ସେହିପରି ଏହି ପ୍ରସଙ୍ଗ ନେଇ ଗୁରୁବାର ଅପରାହ୍ନରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ସୂଚନା ପ୍ରଦାନ କରୁଛନ୍ତି ।


**DIRECTOR OF PRINTING, STATIONERY & PUBLICATION, ODISHA, MADHUPATNA, CUTTACK-753010.**

'RFP' (REQUEST FOR PROPOSAL)

REQUEST FOR PROPOSAL(RFP) FOR SELECTION OF RECRUITMENT TEST CONDUCTING AGENCY

**No.2001/2/2627** : Directorate of Printing, Stationery & Publication, invites proposal from interested agencies for the above mentioned RFP. Please refer to the RFP documents for details.

- The RFP documents shall be available from 21.04.2026 onwards in the following web portals: www.odisha.gov.in and https://govtpress.odisha.gov.in. **Any further information (i.e. Corrigendum/Addendum/Responses to queries/ Clarifications) shall be uploaded in the above website only.**
- Applicants are required to submit a duly filled RFP as per the prescribe formats through offline mode on or before **11.05.2026** till **1.30 p.m.** The bid received shall be opened at **3.30 p.m.** on **11.05.2026**.
- In case any queries/clarifications, e- mail at ao2purchase@gmail.com
- D.P.S &P. reserves the right to accept or reject bid process without assigning any reason thereof.

Sd./- Director
Printing, Stationery & Publication,
Odisha, Madhupatna, Cuttack

OIPR-2001/2002/1/26-27/0002



No.4001/37/2627

idco | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

Tender Call Notice No. File No. : IDCO/HO-P&C/A-100869/04/2026/V-1 11424 Dated : 20.04.2026

NOTICE INVITING TENDER THROUGH e-PROCUREMENT

**Name of the Work** : SITC of 33 kv UG Cable (1C x 630 Sqmm XLPE) for Connectivity of 33/11 kv, 2 x 8 MVA Primary Substation (PSS) from 33 kv Source and SITC of 11 kv UG Cable (3C x 400 Sqmm XLPE) for Distribution of Load at Ramdaspur Industrial Estate under Electrical Section, Godisahi, Cuttack.

**Estimated Cost put to tender : Rs.1,28,25,992.00**

**Period of completion : 4 (Four) Calendar Months**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manger (P&C), IDCO, IDCO Tower, Bhubaneswar | Bid Identification No :- P&C/EST/E-02/2026-27 | 17:00 hours of dt.28.04.2026 | 17:00 hours of dt.13.05.2026 |

Further details can be seen from the e-procurement portal : www.tendersodisha.gov.in and Corrigendum if any will be published in newspapers and can only be seen in the **e-procurement portal** as well as in **IDCO website**.

Sd./- Chief General Manager (P&C)
IDCO, Bhubaneswar

OIPR-4001/4075/1/26-27/0015



**OFFICE OF THE BASUDEVPUR MUNICIPALITY, BHADRAK**

No. 416(W) Date : 23.04.2026

E-Procurement Notice

BID Identification No. BM_TCN_02_2026-27

**No.13001/286/2627** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const. works as mentioned in DTCN
2. No. of works : 08 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 28.04.2026 (10 A.M.) to 07.05.2026
6. Last date and time for receipt : 07.05.2026 up to 5.00 P.M.
7. Bids received online shall be opened on : 08.05.2026 from 11 A.M. onwards
8. Name and address of the Officer Inviting Bid : Executive Officer, Basudevpur Municipality

Sd./- Executive Officer
Basudevpur Municipality

OIPR-13001/13135/1/26-27/0001



GOVERNMENT OF ODISHA
DEPARTMENT OF WATER RESOURCES

**OFFICE OF THE SUPERINTENDING ENGINEER, SAMBALPUR IRRIGATION DIVISION, SAMBALPUR**

E-mail id : sidsambalpur@gmail.com

e-Procurement Notice No. SESID-02/2026-27

Bid Identification No. SESID-02(01-19)/2026-27

No.1419 /Date. 22.04.2026

**No.32001/112/2627** : Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1 | Nature of Works | : | Canal and Road Works |
| 2 | Nos. of Works | : | 19 (Nineteen) Nos. |
| 3 | Bid Identification No. | : | SESID-02(01)/2026-27 to SESID-02(19)/2026-27 |
| 4 | Estimated Cost | : | 8.47 to 12.49 Lakhs |
| 5 | Earnest Money Deposit | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Period of Completion | : | Referred to DTCN |
| 8 | Date and Time of availability of Bid Document in the Portal | : | Dt : 29.04.2026 at 11.00 AM to Dt : 08.05.2026 upto 17.00 PM |
| 9 | Last Date/Time for receipt of Bids in the Portal | : | Dt : 08.05.2026 upto 17.00 PM |
| 10 | Date of Bid Opening | : | Dt : 11.05.2026 at 11.00 AM |
| 11 | Clarification seeking Date | : | Dt : 29.04.2026 at 11.00 AM to Dt : 06.05.2026 upto 17.00 PM |
| 12 | Date of Lottery (if required) | : | To be intimated later |
| 13 | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur At/PO-Khetrajpur - 768003, Dist.-Sambalpur Email id : sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Superintending Engineer,
Sambalpur Irrigation Division, Sambalpur

OIPR-32001/32530/1/26-27/0002

## ନିଶାରୁ ଧରାପଡ଼ିଗଲେ ଚୋର

ଭୁବନେଶ୍ୱର,୨୩।୪
(ତ୍ରିନାଥ ମହାନ୍ତି)

ବାଲୁଗାଁରୁ ଆସି ଭୁବନେଶ୍ୱର ରେଳ ଷ୍ଟେଶନ ପରିସରରୁ ଯାତ୍ରୀଙ୍କଠାରୁ ଲୁଟ୍ କରୁଥିଲେ। ପୋଲିସକୁ ଚକ୍ମା ଦେଇ ଫେରାର ହୋଇଯାଉଥିଲେ। କିନ୍ତୁ ଅତ୍ୟଧିକ ନିଶାସେବନ ତାଙ୍କୁ ଧରାଇଦେଲା। ଆର୍‌ପିଏଫ୍ ତାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ଜଗନ୍ନାଥପୁର ବାଣପୁର ଗ୍ରାମର ଶିବ ପ୍ରସାଦ ପଣ୍ଡା। ରେଳଯାତ୍ରୀଙ୍କଠାରୁ ସେ ମୋବାଇଲ, ଟଙ୍କା ଏବଂ ଏଟିଏମ୍ କାର୍ଡ ଲୁଟ୍ କରନ୍ତି। ଗୁରୁବାର ଜଣେ ଯାତ୍ରୀଙ୍କ ପକେଟ ମାର୍ କରି କିଛି ଟଙ୍କା ରଖିଥିଲେ। ସେହି ଟଙ୍କାରେ ମଦ୍ୟପାନ କରିଥିଲେ। ପରେ ନିଶାଶକ୍ତ ଅବସ୍ଥାରେ ସେ ରେଳ ଷ୍ଟେଶନ ପ୍ଲାଟ୍‌ଫର୍ମରେ ଶୋଇ ପଡ଼ିଥିଲେ। ସନ୍ଦେହଜନକ ଅବସ୍ଥାରେ ଜିଆର୍‌ପି ଥାନା ପୋଲିସ ଆସି ତାଙ୍କୁ ଯାଞ୍ଚ କରିଥିଲା। ଏହିସମୟରେ ତାଙ୍କଠାରୁ ୭ରୁ ଊର୍ଦ୍ଧ୍ୱ ଏଟିଏମ୍ କାର୍ଡ ମିଳିଥିଲା। ଏହାପରେ ପକେଟ୍‌ରୁ ୩ଟି ମୋବାଇଲ ମିଳିଥିଲା। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେ ଯାତ୍ରୀଙ୍କ ଠାରୁ ଲୁଟ୍ କରିଥିବା ସ୍ୱୀକାର କରିଥିଲେ। ଶିବଙ୍କ ନାମରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

# ଟ୍ରାଫିକ୍ ସମସ୍ୟା: ୪ ଘଣ୍ଟା ଖରାରେ ଫସିଲେ


ପଳାଶୁଣୀ ଓଭରବ୍ରିଜ ଉପରେ ଅଟକି ରହିଥିବା ଯାନବାହନ।

## ଅସହ୍ୟ ତାତିରେ ଭିଡ଼ରେ ଫସୁଛନ୍ତି ଲୋକେ

ଭୁବନେଶ୍ୱର, ୨୩। ୪ (ପ୍ରସନଜିତ୍ ସାହୁ)

ରାଜଧାନୀ ଭୁବନେଶ୍ୱରର ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅସହ୍ୟ ଗରମ ସାଙ୍ଗକୁ ଟ୍ରାଫିକ୍ ସମସ୍ୟା ଯାତ୍ରୀଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଭୁବନେଶ୍ୱର କଟକ ରାସ୍ତାରେ ସବୁଦିନ ଜାମ୍ ଦେଖିବାକୁ ମିଳୁଛି। ଭିଡ଼ ହେବା କାରଣରୁ ରାସ୍ତାରେ ହଜାର ହଜାର ଲୋକ ଘଣ୍ଟା ଘଣ୍ଟା ଧରି ଫସି ରହୁଛନ୍ତି। ସେମାନେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ମୁସ୍କିଲ୍ ହୋଇପଡୁଛି। ଜରୁରୀକାଳୀନ ଆମ୍ବୁଲାନ୍ସ ମଧ୍ୟ ଏହି ରାସ୍ତାରେ ଫସି ରହୁଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବୁଧବାର ଅପରାହ୍ଣରେ ପଳାଶୁଣୀ ଗଙ୍ଗୁଆ ନାଳ ଓଭରବ୍ରିଜ ଉପରେ ଏକ ଟ୍ରକ୍‌ରେ ନିଆଁଲାଗିବାରୁ ରାସ୍ତା ଭିଡ଼ ହୋଇଥିଲା। ଏଥିଯୋଗୁ ପ୍ରାୟ ୪ଘଣ୍ଟା କାଳ ଟ୍ରାଫିକ୍ ସମସ୍ୟା ଦେଖା ଦେଇଥିଲା। ଗୁରୁବାର ପୁଣି ଏହି ରାସ୍ତାରେ ଭିଡ଼ ଦେଖିବାକୁ ମିଳିଥିଲା। ସକାଳ ୯ଟାରୁ ପ୍ରାୟ ୧ଟା ପର୍ଯ୍ୟନ୍ତ ପ୍ରବଳ ଗରମ ସତ୍ତ୍ୱେ ଯାତ୍ରୀମାନେ ଭିଡ଼ରେ ରହିବାକୁ ବାଧ୍ୟ ହୋଇଥିଲେ। ଏନେଇ ଭିଡ଼ରେ ଫସିଥିବା ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ଅତି ଜରୁରୀ କାମରେ ଯାଉଥିବା ଲୋକମାନେ ରାସ୍ତା ମଝିରେ ବ୍ୟସ୍ତ ହୋଇ ପଡୁଥିବା ଦେଖିବାକୁ ମିଳିଥିଲା। ଏହି ଭିଡ଼ ଭିତରେ ଆମ୍ବୁଲାନ୍ସ ବି ଘଣ୍ଟା ଘଣ୍ଟା ଧରି ଫସି ରହିଥିଲା। ଦିନର ଅଧିକାଂଶ ସମୟରେ ଏହି ରାସ୍ତାରେ ସମାନ ସମସ୍ୟା ଦେଖିବାକୁ ମିଳୁଛି। ପଳାଶୁଣୀରୁ ବାଣୀବିହାର ଏବଂ ବାଣୀବିହାରରୁ ହଂସପାଳ ପର୍ଯ୍ୟନ୍ତ ପ୍ରତିଦିନ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ଅନ୍ୟପଟେ ଜୟଦେବ ବିହାର-ପଟିଆ ରାସ୍ତା, ଆଚାର୍ଯ୍ୟ ବିହାରରୁ ଏଜି ଛକ, ରସୁଲଗଡ଼ରୁ କଳ୍ପନା ଓ ଜନପଥର ଅବସ୍ଥା ମଧ୍ୟ ସମାନ। ଏହି ଘଟଣାରେ ସାଧାରଣ ଲୋକେ ଟ୍ରାଫିକ୍‌ର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ କରିଛନ୍ତି।

## ଶ୍ରୀଲିଙ୍ଗରାଜ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଢିଲା

ପୁରୁଣା ଭୁବନେଶ୍ୱର,୨୩।୪(ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ପର୍ଯ୍ୟଟକମାନେ ମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଭଳି ଧାତବ ବସ୍ତୁ ସହଜରେ ନେଇ ପ୍ରବେଶ କରୁଥିବା ପୂର୍ବରୁ ନଜିର ରହିଛି। ଗୁରୁବାର ସକାଳେ ମନ୍ଦିରର ବେହରଣ ମଣ୍ଡପ ଅଞ୍ଚଳରେ କେତେଜଣ ପର୍ଯ୍ୟଟକ ମୋବାଇଲରେ ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା। ତେବେ ସେଠାରେ ପୋଲିସ କର୍ମଚାରୀ ଉପସ୍ଥିତ ଥିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ସୁରକ୍ଷା ବ୍ୟବସ୍ଥାରେ ଅବହେଳା ରହିଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏନେଇ ଶ୍ରୀଲିଙ୍ଗରାଜ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି, ମନ୍ଦିର ସିଂହଦ୍ୱାରରେ ମେଟାଲ ଡିଟେକ୍ଟର ଆକ୍ଟିଭ ରହିଛି। ଅନେକ ସମୟରେ ସେବାୟତମାନେ ନିଜର ଯାତ୍ରୀଙ୍କୁ ସହଯୋଗ କରିବାକୁ ଏବଂ ଅର୍ଥ ସଂଗ୍ରହ ନେଇ ସେମାନଙ୍କ ମୋବାଇଲ ନିଜେ ମନ୍ଦିର ଭିତରକୁ ନେଉଥିବାରୁ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଏହା ଜାଣି ପାରନ୍ତିନି। ଆଗାମୀ ଦିନରେ ଏହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଭୁବନେଶ୍ୱର,୨୩।୪(ପ୍ରସନଜିତ୍ ସାହୁ)

ନାବାଳିକାଙ୍କୁ ଅସଦାଚରଣ ଓ ଆକ୍ରମଣ ମାମଲାରେ ଗୁରୁବାର ଭୁବନେଶ୍ୱର ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ) ଅଭିଯୁକ୍ତ ଦୀନବନ୍ଧୁ କାଣ୍ଡିଙ୍କୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୦ ମସିହାର ଏକ ମାମଲାରେ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୦ ମାର୍ଚ୍ଚ ୧ରେ ବାଲିପାଟଣା ଥାନା ଅନ୍ତର୍ଗତ ନାବାଳିକା ଜଣଙ୍କ ତାଙ୍କ ସାଙ୍ଗମାନଙ୍କ ସହିତ ଖେଳୁଥିଲେ। ଏହି ସମୟରେ ପାଖରେ କେହି ବୟସ୍କ ଲୋକ ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ଦୀନବନ୍ଧୁ ନାବାଳିକାଙ୍କୁ ଏକ ଶୌଚାଳୟକୁ ନେଇ ଯାଇଥିଲେ। ସେଠାରେ ସେ ନାବାଳିକାଙ୍କ ସହିତ ଅସଦାଚରଣ କରିବା ସହିତ ତାଙ୍କ ଡାହାଣ ହାତକୁ କାମୁଡ଼ି ଦେଇଥିଲେ। ସେ ଚିତ୍କାର କରିବାରୁ ତାଙ୍କ ସାଙ୍ଗମାନେ ଏହି ଘଟଣା ସମ୍ପର୍କରେ ନାବାଳିକାଙ୍କ ମା'ଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ନାବାଳିକାଙ୍କ ମା' ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହିତ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୭୦/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୩ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୩ ମାସ କାରାଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ସେହିପରି ନାବାଳିକାଙ୍କ ସହିତ ହୋଇଥିବା ଶାରୀରିକ ଏବଂ ମାନସିକ ଆଘାତକୁ ବିଚାର କରି, ସିଆରପିସିର ଧାରା ୩୫୭-ଏ ଆଧାରରେ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଖୋର୍ଦ୍ଧାସ୍ଥିତ ଜିଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ୨୮ରେ ୨ୟ କୁଳଗୌରବ ସମ୍ମାନ

ଭୁବନେଶ୍ୱର,୨୩।୪(ସୁଚିସ୍ମିତା ସାହୁ)

ବିଶ୍ୱ ଓଡ଼ିଶା ପରିବାର ପକ୍ଷରୁ '୨ୟ କୁଳଗୌରବ ସମ୍ମାନ-୨୦୨୬' ପ୍ରଦାନ କରାଯିବ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ସଭାଗୃହରେ ଆସନ୍ତା ୨୮ ତାରିଖରେ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ ଉତ୍ସବର ଆୟୋଜନ କରାଯାଇଛି। ଆଧୁନିକ ଓଡ଼ିଶାର ଉଦ୍ୟୋଗପତି ତଥା ନବ ଉତ୍କଳର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନଙ୍କ ଆଦର୍ଶକୁ ପାଥେୟକରି ଯେଉଁ ଉଦ୍ୟୋଗପତିମାନେ ଓଡ଼ିଶାର ପ୍ରଗତିରେ ନିଜକୁ ସାମିଲ କରିପାରିଛନ୍ତି, ସେମାନଙ୍କ ମଧ୍ୟରୁ ସଫଳ ଉଦ୍ୟୋଗପତିଙ୍କୁ କୁଳଗୌରବ ସମ୍ମାନରେ ଭୂଷିତ କରାଯିବ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଶିଳ୍ପ ଓ ଦକ୍ଷତା ବିକାଶ ଓ ଯାନ୍ତ୍ରିକ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ପୂର୍ବତନ ରାଜ୍ୟସଭା ସଦସ୍ୟ ଡ. ଅମର ପଟ୍ଟନାୟକ, ବିଶିଷ୍ଟ ଉଦ୍ୟୋଗପତି ଅଜୟ ଅଗ୍ରୱାଲ, ଭାଜପା ନେତା ତଥା ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମା ପ୍ରକାଶ କରିଛନ୍ତି।

## 'ବିବାହ ପୂର୍ବରୁ ଝିଅମାନେ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ହୁଅନ୍ତୁ'



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୩।୪
(ସୌମ୍ୟରଞ୍ଜନ ରାଉତ)

ଆଜିକାଲି ମହିଳାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଶାରୀରିକ, ଭାବପ୍ରବଣ ଏବଂ ମାନସିକ ଭାବରେ ଜଟିଳ ହେବାରେ ଲାଗିଛି। ପରିବର୍ତ୍ତନଶୀଳ ଜୀବନଶୈଳୀ, ଚାପ ଏବଂ ଖାଦ୍ୟପେୟରେ ପରିବର୍ତ୍ତନ ଯୋଗୁ ଅନେକ ରୋଗ ଦ୍ରୁତଗତିରେ ବୃଦ୍ଧି ପାଉଛି। ମହିଳାମାନେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ ହୃଦ୍‌ରୋଗ, କର୍କଟ, ମାନସିକ ସ୍ୱାସ୍ଥ୍ୟ, ପୁଷ୍ଟି ଓ ରକ୍ତହୀନତା, ହରମୋନ ଅସନ୍ତୁଳନ, ଥାଇରଏଡ୍ ଆଦି ଅନ୍ୟତମ। ଦିନକୁ ଦିନ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ହୋଇଚାଲିଛି, ଯାହାଦ୍ୱାରା ଅନେକ ପ୍ରକାର ସମସ୍ୟା ଶରୀରରେ ଦେଖାଦେଇ ଚାଲିଛି। ତେଣୁ ବିବାହ ପରେ ନୁହେଁ, ବରଂ ବିବାହ ପୂର୍ବରୁ ମଧ୍ୟ ଝିଅମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରହିବା ଉଚିତ ବୋଲି 'ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ'ରେ ମତ ପ୍ରକାଶ ପାଇଛି। ବିଦ୍ୟାଧର ବାରିକ ମେମୋରିଆଲ ଟ୍ରଷ୍ଟ ଓ ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଗୁରୁବାର ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମଣିପାଲ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡ. ମୋନିକା ଗୁପ୍ତା, ସମ୍ ଅଲ୍‌ଟିମେଟ୍‌ର ଗ୍ୟାଷ୍ଟ୍ରୋ ଓ ହେପାଟୋଲୋଜିଷ୍ଟ ଡ.ଗଦାଧର ପଣ୍ଡା, ଫିଲ୍ମ ସେନସର ବୋର୍ଡର ପୂର୍ବତନ ଆଞ୍ଚଳିକ ବିଭାଗ ନିର୍ଦ୍ଦେଶକ ଗୋପାଳ ମହାପାତ୍ର, ଜ୍ୟୋତିର୍ବିଦ ଡ. ମୌସୁମୀରାଣୀ ସାବତ, ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଟ୍ରଷ୍ଟି ମନୋଜା ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୮ରେ 'ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ'

ଭୁବନେଶ୍ୱର,୨୩।୪ (ସୌମ୍ୟରଞ୍ଜନ ରାଉତ)

ସଂଭାବନା ପକ୍ଷରୁ ଆସନ୍ତା ୨୭ ତାରିଖରେ 'ଓଡ଼ିଆ ସ୍ୱାଭିମାନ ସମାରୋହ' ଓ ୨୮ରେ 'ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ' ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଅଭିନେତା ପ୍ରଶାନ୍ତ ନନ୍ଦ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାହିତ୍ୟିକ ଦାଶ ବେନହୁର୍‌ଙ୍କ ଉପସ୍ଥିତିରେ ୨୦୨୬ର ଶ୍ରେଷ୍ଠ ଓଡ଼ିଆଣୀଙ୍କ ନାମ ଘୋଷଣା ସହ ସମ୍ବର୍ଦ୍ଧନା ଦିଆଯିବ। କାର୍ଯ୍ୟକ୍ରମକୁ ମନଲୋଭା କରିବା ପାଇଁ ଓଡ଼ିଶୀରେ ପଦଚାଳନା କରିବେ ଗୁରୁ ଗଜେନ୍ଦ୍ର ପଣ୍ଡା। ସେହିଭଳି ଛନ୍ଦା ମିଶ୍ର ଓ ସିଦ୍ଧାନ୍ତ ଶତପଥୀ ମନଛୁଆଁ ଓଡ଼ିଆ ସଙ୍ଗୀତ ପରିବେଷଣ କରିବେ। ଏନେଇ ଗୁରୁବାର ସୂଚନା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି, ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଢ଼ୀ, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ, ୨୦୨୪ର ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋସ୍ନାମୟୀ ସେନାପତି, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ମୀନା ପାଣିଗ୍ରାହୀ, ରାଜଶ୍ରୀ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି।

## ଶୋଇଥିବାବେଳେ ଯୁବକଙ୍କୁ ମାଡ଼ମାରି ଗୋଡ଼ହାତ ଭାଙ୍ଗିଦେଲେ

ଭୁବନେଶ୍ୱର,୨୩।୪(ତ୍ରିନାଥ ମହାନ୍ତି)

ଶୋଇଥିବାବେଳେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ମାଡ଼ମାରି ହାତ, ଗୋଡ଼ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏୟାରଫିଲ୍ଡ ଥାନା ଭୀମେଶ୍ୱର ପାଟଣା ବେହେରା ସାହିରେ ଏଭଳି ଘଟଣା ଘଟିଛି। ଏନେଇ ଏୟାରଫିଲ୍ଡ ଥାନାରେ କୁନ୍ମୟ ବେହେରା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ଗତ ୧୫ ତାରିଖ ରାତିରେ କୁନ୍ମୟ ଗାଁ କ୍ଲବ ଘରେ ଶୋଇଥିଲେ। ଏହି ସମୟରେ ୪ଜଣ ଯୁବକ ଆସି ତାଙ୍କୁ ମାଡ଼ ମାରିଥିଲେ। ଏପରିକି ଲୁହାରଡ଼ରେ ପିଟି ତାଙ୍କର ହାତ ଗୋଡ଼ ଭାଙ୍ଗି ଦେଇଥିଲେ। ଖବରପାଇ ସ୍ଥାନୀୟ ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ଆଲୋଚନାଚକ୍ର

ଭୁବନେଶ୍ୱର,୨୩।୪
(ସୌମ୍ୟରଞ୍ଜନ ରାଉତ)

ଜୟକିରଣ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ଆଲୋଚନାଚକ୍ର ଓ ପାରମ୍ପରିକ ଭକ୍ତି ସଙ୍ଗୀତ ଗୁରୁବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ଶ୍ରୀମନ୍ଦିରର ପ୍ରମୁଖ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ଘଟ ପରିବର୍ତ୍ତନ ସମୟରେ ତାଙ୍କର ଦିବ୍ୟ ଅନୁଭୂତି ବଖାଣିଥିଲେ। ଅନ୍ୟତମ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର ଶ୍ରୀମନ୍ଦିରର କେତେକ ଅନନ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ସର୍ବେଶ୍ୱର ବୈଠାରୁ ଏବଂ ସାଥୀଙ୍କ ଦ୍ୱାରା ପାରମ୍ପରିକ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ଅନ୍ୟତମ ସେବକ ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଆଲୋଚନା କରୁଛନ୍ତି।

## ଅଗ୍ନିକାଣ୍ଡ: ଜଳିଗଲା ୬ ବଖରା

ବାଙ୍କୀ/ବାରଙ୍ଗ, ୨୩।୪ (ଶୁଭେନ୍ଦୁ ମହାପାତ୍ର/ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାଙ୍କୀ ଥାନା ଅନ୍ତର୍ଗତ କିଆପଲ୍ଲା ଗ୍ରାମ ପଞ୍ଚାୟତର ନୂଆ ଗାଆଁରେ ଗୁରୁବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏଥିରେ ଘରର ଆସବାବ ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଛି ବୋଲି ଅଗ୍ନିବିପନ୍ନ ପରିବାର ପକ୍ଷରୁ କୁହାଯାଇଛି। ପ୍ରଥମେ ଗ୍ରାମର ପ୍ରଦୀପ ରାଉତରାୟଙ୍କ ୩ ବଖରାରେ ନିଆଁ ଲାଗିଥିଲା। ପରେ ପାଖ ଗୋଟିଏ ଘରକୁ ନିଆଁ ବ୍ୟାପିବା ଫଳରେ ଗଣିଆ ପାଲଟା ସିଂହଙ୍କ ଘର୍ ଜଳି ଯାଇଥିଲା। ଏହିପରି ଏହି ଦୁର୍ଘଟଣାରେ ୪ ବଖରା ପୋଡ଼ି ଛାର ଖାର୍ ହୋଇଯାଇଛି। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

ସେହିପରି ବାରଙ୍ଗ ଥାନା ଅଧୀନ ନରାଜ ଗ୍ରାମର କାଞ୍ଚନ ବେହେରାଙ୍କ ୨ ବଖରା ଚାଳଘର ଗୁରୁବାର ଜଳି ପାଉଁଶ ହୋଇଯାଇଛି। ଖବରପାଇ ବାରଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟୁତ୍ ତାରରୁ ନିଆଁ ଖସି ଏଭଳି ଘଟିଥିବା ସହ ଘର ଭିତରେ ଥିବା ଆସବାବ ପତ୍ର, ଧାନ ଚାଉଳ ସମେତ ନଗଦ ୫୦ହଜାର ଟଙ୍କା ପୋଡ଼ି ଯାଇଥିବା କାଞ୍ଚନ କହିଛନ୍ତି।

ଗୁରୁବାର ସକାଳୁ କାଞ୍ଚନଙ୍କ ଘର ଆଗରେ ଯାଇଥିବା ବିଦ୍ୟୁତ୍ ତାର ଉପରକୁ ମାଙ୍କଡ ଡେଇଁ ବାରୁ ୨ଟି ତା'ର ଏକାଠି ହୋଇ ନିଆଁ ବାହାରିଥିଲା। ଏହି ନିଆଁ ଚାଳ ଉପରେ ପଡ଼ିବାରୁ ନିଆଁ ଲଗିଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିବା ସହ ଦମକଳ ବାହିନୀକୁ ଖବର ଦେଇଥିଲେ। ତେବେ ଏହି ଗରିବ ପରିବାରକୁ ସାହାଯ୍ୟ ସହଯୋଗ କରିବାକୁ ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।


**DIRECTOR OF PRINTING, STATIONERY & PUBLICATION, ODISHA, MADHUPATNA, CUTTACK-753010.**

'RFP' (REQUEST FOR PROPOSAL)

REQUEST FOR PROPOSAL(RFP) FOR SELECTION OF RECRUITMENT TEST CONDUCTING AGENCY

**No.2001/2/2627** : Directorate of Printing, Stationery & Publication, invites proposal from interested agencies for the above mentioned RFP. Please refer to the RFP documents for details.

- The RFP documents shall be available from 21.04.2026 onwards in the following web portals: www.odisha.gov.in and https://govtpress.odisha.gov.in. **Any further information (i.e. Corrigendum/Addendum/Responses to queries/ Clarifications) shall be uploaded in the above website only.**
- Applicants are required to submit a duly filled RFP as per the prescribe formats through offline mode on or before **11.05.2026** till **1.30 p.m.** The bid received shall be opened at **3.30 p.m.** on **11.05.2026**.
- In case any queries/clarifications, e- mail at ao2purchase@gmail.com
- D.P.S &P. reserves the right to accept or reject bid process without assigning any reason thereof.

Sd./- Director
Printing, Stationery & Publication,
Odisha, Madhupatna, Cuttack

OIPR-2001/2002/1/26-27/0002

No.4001/37/2627

idco | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

Tender Call Notice No. File No. : IDCO/HO-P&C/A-100869/04/2026/V-1 11424 Dated : 20.04.2026

NOTICE INVITING TENDER THROUGH e-PROCUREMENT

**Name of the Work** : SITC of 33 kv UG Cable (1C x 630 Sqmm XLPE) for Connectivity of 33/11 kv, 2 x 8 MVA Primary Substation (PSS) from 33 kv Source and SITC of 11 kv UG Cable (3C x 400 Sqmm XLPE) for Distribution of Load at Ramdaspur Industrial Estate under Electrical Section, Godisahi, Cuttack.

**Estimated Cost put to tender : Rs.1,28,25,992.00**

**Period of completion : 4 (Four) Calendar Months**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manger (P&C), IDCO, IDCO Tower, Bhubaneswar | Bid Identification No :- P&C/EST/E-02/2026-27 | 17:00 hours of dt.28.04.2026 | 17:00 hours of dt.13.05.2026 |

Further details can be seen from the e-procurement portal : www.tendersodisha.gov.in and Corrigendum if any will be published in newspapers and can only be seen in the **e-procurement portal** as well as in **IDCO website**.

Sd./- Chief General Manager (P&C)
IDCO, Bhubaneswar

OIPR-4001/4075/1/26-27/0015

**OFFICE OF THE BASUDEVPUR MUNICIPALITY, BHADRAK**

No. 416(W) Date : 23.04.2026

E-Procurement Notice

BID Identification No. BM_TCN_02_2026-27

**No.13001/286/2627** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const. works as mentioned in DTCN
2. No. of works : 08 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 28.04.2026 (10 A.M.) to 07.05.2026
6. Last date and time for receipt : 07.05.2026 up to 5.00 P.M.
7. Bids received online shall be opened on : 08.05.2026 from 11 A.M. onwards
8. Name and address of the Officer Inviting Bid : Executive Officer, Basudevpur Municipality

Sd./- Executive Officer
Basudevpur Municipality

OIPR-13001/13135/1/26-27/0001

GOVERNMENT OF ODISHA
DEPARTMENT OF WATER RESOURCES

**OFFICE OF THE SUPERINTENDING ENGINEER, SAMBALPUR IRRIGATION DIVISION, SAMBALPUR**

E-mail id : sidsambalpur@gmail.com

e-Procurement Notice No. SESID-02/2026-27

Bid Identification No. SESID-02(01-19)/2026-27

No.1419 /Date. 22.04.2026

**No.32001/112/2627** : Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1 | Nature of Works | : | Canal and Road Works |
| 2 | Nos. of Works | : | 19 (Nineteen) Nos. |
| 3 | Bid Identification No. | : | SESID-02(01)/2026-27 to SESID-02(19)/2026-27 |
| 4 | Estimated Cost | : | 8.47 to 12.49 Lakhs |
| 5 | Earnest Money Deposit | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Period of Completion | : | Referred to DTCN |
| 8 | Date and Time of availability of Bid Document in the Portal | : | Dt : 29.04.2026 at 11.00 AM to Dt : 08.05.2026 upto 17.00 PM |
| 9 | Last Date/Time for receipt of Bids in the Portal | : | Dt : 08.05.2026 upto 17.00 PM |
| 10 | Date of Bid Opening | : | Dt : 11.05.2026 at 11.00 AM |
| 11 | Clarification seeking Date | : | Dt : 29.04.2026 at 11.00 AM to Dt : 06.05.2026 upto 17.00 PM |
| 12 | Date of Lottery (if required) | : | To be intimated later |
| 13 | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur At/PO-Khetrajpur - 768003, Dist.-Sambalpur Email id : sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Superintending Engineer,
Sambalpur Irrigation Division, Sambalpur

OIPR-32001/32530/1/26-27/0002

## ରାଶନ କାର୍ଡରେ ନାମ ସଂଯୋଗ ପାଇଁ ନିରାଶ

ତିଗିରିଆ,୨୩।୪(ଜାଫର ଖାଁ)

ତିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତ ହରିଡାପଶି ଗ୍ରାମ ମୁଣ୍ଡିଆ ସାହିର ପ୍ରହ୍ଲାଦ ବେହେରା ନିଜ ପରିବାରର ତିନି ସଦସ୍ୟଙ୍କ ନାମ ରାଶନ କାର୍ଡରେ ସଂଯୋଗ କରିବା ପାଇଁ ଡିଲର, ବ୍ଲକ ଯୋଗାଣ ଅଧିକାରୀ ଓ ବିଡିଓଙ୍କ କାର୍ଯ୍ୟାଳୟ ଦୌଡି ନୟାନ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ଗରିବ ଶ୍ରେଣୀର ପ୍ରହ୍ଲାଦଙ୍କ ପରିବାର କହିଲେ ସ୍ୱାମୀ, ସ୍ତ୍ରୀ, ପୁଅ ଓ ଝିଅକୁ ନେଇ ୪ ପ୍ରାଣୀର ପରିବାର। ଗରିବ ଶ୍ରେଣୀର ପ୍ରହ୍ଲାଦ ନିଜ ପରିବାର ନାମରେ ରାଶନ କାର୍ଡ ପାଇଁ ୫ ବର୍ଷ ତଳେ ଆବେଦନ କରିଥିଲେ। ଦୁଇବର୍ଷ ତଳେ ଶ୍ରମକାର୍ଡ ମାଧ୍ୟମରେ ମିଳିଥିବା ରାଶନ କାର୍ଡରେ ତାଙ୍କ ପରିବାରର କେବଳ ସ୍ତ୍ରୀ ମିନତି ବେହେରାଙ୍କ ନାମରେ ଚାଉଳ ମିଳିଥିଲା। ଏହାପରେ ପ୍ରହ୍ଲାଦ ନିଜ ନାମ ସହ ଝିଅ ଓ ପୁଅର ନାମ କାର୍ଡ ରେ ସଂଯୋଗ ପାଇଁ ଡିଲର, ଯୋଗାଣ ଅଧିକାରୀ ଓ ବିଡିଓଙ୍କୁ ଭେଟି ନିବେଦନ କରିଥିଲେ। ଯୋଗାଣ ଅଧିକାରୀ ନିଜ ଗ୍ରାମର ଡିଲର ପାଖରେ କେୱାଇସି କରିଦେଲେ ପରବର୍ତ୍ତୀ ସମୟରେ ଚାଉଳ ପାଇବ ବୋଲି କହିଥିଲେ। କିନ୍ତୁ କେୱାଇସି କରିବା ପରେ ମଧ୍ୟ ସେ ଚାଉଳ ପାଇ ନଥିବା ଅଭିଯୋଗ କରିଛନ୍ତି। ଏ ନେଇ ସହକାରୀ ଯୋଗାଣ ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ତାଙ୍କ ପରିବାର ସଦସ୍ୟଙ୍କ କେୱାସି ହୋଇଛି। ଖୁବ୍‌ଶୀଘ୍ର ରାସନ ଚାଉଳ ପାଇବେ ବୋଲି ସେ କହିଛନ୍ତି।

## ଭୋଜି ଖାଇ ୩୨ରୁ ଉର୍ଦ୍ଧ୍ୱ ଅସୁସ୍ଥ

### ଘଟଣାସ୍ଥଳରେ ସୁବର୍ଣ୍ଣପୁର ମେଡିକାଲ ଟିମ୍

ବାଙ୍କୀ, ୨୩।୪( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମର ଗୋଡ଼ିସାହିର ଜଣେ ବ୍ୟବସାୟୀଙ୍କ ଘରେ ମଙ୍ଗଳବାର ରାତିରେ ଶ୍ରାଦ୍ଧବାର୍ଷିକୀ ଭୋଜି ହୋଇଥିଲା। ଭୋଜି ଖାଇବା ପରେ ବୁଧବାର ସନ୍ଧ୍ୟାରେ ୬୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କେବଳ ୩୨ ଜଣ ଆକ୍ରାନ୍ତ ଥିବା କୁହାଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ୨୧ ଜଣ ପୁରୁଷ ଥିଲାବେଳେ ୧୧ ଜଣ ମହିଳା ରହିଛନ୍ତି ବୋଲି ସୁବର୍ଣ୍ଣପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ଅମରେଶ ସାହୁ କହିଛନ୍ତି।


ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀ।

ମିଳିଥିବା ସୂଚନା ଅନୁଯାୟୀ, ଭୋଜି ଖାଇବା ପରେ ଅନେକଙ୍କ ପେଟ କାଟିବା ସହ ଝାଡ଼ା ଓ ବାନ୍ତି ହୋଇଥିଲା। ଆକ୍ରାନ୍ତମାନେ କଳାପଥର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଘରକୁ ଅନେକ ଫେରିଥିଲେ। ଗୁରୁବାର ସକାଳେ ଆଉ କେତେଜଣ ମହିଳା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପରିକି ଅନେକ ସମ୍ପର୍କୀୟ ଭୋଜି ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାରୁ ନିକଟସ୍ଥ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଭୋଜି ରୋଷେଇ ବିଷାକ୍ତ ହୋଇ ଯାଇଥିବାରୁ ଏପରି ହୋଇଥିବା ଅନେକେ ଆକ୍ରାନ୍ତ ଅଭିଯୋଗ କରିଛନ୍ତି। ଆଶା କର୍ମୀ ଘରକୁ ଘର ଯାଇ ସ୍ଥିତି ପରଖିଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଆକ୍ରାନ୍ତଙ୍କ ଠିକ୍ ଚିକିତ୍ସା ଚାଲିଛି ଓ ସାଲାଇନ ଦିଆଯାଉଛି ବୋଲି ଚିକିତ୍ସା କରୁଥିବା କଳାପଥର ଡାକ୍ତରଖାନାର ଡାକ୍ତର ମିଲନ କୁମାର ତ୍ରିପାଠୀ କହିଛନ୍ତି। ଗ୍ରାମର ସମସ୍ତ ନଳକୂପରେ ବ୍ଲିଚିଂ ପାଉଡର ପକାଯାଇଛି। ଏବଂ ଘଟଣାସ୍ଥଳକୁ ଡ଼ାକ୍ତରୀ ଟିମ୍ ପଠା ଯାଇ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ବୋଲି ସୁବର୍ଣ୍ଣପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ଅମରେଶ ସାହୁ କହିଛନ୍ତି।

## କେନାଲରେ ବୁଡ଼ି ଚାଲିଗଲା ଛାତ୍ରଙ୍କ ଜୀବନ

ବାରଙ୍ଗ,୨୩।୪(ଲିଙ୍ଗରାଜ ରାଉତ)

### ଗାଧୋଇବା ବେଳେ ଚାଲିଗଲା କୃଷି ବିଭାଗ ଛାତ୍ରଙ୍କ ଜୀବନ

ବାରଙ୍ଗ ଥାନା ଅନ୍ତର୍ଗତ ରତାଗଡ ଗ୍ରାମ ନିକଟ ପୁରୀ ମେନ୍ କେନାଲରେ ଗୁରୁବାର ମଧ୍ୟାହ୍ନରେ ଏକ ଅଘଟଣ ଘଟିଛି। କେନାଲ୍‌ରେ ଗାଧୋଇବା ବେଳେ ବୁଡ଼ି ଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ବ୍ରହ୍ମପୁର ଅଞ୍ଚଳର କୁମାରେଶ୍ୱର୍ ବେହେରା(୨୨)। କୁମାରେଶ୍ୱର ଏକ ଘରୋଇ ବିଶ୍ୱବିଦ୍ୟାଳୟର କୃଷି ବିଭାଗର ୪ର୍ଥ ବର୍ଷର ଛାତ୍ର ଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

ବାରଙ୍ଗ ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟର ୪ ଜଣ ଛାତ୍ର ବାଇକ୍ ଯୋଗେ ଭୋଜି କରିବା ପାଇଁ ପୁରୀ ମୁଖ୍ୟ କେନାଲର ରତାଗଡ ଗାଁ ମୁଣ୍ଡକୁ ଆସିଥିଲେ। ସେଠାରେ ବଣଭୋଜି କରିବା ସହ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ କୁମାରେଶ୍ୱର ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗକୁ ଉଦ୍ଧାର କରିବା ପାଇଁ ଅନ୍ୟ ୩ଜଣ ସାଙ୍ଗ ପାଟି କରିବାରୁ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବାରଙ୍ଗ ଥାନା ପୋଲିସ ଅଗ୍ନିଶମ ବାହିନୀଙ୍କୁ ସାଙ୍ଗରେ ଧରି ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ବହୁ ଖୋଜାଖୋଜି ପରେ କେନାଲ ଭିତରୁ କୁମାରେଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ମାତ୍ର ସେଠାରେ କୁମାରେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଶିକ୍ଷା, ସାମଗ୍ରିକ ବିକାଶ ସହ ସମାଜର ଉନ୍ନତିରେ ପୋଷଣ ଗୁରୁତ୍ୱପୂର୍ଣ୍ଣ

ଆଠଗଡ଼,୨୩।୪(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବ୍ଲକ କାର୍ଯ୍ୟାଳୟସ୍ଥିତ ମିଶନ ଶକ୍ତି ଭବନଠାରେ ଗୁରୁବାର ପୂର୍ବାହ୍ନରେ ପ୍ରକଳ୍ପସ୍ତରୀୟ ଅଷ୍ଟମ ପୋଷଣ ପକ୍ଷ ୨୦୨୬ ପାଳିତ ହୋଇଯାଇଛି। ଏଥିରେ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ରଶ୍ମିତା ମହାନ୍ତି, ଆଠଗଡ଼ ବିଡିଓ ଆକାଶ କୁମାର ପଣ୍ଡା, ଉପଖଣ୍ଡ ଚିକିତ୍ସାଳୟର ନିରୀକ୍ଷକ, ଡ. ମାନସ କୁମାର ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାଶ୍ୱତୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମନ୍ୱିତ ମହିଳା ଓ ଶିଶୁ ପ୍ରକଳ୍ପ ଅଧିକାରିଣୀ ନିବେଦିତା ରାୟ ପୋଷଣ ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ସେ ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମଗ୍ରିକ ବିକାଶ ସହିତ ସମାଜର ଉନ୍ନତିରେ ପୋଷଣର ଗୁରୁତ୍ୱ କିପରି ଅଙ୍ଗାଙ୍ଗୀ ଭାବେ ଜଡିତ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଡ. ଆଶିଷ କୁମାର ସାହୁ ଉପସ୍ଥିତ ଶିଶୁ, କିଶୋର ଓ କିଶୋରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ରକ୍ତହୀନତା ପରୀକ୍ଷା, ଉଚ୍ଚତା ଓ ବୃଦ୍ଧି ନିରୀକ୍ଷଣ, ପୋଷଣଯୁକ୍ତ ଖାଦ୍ୟ ପ୍ରସ୍ତୁତି ପ୍ରଦର୍ଶନ, ବିଦ୍ୟାରମ୍ଭ ପ୍ରମାଣପତ୍ର ବଣ୍ଟନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ୧୦ ଜଣ ଉତ୍ତମ ଅଙ୍ଗନୱାଡ଼ି କର୍ମୀ, ଜଣେ ସୁସ୍ଥ ଶିଶୁ ଏବଂ ଜଣେ ଉତ୍ତମ ମଣ୍ଡଳ ପରିଦର୍ଶିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ପୋଷଣ ପକ୍ଷ ପାଳନରେ ଯୋଗଦେଇଥିବା ବିଡିଓ ଓ ଅନ୍ୟ ଅତିଥି।

## ନାବାଳିକା ଅସଦାଚରଣ ମାମଲା: ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ତିଗିରିଆ, ୨୩।୪(ଜାଫର ଖାଁ)

ତିଗିରିଆ ଥାନା ଭିରୁଡ଼ା ପଞ୍ଚାୟତ ଅଞ୍ଚଳରେ ୨୦୨୫ ମସିହାରେ ସଂଘଟିତ ଏକ ନାବାଳିକା ଅସଦାଚରଣ ମାମଲାର ରାୟ ତିଗିରିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଗୁରୁବାର ପ୍ରକାଶ ପାଇଛି। ବିଚାରପତି ଅନିମେଶ ସାମଲ ଭାରତୀୟ ନ୍ୟାୟ ସଂହିତାର ଦଫା ୭୯, ୩୫୧(୩), ୨୯୬ ଅନୁଯାୟୀ ଅଭିଯୁକ୍ତ ଲିପୁ ସ୍ୱାଇଁଙ୍କୁ ୨ ବର୍ଷ ତିନି ମାସର କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଅଭିଯୁକ୍ତ ଲିପୁ ସ୍ୱାଇଁ ସମ୍ପୃକ୍ତ ନାବାଳିକାଙ୍କୁ ଅପମାନ ସୂଚକ ଇଙ୍ଗିତ ପ୍ରଦର୍ଶନ, ସମ୍ମାନହାନି ଭାଷା ପ୍ରୟୋଗ ଓ ହତ୍ୟା ଧମକ ଦେଇଥିବା ତିଗିରିଆ ଥାନାରେ ଅଭିଯୋଗ ହୋଇଥିଲା। ସରକାରୀ ଓକିଲ ସରୋଜ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

## ଜଳିଗଲା ୬ ବଖରା


ବାଙ୍କୀରେ ଜଳିଯାଇଥିବା ଘର।

ବାଙ୍କୀ/ବାରଙ୍ଗ, ୨୩।୪ (ଶୁଭେନ୍ଦୁ ମହାପାତ୍ର/ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାଙ୍କୀ ଥାନା ଅନ୍ତର୍ଗତ କିଆପଲ୍ଲା ଗ୍ରାମ ପଞ୍ଚାୟତର ନୂଆ ଗାଁରେ ଗୁରୁବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିବାରେ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏଥିରେ ଘରର ଆସବାବସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଛି ବୋଲି ଅଗ୍ନିବିପନ୍ନ ପରିବାର ପକ୍ଷରୁ କୁହାଯାଇଛି। ପ୍ରଥମେ ଗ୍ରାମର ପ୍ରଦୀପ ରାଉତରାୟଙ୍କ ୩ ବଖରାରେ ନିଆଁ ଲାଗିଥିଲା। ପରେ ପାଖ ଗୋଟିଏ ଘରକୁ ନିଆଁ ବ୍ୟାପିବା ଫଳରେ ଗଣିଆ ପାଲଟାସିଂହଙ୍କ ଘର୍ ଜଳି ଯାଇଥିଲା। ଏହିପରି ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

ସେହିପରି ବାରଙ୍ଗ ଥାନା ଅଧୀନ ନରାଜ ଗ୍ରାମର କାଞ୍ଚନ ବେହେରାଙ୍କ ୨ ବଖରା ଚାଳଘର ଗୁରୁବାର ଜଳି ପାଉଁଶ ହୋଇଯାଇଛି। ଖବରପାଇ ବାରଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟୁତ୍ ତାରରୁ ନିଆଁ ଖସି ଜଳିଯିବା ସହ ଘର ଭିତରେ ଥିବା ଆସବାସବପତ୍ର, ଧାନ ଚାଉଳ ସମେତ ନଗଦ ୫୦ହଜାର ଟଙ୍କା ପୋଡ଼ି ଯାଇଥିବା କାଞ୍ଚନ କହିଛନ୍ତି।

ଗୁରୁବାର ସକାଳୁ କାଞ୍ଚନଙ୍କ ଘର ଆଗରେ ଯାଇଥିବା ବିଦ୍ୟୁତ୍ ତାର ଉପରକୁ ମାଙ୍କଡ ଡେଇଁବାରୁ ୨ଟି ତା'ର ଏକାଠି ହୋଇ ନିଆଁ ବାହାରିଥିଲା। ଏହି ନିଆଁ ଚାଳ ଉପରେ ପଡ଼ିବାରୁ ନିଆଁ ଲଗିଯାଇଥିଲ। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିବା ସହ ଦମକଳ ବାହିନୀକୁ ଖବର ଦେଇଥିଲେ। ତେବେ ଏହି ଗରିବ ପରିବାରକୁ ସାହାଯ୍ୟ କରିବାକୁ ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଧରିତ୍ରୀ ମାତାର ସୁରକ୍ଷା ଆମର କର୍ତ୍ତବ୍ୟ

ବାଙ୍କୀ,୨୩।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବିଶ୍ୱ ଧରିତ୍ରୀ ଦିବସ ପାଳନ ଅବସରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂଗୋଳ ବିଭାଗ ଆନୁକୂଲ୍ୟରେ ଆଭାସୀ ମାଧ୍ୟମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଅଛି। ଧରିତ୍ରୀ ମାତାର ସୁରକ୍ଷା ଓ ଆମର କର୍ତ୍ତବ୍ୟ ସଂକ୍ରାନ୍ତରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରଜିତ୍ ମିଶ୍ର ସଭାପତିତ୍ୱ କରିବା ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଚଳିତ ବର୍ଷ ଆମ ଶକ୍ତି ଆମ ଗ୍ରହ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷ କରି ଧରିତ୍ରୀ ମାତାର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସନ୍ତୁ ବୋଲି ମହାପାତ୍ର ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଭୂଗୋଳ ଗବେଷକ ତେଜସ୍ୱିନୀ ରାଉତ ଯୋଗଦାନ କରି ପରିବେଶ ସୁରକ୍ଷା, ବ୍ୟାପକ ଚାରାରୋପଣ, ଧରିତ୍ରୀକୁ ସଫାସୁତରା କରିବା, ପ୍ଲାଷ୍ଟିକ ବର୍ଜନ କରିବା ସହ କିପରି ଜଳବାୟୁ ପରିବର୍ତ୍ତନକୁ ରୋକାଯାଇ ପାରିବ ସେ ସମ୍ପର୍କରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅନୀତା ରାଉତ, ଦିବ୍ୟା ମହାରଣା, ଭକ୍ତହରି ବେହେରା, ଜ୍ୟୋତିପ୍ରଭା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସର୍ଲିନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଶନିଶ୍ଚର ଦେବ ଓ ତ୍ରିନାଥ ଦେବଙ୍କ ପୂର୍ଣ୍ଣାହୁତି ଓ ମନ୍ଦିର ପ୍ରବେଶ

ବାଙ୍କୀ,୨୩।୪(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତସ୍ଥିତ ଚାରିଘରିଆ ପଶ୍ଚିମ ପଟ ସାହିରେ ଗୁରୁବାର ତ୍ରିନାଥ ଦେବଙ୍କ ୨୯ତମ ବାର୍ଷିକ ଉତ୍ସବ ଓ ଶନିଶ୍ଚର ବିଗ୍ରହ ପ୍ରତିଷ୍ଠା ଉତ୍ସବ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ଆରାଧ୍ୟ ଦେବତା ଶ୍ରୀ ରାଧାକାନ୍ତ ଦେବ ଏବଂ ଉଗ୍ରେଶର ମହାଦେବଙ୍କୁ ଆମନ୍ତ୍ରିତ କରାଯାଇଥିଲା। ଶନିଶ୍ଚରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ସନ୍ତୋଷ କୁମାର ସାହୁ ଓ ଜ୍ୟୋତ୍ସ୍ନାରାଣି ସାହୁ ଏବଂ ତ୍ରିନାଥ ଦେବଙ୍କ ପ୍ରତିଷ୍ଠା ଉତ୍ସବରେ ଡମ୍ବରୁଧର ସାହୁ ଓ ମାନସୀ ସାହୁ କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଅପରାହ୍ନରେ ବାଙ୍କୀ ଗଡ଼ ରାଜା ଦୁର୍ଗାମାଧବ ଟିକାୟତ ଏବଂ ରାଜଗୁରୁଙ୍କୁ ଗ୍ରାମବାସୀ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରି ଗାଁ ମୁଣ୍ଡରୁ ମନ୍ଦିର ନିକଟକୁ ପାଛୋଟି ନେଇଥିଲେ। ପ୍ରାତଃରୁ ଗୋପୂଜା, ସୂର୍ଯ୍ୟପୂଜା, ସାଲାବେଶ ଆଦି ସମସ୍ତ ନୀତିକାନ୍ତି ପଣ୍ଡିତ ରଞ୍ଜିତ କୁମାର ତ୍ରିପାଠୀ ଓ ଉପସ୍ଥିତ ବ୍ରାହ୍ମଣମାନେ ପୂଜା ଓ ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ନୂତନ ମନ୍ଦିରରେ ଶନିଶ୍ଚର ଦେବ ଓ ତ୍ରିନାଥ ଦେବଙ୍କୁ ମନ୍ଦିର ପ୍ରବେଶ କରାଯାଇଛି। ପୂର୍ଣ୍ଣାହୁତି ପରେ ରାଧାକାନ୍ତ ଦେବ ଏବଂ ଉଗ୍ରେସର ମହାଦେବ ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶିଶିର କୁମାର ସାହୁ, ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମବାସୀଙ୍କ ହରିବୋଲ ହୁଳହୁଳି ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠୁଥିଲା। ଆନନ୍ଦ ବଜାରରେ ୩ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।



## ପାଳାଶୁଣିରେ ରାମଚରିତ ମାନସ, ରାବଣ ପୋଡ଼ି

ବାଙ୍କୀ, ୨୩।୪(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ ପଳାଶୁଣି ଗ୍ରାମରେ ୧୧ତମ ବାର୍ଷିକ ଶ୍ରୀରାମ ଚରିତ ମାନସ, ନବାହ୍ନ ପାରାୟଣ ଓ ଜ୍ଞାନ ଯଜ୍ଞ ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ୧୪ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ରାମଚରିତ ନବାହ୍ନ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ଶ୍ରୀରାମ ନାମ ମହାତ୍ମ୍ୟ, ଶିବ ପାର୍ବତୀ ବିବାହ, ଶ୍ରୀରାମ ଜନ୍ମ ଠାରୁ ରାବଣ ନିଧନ, ଅଯୋଧ୍ୟା ପ୍ରତ୍ୟାଗମ, ରାମାଭିଷେକ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ବ୍ୟାସ ପୂଜନ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରିଚାଳନା କମିଟିକୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବ୍ୟବସ୍ଥା ଘେରରେ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ

- ୩ ବର୍ଷ ହେବ ନାହାନ୍ତି ସ୍ଥାୟୀ ପ୍ରଧାନ ଶିକ୍ଷକ
- ଡେପୁଟେଶନ ଯାଇଛନ୍ତି ୩ ଶିକ୍ଷକ
- ଭଲ ଶ୍ରେଣୀଗୃହ ଖଣ୍ଡେ ନାହିଁ

ତାଳବସ୍ତ, ୨୩।୪(ସୁବ୍ରତ କୁମାର ନାୟକ)




ଡମପଡା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତସ୍ଥିତ ୬୫ ବର୍ଷର ସରକାରୀ ପିଏମ୍‌ଶ୍ରୀ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ଚାଲିଛି। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଦୁଲଣାପୁର, ଅରପୁର ଏବଂ ତାଳବସ୍ତ ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ପିଲା ପାଠପଢୁଛନ୍ତି। ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ ହିସାବରେ ଲକ୍ଷାଧିକ ଟଙ୍କାର ଅନୁଦାନ ଆସୁଥିଲେ ମଧ୍ୟ ଶିକ୍ଷକ ଅଭାବ ଓ ଅନ୍ୟାନ୍ୟ ସମସ୍ୟା ଯୋଗୁ ପିଲାମାନେ ଏହାର ଲାଭ ଉଠାଇପାରୁନାହାନ୍ତି। ବିଦ୍ୟାଳୟର ପୁରାତନ ଛାତ୍ର ତଥା ଯୁବ ସାମାଜିକ କର୍ମୀ ଅକ୍ଷୟ କୁମାର ବେହେରା କୁହନ୍ତି, ପୂର୍ବରୁ ୫-ଟି ଅଧୀନରେ ଯେଉଁ ସବୁ ଉନ୍ନତିମୂଳକ କାର୍ଯ୍ୟକ୍ରମ ହୋଇଥିଲା, ତାହା କେବଳ ରଙ୍ଗବୋଳା ଏବଂ ଭଙ୍ଗା କାନ୍ଥରେ ଇଟା ଯୋଡିବା କାର୍ଯ୍ୟ ଥିଲା। ଏବେବି ବିଦ୍ୟାଳୟରେ ପିଲାଙ୍କ ପଢ଼ିବା ପାଇଁ ଭଲ ଶ୍ରେଣୀଗୃହ ଖଣ୍ଡେ ନାହିଁ। ଖେଳ ପଡ଼ିଆରେ ସନ୍ଧ୍ୟା ହେଲେ କେତେଜଣ ଅସାମାଜିକ ଯୁବକ ସେଠାରେ ମଦ୍ୟପାନ କରିବା ସହ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଅଧିକାଂଶ ଶିକ୍ଷୟିତ୍ରୀ, ଶିକ୍ଷକ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ସେମାନେ ମନମୁଖୀଭାବେ ବିଦ୍ୟାଳୟକୁ ଆସିଥାନ୍ତି। ବିଦ୍ୟାଳୟରେ ପାଠ ପଢା ଠିକ୍ ଭାବେ ହେଉ ନ ଥିବାରୁ ଛାତ୍ରୀଛାତ୍ରମାନେ ଟିଉଶନ ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହେଉଛନ୍ତି ବୋଲି ଅରପୁର ଗ୍ରାମର ଅଭିଭାବକ ମାମିନା ସ୍ୱାଇଁ କୁହନ୍ତି। ଶିକ୍ଷକ ଅଭାବ ଏଠାରେ ପ୍ରମୁଖ ସମସ୍ୟା ରହିଛି। ୩ ବର୍ଷ ହେବ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି। ୨୦୨୩ରେ ପ୍ରଧାନ ଶିକ୍ଷକ ପଦରେ ଥିବା ଫକୀର ଚରଣ ମିଶ୍ରଙ୍କ ବଦଳି ପରେ ସେହି ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିଜା ଦାସ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଭାବେ ଦାୟିତ୍ୱ ନେଇଥିଲେ ଏବେ ସେ ପ୍ରସୂତିକାଳୀନ ଛୁଟିରେ ଥିବାରୁ ବର୍ଷେ ହେବ ଦେବାଶିଷ ପାଣି ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହା ଏକ ସରକାରୀ ବିଦ୍ୟାଳୟ ହୋଇଥିବାରୁ ସରକାରଙ୍କର ବହୁତ ଜନ କଲ୍ୟାଣକାରୀ କାର୍ଯ୍ୟରେ ଅର୍ଦ୍ଧାଧିକ ଶିକ୍ଷକମାନେ ନିୟୋଜିତ ହେଉଛନ୍ତି। ୩ ଜଣ ଶିକ୍ଷକ ବହୁବର୍ଷ ହେବ ଡେପୁଟେଶନରେ ଯାଇ ଅନ୍ୟ ସ୍କୁଲରେ ପାଠ ପଢ଼ାଉଛନ୍ତି ।ଫଳରେ ଶ୍ରେଣୀରେ ଶିକ୍ଷାଦାନ ଏକପ୍ରକାର ବାଧାପ୍ରାପ୍ତ ହେଉଛି। ବାହାରକୁ ବଡ଼ ସ୍କୁଲ ଦେଖା ଯାଉଥିବା ଏହି ତାଳବସ୍ତ ପିଏମଶ୍ରୀ ବିଦ୍ୟାଳୟଟି ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇଯାଇଛି। ଏସବୁ ସମସ୍ୟା ନେଇ ବିଇଓ ଏବଂ ଡିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପାଣିଗ୍ରାହୀ କହିଛନ୍ତି।

ଏ ସମ୍ପର୍କରେ ବାଙ୍କୀ ଡମପଡା ବ୍ଲକ ଶିକ୍ଷା ଅଧିକାରୀ କାମରାଜ ସାହୁ କହିଛନ୍ତି ଯେ, ବିଦ୍ୟାଳୟର ସମସ୍ୟା ବିଷୟରେ ଉଚ୍ଚ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି। ନୂତନ ଶିକ୍ଷା ବର୍ଷରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ହେବେ ବୋଲି ସେ ପ୍ରକାଶ କରିଛନ୍ତି।


**DIRECTOR OF PRINTING, STATIONERY & PUBLICATION, ODISHA, MADHUPATNA, CUTTACK-753010.**

'RFP' (REQUEST FOR PROPOSAL)

REQUEST FOR PROPOSAL(RFP) FOR SELECTION OF RECRUITMENT TEST CONDUCTING AGENCY

**No.2001/2/2627** : Directorate of Printing, Stationery & Publication, invites proposal from interested agencies for the above mentioned RFP. Please refer to the RFP documents for details.

- The RFP documents shall be available from 21.04.2026 onwards in the following web portals: www.odisha.gov.in and https://govtpress.odisha.gov.in. **Any further information (i.e. Corrigendum/Addendum/Responses to queries/ Clarifications) shall be uploaded in the above website only.**
- Applicants are required to submit a duly filled RFP as per the prescribe formats through offline mode on or before **11.05.2026** till **1.30 p.m.** The bid received shall be opened at **3.30 p.m.** on **11.05.2026**.
- In case any queries/clarifications, e- mail at ao2purchase@gmail.com
- D.P.S &P. reserves the right to accept or reject bid process without assigning any reason thereof.

Sd./- Director
Printing, Stationery & Publication,
Odisha, Madhupatna, Cuttack

OIPR-2001/2002/1/26-27/0002



No.4001/37/2627

idco | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

Tender Call Notice No. File No. : IDCO/HO-P&C/A-100869/04/2026/V-1 11424 Dated : 20.04.2026

NOTICE INVITING TENDER THROUGH e-PROCUREMENT

**Name of the Work** : SITC of 33 kv UG Cable (1C x 630 Sqmm XLPE) for Connectivity of 33/11 kv, 2 x 8 MVA Primary Substation (PSS) from 33 kv Source and SITC of 11 kv UG Cable (3C x 400 Sqmm XLPE) for Distribution of Load at Ramdaspur Industrial Estate under Electrical Section, Godisahi, Cuttack.

**Estimated Cost put to tender : Rs.1,28,25,992.00**

**Period of completion : 4 (Four) Calendar Months**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manger (P&C), IDCO, IDCO Tower, Bhubaneswar | Bid Identification No :- P&C/EST/E-02/2026-27 | 17:00 hours of dt.28.04.2026 | 17:00 hours of dt.13.05.2026 |

Further details can be seen from the e-procurement portal : www.tendersodisha.gov.in and Corrigendum if any will be published in newspapers and can only be seen in the **e-procurement portal** as well as in **IDCO website**.

Sd./- Chief General Manager (P&C)
IDCO, Bhubaneswar

OIPR-4001/4075/1/26-27/0015



**OFFICE OF THE BASUDEVPUR MUNICIPALITY, BHADRAK**

No. 416(W) Date : 23.04.2026

E-Procurement Notice

BID Identification No. BM_TCN_02_2026-27

**No.13001/286/2627** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const. works as mentioned in DTCN
2. No. of works : 08 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 28.04.2026 (10 A.M.) to 07.05.2026
6. Last date and time for receipt : 07.05.2026 up to 5.00 P.M.
7. Bids received online shall be opened on : 08.05.2026 from 11 A.M. onwards
8. Name and address of the Officer Inviting Bid : Executive Officer, Basudevpur Municipality

Sd./- Executive Officer
Basudevpur Municipality

OIPR-13001/13135/1/26-27/0001



GOVERNMENT OF ODISHA
DEPARTMENT OF WATER RESOURCES

**OFFICE OF THE SUPERINTENDING ENGINEER, SAMBALPUR IRRIGATION DIVISION, SAMBALPUR**

E-mail id : sidsambalpur@gmail.com

e-Procurement Notice No. SESID-02/2026-27

Bid Identification No. SESID-02(01-19)/2026-27

No.1419 /Date. 22.04.2026

**No.32001/112/2627** : Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1 | Nature of Works | : | Canal and Road Works |
| 2 | Nos. of Works | : | 19 (Nineteen) Nos. |
| 3 | Bid Identification No. | : | SESID-02(01)/2026-27 to SESID-02(19)/2026-27 |
| 4 | Estimated Cost | : | 8.47 to 12.49 Lakhs |
| 5 | Earnest Money Deposit | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Period of Completion | : | Referred to DTCN |
| 8 | Date and Time of availability of Bid Document in the Portal | : | Dt : 29.04.2026 at 11.00 AM to Dt : 08.05.2026 upto 17.00 PM |
| 9 | Last Date/Time for receipt of Bids in the Portal | : | Dt : 08.05.2026 upto 17.00 PM |
| 10 | Date of Bid Opening | : | Dt : 11.05.2026 at 11.00 AM |
| 11 | Clarification seeking Date | : | Dt : 29.04.2026 at 11.00 AM to Dt : 06.05.2026 upto 17.00 PM |
| 12 | Date of Lottery (if required) | : | To be intimated later |
| 13 | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur At/PO-Khetrajpur - 768003, Dist.-Sambalpur Email id : sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Superintending Engineer,
Sambalpur Irrigation Division, Sambalpur

OIPR-32001/32530/1/26-27/0002

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଶ୍ରେୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବ
# ଆଗକୁ ୨୫ ରୁ ୨୮ ଟଙ୍କା ବଢ଼ିପାରେ ପେଟ୍ରୋଲ ଦର

**ନୂଆଦିଲ୍ଲୀ, ୨୩।୪**




ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ଯଦି ସବୁଠୁ ଅଧିକ କିଛି ପ୍ରଭାବିତ ହୋଇଥାଏ, ତାହା ହେଉଛି ଇନ୍ଧନ ଯୋଗାଣ କ୍ଷେତ୍ର। ବୈଶ୍ୱିକ ସ୍ତରରେ ହେଉଥିବା ମୋଟ ତୈଳ ଓ ଗ୍ୟାସ୍ ଯୋଗାଣ ମଧ୍ୟରୁ ପ୍ରାୟ ୩୦ ଭାଗ ଇନ୍ଧନ ଇରାନ୍ ଉପକୂଳ ନିକଟସ୍ଥ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ହୋଇଥାଏ। କିନ୍ତୁ ଗତ ଫେବୃଆରୀ ଶେଷ ଭାଗରୁ ଆରମ୍ଭ ହୋଇଥିବା ଇରାନ୍-ଆମେରିକା ଯୁଦ୍ଧ ଯୋଗୁ ହର୍ମୁଜ୍ ଦେଇ ତୈଳ ଏବଂ ଗ୍ୟାସ୍ ପରିବହନ ଏକ ପ୍ରକାର ଠପ୍ ହୋଇଯାଇଛି। ଯାହାକୁ ନେଇ ଏବେ ଭାରତ ସମେତ ବହୁ ଦେଶରେ ଇନ୍ଧନଜନିତ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଚାହିଦା ତୁଳନାରେ ଆମଦାନୀ ଏବଂ ଯୋଗାଣ ବ୍ୟାହତ ହୋଇଥିବାରୁ ଏବେ ଅନେକ ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ଅହେତୁକ ବୃଦ୍ଧି ହୋଇଛି। ସଦ୍ୟ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଆମେରିକା, ଯୁକ୍ତରାଜ୍ୟ, ୟୁରୋପ,ଚାଇନା, ଅଷ୍ଟ୍ରେଲିଆ, କାନାଡା,ପାକିସ୍ତାନ, ଶ୍ରୀଲଙ୍କା ଭଳି ଅନେକ ଦେଶରେ ପେଟ୍ରୋଲ ମୂଲ୍ୟ ପୂର୍ବ ତୁଳନାରେ ଯଥେଷ୍ଟ ବୃଦ୍ଧି ପାଇଛି। ହେଲେ ଭାରତରେ ତୈଳ ସଙ୍କଟ ସ୍ଥିତିକୁ ନେଇ ବର୍ତ୍ତମାନ ସୁଦ୍ଧା ପେଟ୍ରୋଲ କିମ୍ବା ଡିଜେଲ ମୂଲ୍ୟରେ କୌଣସି ବୃଦ୍ଧି ହୋଇନାହିଁ। ପ୍ରାୟ ୪ ବର୍ଷ ଧରି ୨୦୨୨ ଏପ୍ରିଲରୁ ଏହି ଦୁଇଟି ପେଟ୍ରୋଲିୟମଜାତ ସାମଗ୍ରୀ ମୂଲ୍ୟ ଅପରିବର୍ତ୍ତିତ ରହିଛି। କିନ୍ତୁ ଆଗକୁ ସ୍ଥିତି ବଦଳିବ ଏବଂ ପେଟ୍ରୋଲ ମୂଲ୍ୟରେ ଲିଟର ପିଛା ଅନ୍ୟୂନ ୨୫ ରୁ ୨୮ ଟଙ୍କା ବୃଦ୍ଧି ହେବ ବୋଲି ଭାରତର ବହୁ ଆର୍ଥିକ ଅନୁଷ୍ଠାନ ପକ୍ଷରୁ ଆକଳନ କରାଯାଇଛି। ଆମଦାନୀ ଏବଂ ଯୋଗାଣଜନିତ ସମସ୍ୟା ସତ୍ତ୍ୱେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ମୂଲ୍ୟବୃଦ୍ଧି କରି ନ ଥିଲେ ମଧ୍ୟ ଆଗାମୀ ଦିନରେ ଆଉ କ୍ଷତି ସହିବାକୁ ସକ୍ଷମ ହେବେ ନାହିଁ ଏବଂ ମୂଲ୍ୟବୃଦ୍ଧି କରିବାକୁ ବାଧ୍ୟ ହେବେ ବୋଲି କୋଟକ୍ ଇନ୍‌ଷ୍ଟିଚ୍ୟୁଶନାଲ ଇକ୍ୱିଟିଜ୍‌ର ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି। ବର୍ତ୍ତମାନ ବିଭିନ୍ନ ରାଜ୍ୟରେ ଚାଲିଥିବା ବିଧାନସଭା ନିର୍ବାଚନ ପରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ବୃଦ୍ଧି ହେବ ବୋଲି ସେମାନେ କହିଛନ୍ତି। କିନ୍ତୁ କେନ୍ଦ୍ର ସରକାର ଏହି ରିପୋର୍ଟକୁ ଅସ୍ୱୀକାର କରିବା ସହ ଅଚାନକ ଭାବେ ପେଟ୍ରୋଲ କିମ୍ବା ଡିଜେଲ ମୂଲ୍ୟରେ ବୃଦ୍ଧି କରିବାକୁ କୌଣସି ପ୍ରସ୍ତାବ ନାହିଁ ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ , ଭାରତ ନିଜର ତୈଳ ଚାହିଦାର ୮୯ ପ୍ରତିଶତ ବିଦେଶରୁ ଆମଦାନୀ କରିଥାଏ। ଏହି କ୍ରମରେ ଦୈନିକ ପ୍ରାୟ ୪.୫ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଆମଦାନୀ କରାଯାଇଥାଏ। ଏଥିମଧ୍ୟରୁ କେବଳ ରୁଷିଆରୁ ୨.୨୫ ନିୟୁତ ତୈଳ ଆମଦାନୀ କରାଯାଇଥିଲାବେଳେ ବାକି ଅଂଶ ସର୍ବାଧିକ ଭାବେ ଉପସାଗରୀୟ ଦେଶଗୁଡିକରୁ ଆସିଥାଏ। କିନ୍ତୁ ଯୁଦ୍ଧ ପରେ ଏବେ ଉକ୍ତ ଆମଦାନୀରେ ୬୧ ପ୍ରତିଶତ ହ୍ରାସ ଘଟିଛି। ଅର୍ଥାତ୍ ଉପସାଗରୀୟ ଦେଶଗୁଡିକରୁ ଦୈନିକ ଆସୁଥିବା ତୈଳ ପରିମାଣ ୧.୧୮ ନିୟୁତ ବ୍ୟାରେଲ ହ୍ରାସ ପାଇଛି। ଏପଟେ ଯୋଗାଣ ହ୍ରାସ ପାଇଥିଲାବେଳେ ଅନ୍ୟପଟେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବ୍ୟାରେଲ ପିଛା ୧୨୦ ଡଲାର ନିକଟବର୍ତ୍ତୀ ହେବା ଆମଦାନୀଜନିତ ବ୍ୟୟ ବୃଦ୍ଧିର କାରଣ ହୋଇଛି। ଯାହାକୁ ନେଇ ତୈଳ କମ୍ପାନୀଗୁଡିକ ପେଟ୍ରୋଲ ଲିଟର ପିଛା ୨୦ ଟଙ୍କା ଏବଂ ଡିଜେଲ ପିଛା ୧୦୦ ଟଙ୍କା କ୍ଷତି ସହୁଛନ୍ତି। ଯଦି ଯୁଦ୍ଧକୁ ନେଇ ତୁରନ୍ତ ବୁଝାମଣା ନ ହୁଏ ତେବେ ଆଗକୁ ତୈଳ କମ୍ପାନୀଗୁଡିକ କ୍ଷତି ସହ୍ୟ କରିବାକୁ ସମର୍ଥ ହେବେ ନାହିଁ ଏବଂ ସରକାର ମୂଲ୍ୟବୃଦ୍ଧି କରିବାକୁ ବାଧ୍ୟହେବେ ବୋଲି କୋଟକ୍ ଇନ୍‌ଷ୍ଟିଚ୍ୟୁଶନାଲ ଇକ୍ୱିଟିଜ୍ ପକ୍ଷରୁ କୁହାଯାଇଛି।


ବିଏସ୍‌ଇ ସେନ୍‌ସେକ୍ସ
୭୭,୬୬୪ (-୮୫୨)


୧ ଡଲାର = ୯୪.୦୬ ଟଙ୍କା


ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୩.୬୦ ଡଲାର

# ଏନ୍ଏମ୍‌ଡିସିର ସମାବେଶୀ ବିକାଶ କାର୍ଯ୍ୟକ୍ରମ



**ରାୟପୁର, ୨୩।୪**

ଜାତୀୟ ଖଣିଜ ବିକାଶ ନିଗମ(ଏନ୍ଏମ୍‌ଡିସି) ପକ୍ଷରୁ ଛତିଶଗଡ଼ସ୍ଥିତ ଦାନ୍ତେୱାଡ଼ାରେ ଏକ ସମାବେଶୀ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦାନ୍ତେୱାଡ଼ାରେ ଚାଲିଥିବା ଏନ୍ଏମ୍‌ଡିସି ପ୍ରକଳ୍ପ କାର୍ଯ୍ୟକୁ ନେଇ ନିଗମର ବରିଷ୍ଠ ଅଧିକାରୀମାନଙ୍କ ସହ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅମିତାଭ ମୁଖାର୍ଜୀ ସେଠାକାର ପଞ୍ଚାୟତ ମୁଖିଆମାନଙ୍କ ସହ ଆଲୋଚନା କରିଛନ୍ତି। ଦାନ୍ତେୱାଡ଼ା ନିକଟସ୍ଥ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲାବେଳେ ସ୍ଥାନୀୟ ଅଞ୍ଚଳର ସାମୂହିକ ବିକାଶ ନେଇ ଏନ୍ଏମ୍‌ଡିସି ପକ୍ଷରୁ ସେମାନଙ୍କ ସହ ଆଲୋଚନା କରାଯାଇଛି। ବିଶେଷକରି ଗ୍ରାମାଞ୍ଚଳବାସୀଙ୍କୁ ପାନୀୟ ଜଳ, ବିଦ୍ୟୁତ୍ ସେବା ଏବଂ ଯାତାୟାତ ଲାଗି ସଡ଼କ ସୁବିଧା ଯୋଗାଇଦେବାକୁ କୁହାଯାଇଛି। ଏନ୍ଏମ୍‌ଡିସି ପକ୍ଷରୁ ବିଭିନ୍ନ ସ୍ଥାନରେ ଖଣି ଖନନ କରାଯାଇଥିଲେ ହେଁ ଏହାର ନିକଟସ୍ଥ ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାଙ୍କ ଲାଗି ବିକାଶମୂଳକ କାର୍ଯ୍ୟ କରିବାକୁ ନିଗମ ଅଗ୍ରାଧିକାର ଦେଇ ଆସିଛି ବୋଲି ଏହାର ବରିଷ୍ଠ ଅଧିକାରୀମାନେ କହିଛନ୍ତି।

# ୧ ଡଲାର= ୯୪.୦୧ ଟଙ୍କା

**ମୁମ୍ବାଇ, ୨୩।୪ (ପି.ଟି.)**

ଭାରତୀୟ ମୁଦ୍ରା 'ଟଙ୍କା'ର ମୂଲ୍ୟରେ କ୍ରମାଗତ ହ୍ରାସ ଜାରି ରହିଛି। ଗୁରୁବାର କାରବାର ଶେଷ ସୁଦ୍ଧା ଆମେରିକୀୟ ଡଲାର ତୁଳନାରେ ଟଙ୍କା ୨୩ ପଇସା ହ୍ରାସ ପାଇ ୯୪.୦୧ ସ୍ତରରେ ସ୍ଥିର ହୋଇଛି। ଏହି ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଟଙ୍କା ୯୪ ସୀମା ଅତିକ୍ରମ କରିବା ପରେ ଦେଶର ଆର୍ଥିକ ବଜାରରେ ଚିନ୍ତା ବଢ଼ିଛି। ପଶ୍ଚିମ ଏସିଆରେ ଚାଲିଥିବା ଅସ୍ଥିରତା ଏବଂ ଆମେରିକା-ଇରାନ୍ ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ଅନ୍ତ ନ ଘଟିବା ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୩.୮୩ ଡଲାରରେ ପହଞ୍ଚିଛି। ଏଲ୍‌କେପି ସିକ୍ୟୁରିଟିଜ୍‌ର ବିଶେଷଜ୍ଞ ଯତୀନ ତ୍ରିବେଦୀଙ୍କ ଅନୁଯାୟୀ, ଆମେରିକା-ଇରାନ୍ ଆଲୋଚନାରେ ଅନିଶ୍ଚିତତା ଯୋଗୁ ଡଲାର ମଜଭୁତ ହେବାରେ ଲାଗିଛି। ଗତ ୪ଟି କାର୍ଯ୍ୟ ଦିବସ ମଧ୍ୟରେ ଟଙ୍କା ପ୍ରାୟ ୧.୩ ପ୍ରତିଶତ (୧୨୦ ପଇସା) ଦୁର୍ବଳ ହୋଇଛି। ଏପ୍ରିଲ ୧୭ରେ ଏହା ୯୨.୯୧ ସ୍ତରରେ ଥିବାବେଳେ ଗୁରୁବାର ତାହା ୯୪ ଟପିଯାଇଛି। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୩୦ରେ ଟଙ୍କା ଏହାର ସର୍ବନିମ୍ନ ସ୍ତର ୯୫.୨୨ କୁ ଛୁଇଁଥିଲା। ଯଦିଓ ଆରବିଆଇର ହସ୍ତକ୍ଷେପ ପରେ ଏଥିରେ କିଛିଟା ସୁଧାର ଆସିଥିଲା, ମାତ୍ର ବର୍ତ୍ତମାନର ଭୂ-ରାଜନୈତିକ ସ୍ଥିତି ଟଙ୍କାକୁ ପୁଣି ଥରେ ଦୁର୍ବଳ କରିଦେଇଛି। ଆଗାମୀ ଦିନରେ ଟଙ୍କା ୯୩.୮୦ରୁ ୯୪.୫୦ ମଧ୍ୟରେ ରହିପାରେ ବୋଲି ଆକଳନ କରାଯାଉଛି।


## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



ଶ୍ରେୟାଂଶୀ ବେହେରା
ବାଳକାଟି, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଉଜ୍ଜ୍ୱଳ ଭବିଷ୍ୟତ ସହିତ ଚଲାପଥ କୁସୁମିତ ହେଉ, ଏତିକି ପ୍ରାର୍ଥନା ।
ଶୁଭେଚ୍ଛା ସହ: ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୧୮୧


# ଅକ୍ଷୟ ତୃତୀୟାରେ ମାଲାବାର୍ ଗୋଲ୍ଡର ସର୍ବକାଳୀନ ରେକର୍ଡ




**ଭୁବନେଶ୍ୱର, ୨୩।୪**

ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ଅଳଙ୍କାର ପ୍ରତିଷ୍ଠାନ ତଥା ଲୋକପ୍ରିୟ ବ୍ରାଣ୍ଡ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଅକ୍ଷୟ ତୃତୀୟା ଅବସରରେ ବିକ୍ରିରେ ସର୍ବକାଳୀନ ରେକର୍ଡ ହାସଲ କରିଛି। ଗ୍ରାହକ ଚାହିଦା, ଉନ୍ନତ ଗ୍ରାହକ ସମ୍ପର୍କ ଓ କମ୍ପାନୀର ସମନ୍ୱିତ ଉତ୍ପାଦନ କ୍ଷମତାକୁ ନେଇ ଅକ୍ଷୟ ତୃତୀୟା ସମୟରେ ବିଶ୍ୱସ୍ତରରେ କମ୍ପାନୀ ବାର୍ଷିକ ୫୩% ଅଭିବୃଦ୍ଧି ହାସଲ କରିଥିବା ବେଳେ ମୋଟ ବିକ୍ରି ପରିମାଣ ୨୬୪୬ କୋଟି ଟଙ୍କାରେ ପହଞ୍ଚିଥିବା କହିଛି। ଭାରତରେ ୭୧% ଏବଂ ଅନ୍ତର୍ଜାତୀୟ ସ୍ତରରେ କମ୍ପାନୀ ୨୨% ଅଭିବୃଦ୍ଧି ହାସଲ କରିଛି।

## କଟକ ଶୋ'ରୁମ୍‌ରେ ବ୍ରାଇଡାଲ ଶୋ'

ଏହି ସଫଳତା ସମ୍ପର୍କରେ ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, 'ଆମ ଗ୍ରାହକମାନଙ୍କ ପାଇଁ ଅକ୍ଷୟ ତୃତୀୟା ଏକ ଗୁରୁତ୍ୱପୂର୍ଣ୍ଣ ଅବସର ହୋଇ ରହିଛି ଏବଂ ଏହି ବର୍ଷର ପ୍ରଦର୍ଶନ ଉଭୟ ଚାହିଦାର ଶକ୍ତି ଓ ଗ୍ରାହକଙ୍କ ଗଭୀର ସମ୍ପର୍କକୁ ପ୍ରତିଫଳିତ କରୁଛି। ଜାତୀୟ ଏବଂ ଅନ୍ତର୍ଜାତୀୟ ବଜାରରେ ବାର୍ଷିକ ୫୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିବା କମ୍ପାନୀର ମାନ ଓ ଉଚ୍ଚ ଗୁଣବତ୍ତାକୁ ପ୍ରମାଣିତ କରିଛି। ଅକ୍ଷୟ ତୃତୀୟା ଏବଂ ବିବାହ ଉତ୍ସବ ପରିପ୍ରେକ୍ଷୀରେ କମ୍ପାନୀ ୧.୨୫ ଲକ୍ଷରୁ ଅଧିକ ଗ୍ରାହକଙ୍କ ସହ ଯୋଡ଼ିହୋଇଥିଲା। କଟକସ୍ଥିତ ମାଲବାର୍ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଶୋ'ରୁମ୍‌ରେ ଗୁରୁବାରଠାରୁ ବ୍ରାଇଡାଲ୍ ଶୋ' ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ଓଡ଼ିଆ ମଡେଲ ତଥା ଅଭିନେତ୍ରୀ ସୁରଭି ପ୍ରିୟଦର୍ଶିନୀ ଉଦ୍‌ଘାଟନ କରିଛନ୍ତି। ବିବାହ ଉତ୍ସବ ଲାଗି ସ୍ୱତନ୍ତ୍ର ଭାବେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମେ' ୩ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ସୁନା, ହୀରା, ପୋଲକି ଏବଂ ରତ୍ନପଥର ଖଚିତ ସ୍ୱତନ୍ତ୍ର ବ୍ରାଇଡାଲ ଅଳଙ୍କାର ପ୍ରଦର୍ଶନ କରାଯିବ।

# ଜେଇ ମେନ୍-୨ରେ କିଟ୍ ବିଦ୍ୟାଳୟର ସଫଳତା

**ଭୁବନେଶ୍ୱର, ୨୩।୪**

ସଦ୍ୟ ପ୍ରକାଶିତ ଜେଇ ମେନ୍-୨ ପରୀକ୍ଷାରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଉକ୍ତ ପରୀକ୍ଷାରେ ୧୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିରୁ ୭ଜଣ ଅଧିକ ନମ୍ବର ରଖି ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ମାନ ବଜାୟ ରଖିଛନ୍ତି। କ୍ଷେତ୍ରବାସୀ ମହନ୍ତ ୯୭.୬, ଶୁଭଲକ୍ଷ୍ମୀ ମୁଦୁଲି ୯୭.୦୩, ଶୁକ୍ରୁ ମହନ୍ତ ୯୫.୪, ଗୋପୀନାଥ ସେଠୀ ୯୪.୧୨ ଓ ସୌମ୍ୟା ଯସ୍‌ମିନ୍ ୯୨.୮୪ ପ୍ରତିଶତ ମାର୍କ ରଖିବା ସହ ଅନେକ ଛାତ୍ରୀଛାତ୍ର ଉଚ୍ଚ ନମ୍ବର ମଧ୍ୟ ରଖିଛନ୍ତି। ଉକ୍ତ ଅନୁଷ୍ଠାନରେ ଛାତ୍ରୀଛାତ୍ରମାନେ +୨ ବିଜ୍ଞାନ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ସହ କିପରି ଭାବରେ ଜେଇ ଓ ନିଟ୍ ପରୀକ୍ଷାରେ ଭଲ କରିବେ ସେଥିପାଇଁ ସ୍ୱତନ୍ତ୍ରଭାବେ ତାଲିମପ୍ରାପ୍ତ ଅଭିଜ୍ଞ ଅଧ୍ୟାପନା ମଣ୍ଡଳୀଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ କୋଚିଂ ବ୍ୟବସ୍ଥା ଦିଆଯାଇଥାଏ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ବୋର୍ଡ ପରୀକ୍ଷାରେ ଭଲ କରିବା ସହ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ମଧ୍ୟ ଉଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହେଉଛନ୍ତି। ଛାତ୍ରୀଛାତ୍ରମାନଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର ଅଞ୍ଚଳ ପକ୍ଷରୁ ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




**ସମ୍ବଲପୁର, ୨୩।୪**

ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର ଅଞ୍ଚଳ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ପ୍ରାରମ୍ଭରେ ଉପ-ମହାପ୍ରବନ୍ଧକ ଓ ଆଞ୍ଚଳିକ ମୁଖ୍ୟ ଦେବୀପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ୨୦୨୫-୨୬ ଆର୍ଥିକ ବର୍ଷର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଓ ସଫଳତାକୁ ପ୍ରଶଂସା କରିଥିଲେ। ସେ ସମସ୍ତ ଶାଖା ପ୍ରବନ୍ଧକଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସକୁ ପ୍ରଶଂସାକରି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅଧିକ ସଫଳତା ହାସଲ କରିବାକୁ କହିଥିଲେ। ମୁଖ୍ୟ ଅତିଥି ପାଣିଗ୍ରାହୀ ସମ୍ବଲପୁର ଅଞ୍ଚଳର ପର୍ଯ୍ୟାପ୍ତ ବ୍ୟବସାୟିକ ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ ଏବଂ ଯେଉଁ କ୍ଷେତ୍ରରେ ଆହୁରି ସୁଧାର ଆବଶ୍ୟକ ତାହାକୁ ଗୁରୁତ୍ୱ ଦେଇଥିଲେ। ବିଶେଷକରି ଗ୍ରାହକ ସେବା, ଡିଜିଟାଲ ବ୍ୟାଙ୍କିଙ୍ଗ୍ ବୃଦ୍ଧି, ସିଏଏସ୍ଏ ସଂଗ୍ରହ, ରିକଭରି ପରିଚାଳନା ଏବଂ ରିଟେଲ ଓ ଏମ୍ଏସ୍ଏମ୍ଇ ବ୍ୟବସାୟକୁ ସୁଦୃଢ଼ କରିବା ଉପରେ ସେ ଜୋର୍ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବ୍ୟବସାୟିକ ମାନଦଣ୍ଡ ଆଧାରରେ ୨୦୨୫-୨୬ ମଧ୍ୟରେ ଅସାଧାରଣ ପ୍ରଦର୍ଶନ ଓ ଅବଦାନ ପାଇଁ ଶ୍ରେଷ୍ଠ ଶାଖା ପ୍ରବନ୍ଧକ ଏବଂ ବିଜ୍‌ନେସ୍ କରେସ୍‌ପଣ୍ଡେଣ୍ଟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


# Classified Everyday
0674-2580101, 9692975378


REAL ESTATE
SALE

ବାଲିଅନ୍ତାରୁ 5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520. D-32

3BHK flat for sale S.B.A 1550sqft. Near Pahala, Atala Rera Approved. 9937080005, 8118055505. D-179

3BHK, Drawing, Dining, Puja, Three Bed Room, Two Kitchens, Three Toilets, Garage near Shopping Mall, Inox Cinema, Tamando, Rate- Three crores (Negotiable). Cell. 9040188940, 93481 21441. D-166

Ready to move apartment Sale Near Hanspal, Rasulgarh, Bhubaneswar. 9777433701. D-29

Now Matrimonial ads. only on Wednesday & Sunday Book 1 Get 1 FREE

Plot Sale Near Sundarpada OEC College with Boundary wall- 6372670155. D-30




All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly opening full body massage. Best therapist, Good Looking: 7205888795. D-135

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## AFFIDAVIT

By virtue of an affidavit sworn before the Executive Magistrate, Puri on dated 24.12.2025, I, Urmila Pani, W/o.- Sushil Pani, Village- Gadi Sahi, Chandanpur, P.S.- Chandanpur, Dist.- Puri, PIN- 752012 declare that now I have changed my daughter's name from Urnika Pani to Unika Pani. Henceforth, she shall be known as Unika Pani for all purposes. D-178

By virtue of an affidavit regd. No.- 855 before the Executive Magistrate, Bari, on dated 20.04.2026, CHHAYA DAS, W/o- FAKIR CHARAN DAS, AT/P.O.- Serapur, P.S.- Bari-Ramachandrapur, Dist.- Jajpur, PIN- 755010 declare that I have changed my name from CHHAILATA DAS to CHHAYA DAS. Henceforth, I will known as CHHAYA DAS for all purpose. D-177

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LEGAL NOTICE

Letter No.649, dtd.- 22.04.26

ଅତିରିକ୍ତ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀମତୀ କନକଚମ୍ପା ମେହେର, ଓଡ଼ିଶା ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୧୭୪/୨୦୧୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ସଙ୍ଗୀତା ଦାସ ଏବଂ ଅନ୍ୟମାନେ ..........ବାଦୀ
ବନାମ
ପ୍ରଭାକର ସାମନ୍ତରାୟ ଏବଂ ଅନ୍ୟମାନେ .........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ: ୫. କୈଳାସ ଚନ୍ଦ୍ର ସାହୁ, ପିତା- ନଟବର ସାହୁ, ୬. କେଲୁ ଚରଣ ସାହୁ, ପିତା- ଭୀମ ସାହୁ, ୭. ଶ୍ୟାମ ସାହୁ, ପିତା- କୃଷ୍ଣ ସାହୁ, ୮. ଜାମ୍ବୁ ସାହୁ, ପିତା- ବୈଷ୍ଣବ ସାହୁ, ୯. ଦାମୋଦର ସାହୁ, ପିତା- ଯୋଗୀ ସାହୁ

ଉପରୋକ୍ତ ସମସ୍ତଙ୍କର ଠିକଣା:- ଗ୍ରାମ /ପୋଷ୍ଟ- ବରମୁଣ୍ଡା, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୨୫।୦୫।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ନିୟୁ କ୍ୟାପିଟାଲ୍, ମୌଜା- ମଧୁସୂଦନ ନଗର, ୟୁନିଟ୍-୧୪

ସାବକ: ଖାତା ନମ୍ବର-୧୪୧, ପ୍ଲଟ୍ ନମ୍ବର- ୧୦୬/୧୫୦୧, ରକବା- ମୋଟ ଏ୦.୩୩୦ଡି. ରୁ ଏ.୦୬୦ଡି., ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୧୨୯, ପ୍ଲଟ୍ ନମ୍ବର- ୬୯, ରକବା- ମୋଟ ଏ୦.୯୮୦ଡି. ରୁ ଏ.୦୬୦ଡି., ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତାରିଖ: ୨୨।୦୪।୨୦୨୬ ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୧୮୦


## ମନେ ପଡ଼ନ୍ତି

ତୁମେ ସଦା ପ୍ରଣମ୍ୟ



ସ୍ୱ ଅଶ୍ୱିନୀ କୁମାର ରାଉତ
Badagada Brit Colony, Bhubaneswar
ପୂର୍ବତନ ଡେପୁଟି ସେକ୍ରେଟାରୀ
ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଓଡ଼ିଶା ସରକାର
ଧରାବତରଣ- ୨୦.୦୪.୧୯୫୦
ସର୍ଗାରୋହଣ- ୧୪.୦୪.୨୦୨୬
ଆଜିର ଏ ପବିତ୍ର ଦିନରେ ତୁମକୁ ଆମର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ
ସ୍ତ୍ରୀ- ହେମଲତା ରାଉତ,
ପରିବାର ବର୍ଗ- ଅରୁଣ, ଅମୀୟ, ଅନିଲ, ଅତସୀ, ଶୁଭଲକ୍ଷ୍ମୀ, ସୋନିଆ, ନିହାରିକା, ଅମୀୟ, ଆୟୁଷି, ଅଲିଶା, ଅନ୍ୱେଶ, ଆୟେଶା, ଅନ୍ୱିତା ।
ଧ-୭୬୯୬୨


# ସେନ୍‌ସେକ୍ସରେ ୮୫୨ ପଏଣ୍ଟ ହ୍ରାସ

**ମୁମ୍ବାଇ, ୨୩।୪**

ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବ ଥମିବାକୁ ନାଁ ଧରୁ ନ ଥିଲାବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବେଳକୁ ବେଳ ବୃଦ୍ଧି ପାଇ ଚାଲିଥିବାରୁ ଶେୟାର ବଜାରରେ ଅସ୍ଥିରତା ଲାଗି ରହିଛି। ଏହିକ୍ରମରେ ଗୁରୁବାର ମୁମ୍ବାଇ ଶେୟାର ବଜାରରେ ଦ୍ରୁତ ଅବନତି ଘଟିଛି। ବିଏସ୍‌ଇ ସେନ୍‌ସେକ୍ସରେ ୮୫୨ ପଏଣ୍ଟ ହ୍ରାସ ଘଟି କାରବାର ଶେଷବେଳକୁ ଏହା ୭୭,୬୬୪ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟିରେ ମଧ୍ୟ ୨୦୫ ପଏଣ୍ଟ ହ୍ରାସ ଘଟି ଏହା ୨୪, ୧୭୩ରେ ବନ୍ଦ ରହିଛି। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଘଟିଥିବାରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ ୩୩ ପଇସା ହ୍ରାସ ସହିତ ବିନିମୟ ମୂଲ୍ୟ ୯୪.୦୬ ରହିଥିବା ଜଣାପଡ଼ିଛି।

Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ୨୪ ଏପ୍ରିଲ, ୨୦୨୬ Bhubaneswar, Friday, 24 April, 2026

# ଆଇପିଏଲ୍ ରୋମାଞ୍ଚ

**ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୬ ମଧ୍ୟଭାଗରେ ପହଞ୍ଚିଥିବାବେଳେ ବିଭିନ୍ନ ଦଳର ଶକ୍ତି ଓ ଦୁର୍ବଳତା ପଦାରେ ପଡ଼ିବାରେ ଲାଗିଛି। ତ୍ରୁଟିକୁ ସୁଧାରି ଦଳ ଗୁଡ଼ିକ ଟିମ୍ କମ୍ବିନେଶନରେ ପରିବର୍ତ୍ତନ କରୁଛନ୍ତି। ଫଳରେ ଲିଗ୍‌ର ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକର ହେବା ନିଶ୍ଚିତ ହୋଇଛି...**

ନିର୍ମଳ କୁମାର ମିଶ୍ର



ତିଳକ ବର୍ମା



ଅଭିଷେକ ଶର୍ମା



ସଞ୍ଜୁ ସାମସନ



କ୍ୱିଣ୍ଟନ ଡିକକ୍

**ଆ**ଇପିଏଲ-୨୦୨୬ର ପାଖାପାଖି ଅଧା ଲିଗ୍ ମ୍ୟାଚ ସମାପ୍ତ ହେଇଛି। ଫଳରେ ସ୍ୱାଭାବିକ ଭାବେ ରୋମାଞ୍ଚ ବଢ଼ିବାରେ ଲାଗିଛି। କିଛି ଯୁବ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରି ଚର୍ଚ୍ଚାକୁ ଆସିଛନ୍ତି। ହାତ ଗଣତି ଅଳ୍ପ କେତୋଟି ମ୍ୟାଚକୁ ଛାଡ଼ିଦେଲେ ଅଧିକାଂଶ ଦଳର ଅଧିନାୟକ ଟସ୍ ଜିତିବାପରେ ଫିଲ୍ଡିଂ କରିବାକୁ ପସନ୍ଦ କରୁଛନ୍ତି। ରନ ଚେଜ୍‌ରେ ଦଳ ଗୁଡ଼ିକୁ ଫାଇଦା ମଧ୍ୟ ମିଳୁଛି। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ପଞ୍ଜାବ କିଙ୍ଗ୍ସ ଏ ପର୍ଯ୍ୟନ୍ତ ଅପରାଜିତ ରହି ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ବିଜୟରୁ ଅଭିଯାନ ଆରମ୍ଭ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ କ୍ରମାଗତ ୪ ମ୍ୟାଚରେ ପରାଜିତ ହେବାପରେ ୬ଷ୍ଠ ମ୍ୟାଚରେ ବିଜୟ ସ୍ୱାଦ ଚାଖିଛି। ଦୀର୍ଘ ୧୨ବର୍ଷ ପରେ ଏପ୍ରିଲ ୨୦ ତାରିଖରେ ଏହି ଦଳ ଅହମ୍ମଦାବାଦରେ ପ୍ରଥମଥରପାଇଁ ଗୁଜୁରାଟ ଟାଇଟାନ୍ସକୁ ହରାଇଛି। ଏପର୍ଯ୍ୟନ୍ତ ସର୍ବାଧିକ ଦଳଗତ ସ୍କୋର ପଞ୍ଜାବ କିଙ୍ଗ୍ସ (୨୫୪) ନାମରେ ରହିଛି। ୨୫୦ ରନ ସହ ରୟାଲ ଚ୍ୟାଲେରର୍ସ ବେଙ୍ଗାଲୁରୁ (ଆରସିବି) ଦ୍ୱିତୀୟ ସ୍ଥାନରେ ରହିଛି। ସିଜନର ସର୍ବନିମ୍ନ ଦଳଗତ ସ୍କୋର (୧୦୦ ରନ) ଗୁଜରାଟ ଟାଇଟନ୍ସ ନାମରେ ରହିଛି। ଗୋଟିଏ ମ୍ୟାଚ ବର୍ଷାରେ ଧୋଇଛି।

ଏପ୍ରିଲ ୨୨ ସୁଦ୍ଧା ବ୍ୟକ୍ତିଗତ ପ୍ରଦର୍ଶନ ଦେଖିଲେ ସନରାଇଜର୍ସ ହାଇଦ୍ରାବାଦର ଅଭିଷେକ ଶର୍ମା (୩୨୩), ହେନେରିଚ କ୍ଲାସେନ (୩୨୦), ଗୁଜରାଟ ଟାଇଟନ୍ସର ଶୁବମନ ଗିଲ (୨୬୫), ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀ (୨୫୪) ଓ ଆରସିବିର ବିରାଟ କୋହଲି (୨୪୭) ଟପ୍ ସ୍କୋରର ତାଲିକା (ଏପ୍ରିଲ ୨୩ ସୁଦ୍ଧା)ର ପ୍ରଥମ ୫ ସ୍ଥାନରେ ରହିଛନ୍ତି। ସେହିପରି ବୋଲରଙ୍କ ତାଲିକାରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପ୍ରିନ୍ସ ଯାଦବ (୧୩),ଚେନ୍ନାଇ ସୁପର କିଙ୍ଗ୍ସର ଅଂଶୁଲ କମ୍ବୋଜ (୧୩), ସନ୍‌ରାଇଜର୍ସ ହାଇଦ୍ରାବାଦର ଏହସାନ ମାଲିଙ୍ଗା (୧୨), ଗୁଜରାଟର ପ୍ରସିଦ୍ଧ କ୍ରିଷ୍ଣା (୧୨) ଓ ରାଜସ୍ଥାନ ରୟାଲ୍ସର ଜୋଫ୍ରା ଆର୍ଚର (୧୧) ଟପ୍-୫ରେ ରହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ତାରକା ବୋଲର ଯଶପ୍ରୀତ୍ ବୁମ୍‌ରା ୫ ମ୍ୟାଚରେ ଉଇକେଟ ଶୂନ୍ୟ ରହିବା ଅନେକଙ୍କୁ ବିସ୍ମିତ କରିଛି। ତେବେ ମୁମ୍ବାଇ ଇଣ୍ଡିଆନ୍ସର ୬ଷ୍ଠ ମ୍ୟାଚରେ ସେ ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନଙ୍କୁ ଆଉଟ କରି ଏହି ଶୂନ୍ୟତାକୁ ପୂରଣ କରିଛନ୍ତି।

ଇତିମଧ୍ୟରେ ଆଇପିଏଲ୍‌ର ୩୨ଟି ମ୍ୟାଚ ଶେଷ ହୋଇଥିବାବେଳେ ମାତ୍ର ୪ ଖେଳାଳି ଶତକ ହାସଲ କରିଛନ୍ତି। ଏହି ଖେଳାଳିମାନେ ହେଲେ ଚେନ୍ନାଇ ଦଳର ସଞ୍ଜୁ ସାମସନ, ମୁମ୍ବାଇର କ୍ୱିଣ୍ଟନ ଡିକକ୍ ଓ ତିଲକ ବର୍ମା ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦର ଅଭିଷେକ ଶର୍ମା। ପ୍ରତିଯୋଗିତାର ପ୍ରଥମାର୍ଦ୍ଧ ଶେଷ ହେବାକୁ ଯାଉଥିବାବେଳେ ଖରାପ ପ୍ରଦର୍ଶନପାଇଁ କୋଲକାତା ନାଇଟ ରାଇଡର୍ସ, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ଟେବୁଲର ନିମ୍ନଭାଗରେ ରହିଛନ୍ତି। ତେଣୁ ଦ୍ୱିତୀୟାର୍ଦ୍ଧରେ ଏହି ଦଳ ଗୁଡ଼ିକୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ପଞ୍ଜାବ, ରାଜସ୍ଥାନ, ଆରସିବି, ହାଇଦ୍ରାବାଦ, ଦିଲ୍ଲୀ ଓ ଗୁଜରାଟ ଦଳ ପ୍ରଥମ ୬ ସ୍ଥାନରେ ରହିଛନ୍ତି। ବ୍ୟାଟରଙ୍କ ମଧ୍ୟରେ ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ବିରାଟ କୋହଲି, ଶୁବମନ ଗିଲ, ପ୍ରିୟାଂଶ ଆର୍ଯ୍ୟ, ରଜତ ପଟିଦାର, ହେନରିଚ କ୍ଲାସେନ ଆଦି ପ୍ରଭାବୀ ରହିଛନ୍ତି। ପେସ୍ ବୋଲରଙ୍କ ମଧ୍ୟରେ ଅନଶୁଲ କମ୍ବୋଜ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ, ଭୁବନେଶ୍ୱର କୁମାର, ଅଶ୍ୱିନୀ କୁମାର ଭଲ ପ୍ରଦର୍ଶନ କରିଛନ୍ତି। ସ୍ପିନର ରସିଦ୍ ଖାନ୍, ରବି ବିଷ୍ଣୋଇ, ନୁର ଅହମ୍ମଦଙ୍କ ପ୍ରଦର୍ଶନ ଭଲ ରହିଛି।

କୋଲକାତା ଦଳର ସବୁଠାରୁ ଦାମୀ ଖେଳାଳୀ କାମେରନ ଗ୍ରୀନ୍ ଏପର୍ଯ୍ୟନ୍ତ ଦକ୍ଷତା ଅନୁସାରେ ପ୍ରଦର୍ଶନ ଦେଇପାରି ନାହାନ୍ତି। ଅନ୍ୟ ଖେଳାଳିମାନେ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ରଖି ନ ପାରିବା କାରଣରୁ ନାଇଟ ରାଇଡର୍ସ ୭ ମ୍ୟାଚରୁ ମାତ୍ର ଗୋଟିଏ ବିଜୟ ହାସଲ କରିପାରିଛି। ପଞ୍ଜାବ କିଙ୍ଗ୍ସର ଟପ୍ ଅର୍ଡର ଚମତ୍କାର ପ୍ରଦର୍ଶନ କରି ଦଳକୁ ଫାଇଦାରେ ରଖିଛି। ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ହେନେରିଚ କ୍ଲାସେନ, ନୀତୀଶ କୁମାର ରେଡ୍ଡୀ, ଅଭିଷେକ ଶର୍ମା, ଆରସିବିର ବିରାଟ କୋହଲି ଏବଂ ରଜତ ପଟିଦାର ଭଲ ପ୍ରଦର୍ଶନ କରିଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ପରି ଖେଳାଳିଙ୍କ ପ୍ରଦର୍ଶନ ଫିକା ରହିଥିବାବେଳେ କ୍ୱିଣ୍ଟନ ଡିକକ୍, ତିଲକ ବର୍ମା ଓ ନମନ ଧିର ମୁମ୍ବାଇପାଇଁ ଆଶା ଉଜ୍ଜୀବିତ ରଖିଛନ୍ତି। ଚେନ୍ନାଇ ଅଧିନାୟକ ଋତୁରାଜ ଗାଏକ୍ୱାଡ଼ଙ୍କ ଫର୍ମ ମଧ୍ୟ ଚିନ୍ତାର କାରଣ ପାଲଟିଛି। ଫଳରେ ମହେନ୍ଦ୍ର ସିଂ ଧୋନୀଙ୍କ ପ୍ରତ୍ୟାବର୍ତ୍ତନ ଦଳ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଟାଇଟନ୍ସ ଦଳର ପ୍ରଦର୍ଶନରେ ମଧ୍ୟ ଅସ୍ଥିରତା ପ୍ରକାଶ ପାଇଛି। ଯଥାଶୀଘ୍ର ତ୍ରୁଟିକୁ ସୁଧାରି ଦଳଗତ ପ୍ରଦର୍ଶନ ଦେବାକୁ ପଡ଼ିବ। ଚମତ୍କାର ଆରମ୍ଭ କରି ପ୍ରଥମ ୪ଟି ମ୍ୟାଚରେ ବିଜୟ ହାସଲ କରିଥିବା ରାଜସ୍ଥାନ ରୟାଲ୍ସ ପରେ କ୍ରମାଗତ ୨ଟି ମ୍ୟାଚରେ ପରାଜୟ ସ୍ୱାଦ ଚାଖିଛି। ଭାରତୀୟ ଷ୍ଟାର ଓପନର ଯଶସ୍ୱୀ ଜୟସ୍ୱାଲ ଓ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ଦଳ ଅନେକ ନିର୍ଭର କରୁଛି। ଆଗକୁ ଦଳ ଗୁଡ଼ିକର କମ୍ବିନେଶନ କିପରି ରହୁଛି ତା ଉପରେ ନଜର ରହିବ।

ରେକର୍ଡ ଦେଖିଲେ ମୁମ୍ବାଇ ଇଣ୍ଡିଆନ୍ସ ୫ଥର ୨୦୧୩, ୨୦୧୫, ୨୦୧୭, ୨୦୧୯, ୨୦୨୦ରେ ଚାମ୍ପିୟନ ହୋଇ ସଫଳ ଦଳର ମାନ୍ୟତା ପାଉଛି। ଏଥର ମଧ୍ୟ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ରହିଛି। ବୋଲିଂ ବିଭାଗରେ ଯଶପ୍ରୀତ ବୁମରା, ଟ୍ରେଣ୍ଟ ବୋଲ୍ଟ, ଶାର୍ଦ୍ଦୁଳ ଠାକୁର, ଦୀପକ ଚହର, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ମିଚେଲ ସାଣ୍ଟନରଙ୍କ ପରି ନାମୀଦାମୀ ବୋଲର ରହିଛନ୍ତି। ମାତ୍ର ଦଳଗତଭାବେ ଏପର୍ଯ୍ୟନ୍ତ କ୍ଲିକ୍ କରି ପାରିନାହିଁ। ସେହିପରି ଚେନ୍ନାଇ ସୁପର କିଙ୍ଗ୍ସ ୨୦୧୦, ୨୦୧୧, ୨୦୧୮, ୨୦୨୧ ଏବଂ ୨୦୨୫ରେ ଚାମ୍ପିୟନ ହୋଇ ଅନ୍ୟତମ ସଫଳ ଦଳ ବିବେଚିତ ହେଉଛି। ମାତ୍ର ପ୍ରତିଷ୍ଠା ଅନୁସାରେ ଏପର୍ଯ୍ୟନ୍ତ ଫଳ ମିଳିନାହିଁ। ୨୦୨୫ ସିଜନରେ ମାତ୍ର ୪ଟି ମ୍ୟାଚ ଜିତି ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିଲା। ସେହିପରି ନାଇଟ ରାଇଡର୍ସ ୨୦୧୨, ୨୦୧୪, ୨୦୨୪ରେ ୩ ଥର ଚାମ୍ପିୟନ ହୋଇମଧ୍ୟ ଏଥର ସଂଘର୍ଷ କରୁଛି।

ଗତ ସଂସ୍କରଣର ଫାଇନାଲରେ ଆରସିବିଠାରୁ ମାତ୍ର ୬ ରନରେ ହାରିବାରୁ ପଞ୍ଜାବ କିଙ୍ଗ୍ସର ଟାଇଟଲ ଜିତିବା ଆଶା ଅଧୁରା ରହିଥିଲା। ବେଙ୍ଗାଲୁରୁ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇ ସ୍ୱପ୍ନ ସାକାର କରିଥିଲା। ରନରଅପ୍ ପଞ୍ଜାବ ଏଥର କିନ୍ତୁ ପ୍ରତିଶ୍ରୁତିବଦ୍ଧତା ଦେଖାଇଛି। ପ୍ରଭାବୀ ପ୍ରଦର୍ଶନ ସହ ଆଗକୁ ବଢ଼ୁଛି। ୨୦୨୫ରେ ସୁଯୋଗ ହାତକୁ ଆସିଥିଲେ ମଧ୍ୟ ଅଳ୍ପକେ ଦୂରେଇ ଗଲା। ଅତୀତରେ ବାରମ୍ବାର କୋଚ ଓ ଅଧିନାୟକ ପରିବର୍ତ୍ତନ ଦଳକୁ ଫାଇଦା ଦେଇପାରି ନ ଥିଲା। ୧୮ବର୍ଷରେ ୧୭ଜଣ ଅଧିନାୟକ ପରିବର୍ତ୍ତନ ହୋଇଥିଲେ। କିଙ୍ଗ୍ସ ଇଲେଭେନ ପଞ୍ଜାବରୁ ନାମ ପରିବର୍ତ୍ତନ ହୋଇ ପଞ୍ଜାବ କିଙ୍ଗ୍ସ ରଖାଗଲା। ମାତ୍ର ବୋଲିଂ ବ୍ୟାଟିଂରେ ଅସ୍ଥିର ପ୍ରଦର୍ଶନ ଯୋଗୁ ଦଳ ଆଗକୁ ଯାଇପାରି ନ ଥିଲା। ଏଥର ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଦଳ ଟାଇଟଲ ହାସଲ କରିବ ବୋଲି ପ୍ରଶଂସକ ଆଶା ରଖିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପାଇଁ ମଧ୍ୟ ଟ୍ରଫି ହାସଲ ଏପର୍ଯ୍ୟନ୍ତ ଅପହଞ୍ଚ ହୋଇ ରହିଛି। ୬ଥର ପ୍ଲେ ଅଫ୍ ରେ ସ୍ଥାନ ପାଇଥିବା ଦିଲ୍ଲୀ ୨୦୨୦ରେ ଫାଇନାଲ ଖେଳିଥିଲା। ମାତ୍ର ମୁମ୍ବାଇ ଇଣ୍ଡିଆନ୍ସଠାରୁ ୫ ଉଇକେଟରେ ହାରି ଯାଇଥିଲା। ଏଥର ଅକ୍ଷର ପଟେଲଙ୍କ ହାତରେ ଦିଲ୍ଲୀର ଭାଗ୍ୟ ରହିଛି। ସେହିପରି ଲକ୍ଷ୍ନୌ ସୁପର ଜାଏଣ୍ଟସ ୨୦୨୨ ଓ ୨୦୨୩ରେ ପ୍ଲେ-ଅଫକୁ କ୍ୱାଲିଫାଏ କରିଥିଲେ ମଧ୍ୟ ବିଫଳ ହୋଇଛି। ଏଥର ରିଷଭ ପନ୍ତଙ୍କ ନେତୃତ୍ୱରେ ଦଳର ଭାଗ୍ୟ ପରିବର୍ତ୍ତନ ହେବ ବୋଲି ପ୍ରଶଂସକ ଆଶା ରଖିଛନ୍ତି। ଏଥର ଟ୍ରଫି କାହା ଭାଗ୍ୟରେ ଅଛି ତାହାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଯାଇଛି। ଯେଉଁ ଦଳ ଟ୍ରଫି ଜିତୁ ନା କାହିଁକି ଆଇପିଏଲ୍‌ର ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ନିଶ୍ଚିତ ମନେ ହେଉଛି।

# ଏଫ୍-୧ ସେନ୍‌ସେଶନ ଆଣ୍ଟୋନେଲି

**ଫର୍ମୁଲାୱାନ ମୋଟରରେସିଂ ୨୦୨୬ର ପ୍ରଥମ ୩ଟି ରେସ୍ ଅନୁଷ୍ଠିତ ହୋଇଯାଇଛି। ଏହି ତିନୋଟି ଯାକ ରେସ୍‌ରେ ପୋଡିୟମ ମଣ୍ଡନ କରି ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି ଇଟାଲୀର ମର୍ସିଡିଜ୍ ଡ୍ରାଇଭର କିମି ଆଣ୍ଟୋନେଲି। ୩ ରେସ୍‌ରୁ ଦୁଇଟିରେ ଜିତି ଏହି ଯୁବ ଡ୍ରାଇଭର ଅନେକ ରେକର୍ଡର ମଧ୍ୟ ଅଧିକାରୀ ହୋଇଛନ୍ତି...**





**ଫ**ର୍ମୁଲାୱାନ ମୋଟର ରେସିଂ-୨୦୨୬ର ପ୍ରଥମ ୩ଟି ଗ୍ରାଁ ପ୍ରି ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମେଲବୋର୍ନରେ ମାର୍ଚ୍ଚ ୮ରେ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି, ସଂଘାଇରେ ୧୫ରେ ଚାଇନିଜ୍ ଗ୍ରାଁ ପ୍ରି ଏବଂ ୨୯ରେ ସୁଜୁକାରେ ଜାପାନ ଗ୍ରାଁ ପ୍ରି ଆୟୋଜିତ ହୋଇଛି। ସିଜନ ପ୍ରାରମ୍ଭ ଏହି ୩ଟି ଗ୍ରାଁ ପ୍ରିରେ ଚମତ୍କାର ପ୍ରଦର୍ଶନ କରି ଫର୍ମୁଲା-୧ ସର୍କିଟରେ ନୂଆ ତାରକା ଭାବେ ଉଭା ହୋଇଛନ୍ତି ଇଟାଲୀର ଯୁବ ମର୍ସିଡିଜ୍ ଡ୍ରାଇଭର ଆଣ୍ଡ୍ରେଆ କିମି ଆଣ୍ଟୋନେଲି। ବୋଲୋଗନାରେ ୨୦୦୬ ଅଗଷ୍ଟ ୨୫ରେ ଜନ୍ମିତ ଆଣ୍ଟୋନେଲିଙ୍କ ବାପା ହେଉଛନ୍ତି ସ୍ପୋର୍ଟ୍ସକାର ରେସିଂ ଡ୍ରାଇଭର ମାର୍କୋ ଆଣ୍ଟୋନେଲି। ସଫଳ କାର୍ଟିଂ କ୍ୟାରିୟର ପରେ ସେ ୨୦୨୦ ଓ ୨୦୨୧ରେ ସିନିୟର ୟୁରୋପିଆନ ଚାମ୍ପିୟନଶିପ୍‌ରେ ବିଜୟୀ ହୋଇଥିଲେ। ସେ ଇଟାଲୀ ପାଇଁ ଫିଆ ମୋଟରସ୍ପୋର୍ଟ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଫର୍ମୁଲା ରିଜିଓନାଲ ୟୁରୋପିଆନ ଓ ମିଡିଲ ଇଷ୍ଟ ଚାମ୍ପିୟନଶିପ୍ ଜିତିଥିଲେ। ୨୦୨୪ରେ ସେ ଫିଫା ଫର୍ମୁଲା-୨କୁ ଉନ୍ନୀତ ହୋଇଥିଲେ। ସେ ଦୁଇଟି ରେସ୍ ଜିତିବା ସହ ଷଷ୍ଠ ସ୍ଥାନରେ ରହିଥିଲେ।

୨୦୧୯ ଏପ୍ରିଲରେ ଆଣ୍ଟୋନେଲି ମର୍ସିଡିଜ ଜୁନିୟର ଦଳରେ ଯୋଗ ଦେଇଥିଲେ। ସେହିମାସର ୧୭ ଓ ୧୮ ତାରିଖରେ ଦୁଇଟି ଟେଷ୍ଟ ରେସ କରାଯାଇଥିଲା। ପରେ ସେ ସିଲଭରଷ୍ଟୋନ, ବାର୍ସେଲୋନା-କାଟାଲୁନ୍ୟା, ସ୍ପା-ଫ୍ରାନକରଚାମ୍ପ୍ସ ଟେଷ୍ଟ ରେସିଂରେ ଭାଗ ନେଇଥିଲେ। ୨୦୨୪ ସିଜନ ମଝିରେ ଆଣ୍ଟୋନେଲି, ଲୋଗାନ ସାର୍ଜେଣ୍ଟଙ୍କ ସ୍ଥାନ ନେବେ ବୋଲି ଚର୍ଚ୍ଚା ହୋଇଥିଲା। କିନ୍ତୁ ତାଙ୍କ ବଦଳରେ ମିକ ସୁମାକରଙ୍କୁ ଚୟନ କରାଯାଇଥିଲା। ୨୦୨୪ ଇଟାଲିଆନ ଗ୍ରାଁ ପ୍ରିର ପ୍ରଥମ ସେସନରେ ସେ ଭାଗ ନେଇଥିଲେ। ସେସନ ଆରମ୍ଭ ହେବାର ୧୦ ମିନିଟ୍ ମଧ୍ୟରେ ସେ କରଭା ଆଲବୋରେଟୋ କର୍ନରଠାରେ ତାଙ୍କ ଗାଡ଼ି ଧକ୍କା ହୋଇଥିଲା। ଦୁର୍ଘଟଣା ସତ୍ତ୍ୱେ ଟୋଟୋ ୱଲଫ ତାଙ୍କ ପ୍ରତି ସମର୍ଥନ ବ୍ୟକ୍ତ କରିଥିଲେ। ସିଜନ ପରେ ସେ ରସେଲଙ୍କ ସହ ୟାସ ମାରିନାଠାରେ ଟେଷ୍ଟ ରେସରେ ଭାଗ ନେଇଥିଲେ।

୨୦୨୫ରେ ଲୁଇସ ହାମିଲଟନଙ୍କ ବଦଳରେ ଆଣ୍ଟୋନେଲିଙ୍କ ସହ ମର୍ସିଡିଜ ଏକ ବର୍ଷ ଲାଗି ଚୁକ୍ତି କରିଥିଲା। ସେ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରେ ପଦାର୍ପଣ କରିଥିଲେ। ୨୦୨୧ରେ ଆଣ୍ଟୋନିଓ ଜିଓଭିନାଜିଙ୍କ ପରେ ପ୍ରଥମ ଇଟାଲିଆନ ଡ୍ରାଇଭର ଭାବେ ଫର୍ମୁଲା-୧ରେ ଭାଗ ନେଇଥିଲେ। ଫର୍ମୁଲା-୧ ଇତିହାସରେ ପଦାର୍ପଣ କରିବାରେ ସେ ତୃତୀୟ ସର୍ବକନିଷ୍ଠ ଡ୍ରାଇଭର ହୋଇଥିଲେ।

ଚଳିତ ବର୍ଷ ଚାଇନିଜ ଗ୍ରାଁ ପ୍ରିରେ ୧୯ ବର୍ଷୀୟ ଆଣ୍ଟୋନେଲି କ୍ୟାରିୟରର ପ୍ରଥମ ଥର ପାଇଁ ପୋଲ ପୋଜିଶନ ହାସଲ କରିଥିଲେ। ଏଥିସହିତ ସେବାଷ୍ଟିଆନ ଭେଟେଲଙ୍କ ନାମରେ ଥିବା ରେକର୍ଡ ଭଙ୍ଗ କରି ସେ ସର୍ବକନିଷ୍ଠ ଫର୍ମୁଲା-୧ ପୋଲସିଟର ହୋଇପାରିଥିଲେ। ପୋଲ ପୋଜିଶନକୁ ସେ ରେସ ବିଜୟରେ କନଭର୍ଟ କରି ଅନେକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିଲେ। ୨୦୧୬ରେ ମ୍ୟାକ୍ସ ଭର୍ଷ୍ଟାପେନଙ୍କ ପରେ ଦ୍ୱିତୀୟ ସର୍ବକନିଷ୍ଠ ଡ୍ରାଇଭର ଭାବେ ଗ୍ରାଁ ପ୍ରି ଜିତିଥିଲେ। ଗତ ଦୁଇ ଦଶନ୍ଧିରେ ସେ ପ୍ରଥମ ଇଟାଲିଆନ ଡ୍ରାଇଭର ଭାବେ କୌଣସି ଫର୍ମୁଲା-୧ ରେସ ଜିତିଥିଲେ। ଫର୍ମୁଲ-୧ ୱାର୍ଲ୍ଡ ଚାମ୍ପିୟନଶିପ୍‌ର ତୃତୀୟ ପର୍ଯ୍ୟାୟରେ ଜାପାନିଜ ଗ୍ରାଁ ପ୍ରିରେ ଆଣ୍ଟୋନେଲି ପୋଲ ପୋଜିଶନକୁ ବିଜୟରେ ପରିଣତ କରିଥିଲେ। ସେ ଏହି ରେସରେ ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ) ଓ ଚାର୍ଲ୍ସ ଲେକରେକ (ଫେରାରି)ଙ୍କୁ ପଛରେ ପକାଇଥିଲେ। ଆଣ୍ଟୋନେଲି କ୍ୟାରିୟରରେ ପ୍ରଥମ ଥର ପାଇଁ ଡ୍ରାଇଭର୍ସ ଚାମ୍ପିୟନଶିପ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏଥିସହିତ ସେ ୧୯ ବର୍ଷ ଓ ୨୧୬ ଦିନ ବୟସରେ ଲୁଇସ ହାମିଲଟନଙ୍କ ରେକର୍ଡକୁ ପଛରେ ପକାଇ ସର୍ବକନିଷ୍ଠ ୱାର୍ଲ୍ଡ ଡ୍ରାଇଭର୍ସ ଚାମ୍ପିୟନଶିପ୍ ହେବାର ସଫଳତା ପାଇଥିଲେ। ଆଣ୍ଟୋନେଲି ଜାପାନିଜ୍ ଗ୍ରାଁ ପ୍ରିରୁ ୨୫, ଚାଇନିଜ୍ ଗ୍ରାଁ ପ୍ରିରୁ ୨୫ ଓ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରୁ ୧୮ ପଏଣ୍ଟ ହାସଲ କରିଛନ୍ତି। ଅନ୍ୟାନ୍ୟ ରେସ୍ ପଏଣ୍ଟକୁ ମିଶାଇ ୩ ଗ୍ରାଁ ପ୍ରି ଶେଷରେ ସେ ୭୨ ପଏଣ୍ଟ ହାସଲ କରି ଡ୍ରାଇଭର୍ସ ଷ୍ଟାଣ୍ଡିଂର ଶୀର୍ଷରେ ରହିଛନ୍ତି। ଚଳିତ ସିଜନରେ ଆହୁରି ୨୦ଟି ଗ୍ରାଁ ପ୍ରି ହେବାକୁ ଥିବାରୁ କେଉଁ ଡ୍ରାଇଭର ଟାଇଟଲ ହାସଲ କରିବେ ତାହା ଏବେଠାରୁ କହିବା କଷ୍ଟକର। ମାତ୍ର ଆଣ୍ଟୋନେଲି ଯେପରି ଆରମ୍ଭ କରିଛନ୍ତି ତାହା ସମସ୍ତଙ୍କୁ ପ୍ରଭାବିତ କରିଛି ଏବଂ ଚଳିତ ସିଜନରେ ସେ ଓଭରଅଲ୍ ଷ୍ଟାଣ୍ଡିଂର ଟପ୍-୩ରେ ରହିବେ ବୋଲି ଆଶା କରାଯାଉଛି।

## ମାନ୍ୟତା

**କା**ର୍ଲୋସ ଅଲକାରାଜ, ସାବଲେଙ୍କା ନେଲେ
ଲୌରିଅସ ପୁରସ୍କାର
ସ୍ପୋର୍ଟ୍ସ ମ୍ୟାନ, ଓମେନ ଅଫ ଦି ଇଅର
ଦୁହେଁ ହେଲେ ବରାବର
ଟପ୍‌ରେ ଆରିନା ଘର
ଶୀର୍ଷ ରାଙ୍କିଙ୍ଗ୍ ପ୍ରାପ୍ତ ଲେଡି ଖେଳାଳିଙ୍କ
କେହି ନୁହେଁ ସମ ତାର...




ଶିବାନୀ ନଙ୍ଗମେଇକା ପାମଙ୍କ ଡବଲ
ଗୋଲ୍ କଲା ବଡ଼ ଖେଳ
ଏଏଫ୍‌ସି କୋଡିଏ ବର୍ଷରୁ କମ ଲେଡି
ଏସିଆ କପରେ ଦଳ
ଜିତିଛି, ଏ ବିଗ୍ ଫଳ
ପ୍ରଫେଶନାଲ ଚାଇନିଜ ତାଇପେଇ
ବନାମ ଇଣ୍ଡିଆ ଦଳ...
ବ୍ୟାଡ଼ମିଣ୍ଟନରେ ଭାରତର ନିୟୁ
ପ୍ରତିଭା ଆୟୁଷ ଶେଟ୍ଟି
ଓଡ଼ିଶାର ଝିଅ ମାନ୍ୟତା ସିଂଙ୍କ
ମାନ୍ୟତାକୁ ଦିଅ ଭେଟି
ବସି ବସି ବେଟା ବେଟି
ଡକ୍ଟରେଟ କିଣି ମାଗଲା ମାନ୍ୟତା
ପାଆନ୍ତି ଅନେକ ଏଠି...

–ସୁବାସ ଚନ୍ଦ୍ର ପ୍ରଧାନ

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>